# ଅଧ୍ୟାତ୍ମବିଜ୍ଞାନ, ସାଧନା
# ଏବଂ
# ଆତ୍ମାନୁଭୂତି


ଲେଖକ

**ସତ୍ୟବୀର ତ୍ୟାଗୀ**

ଅନୁବାଦାକ

**ମିତାଲିନୀ ମହାପାତ୍ର**

**ଶୁଭ୍ରଲୀନା ମହାନ୍ତି**

**SATYAVIR TYAGI**

at - Dhyan Kuti

Village - slat Nagar, PO - Moradnagar

Dist. - Ghaziabad, Uttarpradesh

Cell No. : 9451230441

E-mail : satya_tyagi@redifral.com

# ଅଧ୍ୟାତ୍ମବିଜ୍ଞାନ, ସାଧନା ଏବଂ ଆତ୍ମାନୁଭୂତି

ଲେଖକ
**ସତ୍ୟବୀର ତ୍ୟାଗୀ**

ଅନୁବାଦକ
**ମିତାଲିନୀ ମହାପାତ୍ର**
**ଶୁଭ୍ରଲୀନା ମହାନ୍ତି**

ପ୍ରକାଶକ
**ସିଦ୍ଧାର୍ଥ ଥିଓସୋଫିକାଲ୍ ଲଜ୍ (ଶାଖା)**
ସଂପାଦକ
**ମିତାଲିନୀ ମହାପାତ୍ର**
୬୨୫, ଶହୀଦ୍ ନଗର
ଭୁବନେଶ୍ୱର - ୭୫୧୦୦୭

ପ୍ରଥମ ସଂସ୍କରଣ
**୧୦.୦୨.୨୦୦୭**

ଦ୍ୱିତୀୟ ସଂସ୍କରଣ
**୦୧.୧୦.୨୦୧୯**

ମୁଦ୍ରଣ :
**ବିବରଣୀ ପ୍ରକଶନୀ**
ଟଙ୍କପାଣି ରୋଡ଼, ଭୁବନେଶ୍ୱର

# ସମର୍ପଣ

ଜୀବନମୁକ୍ତ ମହାତ୍ମାଙ୍କ ଚରଣ ପଙ୍କଜରେ ସମର୍ପିତ,
ଯାହାଙ୍କ କୃପା, ପ୍ରେରଣା ଏବଂ ଆଶୀର୍ବାଦ ଲାଭ କରି
ଏହି ପୁସ୍ତକଟି ଲୋକମାନଙ୍କର କଲ୍ୟାଣ ପାଇଁ ଲେଖା ଗଲା।

**ସତ୍ୟବୀର ତ୍ୟାଗୀ**

# स्तुति

मैं एव अज्ञानी, तुम हो ब ाज्ञानी ।
जीवन मुवक्ति महान, मुझे भी स्वीवार वरो ।।

मुझवो मिला है तुमसे ाभु जी नित्य अनित्य विवेव
मुझवो हो वैराग्य गुरु जी दो जीवन संदेश
वरो ये अहसान, ओ दिव्य महान
मेरा भी बेडा पार वरो, मुझे भी स्वीवार वरो ।।

मन वा नियंत्रण, वर्म नियन्त्रित मन आनन्द अपार
मैंने पायी सहनशीलता, श्रद्धा, एवाा वि ाार
मैं तो वरुँ नित ध्यान, दूर हो अज्ञान
ओ दिव्य महान, मुझे भी स्वीवार वरो ।।

शील, शान्ति, दान, वीर्य, ाज्ञा और वैराग्य
सत्य, अहिंसा और ब ाार्य, भविक्त और विश्वास
सेवा वरुँ दिन रैन, नहीं है मुझे ौन
मेरा भी दु ख वहन वरो, मुजे भी स्वीवार वरो ।

जड, ोतन, ब ा, सभी एव हैं, हिम जल वाष्प समान
आत्मज्ञान से हो जाती है, यह गुत्थी आसान
हमें हो आत्मज्ञान, व मानव ध्यान
हमें उपहार वरो, हमें भी स्वीवार वरो ।

तुमने वहा था मुझसे ाभू जी सबसे ोम वरो
हमने विया है ोम सभी से अब स्वीवार वरो
वो आत्मोत्थान वी दीक्षा महान
मुझे भी ादान वरो, मुझे भी स्वीवार वरो ।

मैं तुझमें हूँ, तू मुझमें है, सबमें वही ावाश
अहम् सो, सो अहम्, सोअहम् अहम् सो,हो यही आभास
सभी में वही ााण, हमें हो यही भान
ओ दिव्य हमान, हमें भी स्वीवार वरो ।

अहम् ब ाअस्मि, तत्वमसि अयम् आत्मा ब ा
ाज्ञानम् ब ा, सव्र खल्विदं ब ा
हमें हो ब ाज्ञान, दूर हो अज्ञान
हमारी नैया पार वरो, हमें भी स्वीवार वरो ।

मैं एव अज्ञानी, तुम हो ब ाज्ञानी ।
जीवन मुवक्ति महान, मुझे भी स्वीवार वरो ।

# ନମ୍ର ନିବେଦନ

ଜୀବନମୁକ୍ତ ମହାତ୍ମାଙ୍କର ମହିମା ଅବର୍ଣ୍ଣନୀୟ ଅଟେ । ସଂସାରର ସମସ୍ତ ପ୍ରାଣୀଙ୍କ ସହିତ ସଂପର୍କ ରଖି ବା ଗୁପ୍ତରୂପରେ ରହି ପ୍ରେରଣା ଦେଇ ବା ମାର୍ଗଦର୍ଶାଇ ସବୁ ପ୍ରାଣୀଙ୍କର କଲ୍ୟାଣ କରିଥାନ୍ତି। ସୂର୍ଯ୍ୟଦେବ ଯେପରି ସମସ୍ତଙ୍କୁ ସମାନ ଭାବରେ ପ୍ରକାଶ ପ୍ରଦାନ କରିଥାନ୍ତି, ଚନ୍ଦ୍ରମା ତାର ସୁଧା ଧାର ବୁହାଇ ସମସ୍ତଙ୍କୁ ଶାନ୍ତି ଦେଇଥାନ୍ତି ଠିକ୍ ସେହିପରି ମହାତ୍ମାମାନେ ସମସ୍ତଙ୍କର ଅଜ୍ଞାନ ଅନ୍ଧକାରକୁ ଦୂରକରି ଜ୍ଞାନାଲୋକ ପ୍ରଦାନ କରିଥାନ୍ତି। ସେହି ଭଳି ଏକ ମହାତ୍ମାଙ୍କର ପ୍ରେରଣା ଲାଭ କରି ଏହି ଛୋଟ ପୁସ୍ତକଟି ଲେଖାଗଲା।

ଏହି ପୁସ୍ତକଟିକୁ ଲେଖିବା ପାଇଁ ଲେଖକଙ୍କର ପୂର୍ବରୁ କିଛି ବି ବିଚାର ନଥିଲା। ବୈଶାଖ ପୂର୍ଣ୍ଣିମା ଦିନ ହଠାତ୍ ଏହି ବିଷୟରେ ବିଚାର ଆସିଲା ଯେଉଁ ସମୟରେ ଅର୍ଥର ମଧ୍ୟ ଅଭାବ ଥିଲା। କିନ୍ତୁ ଅନ୍ତରର ଭାବନା ଏତେ ପ୍ରବଳ ହୋଇଉଠିଲା ଯେ, ତତ୍କ୍ଷଣାତ୍ ଲେଖା ଆରମ୍ଭ ହୋଇଗଲା ଏବଂ ମାସକ ଭିତରେ ସରି ଛାପିବାକୁ ଦିଆଗଲା।

ସବୁକିଛି ବ୍ୟବସ୍ଥା ଆପେ ଆପେ ହୋଇଗଲା। ଅତିଶୟ ଗରମ ହେଉଥିବାରୁ ଅନ୍ୟ କୌଣସି ଜାଗାକୁ ଯାଇ ପ୍ରବଚନ ଦେବା ମଧ୍ୟ ବନ୍ଦ ହୋଇଯାଇଥିଲା। ଏହି ବହି ଲେଖିବାରେ ଖରାଦିନ ସମୟର ସଦୁପୋଯୋଗ ହୋଇପାରିଲା। ପ୍ରଥମେ ଛୋଟ ଚାରୋଟି ବହି ଇଂରାଜୀରେ ଲେଖିଥିଲି। ଯାହାକୁ ପଢ଼ି ବନ୍ଧୁମାନେ ଆଗ୍ରହ ପ୍ରକାଶ କଲେ କି କିଛି ହିନ୍ଦିରେ ଲେଖିବା ପାଇଁ। ସେହି ବନ୍ଧୁମାନଙ୍କର ଆଗ୍ରହକୁ ଧ୍ୟାନରେ ରଖି ଏହି ଛୋଟ ବହିଟିକୁ ଲେଖିଲି। ଇଂରାଜୀରେ ବହୁତଗୁଡ଼ିଏ ଥିଓସଫି ବହି ରହିଅଛି। କିନ୍ତୁ ହିନ୍ଦୀ ଭାଷାରେ ଖୁବ୍ କମ୍ ପୁସ୍ତକ ଦେଖିବାକୁ ମିଳେ। କେତେକ ହିନ୍ଦି ବହି ମୂଳ ଇଂରାଜୀର ଅନୁବାଦ ଅଟେ।

ସାଂସାରିକ ଜୀବନର ବ୍ୟସ୍ତତା ତଥା ଆଜିର ବାତାବରଣର ଜୀବନ ମଧ୍ୟରେ ଅନେକ ପ୍ରତିଯୋଗିତା କ□ବ୍ୟବୋଝରେ ମ୍ରିୟମାଣ ବ୍ୟକ୍ତିଙ୍କ

ପାଖରେ ସମୟର ଅଭାବକୁ ଆଖି ଆଗରେ ରଖି ବହୁତ ସଂକ୍ଷେପରେ ଆବଶ୍ୟକ ଏବଂ ମହ□୍ୱପୂର୍ଣ୍ଣ ବିଷୟଗୁଡ଼ିକ ଲେଖାଯାଇଅଛି । ଯଥା - ବ୍ରହ୍ମ, ପରଂବ୍ରହ୍ମ, ସୌରମଣ୍ଡଳ, ଗ୍ରହମାଳା ମନୁଷ୍ୟ ଏବଂ ତା'ର ସାତ ଶରୀର, ଈଶ୍ୱରୀୟ ବିକାଶ ଯୋଜନା, ଜୀବନମୁକ୍ତ ମହାତ୍ମାମାନଙ୍କର ଶ୍ୱେତସଂଘ ଶିଷ୍ୟତ୍ୱର ମାର୍ଗ, ମାନବର ବନ୍ଧନ, ଅଜ୍ଞାନତା, ଦୁଃଖକଷ୍ଟର କାରଣ, ସୁଖର ଅନ୍ୱେଷଣ, ଜୀବନର ଲକ୍ଷ୍ୟ, ପ୍ରାକୃତିକ ସିଦ୍ଧାନ୍ତ, ସମସ୍ତ ଧର୍ମ ଏବଂ ମହାତ୍ମାଙ୍କର ଶିକ୍ଷାର ସାରମର୍ମ, କୁଣ୍ଡଳିନୀ, କର୍ମ, ଭକ୍ତି, ଜ୍ଞାନ, ବିଜ୍ଞାନ, ଧ୍ୟାନ, ସାଧନା ଏବଂ ଆତ୍ମାନୁଭୂତି, ମାନବର ସେବା ଆଦି ଅନେକ ବିଷୟରେ ଚର୍ଚ୍ଚା ହୋଇଅଛି । ଛୋଟ ଏବଂ ବଡ଼ ସବୁ ଜିଜ୍ଞାସୁମାନଙ୍କୁ ଏହି ପୁସ୍ତକ ସାହାଯ୍ୟ କରିବ । ଯଦି କୌଣସି ବନ୍ଧୁଙ୍କୁ ଏହି ପୁସ୍ତକରୁ କିଛି ଲାଭ ମିଳିବ ତାହାହେଲେ ଶ୍ରେୟ ସେହି ମହାତ୍ମାମାନଙ୍କୁ ପ୍ରାପ୍ତ ହେବ ଯେଉଁମାନେକି ସମସ୍ତଙ୍କୁ ମାର୍ଗଦର୍ଶନ ଦେବାକୁ ସର୍ବଦା ଜାଗ୍ରତ ।

ଯଦି କୌଣସି ବନ୍ଧୁ ଏଥିରେ ଦିଆଯାଇଥିବା କୌଣସି କଥାରେ ସହମତ ନୁହଁନ୍ତି ବା କିଛି ତ୍ରୁଟି ଥିବାର ମନେ କରନ୍ତି ସେଥିପାଇଁ ମୋତେ କ୍ଷମା କରିବେ । ହିନ୍ଦୀ ଭାଷାରେ ମୋର ବିଶେଷ ଜ୍ଞାନ ନାହିଁ ତେଣୁ ମୋର ପ୍ରିୟ ବିଦ୍ୱାନ ଭାଇମାନେ ମୋର ଭାଷା ଉପରେ ଧ୍ୟାନ ନ ଦେଇ କୃପାକରି ଭାବ ଉପରେ ଅଧିକ ଧ୍ୟାନ ଦେବେ ।

**ସତ୍ୟବୀର ତ୍ୟାଗୀ**

❖ ❖ ❖

# ପଦେ ଅଧେ

ବହିଟି ଆକାରରେ ଛୋଟ ହୋଇପାରେ ସତ କିନ୍ତୁ ଏହା ଭିତରେ ପୂରି ରହିଛି ଆଧ୍ୟାତ୍ମିକତାର ଗୂଢ଼ ରହସ୍ୟ। ଯେଉଁ ଗୂଢ଼ ରହସ୍ୟ ବିଷୟରେ ଆମେ କଳ୍ପନା ମଧ୍ୟ କରିପାରିବା ନାହିଁ। ଲେଖକ ତାଙ୍କର ନିଜର ଅନୁଭୂତିକୁ ଅତି ସରଳ, ସୁନ୍ଦର, ପ୍ରାଞ୍ଜଳ ଏବଂ କ୍ରମାନୁସାରେ ବର୍ଣ୍ଣନା କରିଛନ୍ତି। ପ୍ରଥମ ଅଧ୍ୟାୟ ପାଠ କଲାପରେ ପାଠକ ମନରେ ପ୍ରବଳ ଆଗ୍ରହ ଜାଗି ଉଠେ ଦ୍ୱିତୀୟ ଅଧ୍ୟାୟର ବିଷୟ ସମ୍ବନ୍ଧରେ ଜାଣିବା ପାଇଁ। ସବୁ ଧର୍ମ, ପରମାତ୍ମା, ଆତ୍ମା, ଜୀବାତ୍ମା, ମଣିଷ ତା'ର ଶରୀର, କ୍ରମବିକାଶ ଯୋଜନା, ମହାତ୍ମା, ଋଷି ଇତ୍ୟାଦି ଅନେକ ବିଷୟ ଏତେ ପ୍ରାଞ୍ଜଳ ଏବଂ ସଂକ୍ଷିପ୍ତ ଭାବରେ ଏତେ ଛୋଟ ବହିଟିରେ ଅଛି ଯାହା ଆଗରୁ କେବେ ଲେଖାଯାଇ ନଥିଲା। ଲେଖକଙ୍କର ହିନ୍ଦୀଭାଷାରେ ଲେଖାଯାଇଥିବା ଏହି ବହିଟିକୁ ପଢ଼ି, ଏଥିରେ ଥିବା ସମସ୍ତ ବିଷୟ କିପରି ଆମର ଭାଇଭଉଣୀମାନେ ଜାଣିବେ ସେଥିପାଇଁ ଓଡ଼ିଆରେ ଅନୁବାଦ ଆରମ୍ଭ କଲୁ। ବହିରେ ଦିଆଯାଇଥିବା ଅମୂଲ୍ୟ ରତ୍ନଗୁଡ଼ିକ ପାଠକ ପାଠିକାଙ୍କ ଜୀବନ ପଥରେ ବହୁତ ସାହାଯ୍ୟ କରିବ ଏହାହିଁ ଆମର ଆଶା ଏବଂ ବିଶ୍ୱାସ। ଅନୁବାଦରେ ଯଦି କିଛି ଭୁଲଥାଏ ଆମକୁ କ୍ଷମା ଦେବେ। ଆମର ବୟୋଜ୍ୟେଷ୍ଠ ଭ୍ରାତା ଶ୍ରୀଯୁକ୍ତ ରାମଚନ୍ଦ୍ର ପଟ୍ଟନାୟକ ତାଙ୍କର ଅମୂଲ୍ୟ ସମୟ ଏବଂ ପରିଶ୍ରମ ଦେଇ ଏହାକୁ ସଂଶୋଧନ କରିଥିବାରୁ ଆମ୍ଭେ ତାଙ୍କ ନିକଟରେ ଚିର କୃତଜ୍ଞ।

ଏହି ପୁସ୍ତକ ଲେଖିବାରେ ଯେଉଁ ସହୃଦୟ ବ୍ୟକ୍ତି ସାହାଯ୍ୟ ଓ ପ୍ରେରଣା ଦେଇଛନ୍ତି ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ସାଧିତ ହେଉ, ଏହାହିଁ ଆମର ଏକାନ୍ତ କାମନା।

**ମିତାଲିନୀ ମହାପାତ୍ର**
**ଶୁଭ୍ରଲୀନା ମହାନ୍ତି**

❖ ❖ ❖

# ସୂଚୀପତ୍ର


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ୧. | ପରଂବ୍ରହ୍ମ ଏବଂ ସୃଷ୍ଟି | ୯ |
| ୨. | ପରମାତ୍ମା, ଆତ୍ମା, ଜୀବାତ୍ମା ଏବଂ ଦେହାତ୍ମା | ୧୩ |
| ୩. | ଜୀବର ବନ୍ଧନ, ଅଜ୍ଞାନତା, ଅପୂର୍ଣ୍ଣତା ଏବଂ ଦୁଃଖର କାରଣ। | ୨୧ |
| ୪. | ସୌରମଣ୍ଡଳର ଈଶ୍ୱର ଏବଂ ସପ୍ତଲୋକ | ୨୫ |
| ୫. | ମନୁଷ୍ୟ ଓ ତା'ର ସାତ ଶରୀର | ୨୮ |
| ୬. | ସୁଖର ଅନୁସନ୍ଧାନ, ପରମ ଆନନ୍ଦ, ଜୀବନର ଲକ୍ଷ୍ୟ | ୪୩ |
| ୭. | ସମସ୍ତ ଧର୍ମ ଓ ମହାତ୍ମାଙ୍କର ଶିକ୍ଷାର ସାରତ□୍ୱ | ୪୭ |
| ୮. | ଶାଶ୍ୱତ ପ୍ରାକୃତିକ ସିଦ୍ଧାନ୍ତ | ୫୭ |
| ୯. | ଈଶ୍ୱରୀୟ ବିକାଶ ଯୋଜନା | ୬୭ |
| ୧୦. | ପୃଥିବୀରେ ଜୀବନମୁକ୍ତ ମହାତ୍ମାମାନଙ୍କ ସଂଘ | ୭୧ |
| ୧୧. | ଗୁରୁଦେବ ଏବଂ ଶିଷ୍ୟତ୍ୱର ମାର୍ଗ | ୭୬ |
| ୧୨. | ଅପରା ଓ ପରା ବିଦ୍ୟା | ୮୭ |
| ୧୩. | କର୍ମ, ଭକ୍ତି, ଜ୍ଞାନ ଓ ଈଶ୍ୱର କୃପା | ୯୩ |
| ୧୪. | ସାଧନା ଓ ଆତ୍ମାନୁଭୂତି | ୯୮ |
| ୧୫. | ଆଭାର | ୧୦୬ |

## ପ୍ରଥମ ଅଧ୍ୟାୟ

# ପରଂବ୍ରହ୍ମ ଏବଂ ସୃଷ୍ଟି

ପରମ ବ୍ରହ୍ମ ଏକ ପରମ ସତ୍ୟ, ପରମ ସ□ା, ଅନାଦି, ଅନନ୍ତ, ପରମତ□୍ୱ ଯେ ସର୍ବବ୍ୟାପକ, ସର୍ବଶକ୍ତିମାନ, ସର୍ବଜ୍ଞ, ଅଖଣ୍ଡ, ଅଭେଦ ଏବଂ ପୂର୍ଣ୍ଣ ଅଟେ। ଯିଏ  ନାମ ରୂପର ମଧ୍ୟ ଉପରେ। ସେ ଅନିର୍ବଚନୀୟ, ନିର୍ବିକଳ୍ପ, ଅତୁଳନୀୟ ଏବଂ ଅସୀମ। ସେ ଉପରେ, ତଳେ, ଭିତରେ, ବାହାରେ ତଥା ସବୁ ଦିଗରେ ପୂରି ରହିଛନ୍ତି, ଯାହାକୁ ମାନବ ମସ୍ତିଷ୍କ ବିଚାର କରିପାରେ ନାହିଁ। ଯାହାକୁ କାଳ, ତଥା ସ୍ଥାନ ବି ପରିଧିରେ ମାପି ପାରିବାନାହିଁ। ଯାହାଙ୍କ ବିଷୟରେ କିଛି କହିବା ଅସତ୍ୟ ଏବଂ ଅପର୍ଯ୍ୟାପ୍ତ ହେବ। ବେଦରେ ଯାହାଙ୍କୁ ନେହି ନେତି କୁହାଯାଇଛି, ଯାହାର କି କିଛି ନାମ ନାହିଁ। କିନ୍ତୁ ମହାତ୍ମା, ଋଷିମାନେ, ମୁନିମାନେ ତାଙ୍କୁ ଭିନ୍ନ ଭିନ୍ନ ନାମରେ ଡାକିଛନ୍ତ। ପରଂବ୍ରହ୍ମ, ବ୍ରହ୍ମ, ଆଲ୍ଲା, ପ୍ରେମ, ସତ୍ୟ ଓ ବିଧାନ ଆଦି ଅନନ୍ତ ନାମରେ ତାଙ୍କୁ ସମ୍ବୋଧନ କରିଛନ୍ତି। ଏହି ତ□୍ୱ କୌଣସି ଅଣୁ ନୁହେଁ ପରନ୍ତୁ ବିଭୁ ଅଟେ। ସେ କୌଣସି ବ୍ୟକ୍ତିତ୍ୱ ନୁହଁନ୍ତି ପରନ୍ତୁ ସମାନ ରୂପରେ ସର୍ବତ୍ର ବିଦ୍ୟମାନ ଅଟନ୍ତି। ଏହି ପରମ ସ□ାଙ୍କୁ ତୁ ଏବଂ ସେ କହିବା ମଧ୍ୟ ତ୍ରୁଟିପୂର୍ଣ୍ଣ ପରି ବୋଧ ହୁଏ।

ଏହି ଅସୀମ ପରମ ସ□ାଙ୍କର କେବଳ ଏକ ଅଂଶମାତ୍ରରେ ସୃଷ୍ଟି ସର୍ଜନା ହୋଇଛି। ଏହି ସ□ା ପ୍ରଥମେ ଦୁଇରେ ପ୍ରକଟ ହେଲେ। ତାହାହେଲା ପୁରୁଷ ଏବଂ ପ୍ରକୃତି, ଚୈତନ୍ୟ ଏବଂ ଜଡ଼, ଶିବ ଏବଂ ଶକ୍ତି, ଜୀବନଶକ୍ତି ଏବଂ ପଦାର୍ଥଶକ୍ତି ଆଦି ଭିନ୍ନ ଭିନ୍ନ ନାମରେ କୁହାଯାଏ। ଏହି ଦୁଇ ତ□୍ୱ ଅଲଗା ଦେଖା ଗଲେ ବି ଗୋଟିଏ ସ□ାର ଦୁଇଟି ରୂପ। ସ□ାଠାରୁ ସେ ଭିନ୍ନ ନୁହଁନ୍ତି। ଯେପରି ପାଣି ଏବଂ ବରଫ ଗୋଟିଏ ତ□୍ୱ ଅଟେ ଏବଂ ଏହା ବାଷ୍ପର ଦୁଇଟି ରୂପ ଅଟେ। ମୂଳ ପ୍ରକୃତି ପ୍ରଥମେ ଏକ ଶକ୍ତି ରୂପରେ ପୂରା ସୌରମଣ୍ଡଳରେ ପୂରି ରହିଅଛନ୍ତି ପୁଣି ଅଣୁ, ପରମାଣୁଙ୍କ ରୂପରେ ପ୍ରକଟ ହୋଇଛନ୍ତି। ପ୍ରତ୍ୟେକ ପରମାଣୁ ଭିତର ଫମ୍ପା ଅଟେ ଏବଂ ଏହି ଫମ୍ପା ଜାଗାରେ ଚେତନା ବା ଚୈତନ୍ୟଶକ୍ତି ଭରି ରହିଅଛି। ଏହିପରି କୌଣସି ପଦାର୍ଥ ବା ପଦାର୍ଥର ପରମାଣୁ କେବଳ ଜଡ଼ ବା ମୃତ ନୁହେଁ। ମୂଳ ପ୍ରକୃତିର ପ୍ରଥମ ପରମାଣୁ ସାତ-ସାତ

ସଂଖ୍ୟାରେ ଏକାଠି ଯୋଡ଼ି ହୋଇ ପ୍ରଥମ ଠାରୁ ଭାରି ଅଣୁ ବା ପଦାର୍ଥର ଦାନା ତିଆରି କରନ୍ତି। ପୁଣି ମଧ୍ୟ ସେହି ଭାରିଦାନା ଗୁଡ଼ିକ ସାତ ସାତ ସଂଖ୍ୟାରେ ଯୋଡ଼ି ହୋଇ ଅନ୍ୟ ଏକ ଅଧିକ ବଡ଼ ଦାନାର ଉତ୍ପ□ ହୁଏ ଯାହାକି ପ୍ରଥମଠାରୁ ବହୁତ ଭାରି ହୋଇଯାଏ। ଏହି ପ୍ରକାର ସାତ ଲୋକର ପରମାଣୁ ଗୁଡ଼ିକର ସୃଷ୍ଟି ହୁଏ। ଆଧୁନିକ ବିଜ୍ଞାନ ଅନୁସାରେ ଏକ ଭୌତିକ ପରମାଣୁ ବହୁତ ଗୁଡ଼ିଏ ଛୋଟ ଛୋଟ Matter Particles କୁ ନେଇ ଗଠିତ ଏବଂ ଏହି particle ଗୁଡ଼ିକ ଶକ୍ତିର ବାସ୍ତବରୂପ ନେଇ ଗଠିତ ଅର୍ଥାତ୍ ପଦାର୍ଥ ଓ ଶକ୍ତି ଗୋଟିଏ ତ□୍ୱର ଦୁଇଟି ରୂପ ଅଟେ। ଖୁବ୍ କମ୍ ସମୟ ମଧ୍ୟରେ ଆଧୁନିକ ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିବ ଯେ ପଦାର୍ଥ ଏବଂ ଶକ୍ତି, ଚେତନାର ପ୍ରକଟ ରୂପ ଅଟେ। ଅର୍ଥାତ୍ ପଦାର୍ଥ, ଶକ୍ତି ଏବଂ ଚେତନା ଭିନ୍ନ ଭିନ୍ନ ଦେଖା ହେଲେ ବି ସେହି ଏକ ତ□୍ୱର ଭିନ୍ନ ଭିନ୍ନ ଅବସ୍ଥା ଅଟେ।

ସାତଲୋକରେ ଥିବା ପଦାର୍ଥର ପରମାଣୁଗୁଡ଼ିକର ରଚନା ହେଲାପରେ ପରମାଣୁଗୁଡ଼ିକ ଏକାଠି ମିଶିକରି ଭିନ୍ନ ଭିନ୍ନ ରୂପ, ଆକାର, ଖଣିଜ, ଜଳ, ପୃଥିବୀ, ବାୟୁ, ଅଗ୍ନି, ଭୂଖଣ୍ଡ, ଗ୍ରହ ଉପଗ୍ରହ; ସ୍ଥୂଳ ଜଗତ, ଭାବନାତ୍ମକ ଜଗତ ଏବଂ ମାନସିକ ରୂପ ଜଗତ, ସୌରମଣ୍ଡଳ ଆଦିର ଉତ୍ପ□ ହୁଏ। ଏହିସବୁ ଜୀବିତ ପରମାଣୁଗୁଡ଼ିକ ଦ୍ୱାରା ପ୍ରାଣୀମାନଙ୍କର ଭିନ୍ନ ଭିନ୍ନ ଶରୀର ଗୁଡ଼ିକର ରଚନା ହୁଏ। ଅଣୁ ପରମାଣୁ ଭିତରେ ଚେତନା ତୃତୀୟ ସ୍ତର ରୂପେ କାର୍ଯ୍ୟ କରେ। ରୂପ ଏବଂ ଆକାରକୁ ବନାଇ ରଖିବାରେ ଦ୍ୱିତୀୟ ସ୍ତରର ଚେତନା ଏବଂ ମନୁଷ୍ୟ ବ୍ୟକ୍ତିକରଣ ହେବାରେ ପ୍ରଥମ ସ୍ତରର ଚେତନା କାର୍ଯ୍ୟ କରେ। ହିନ୍ଦୁମାନେ ଏହି ଚେତନା ସ୍ତରକୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ବୋଲି ନାମ ଦେଲେ। ବ୍ରହ୍ମବିଦ୍ୟା ପୁସ୍ତକରେ ଏହାକୁ ତୃତୀୟ ଲୋଗସ୍, ଦ୍ୱିତୀୟ ଲୋଗସ୍, ତଥା ପ୍ରଥମ ଲୋଗସ୍‌ର ଚେତନା ବୋଲି କୁହାଗଲା। ଇସାଇ ଧର୍ମରେ ଏହାକୁ ହୋଲିଗୋଷ୍ଟ, ସନ୍, ଫାଦର ରୂପରେ ନାମ ଦେଲେ। ବାସ୍ତବରେ ଏକ ଇଶ୍ୱରଙ୍କ ଚେତନା ପୁରା ସୌରମଣ୍ଡଳରେ ବ୍ୟାପ୍ତ ଅଟେ। ଏହି ଚେତନାର ଭିନ୍ନ ଭିନ୍ନ ଅଂଶମାନେ ଅଣୁ, ପରମାଣୁ, ରୂପ ଏବଂ ଶରୀରମାନଙ୍କର ଆକାର ଅଟନ୍ତି ଏବଂ ମାନବ ଚେତନାଶୀଳ ଅଟେ। ଇଶ୍ୱରଙ୍କର ଚେତନାର ସୃଷ୍ଟି ପ୍ରବାହକୁ ତିନୋଟି ସୃଜନାତ୍ମକ ପ୍ରଭାବ କୁହାଯାଇଛି। ପୂରାସୃଷ୍ଟି

ଯାହାକି ପରମ ସ□ାଙ୍କର ଅଂଶମାତ୍ର କୁହାଯାଏ ତାହା ଏତେ ଅନନ୍ତ ଯେ ଶୁଣି ଆଶ୍ଚର୍ଯ୍ୟ ଲାଗେ। କୋଟି କୋଟି ସୂର୍ଯ୍ୟ ମଣ୍ଡଳ ଅଛନ୍ତି ଯିଏ କି କୌଣସି ଏକ ଆକାଶଗଙ୍ଗାଙ୍କର ଏକ ଅଂଶ। ଏହିପରି ଖର୍ବ ଖର୍ବ ଆକାଶଗଙ୍ଗା ରହି ଅଛନ୍ତି।

କୁହାଯାଇଛି ଯେ, ପୃଥିବୀରେ ଥିବା ବାଲିକୁ ଗଣାଯାଇପାରେ କିନ୍ତୁ ବ୍ରହ୍ମାଣ୍ଡଗୁଡ଼ିକର ସଂଖ୍ୟା ଗଣିବା ଅସମ୍ଭବ ଅଟେ। ଯେଉଁ ପରମସ□ାଙ୍କର ଏକମାତ୍ର ଅଂଶ ଏତେ ବିଶାଳ ଅଟେ ସେ କେତେ ବଡ଼ ବା ଅନନ୍ତ ହୋଇଥିବେ ତାହାର ଅନୁମାନ କରିବା ବହୁତ କଠିନ।

ଏ ସୃଷ୍ଟି ମଧ୍ୟରେ କେତେ ପ୍ରକାରର ଜୀବନ ଅଛି

୧. ପ୍ରଥମ ଭୂତତ□୍ୱ ଜୀବନ (ଏଲିମେଟାଲ୍ ଏସେନ୍ସ୍)

୨. ଦ୍ୱିତୀୟ ଭୂତତ□୍ୱ ଜୀବନ

୩. ତୃତୀୟ ଭୂତତ□୍ୱ ଜୀବନ

୪. ଖଣିଜ ଜୀବନ

୫. ଉଦ୍ଭିଦ ଜୀବନ

୬. ପଶୁ ଜୀବନ

୭. ମାନବ ଜୀବନ

ଜୀବନ ପ୍ରଥମେ ପରାଭୌତିକ ପଦାର୍ଥ ରୂପରେ ନିର୍ମାଣ ହୋଇଅଛି। ଏହି ଅବସ୍ଥାକୁ ଆମେ ତା□୍ୱିକ ଜୀବନ କହୁ। ପୁଣି ପୂର୍ବ ଅନୁଭବ ଅନୁସାରେ ଏହି ଜୀବନ ରାସାୟନିକ ସଂଗଠନକୁ ଅନୁପ୍ରାଣିତ କରିଅଛି ଏବଂ ଖଣିଜ ସମୂହ-ଆତ୍ମା ହୋଇଯାଉଛି। ପୁଣି ଏହି ଜୀବନ ରସ (ପ୍ରୋଟପ୍ଲାଜାମ) ବନି ବନସ୍ପତିର ରୂପ ଧାରଣ କରିଛି। ତତ୍‌ପରେ ପଶୁ ଜଗତରେ ପ୍ରବେଶ କରିଛି। ଏହାପରେ ମାନବର ଆବିର୍ଭାବ ହୋଇଛି। ଏହିପରି ବ୍ୟକ୍ତିର ନିର୍ମାଣ ହେଲା ଯିଏକି ବିଚାର କରିପାରେ ଏବଂ ପ୍ରେମ ମଧ୍ୟ କରିପାରେ, ଯାହାଦ୍ୱାରା ତା'ର ଆତ୍ମବଳିଦାନ ଏବଂ ଆଦର୍ଶବାଦ ଶକ୍ତିର ଉଦ୍ରେକ ହେଲା।

ଯେଉଁ ପ୍ରକାର ପର୍ବତ ଶ୍ରେଣୀ ଉପରେ ବିସ୍ତାରିତ ହୋଇଥିବା ସମସ୍ତ କିରଣ ସ୍ଫଟିକ ଲେନ୍ସ୍ ଦ୍ୱାରା ଗୋଟିଏ ବିରାଟ ବିନ୍ଦୁରେ କେନ୍ଦ୍ରିତ

ହୋଇଯାଏ ଠିକ୍ ସେହି ପରି ପ୍ରତ୍ୟେକ ଅଣୁ ବା ରୂପ ଏହି ଅସୀମ ଚେତନାର କେନ୍ଦ୍ର ଅଟେ ଏବଂ ଜୀବିତ ମଧ୍ୟ ଅଟେ। ପ୍ରତ୍ୟେକ କୋଷରେ (ସେଲ୍) ସମସ୍ତ ଜୀବନର ନିବାସ ଅଟେ।

ଗୋଟିଏ ସୌରମଣ୍ଡଳରେ ସାତଟି ବିକାଶ ଯୋଜନା ରହିଅଛି। ଗୋଟିଏ ବିକାଶ ଯୋଜନାରେ ସାତଟି ଗ୍ରହମାଳା ରହିଅଛି। ଗୋଟିଏ ଗ୍ରହମାଳାରେ ସାତୋଟି ଗ୍ରହ ରହିଅଛନ୍ତି। ଆମର ପୃଥିବୀର ଗ୍ରହମାଳାରେ ମଙ୍ଗଳ, ପୃଥିବୀ ଏବଂ ବୁଧ ସ୍ଥୁଳ ଗ୍ରହ ଅଟେ ଏବଂ ଆଉ ଚାରୋଟି ସୂକ୍ଷ୍ମ ଗ୍ରହ ଅଟନ୍ତି। ପୃଥିବୀର ଗ୍ରହମାଳାରୁ ଜୀବନ ତରଙ୍ଗ ଚନ୍ଦ୍ରମାର ଗ୍ରହ ମାଳାରୁ ଆସିଥିଲା, କିନ୍ତୁ ବ□ମାନ ଚନ୍ଦ୍ରମାରେ ଜୀବନ ନାହିଁ ପୃଥିବୀର ଗ୍ରହମାଳାରେ ପୃଥିବୀରେ ଥିବା ଜୀବନ ତରଙ୍ଗ ମଙ୍ଗଳଗ୍ରହରୁ ଆସିଅଛି ଏବଂ ପୃଥିବୀରେ ସାତଟି ମୂଳଜାତି ପୁରା ହୋଇଗଲା ପରେ ଜୀବନ ତରଙ୍ଗ ବୁଧ ଗ୍ରହକୁ ଚାଲିଯିବ। ଏହି ବିଚାରକୁ ପର ଅଧ୍ୟାୟରେ ଅଧିକ ସ୍ପଷ୍ଟ ଭାବରେ ଆଲୋଚନା କରାଯାଇଛି।

❖ ❖ ❖

# ଦ୍ୱିତୀୟ ଅଧ୍ୟାୟ
# ପରମାତ୍ମା, ଆତ୍ମା, ଜୀବାତ୍ମା ଏବଂ ଦେହାତ୍ମା

ପ୍ରଥମ ଅଧ୍ୟାୟରେ ବ୍ରହ୍ମ ବିଷୟରେ ବ୍ୟାଖ୍ୟା କରାଗଲା ଯାହାକି ସର୍ବଥା ଅପୂର୍ଣ୍ଣ ରହିଅଛି। କାରଣ ପରମ ସତ୍ୟ ବିଷୟରେ ଯେତେ ବି ବ୍ୟାଖ୍ୟା କଲେ ମଧ୍ୟ ଏହା ଅସତ୍ୟ ଏବଂ ଅପୂର୍ଣ୍ଣ ମନେହୁଏ। ବ୍ରହ୍ମକୁ ବ୍ରହ୍ମ ରୂପରେ ହିଁ ଜାଣିହେବ ଏବଂ ଯିଏ ଏ ବ୍ରହ୍ମକୁ ଜାଣିଛନ୍ତି ସେ ଶବ୍ଦ ଏବଂ ବିଚାର ମାଧ୍ୟମରେ ଅନ୍ୟକୁ ଜଣାଇ ପାରି ନାହାଁନ୍ତି କାରଣ ଏହି ପରମ ସ□ା ଶବ୍ଦ, ରୂପ, ରସ, ଗନ୍ଧ, ସ୍ପର୍ଶ, ଭାବ ଏବଂ ବିଚାରର ଉପରେ। ତାହାଙ୍କ ବିଷୟରେ କେବଳ ଏତିକି ମାତ୍ର କୁହାଯାଇ ପାରିବ କି, ସେ ସର୍ବତ୍ର ବିଦ୍ୟମାନ ଅଟନ୍ତି। ଆମ ସମସ୍ତଙ୍କ ଭିତରେ ଏବଂ ବାହାରେ ତଥା ଆମେ ସମସ୍ତେ ତାଙ୍କରି ଭିତରେ ତଥା ଆମେ ସମସ୍ତେ ଜୀବ, ଜଗତ, ଜଡ଼, ଚେତନ ସବୁ ହିଁ ବ୍ରହ୍ମ। ତାଙ୍କ ବ୍ୟତୀରେକେ ଅନ୍ୟ କିଛି ହିଁ ନାହିଁ। ଯେପରି ସମୁଦ୍ରର ଲହରୀ ସମୁଦ୍ର ହିଁ ଅଟେ। ପାଣିରେ ତିଆରି ହୋଇଥିବା ବରଫ ପାଣି ଅଟେ ତଥା ସୂତାରେ ତିଆରି କନା ସୂତା ହିଁ ଅଟେ । ସେହିପରି ଯାହାବି ଦେଖାଯାଉଛି, ପ୍ରକଟ ହେଉ ବା ଅପ୍ରକଟ ସବୁକିଛି ବ୍ରହ୍ମ ହିଁ ଅଟେ। ଏଥିରେ ଦ୍ୱୈତ ଭାବର କୌଣସି ସ୍ଥାନ ନାହିଁ। ଏହି ଅଦ୍ୱୈତରେ ପୂଜା, ଅର୍ଚ୍ଚନା, ପ୍ରାର୍ଥନା, କିଛି ପାଇବା ଜ୍ଞାନ ଏବଂ ଜ୍ଞାତାର କୌଣସି ସ୍ଥାନ ନାହିଁ।

ବେଦରେ ମହାବାକ୍ୟ ଅଛି – "ଅହଂ ବ୍ରହ୍ମା ଅସ୍ମି" 'ତ□ ମସି' 'ଅୟମ୍ ଆତ୍ମା ବ୍ରହ୍ମ' 'ପ୍ରଜ୍ଞାନମ୍ ବ୍ରହ୍ମ' ତଥା 'ସର୍ବ ଖଲ୍ୱିଦଂ ବ୍ରହ୍ମ' ଅର୍ଥାତ୍ ମୁଁ ତୁମେ, ଆମେ ସବୁ ତୁମେ ସବୁ, ସବୁ ଜ୍ଞାନ ପ୍ରଜ୍ଞାନ ତଥା ସବୁକିଛି ଜଡ଼ ଚେତନ, ଦୃଶ୍ୟ, ଅଦୃଶ୍ୟ ବ୍ରହ୍ମ ହିଁ ଅଟେ।

ବ୍ରହ୍ମଙ୍କ ଛଡ଼ା ଅନ୍ୟ କିଛି ନାହିଁ। ବ୍ରହ୍ମ କୌଣସି ବିନ୍ଦୁ ବା ବ୍ୟକ୍ତି ନୁହଁନ୍ତି । ଏହା ଏକ ମାତ୍ର ସ□ା ଅଟନ୍ତି । କାରଣ ପ୍ରତ୍ୟେକ ବଡ଼ଠାରୁ ବଡ଼ ସ୍ୱାମୀ ହୁଅନ୍ତୁ ବା ଏହି ସୌରମଣ୍ଡଳର ସ୍ୱାମୀ ହୁଅନ୍ତୁ ବା ତାଠାରୁ ବଡ଼ ବ୍ରହ୍ମାଣ୍ଡର ସ୍ୱାମୀ ହୁଅନ୍ତୁ ସମସ୍ତେ ସମୟ ଏବଂ ସ୍ଥାନରେ ବନ୍ଧା ହୋଇଅଛନ୍ତି। କିନ୍ତୁ ବ୍ରହ୍ମ ସମୟ ଓ ସ୍ଥାନର ଉପରେ। ସେହି ଏକ ବ୍ରହ୍ମ ଯେତେବେଳେ ସୃଷ୍ଟିର ଦୃଷ୍ଟିରେ ଦୁଇ ହୋଇଯାଆନ୍ତି ସେତେବେଳେ ପୁରୁଷ ଏବଂ ପ୍ରକୃତି

ରୂପରେ ପ୍ରକଟ ହୁଅନ୍ତି; ଯାହାକି ପ୍ରଥମ ଅଧ୍ୟାୟରେ କୁହାଯାଇଛି। ଯେତେବେଳେ ତାଙ୍କର ଏକ ଅଂଶ ସୃଷ୍ଟିର ପରିଧି ଭିତରେ ଆସିଯାଏ ଏବଂ ଏକରୁ ଦୁଇ, ଦୁଇରୁ ଅନେକ ହୋଇଯାଏ। (ଏକୋଅହମ୍ ବହୁସ୍ୟାମ୍) ପ୍ରତ୍ୟେକ ସୃଷ୍ଟି ଏବଂ ଜଗତ ମଣ୍ଡଳ ତଥା ସୂର୍ଯ୍ୟମଣ୍ଡଳର ସଂଚାଳନ କରୁଥିବାରୁ ଅନେକ ସୂର୍ଯ୍ୟମଣ୍ଡଳରେ ଈଶ୍ୱର, ମହେଶ୍ୱର ଆଦିଙ୍କ ସ୍ଥିତିର ଉପ୍□ ହୋଇଯାଏ।

ନିର୍ଗୁଣ ନିରାକାରଙ୍କର ସୃଷ୍ଟିର ଉଦ୍ଦେଶ୍ୟ ଅନୁସାରେ ସଗୁଣ-ସାକାର ରୂପରେ ପ୍ରକଟ ହୋଇଛନ୍ତି। ପ୍ରତ୍ୟେକ ସୌରମଣ୍ଡଳର ସ୍ୱାମୀଙ୍କୁ ସୌରମଣ୍ଡଳର ଈଶ୍ୱର ବା ପରମାତ୍ମା (ସୋଲାର ଲୋଗସ୍) କୁହାଯାଏ। ସୌରମଣ୍ଡଳଠାରୁ ବଡ଼ ସୃଷ୍ଟି ମଣ୍ଡଳକୁ, ଯେଉଁଠାରେ କୋଟି କୋଟି ସୌରମଣ୍ଡଳ ଅଛନ୍ତି ତାହାଙ୍କୁ କସମସ୍ ବା ବ୍ରହ୍ମାଣ୍ଡ କହନ୍ତି। ତାଙ୍କର ଅଧିଷ୍ଠାତା ବା ସ୍ୱାମୀଙ୍କୁ କସ୍‌ମିକ ଲୋଗସ୍ କହନ୍ତି।

ହିନ୍ଦୁଧର୍ମରେ ସୌରମଣ୍ଡଳର ସ୍ୱାମୀଙ୍କୁ ପରମାତ୍ମା, ଭଗବାନ ଈଶ୍ୱର ଆଦି କେତେ ନାମରେ ଡାକୁଛନ୍ତି ଏବଂ ଗାୟତ୍ରୀ ମନ୍ତ୍ରରେ ତାଙ୍କର ପୂଜା କରନ୍ତି। ତାଙ୍କର ଚେତନାର ତିନୋଟି ପ୍ରଭାବକୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ନାମରେ ଡାକନ୍ତି ଏବଂ ତାଙ୍କୁ ସବୁଠାରୁ ବଡ଼ ବୋଲି ମାନନ୍ତି। ସେଥିପାଇଁ ସେ ଭୁଲିଯାନ୍ତି ଯେ କୋଟି କୋଟି ସୂର୍ଯ୍ୟମଣ୍ଡଳ ଅଛନ୍ତି ଏବଂ କୋଟି କୋଟି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ମଧ୍ୟ ଅଛନ୍ତି। ପ୍ରତ୍ୟେକ ସୌରମଣ୍ଡଳର ଈଶ୍ୱର ବଡ଼ ବ୍ରହ୍ମାଣ୍ଡ ବା କସ୍‌ମସ୍‌ର ସ୍ୱାମୀଙ୍କ ତଳେ ଅଛନ୍ତି। ଏହିପ୍ରକାର ଗୋଟିଏ ପରେ ଗୋଟିଏ ବଡ଼ ମହେଶ୍ୱର ଅନେକ ଅଛନ୍ତି। ଶେଷରେ ଯେଉଁଠାରେ ଏ ସୃଷ୍ଟି ଶେଷ ହୋଇଛି, ସେଇଠି କେବଳ ବ୍ରହ୍ମ ରହିଛନ୍ତି । ଯାହାକୁ ଶଙ୍କରାଚାର୍ଯ୍ୟ କହିଛନ୍ତି "ଏକୋ ବ୍ରହ୍ମ ଦ୍ୱିତୀୟ ନାସ୍ତି", ପରଂବ୍ରହ୍ମଙ୍କର ବଡ଼ ବା ଛୋଟ ହେବାର ପ୍ରଶ୍ନ ଉଠୁନାହିଁ, କାହିଁକିନା ଏହାଙ୍କ ଛଡ଼ା ଅନ୍ୟ କିଛି ହେଲେ ନାହିଁ, ଯାହା ସହିତ ବଡ଼ ବା ଛୋଟ ବୋଲି ତୁଳନା କରିହେବ। ସୃଷ୍ଟିର ଅନ୍ତ ହେବ ଏହା ମଧ୍ୟ ଏକ କଳ୍ପନା ମାତ୍ର କାରଣ ସୃଷ୍ଟିର ଅନ୍ତ ପାଇବା ଭାରି କଠିନ। ଗ୍ରହ, ଉପଗ୍ରହ, ସୌରମଣ୍ଡଳ ତଥା ଅନେକ ଜାଗତର ପ୍ରଳୟ ଏବଂ ସୃଷ୍ଟି ହୋଇଚାଲିଛି। ପୁଣି ମଧ୍ୟ ଅନେକ ମଣ୍ଡଳରେ ସୃଷ୍ଟି କ୍ରିୟା ଚାଲିଛି। ପ୍ରତିଦିନ ଆକାଶରେ କୌଣସିନା କୌଣସି ତାରା ଭାଙ୍ଗନ୍ତି ଏବଂ ଜନ୍ମନ୍ତି ମଧ୍ୟ। ଏପରି ଏତେତାରା

ଅଛନ୍ତି ଯାହାରକି ପ୍ରକାଶ ଏପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ପହଞ୍ଚି ପାରିନାହିଁ। ଏହି ପୃଥିବୀ, ଗଢ଼ି ଉଠିବା କୋଟି କୋଟି ବର୍ଷ ହୋଇଗଲାଣି ତଥାପି କିଛି ତାରା ପୃଥିବୀର କେତେ ଦୂରରେ ଅଛନ୍ତି ତାହା ଗଣନା କରିହେବନି। ତେଣୁ ଏ ସୃଷ୍ଟି କେତେ ଦୂର ବିସ୍ତାରିତ ଅଛି ଏବଂ କେତେ ଜଗତ ଅଛି କେହି କହି ପାରିବେନି। ଏହି ବ୍ରହ୍ମ ସ□ା କେତେ ମହାନ ଏବଂ ଅନନ୍ତ, ଏହାର ବିଚାର କଠିନ ଅଟେ। ତେଣୁ ଆମେ ଆମର ସୌରମଣ୍ଡଳ ତଥା ଆମର ବିଚାର ସୌରମଣ୍ଡଳର ପରମାତ୍ମା ପର୍ଯ୍ୟନ୍ତ ସୀମିତ ରଖିବା।

ଆମର ସୌରମଣ୍ଡଳର ପରମାତ୍ମା ଚେତନା ସାତ ଲୋକ ଭିତରେ ବ୍ୟାପି ରହିଅଛି। ବ୍ୟବହାରିକ ଦୃଷ୍ଟିକୋଣରୁ ସେ ହିଁ ଆମର ସ୍ୱାମୀ, ପରମାତ୍ମା, ଭଗବାନ, ଈଶ୍ୱର, ଆଲ୍ଲା, ଖୁଦା। ତାଙ୍କରି ଚେତନାରୂପୀ ପ୍ରକାଶ ସାରା ଜଗତ ଏବଂ ସୌରମଣ୍ଡଳରେ ପ୍ରକାଶିତ ହେଉଛି। ଖଣିଜ, ବନସ୍ପତି, ପଶୁ ଏବଂ ମାନବ ଜଗତ ତାଙ୍କରି କରୁଣାରୁ ଜୀବିତ ଏବଂ ସଂଚାଳିତ ହେଉଅଛି। ଖଣିଜ, ବନସ୍ପତି ଏବଂ ପଶୁଜଗତରେ ଜୀବନ ସମୂହ-ଜୀବାତ୍ମାଙ୍କ ଦ୍ୱାରା ସଂଚାଳିତ ହୁଏ। ବ୍ୟକ୍ତିର ବ୍ୟକ୍ତିକରଣ ହେଲାପରେ ପ୍ରତ୍ୟେକ ମନୁଷ୍ୟ ଭିତରେ ଜୀବାତ୍ମା ଭିନ୍ନ ଭିନ୍ନ କାର୍ଯ୍ୟ କଳାପରି ପ୍ରତୀତ ହୁଏ। କିନ୍ତୁ ବାସ୍ତବରେ ଜୀବନ ବା ଆତ୍ମା ବା ଚେତନା ସେହି ଏକ ପରମାତ୍ମାଙ୍କର କିରଣରୁ ପ୍ରକାଶିତ ହେଉଅଛନ୍ତି ଏବଂ ଆତ୍ମା ପରମାତ୍ମାଙ୍କର ଏକ ଚୈତନ୍ୟକିରଣ ସମାନ ଅଟେ ଏବଂ ଏଥିରେ ପରମାତ୍ମାଙ୍କର ସବୁଗୁଣ ବିଦ୍ୟମାନ ଅଟେ। କେନ୍ଦ୍ରରେ ସବୁଆତ୍ମା ଭିନ୍ନ ଭିନ୍ନ ନୁହେଁ ପରନ୍ତୁ ଏକ ହିଁ ଅଟେ। ଏଥିପାଇଁ ଏହାକୁ ପରମାତ୍ମା କୁହାଗଲା। ପରିଧି ମଧ୍ୟରେ ପ୍ରତ୍ୟେକ ଆତ୍ମା ଆଲୋକର କିରଣ ପରି କୋଟି କୋଟି ସଂଖ୍ୟାରେ ଭିନ୍ନ ଭିନ୍ନ ଦେଖାଯାଏ ଏବଂ ପ୍ରତ୍ୟେକ ଚେତନାର କିରଣ ମାନବ ଶରୀର ମଧ୍ୟରେ କେନ୍ଦ୍ରିତ ହୋଇ ଏଥିରେ ଜୀବନ ବା ଚେତନା ପ୍ରଦାନ କରନ୍ତି। ଏହି କଥା ଜାଣିରଖ ଯେ ମାନବର ସାତଶରୀର ପ୍ରାକୃତିକ ତ□୍ୱରେ ଗଠିତ ଏବଂ ଏଥିରେ ଚେତନା ପୁରୁଷ ତ□୍ୱ ଦ୍ୱାରା ପରିପୂର୍ଣ୍ଣ ଅଛି। ଯେପରି ପୂର୍ବ ଅଧ୍ୟାୟରେ କୁହାଯାଇଛି । ପୁରୁଷ ଓ ପ୍ରକୃତି ଏକ ବ୍ରହ୍ମତ□୍ୱରୁ ଉତ୍ପ□ ହୋଇଛି କିନ୍ତୁ କ୍ରିୟାତ୍ମକ ଦୃଷ୍ଟି କୋଣରୁ ଏ ଦୁଇତ□୍ୱ ଭିନ୍ନ ଭିନ୍ନ ତଥା ଅଲଗା ଗୁଣର ହୋଇଯାଆନ୍ତି। ଯେପରି ବାଷ୍ପ ଓ ବରଫର ଉତ୍ପ□ ଗୋଟିଏ ତ□୍ୱରୁ ହୋଇଥିଲେବି ଗୁଣ ଅଲଗା ଅଲଗା ଅଟେ। ବାଷ୍ପ ଅଧିକ ଶକ୍ତିଶାଳୀ, ନିରାକାର, ବ୍ୟାପକ ଅଟେ। ଏହା ରେଲୱେ

ଇଂଜିନ୍‌କୁ ଚଳାଏ। କିନ୍ତୁ ବରଫ ସାକାର, ସୀମିତ ଏବଂ ଜଡ଼ ପରି ପ୍ରତୀତ ହୁଏ। ଏହିପରି ଜୀବାତ୍ମା ନିରାକାର, ବ୍ୟାପକ, ଶକ୍ତିଶାଳୀ ଏବଂ ପରମାତ୍ମା (ନିଜର ପିତା) ଯେପରି ସର୍ବଗୁଣ ସଂପନ୍ନ ଅଟେ, ପରନ୍ତୁ ଶରୀର ଯିଏକି ଆତ୍ମାର  ଯନ୍ତ୍ର ଅଟେ, ସେ ସାକାର, ସୀମିତ, ଅନ୍ଧକାର ଏବଂ ତମୋଗୁଣରେ ଅଧିକ ପ୍ରଭାବିତ ଅଟେ। ଯେଉଁ ପଦାର୍ଥ ବା ଅଣୁରେ ଏ ଶରୀର ଗଠିତ ହୋଇଛି, ସେହି ଅଣୁରେ ବି ଚେତନା ରହିଅଛି। କିନ୍ତୁ ଏପରି ସୂକ୍ଷ୍ମଚେତନା ଏବଂ ଜୀବନ ଅଟେ ଯାହାକି କେବଳ ଶରୀରକୁ ଜୀବିତ ରଖେ, ଶରୀରର ଯାହା ଦରକାରୀ ତାହାକୁ ସମୟ ସମୟରେ ଦର୍ଶାଇଦିଏ। ଆମେ ଏହା ଦେଖୁଯେ ଯେତେବେଳେ ଶରୀରକୁ ଖାଦ୍ୟ କିମ୍ବା ପାଣିର ଆବଶ୍ୟକତା ହୁଏ ସେତେବେଳେ ଶାରୀରିକ ଚେତନା ଥିବାରୁ ତାହା ଜଣାଯାଏ।

ସ୍ଥୁଳ ଶରୀରରେ ପ୍ରାଣମୟ କୋଷ ଓତଃପ୍ରୋତଃ ଭାବେ ରହିଅଛି ଯେ କି ପ୍ରାଣଶକ୍ତି ଦ୍ୱାରା ଶରୀରକୁ ଜୀବିତ ରଖେ। ପ୍ରାଣଶକ୍ତି ଭୌତିକ ଶକ୍ତିଠାରୁ ଅଧିକ ସୂକ୍ଷ୍ମ ଏବଂ ଶକ୍ତିଶାଳୀ ଅଟେ ଯଦିଓ ଭୌତିକ ଶରୀର ଏବଂ ପ୍ରାଣ ଶରୀର ଦୁହେଁ ପ୍ରାକୃତିକ ତ□ୱରେ ଗଠିତ। ଆଧୁନିକ ବିଜ୍ଞାନ ଦ୍ୱାରା ଆମେ ବୁଝିପାରିଛୁ ଯେ ଭୌତିକ ପଦାର୍ଥ ମଧ୍ୟରେ ଅଣୁଥିଲେ ମଧ୍ୟ ଏଥିରେ ଆଣବିକ ଶକ୍ତି ସୁପ୍ତ ଅଛି ଯଦିଓ ପଦାର୍ଥର ସୂକ୍ଷ୍ମରୂପ ଅଣୁ ପରମାଣୁ ଇଲୋକ୍‌ଟ୍ରନ୍, ପ୍ରୋଟନ୍, ନ୍ୟୁଟ୍ରନ୍ ଆଦି ମଧ୍ୟରେ ଚମତ୍କାର ଶକ୍ତି ଭରି ରହିଅଛି। ଗୋଟିଏ ଛୋଟ ପଥର ଖଣ୍ଡରେ କୋଟି କୋଟି ଅଣୁ ରହିଅଛି ଏବଂ ଅସୀମିତ ଶକ୍ତି ସୁପ୍ତ ଅବସ୍ଥାରେ ଅଛି ଯାହାକି ଆଟମ୍ ବମ୍ ଭିତରେ ଆଶ୍ଚର୍ଯ୍ୟଜନକ ଶକ୍ତିରୂପରେ ପ୍ରକଟ ହେଉଅଛି। ଏହି ପ୍ରକାର ଆମେ ଯେତେ ଯେତେ ସ୍ଥୁଳ ସ୍ତରରୁ ସୂକ୍ଷ୍ମସ୍ତରକୁ ଯାଉଁ ସେତେସେତେ ଶକ୍ତି ଏବଂ ଗୁଣ ବଢ଼ିଚାଲେ। ଏହି କାରଣରୁ ସ୍ଥୁଳପଦାର୍ଥ (ଯାହାକୁ ଲୋକେ ଜଡ଼ ବୋଲି କହନ୍ତି) ସେହି ଏକ ବ୍ରହ୍ମ ସ□ାଙ୍କର ରୂପ ହେଲେ ମଧ୍ୟ ତାହାର ଗୁଣ, ଯାହା ବ୍ରହ୍ମରେ ଅଛି ତାହା ସୁପ୍ତ ଅବସ୍ଥାକୁ ଚାଲିଯାଏ ଏବଂ ଯେତେବେଳେ ସ୍ଥୁଳରୁ ସୂକ୍ଷ୍ମ ଆଡ଼କୁ ଗତିକରେ ଗୋଟିଏ ଗୋଟିଏ କରି ସବୁଗୁଣ ଜାଗ୍ରତ ହୋଇଉଠେ। ସ୍ଥୁଳଠାରୁ ପ୍ରାଣ ସୂକ୍ଷ୍ମ ଅଟେ। ପ୍ରାଣଠାରୁ ଭାବ ସୂକ୍ଷ୍ମ ଅଟେ। ଭାବଠାରୁ ବିଚାର ସୂକ୍ଷ୍ମ ଅଟେ, ବିଚାରଠାରୁ ବୁଦ୍ଧି ସୂକ୍ଷ୍ମ ଅଟେ, ବୁଦ୍ଧିଠାରୁ ଆତ୍ମା ସୂକ୍ଷ୍ମଅଟେ ଏବଂ ଆତ୍ମାଠାରୁ ପରମାତ୍ମା ସୂକ୍ଷ୍ମ ଅଟନ୍ତି। ପରମାତ୍ମାଙ୍କଠାରୁ ବ୍ରହ୍ମ ସୂକ୍ଷ୍ମ ଅଟନ୍ତି, ଯେ ସବୁରି ଉପରେ।

ପ୍ରତ୍ୟେକ ସୂକ୍ଷ୍ମତ□୍ୱ ନିଜଠାରୁ ଅଧିକ ସ୍ଥୁଳତ□୍ୱକୁ ସାହାଯ୍ୟ ଏବଂ ଜୀବନ ଦେଇଥାଏ । ପ୍ରାଣ ତ□୍ୱ ସ୍ଥୁଳତ□୍ୱକୁ ଜୀବନ ଦିଏ । ଯେତେବେଳେ ଯାଏ ଶରୀରରେ ପ୍ରାଣତ□୍ୱ ଅଛି ସେତେବେଳ ପର୍ଯ୍ୟନ୍ତ ସ୍ଥୁଳ ଶରୀର ମରେ ନାହିଁ । କିଛି ଲୋକଙ୍କର ଏ ଧାରଣା ରହିଛି ଯେ, ଆତ୍ମା ବାହାରିଗଲେ ଶରୀର ମରିଯାଏ କିନ୍ତୁ ସମ୍ଭବତ ତାଙ୍କୁ ଏକଥା ଜଣାନାହିଁ ଯେ ଆତ୍ମା ଯେତେବେଳେ ବାକି ପା*ଟି ଶରୀର (କାମମୟ କୋଷ, ମନୋମୟକୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ଏବଂ ହିରଣ୍ୟମୟ କୋଷ) ରେ କେନ୍ଦ୍ରିତ ହୁଏ ଏବଂ ସମାଧିରେ ସ୍ଥୁଳ ଶରୀର ଏହି ପ୍ରାଣମୟ କୋଷକୁ ଛାଡ଼ିଦିଏ ସେତେବେଳେ ସ୍ଥୁଳ ଶରୀର ପ୍ରାଣକୋଷ ସକାଶେ ଜୀବିତ ରହେ । ପ୍ରାଣଶକ୍ତି ହିଁ ସ୍ଥୁଳ ଶରୀରକୁ ଜୀବିତ ରଖିବା ସକାଶେ ଉପଯୁକ୍ତ ଅଟେ । ଯେତେବେଳେ ଶରୀରର ପ୍ରୟୋଜନ ପୂରା ହୋଇଯାଏ ଏବଂ ଜୀବାତ୍ମା ଚିରଦିନ ପାଇଁ ଏହି ଶରୀର ଛାଡ଼ିଦିଏ ସେତେବେଳେ ସ୍ଥୁଳ ଶରୀରରେ ଜୀବନ ରଖିବାରେ କୌଣସି ଆବଶ୍ୟକତା ରହେ ନାହିଁ ଏବଂ ପ୍ରାଣ ସ୍ଥୁଳ ଶରୀରରୁ ବାହାରି ଯାଏ ଏବଂ ସ୍ଥୁଳ ଶରୀରର ଏବଂ ପ୍ରାଣଶରୀରର ସଂପର୍କ ତୁଟିଯାଏ । ସ୍ଥୁଳ ଶରୀର ବିନାଶ ଘଟେ । କିଛି ସମୟପରେ ପ୍ରାଣମୟ କୋଷର ମଧ୍ୟ ମୃତ୍ୟୁ ଘଟେ । ଏହିସବୁ ବିଷୟ ପର ଅଧ୍ୟାୟ ମନୁଷ୍ୟ ଏବଂ ତା'ର ସାତ ଶରୀରରେ ବର୍ଣ୍ଣନା କରାଯାଇଛି ।

ବାସ୍ତବରେ ଆତ୍ମା କୌଣସି ଯିବା ଆସିବା କରୁଥିବା ବସ୍ତୁ ନୁହେଁ । ଆତ୍ମା (ମୋନାଡ଼୍) ସୌରମଣ୍ଡଳର ଈଶ୍ୱର ପରମାତ୍ମାଙ୍କ ସର୍ବବ୍ୟାପକ ଚେତନାର ଏକ କିରଣ ସମାନ ଅଟେ । ସେ ପରିଧି ମଧ୍ୟରେ ଅଲଗା ଦେଖାଗଲେ ବି କେନ୍ଦ୍ରରେ ପରମାତ୍ମା ଈଶ୍ୱରଙ୍କ ସହିତ ଏକ ହିଁ ଏକ ଅଟନ୍ତି । ପରମାତ୍ମାଙ୍କର ଚେତନାର ପ୍ରକାଶ ସୌରମଣ୍ଡଳରେ ବ୍ୟାପି ରହିଅଛି । ଯେଉଁଠାରେ ସାକାର ରୂପ ତିଆରି ହୁଏ ଏବଂ ସେଠାରେ ଚେତନାର କେନ୍ଦ୍ର ମଧ୍ୟ କେନ୍ଦ୍ରିତ ହୋଇଥାଏ ।

ଖଣିଜ, ବନସ୍ପତି ଏବଂ ପଶୁମାନଙ୍କର ସାକାର ଶରୀରରେ ଯେତେବେଳେ ଚେତନାର ସଂପର୍କ ହୁଏ ତାହାଙ୍କୁ ସମୂହ ଜୀବାତ୍ମା ବୋଲି କୁହାଯାଏ । ମାନବ ସାକାର ଶରୀରରେ ଚେତନାର ସଂପର୍କ ଦ୍ୱାରା ଯେଉଁ କେନ୍ଦ୍ର ତିଆରି ହୁଏ ତାହାକୁ ଜୀବାତ୍ମା କୁହାଯାଏ, ତାହାକୁ ମଧ୍ୟ 'ସୋଲ'

ଏବଂ ଥିଓସୋଫି ଭାଷାରେ "ଇଗୋ" କୁହାଯାଏ। ଏହି ଜୀବାତ୍ମା ଯେତେବେଳେ ଶରୀରରୁ ମୁକ୍ତ ହୁଏ ଅର୍ଥାତ୍ ଯେତେବେଳେ ଶରୀରଗୁଡ଼ିକରେ ସଂପର୍କ ନଥାଏ ସେତେବେଳେ ଏହାଙ୍କୁ ଆତ୍ମା (ମୋନାଡ଼) କୁହାଯାଏ। ପରିଧି ମଧ୍ୟରେ ଅନେକ ଚେତନାର କିରଣକୁ ଆତ୍ମା ଏବଂ ସବୁ କିରଣର କେନ୍ଦ୍ରଙ୍କୁ ପରମାତ୍ମା କୁହାଯାଏ। ଆତ୍ମା ଏବଂ ପରମାତ୍ମାଙ୍କର ବାସ୍ତବିକ ଜ୍ଞାନ, କେବଳ ଧ୍ୟାନ ଏବଂ ସମାଧିରେ ଅନୁଭୂତି ଦ୍ୱାରା ଜଣାଯାଏ ଯାହାକୁ କି ଭାଷା ଏବଂ ବିଚାର ଦ୍ୱାରା ପ୍ରକାଶିତ କରାଯାଇ ପାରେ ନାହିଁ। ପୁଣି ମଧ୍ୟ ସାଧନାର ଏକ ଆଧାର ତିଆରି କରାଯାଏ। ଯେପରି ମାନଚିତ୍ର ଦେଖିକରି ଦେଶ ଏବଂ ଦେଶର ପରିଧି ବିଷୟରେ ଜାଣିହୁଏ କିନ୍ତୁ ପୂରା ଜ୍ଞାନ ଦେଶ ଏବଂ ପରିଧି ଦର୍ଶନ କଲାପରେ ଜଣାଯାଏ।

ଆମେ ଦେଖୁ ଯେ ଆତ୍ମା, ପରମାତ୍ମାଙ୍କର ହିଁ ସ୍ୱରୂପ ଅଟେ ଏବଂ ଏଥିରେ ପରମାତ୍ମାଙ୍କର ସବୁଗୁଣ ବିଦ୍ୟମାନ । ଏହା ଅଲଗା ହେଲେ ବି ଏକ ହିଁ ଏକ ଅଟେ କାରଣ ଚେତନା କିମ୍ବା ଜୀବନ ଶକ୍ତିକୁ ଛୋଟ ଛୋଟ ଖଣ୍ଡରେ ଭାଗ କରି ହୁଏ ନାହିଁ। ଆଧୁନିକ ବିଜ୍ଞାନରେ ଆମେ ଦେଖୁ ଯେ ପଦାର୍ଥର ଅଣୁକୁ ଏକ ସୀମାପର୍ଯ୍ୟନ୍ତ ବିଭାଜିତ କରାଯାଉଛି। ବିଭାଜନ ପ୍ରକ୍ରିୟାରେ ଏକ ସମୟ ଆସେ ଯେତେବେଳେ ସୂକ୍ଷ୍ମତମ ଅଣୁ (ମ୍ୟାଟର ପାର୍ଟିକିଲ୍ସ) କୁ ଭାଗ କଲାପରେ କେବଳ ପଦାର୍ଥ ଶକ୍ତି ହିଁ (ଏନର୍ଜି)ରହିଯାଏ। ଯେଉଁ ଶକ୍ତିକୁ ବିଭାଜିତ କରାଯାଇପାରେ ନାହିଁ ଯେପରିକି ମାଧ୍ୟାକର୍ଷଣ ଶକ୍ତି। ଜୀବନ ବା ଚେତନା ଶକ୍ତି, ପଦାର୍ଥ ଶକ୍ତିଠାରୁ ଅଧିକ ସୂକ୍ଷ୍ମ ଅଟେ ତାକୁ କିପରି ଭାଗ ଭାଗ କରିପାରିବା ଅର୍ଥାତ୍ ମୋର ଆତ୍ମା, ଆପଣଙ୍କର ଆତ୍ମା ବା ମୋର ଜୀବନ ଏବଂ ମାନବର ଜୀବନ କହିବା ଭ୍ରମ ଅଟେ। ବାସ୍ତବରେ ସର୍ବତ୍ର ଜୀବନ ଏକ ଅଟେ। ଶରୀର ସହିତ ସଂପର୍କରୁ ଅଲଗା ଅଲଗା କେନ୍ଦ୍ର ବନିଯାଏ ଏବଂ ଭିନ୍ନ ଭିନ୍ନ ପ୍ରତିତ ହୁଏ । ଏହା କୁହାଯାଏ କି ସମୁଦ୍ର ପାଣିବୁନ୍ଦା ପରି ଏବଂ ଅଗ୍ନିର ଶିଖା ପରି ଆତ୍ମା ମଧ୍ୟ ପରମାତ୍ମାଙ୍କ ସହିତ ରହିଛନ୍ତି। ପାଣିବୁନ୍ଦା ସମୁଦ୍ରଠାରୁ ଅଲଗା ହୋଇପାରେନା, ଅଗ୍ନି ଶିଖା ଅଗ୍ନିଠାରୁ ଅଲଗା ହୋଇ ପାରେନା। ସେହିପରି ଆତ୍ମା ପରମାତ୍ମାଠାରୁ ଅଲଗା ହୋଇପାରେନା। ଯଦି ଏ ଉଦାହରଣ ଦିଆଯାଏ କି ପାତ୍ର ଭିତରେ ଥିବା ଜଳ ଏବଂ ବାହାରର ଜଳ

ପାତ୍ର ତୁଟିଗଲା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଅଟେ। କିନ୍ତୁ ଯଦି ପାତ୍ରଟି ଜଳରେ (ବରଫରେ) ବନାଯାଇଛି ତେବେ ଏହା କୁହାଯିବ ଯେ ଭିତରେ ଥିବା ଜଳ, ବାହାରର ଜଳ, ଏବଂ ପାତ୍ରର ବାଡ଼ାରେ ଥିବା ଜଳ ସବୁହିଁ ଜଳ ଅଟେ ଅନ୍ୟ କିଛି ନୁହେଁ। ଯେତେବେଳେ ବରଫ ତିଆରି ପାତ୍ରଟି ତରଳିଯିବ ସେ ମଧ୍ୟ ଜଳ ହୋଇଯିବ। ତେଣୁ ସବୁ ବ୍ରହ୍ମ ଅଟେ। ସମ୍ଭବତଃ ଏହା ଜାଣି କରି ମହାତ୍ମା ବୁଦ୍ଧ ପୃଥକ ପୃଥକ ଆତ୍ମା ବା ଆତ୍ମା ଏବଂ ପରମାତ୍ମାଙ୍କର ପୃଥକଙ୍କୁ ମାନି ନଥିଲେ। ବାସ୍ତବରେ ଆତ୍ମା ପରମାତ୍ମାଙ୍କର ସ୍ୱରୂପ ଅଟେ ତେଣୁ ଆତ୍ମା ଠାରୁ ଅଲଗା ପରମାତ୍ମାଙ୍କର ଅସ୍ତିତ୍ୱ ହିଁ ନାହିଁ। ପ୍ରକୃତରେ ଆତ୍ମା, ମହାତ୍ମା, ଏବଂ ପରମାତ୍ମା ସବୁ ହିଁ ଗୋଟିଏ ଚେତନ ସ□ାଙ୍କର ଭିନ୍ନ ଭିନ୍ନ ନାମ ଅଟେ ଏବଂ ଆତ୍ମା କେବଳ ସର୍ବବ୍ୟାପକ ଜୀବନର କେନ୍ଦ୍ରବିନ୍ଦୁ ଅଟେ ଯିଏକି ସାକାର ରୂପେ ନଷ୍ଟ ହୋଇଯିବାପରେ, ଯେଉଁଥିରେ କି ଫୋକସ୍ ବା କେନ୍ଦ୍ର ବନିଥିଲା, ତାହା ମଧ୍ୟ ମିଳାଇଯାଏ ଏବଂ ଯାହା ଶେଷରେ ରହିଯାଏ ତାହା କେବଳ ପରମ ସ□ା, ପରମ ସତ୍ୟ ଅଟେ । ଯାହାଙ୍କୁ ବ୍ୟବହାରିକ ଦୃଷ୍ଟିକୋଣରୁ ଆମେ ଆତ୍ମା, ପରମାତ୍ମା ଆଦି କହିଥାଉ। ଆଗ ଅଧ୍ୟାୟରେ ଏହି କଥା ଆହୁରି ସ୍ପଷ୍ଟ କରିଦିଆଯାଇଛି କି ଆତ୍ମା ଯିଏ ପରମାତ୍ମାଙ୍କର ହିଁ ସ୍ୱରୂପ ଏବଂ ସର୍ବଗୁଣ ସଂପନ୍ନ ପୁଣି ଅଜ୍ଞାନତା, ଅନ୍ଧକାର, ବନ୍ଧନ, ସୀମିତ ଏବଂ କଷ୍ଟମୟ କାହିଁକି ପ୍ରତୀତ ହୁଅନ୍ତି ଏବଂ ଏହି ଭ୍ରମରୁ କିପରି ନିସ୍ତାର ମିଳିବ।

ପରମାତ୍ମା, ଆତ୍ମା, ଜୀବାତ୍ମା ତଥା ଦେହାତ୍ମା (ନିମ୍ନ .... ଶରୀରରେ କେନ୍ଦ୍ରିତ ଚେତନା) ଗୋଟିଏ ଚେତନାର ହିଁ ଅଭିବ୍ୟକ୍ତିକରଣ ଅଟେ ଏବଂ ସର୍ବଥା ଏକତାକି ସ୍ଥିତିରେ ରହେ। ପୁଣି ମଧ୍ୟ ଭିନ୍ନ ଭିନ୍ନ ଲୋକରେ ଭିନ୍ନ ଭିନ୍ନ ଶରୀରରେ ପ୍ରକଟ ହୋଇଥିବାରୁ ଭିନ୍ନ ଭିନ୍ନ ରୂପେ ପ୍ରତିତ ହୁଏ। ଚେତନାର ପ୍ରବାହ ଉପରୁ ତଳ ପର୍ଯ୍ୟନ୍ତ ଚାଲିଅଛି, କେବଳ ତଳସ୍ତରର ଲୋକରେ ପ୍ରବାହର ପ୍ରକଟୀକରଣ ଧୀର ଏବଂ ସୁପ୍ତ ପରି ପ୍ରତିତ ହୁଏ। ଖଣିଜରେ ମଧ୍ୟ ଏହି ଚୈତନ୍ୟ ଅଛି କିନ୍ତୁ ସୁପ୍ତ ଅବସ୍ଥାରେ ରହିଅଛି। ଯେପରି  ପାୱାର ହାଉସ୍‌ରେ ବିଦ୍ୟୁତ୍ ଏବଂ ଘର ମଧ୍ୟରେ ଥିବା ପାୱାର ବଲ୍‌ବ ମଧ୍ୟର ବିଦ୍ୟୁତ୍ ଏକ ଅଟେ କିନ୍ତୁ ଭୋଲ୍‌ଟେଜ୍‌ରେ ଅନ୍ତର ଅଟେ। ଗୋଟିଏ ଗଛର ଉଦାହରଣରୁ ଆହୁରି ଭଲ ଭାବରେ ବୁଝି ହେବ। ବୃକ୍ଷରେ ପରମାତ୍ମା ରୂପି ଚେତନା, ମୋଟା ଶାଖାମାନଙ୍କରେ

ଆତ୍ମାରୂପି ଚେତନା, ଛୋଟ ଛୋଟ ଡାଳମାନଙ୍କରେ ଜୀବାତ୍ମା ରୂପି ଚେତନା ଏବଂ ଅସଂଖ୍ୟ ପତ୍ରରେ ଦେହାତ୍ମାରୂପୀ ଚେତନାର ତୁଳନା ପରମାତ୍ମା, ଆତ୍ମା, ଜୀବାତ୍ମା ଏବଂ ଦେହାତ୍ମା ରୂପେ କରାଯାଇଛି। ବୃକ୍ଷର ମୂଳର ଚେତନା ବ୍ରହ୍ମସ□ା ସହିତ ତୁଳନା କରାଯାଇଛି। ପ୍ରତ୍ୟେକ ପତ୍ର ଛୋଟ ବଡ଼, ନୀଳ, ହଳଦିଆ, କିଛି ନୂଆପତ୍ର ଯାହାକି ଆଜି ଜନ୍ମିଛି ପୁରୁଣା ପତ୍ର ଯାହା ଆଜି ତଳେ ପଡ଼ିଛି ସବୁଥିରେ ଏକ ହିଁ ଜୀବନ ଅଛି। ଗଣ୍ଡିକୁ କାଟିଦେଲେ ଜୀବନ ପ୍ରବାହ ବନ୍ଦ ହୋଇଯିବ, ଶାଖା ଏବଂ ପତ୍ରଗୁଡ଼ିକ ଶୁଖିକରି ମରିଯିବ କିନ୍ତୁ ପ୍ରତି ଋତୁରେ ସବୁ ପତ୍ର ଝଡ଼ିଗଲା ପରେ ମଧ୍ୟ ଗଛର ଜୀବନ ନଷ୍ଟ ହୋଇ ନାହିଁ, ସବୁ ଶାଖା କାଟିଦେଲେ ମଧ୍ୟ ଗଛ ମରିଯିବ ନାହିଁ। ପ୍ରତି ବର୍ଷ ନୂଆ ନୂଆ  ପତ୍ର ଏବଂ ଶାଖା ଜନ୍ମ ନିଏ। ସେହିପରି ଦେହ ବା ଦେହାତ୍ମା ମରିଗଲେ ବି ଜୀବାତ୍ମା ମରେ ନାହିଁ। ଜୀବାତ୍ମାର ଆତ୍ମାରେ, ଆତ୍ମାର ପରମାତ୍ମାରେ ବିଲୀନ ହୋଇଗଲା ପରେ ପରମାତ୍ମାଙ୍କର ଅସ୍ତିତ୍ୱ ସେମିତି ରହିଥାଏ ଏବଂ ଶେଷରେ ପରମାତ୍ମା ମଧ୍ୟ ବ୍ରହ୍ମସ□ାରେ ବିଲୀନ ହୋଇଯାଏ। ଅତଃ ବ୍ରହ୍ମ ହିଁ ସତ୍ୟ ଅଟେ। ଏହି ସତ୍ୟକୁ ଯେଉଁ ନାମରେ ଡାକ ସେ ସବୁ ନାମର ଉପରେ।

❖ ❖ ❖

## ତୃତୀୟ ଅଧ୍ୟାୟ

# ଜୀବର ବନ୍ଧନ, ଅଜ୍ଞାନତା, ଅପୂର୍ଣ୍ଣତା ଏବଂ ଦୁଃଖର କାରଣ।

ଜୀବନକୁ ନିଷ୍ପକ୍ଷ ଏବଂ ନିରପେକ୍ଷ ଦୃଷ୍ଟିକୋଣରୁ ନିରୀକ୍ଷଣ କଲେ ଆମେ ଦେଖିବା କି ସୃଷ୍ଟିରେ ମାନବ ଶ୍ରେଷ୍ଠ ଯୋନି ଲାଭ କରି ମଧ୍ୟ ଆସକ୍ତ, ଦୁଃଖ ଏବଂ ବନ୍ଧନରେ ମଜ୍ଜି ରହିଛି। ବେଳେବେଳେ ମଧ୍ୟ ବ୍ୟକ୍ତି ଏତେ ଆସକ୍ତ ଏବଂ ନିରୁ□ର ଭାବେ ନିଜକୁ ଭାବେ ଯେପରିକି ସେ ବିଧାତାଙ୍କର ହାତର ଖେଳନା ଅଟେ। ବିଧାତାର ବିଧାନ ଅଛି, କିନ୍ତୁ ଏହି ବିଧାନକୁ ପାଳନ କରି ସୁଖ ଲାଭ କରିବା ବା ବିଧାନର ଉଲଙ୍ଘନ କରି ଦୁଃଖ ପାଇବା ପ୍ରତ୍ୟେକଙ୍କର ନିଜର ହାତରେ ଅଛି। ବହୁବାର ଏହା ଦେଖାଯାଇଛି କି ମନୁଷ୍ୟ ପଶୁଠାରୁ ମଧ୍ୟ ଖରାପ ଜୀବନ ବିତାଇଛି ଏବଂ ଦୁଃଖି ହୋଇଛି। ପଶୁତ କେବଳ ଶାରୀରିକ ଦୁଃଖ ଭୋଗ କରେ ତାକୁ ମାନସିକ କଷ୍ଟ ଏତେ ଭୋଗ କରିବାକୁ ପଡ଼ି ନଥାଏ କାହିଁକିନା ତାହାର ନିମ୍ନ ମାନସ, ଯାହା ତାହାକୁ ମିଳିଛି ଏ ପର୍ଯ୍ୟନ୍ତ ତାହା ବିକଶିତ ହୋଇନାହିଁ, ତେଣୁ ସେ ତାହାର କଷ୍ଟକୁ କ୍ଷଣମାତ୍ରେ ଭୂଲିଯାଏ କିନ୍ତୁ ମାନବ ମାନସିକ ସ୍ତରରେ ଏତେ ଦୁଃଖି ରହେ ଯେ ତାହାର କଳ୍ପନା ନାହିଁ। କାହାରି ଘରେ କାହାର ମୃତ୍ୟୁ ଘଟିଲେ, କିଛି ହଜିଗଲେ କେବେ କେବେ ସଂକଟ ଆସିଗଲେ ସେ ଦୁଃଖି ହୁଏ ଏବଂ ତାହାକୁ ପଛରେ ଭାବି ଭାବି ମଧ୍ୟ ଆହୁରି ଅଧିକ ଦୁଃଖି ହୁଏ। ମାନବ ନିଜର ବାସନା ଗୁଡ଼ିକର କାରଣରୁ ମାନସିକ ଅଶାନ୍ତି ଭୋଗିଥାଏ ଏବଂ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ମାନବକୁ ସ୍ୱତନ୍ତ୍ରତା ଦିଆଯାଇଛି । ସେ ସ୍ୱତନ୍ତ୍ରତାର ଦୂରୁପୋଯୋଗ କରି ଯାହାଇଚ୍ଛା ତାହା କରିଯାଉଛନ୍ତି। ନିଜର କାମନା, ବାସନାକୁ ମେ[ାଇବାକୁ ଯାଇ ବିଧି ନିସିଦ୍ଧ କର୍ମ କରି ଦୁଃଖ ଭୋଗ କରୁଛି।

ପଶୁମାନଙ୍କ ମଧ୍ୟରେ ଚେତନାର ସ୍ତର ମନୁଷ୍ୟମାନଙ୍କ ପରି ନୁହେଁ ଯାହାକି ପଛ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପଶୁମାନଙ୍କର ସମୂହ ଜୀବାତ୍ମା ଅଟେ ଏବଂ ମନୁଷ୍ୟର ବ୍ୟକ୍ତିଗତ ଜୀବାତ୍ମା ଅଟେ ଯାହାକି ସମୂହ ଜୀବାତ୍ମାଠାରୁ ଅଧିକ ବିକଶିତ ଏବଂ ଶକ୍ତିଶାଳୀ ଅଟେ। ଏହା ମନୁଷ୍ୟକୁ ଏକ ସ୍ୱତନ୍ତ୍ର ପ୍ରାଣୀ କରି ଗଢ଼ିଛି କିନ୍ତୁ ପଶୁ ଆମପରି ଏତେ

ସ୍ୱତନ୍ତ୍ର କି ବିକଶିତ ନୁହେଁ । ତଥାପି ମନୁଷ୍ୟ ଅଧିକ ଦୁଃଖି ଅଟେ । ଜଙ୍ଗଲରେ ରହୁଥିବା ପଶୁପକ୍ଷୀ ଯେ ପ୍ରକୃତି ସାଥିରେ ଜୀବନ ବିତାଉଛନ୍ତି ନା କେବେ ବେମାର ପଡୁଛନ୍ତି ନା ଥଣ୍ଡା, ଗରମରେ ମଣିଷ ପରି ଦୁଃଖି ହେଉଛନ୍ତି । ତା'ର କାରଣ ହେଉଛି ପଶୁ ପ୍ରାକୃତିକ ବିକାଶ ପ୍ରବାହ ସହିତ ଚଲୁଛି, ମନୁଷ୍ୟ ଏକ ସ୍ୱତନ୍ତ୍ର ପ୍ରାଣୀ ହୋଇଥିବାରୁ ସେ ତା'ର ସ୍ୱତନ୍ତ୍ରତାର ଦୁରୁପୋଯୋଗ କରୁଅଛି । ସ୍ୱତନ୍ତ୍ରତା ତାକୁ ଏଇଥି ପାଇଁ ଦିଆଯାଇଛି ସେ ଏକ ଉନ୍ନତ ପ୍ରାଣୀ ଅଟେ ଏବଂ ବିକାଶ କ୍ରମରେ ପ୍ରଗତି ଆଣିପାରେ । କିଛି ବ୍ୟକ୍ତି ଯିଏକି ସତ୍ୟ ଆଚରଣ କରି ଆପଣା ସ୍ୱତନ୍ତ୍ରତାର ସଦୁପଯୋଗ କରନ୍ତି, ଅଧିକ ସନ୍ତୁଷ୍ଟ ଏବଂ ଶାନ୍ତ ଦେଖାଯାଆନ୍ତି । ଆଉ କେତେ ମନୁଷ୍ୟ ବିକାଶର ଗତିକୁ ଏତେ ବଢ଼ାଇ ଦିଅନ୍ତି ଯାହାଦ୍ୱାରା କି ମହାତ୍ମା ପଦ ପ୍ରାପ୍ତ ହୁଅନ୍ତି । ଏଣୁ ଦୁଃଖର ମୂଳକାରଣ ତୃଷ୍ଣା ବା ବାସନା ଅଟେ ଯାହାକି ଅଜ୍ଞାନତାରୁ ଜନ୍ମ ନେଇଛି । ବ□ମାନ ଏହି ପ୍ରଶ୍ନ ଉଠୁଛି କି ଯଦି ଜୀବାତ୍ମା ପରମାତ୍ମାଙ୍କ ପରି ସର୍ବଗୁଣ ସଂପନ୍ନ ଅଟନ୍ତି ତାହାହେଲେ ଏହି ଅଜ୍ଞାନତା ଅପୂର୍ଣ୍ଣତା କେଉଁଠି ରହିଲା ?

ଏହା ସତ୍ୟ ଅଟେ ଯେ ଜୀବାତ୍ମା ଶରୀରରେ ଅଛନ୍ତି, ଚେତନାର କେନ୍ଦ୍ର ଅଟନ୍ତି ଏବଂ ଏହି କେନ୍ଦ୍ର ମୋନାଡ଼ର ହିଁ ଫୋକସ୍ ଅଟେ ଏବଂ ଆତ୍ମା, ପରମାତ୍ମାଙ୍କର ସ୍ୱରୂପ ହିଁ ଅଟେ । କିନ୍ତୁ – ଶରୀର ସଂପର୍କରେ ଆସିବା ପରେ ତାଠାରେ ଦୁଇଟି ସୀମା ଆରୋପିତ ହୋଇଯାଏ ।

୧. ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ଶରୀର ସଂପର୍କରେ ରହିବା କାରଣରୁ ଆତ୍ମାଙ୍କୁ ଏହି ଭ୍ରମ ହୋଇଯାଏ କି ସେ ହିଁ ଶରୀର ଅଟନ୍ତି । ଶରୀର ସୀମିତ ଏବଂ ଅଲଗା ଅଲଗା ଅଟନ୍ତି ଏଣୁ ଜୀବାତ୍ମା ଭ୍ରମ ହୁଏକି ସେ ଅନ୍ୟ ଜୀବାତ୍ମାଙ୍କଠାରୁ ଅଲଗା ଅଟନ୍ତି ଏବଂ ସୀମା ଏବଂ ବନ୍ଧନରେ ବାନ୍ଧି ହୋଇଯାନ୍ତି । ଶରୀର ଦ୍ୱାରା କ୍ରିୟା ହୁଏ, ଶରୀର କିଛି ଚାହେଁ ସେତେବେଳେ ଜୀବଭାବେ କି ମୁଁ ସବୁ କରୁଛି, ମତେ ଏସବୁ ଦରକାର । ଏହିପରି କର୍ମଜଞ୍ଜାଳରେ ବୁଡ଼ିଯାଏ । ବନ୍ଧନ ଏବଂ କଷ୍ଟ ବଢ଼ିଚାଲେ । ଶରୀରର ଚାହିଦା, ବାସନା ଏବଂ ଅନୁଚିତ ଇଚ୍ଛା, ଜୀବନର ନିଜର ଇଚ୍ଛା ଏବଂ ବାସନା ହୋଇଯାଏ ଏବଂ ଏହାକୁ ପୂରା କରିବାରେ ବନ୍ଧନ ଦୃଢ଼ ହୋଇଯାଏ, ଶରୀରକୁ କଷ୍ଟ ହେଲେ ଲାଗେ ମୋତେ କଷ୍ଟ ହେଉଛି, ଶରୀର ମରିଗଲେ ଲାଗେ ମୁଁ ମରିଯାଉଛି । ଏହା ବଡ଼ ଭ୍ରମ ଅଟେ । ସାଧାରଣ ଜୀବ ନିଜେ

ନିଜକୁ ସ୍ଥୁଳ ଶରୀର ଠାରୁ ଅଲଗା କରିପାରେ ନାହିଁ, ଭାବନାତ୍ମକ ଶରୀର ତଥା ମାନସିକ ଶରୀରଠାରୁ ଅଲଗା କରିବା ବହୁତ କଷ୍ଟ ଅଟେ। ବାସନା ଶରୀରରେ ଭାବଫୁଟି ଉଠେ, ବାସନା ଗଢ଼ିଉଠେ। ମାନସିକ ଶରୀରରେ ତରଙ୍ଗ ପରି ବିଚାର ଉଠିଚାଲେ ଏବଂ ଜୀବ ଏହା ମାନିଚାଲେ କି ମୁଁ ଭାବନା ଏବଂ ବାସନା କରୁଅଛି, ମୁଁ ବିଚାର କରୁଅଛି। ଯଦିଓ "ମୁଁ ନା ସ୍ଥୁଳ ଶରୀର ଅଟେ, ନା ବାସନା ଏବଂ ମାନସ ଶରୀର ଅଟେ। ମୁଁ ଚେତନ ତ୍ୱ ଜୀବାତ୍ମା ଅଟେ କିନ୍ତୁ ଶରୀରରେ ଆସି ଏହା ପ୍ରତିତ ହୁଏକି ତାହା ଶରୀର ଅଟେ ଏବଂ ଅନ୍ୟମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ।

ଏହା ସତ୍ୟ ଅଟେ ଯେ ଜୀବନ ବା ଚେତନା ଶକ୍ତି ପୂରା ସୌରମଣ୍ଡଳରେ ପୂରି ରହଛି। ଏହା ମୋର ଏବଂ ତୋର ନୁହେଁ । ସମାନ ଭାବରେ ସମସ୍ତଙ୍କର ଅଟେ। ଏହି ଅନୁଭୂତି ନ ହେବା କାରଣରୁ ଆପଣା ଆପଣା ଭିତରେ ଦ୍ୱେଷ, ବୈରଭାବ, ନିଜ, ପର ଭାବ ଜାଗ୍ରତ ହୋଇଥାଏ। ଏହି ଭାବର ବଶବର୍ତ୍ତୀ ହୋଇ ଯେଉଁ କାମ କରାଯାଏ ତାହା ବନ୍ଧନରେ ପକାଇଥାଏ। କିନ୍ତୁ ନିଷ୍କାମ କର୍ମ ବନ୍ଧନରୁ ମୁକ୍ତ କରାଏ ଏବଂ ଜଣେ ଅନ୍ୟପ୍ରତି ପ୍ରେମ ଏବଂ କରୁଣାରେ ପରିପୂର୍ଣ୍ଣ ହୋଇଯାଏ।

୨. ଯଦି ଜୀବାତ୍ମାକୁ ଏହି ଜ୍ଞାନ ହୋଇଯାଏ କି ଏହା ସାତ ଶରୀରରୁ ଅଲଗା ଅଟେ ଏବଂ ଏହି ଶରୀରଗୁଡ଼ିକ ତା'ର ଯନ୍ତ୍ର ଅଟେ, ସାତଟି ଲୋକରେ କାମ କରିବା ପାଇଁ ମଣିଷକୁ ସାତଟି ଶରୀର ଦିଆଯାଇଛି। ଏହି ଶରୀର ଗୁଡ଼ିକ ଅଶୁଦ୍ଧ ଏବଂ ଅସାମଞ୍ଜସ୍ୟ ହେବା କାରଣରୁ ଜୀବାତ୍ମା ଶରୀର ମାଧ୍ୟମରେ ଲୋକକଲ୍ୟାଣକର କର୍ମ କରିପାରେ ନାହିଁ। ପରନ୍ତୁ ବାସନାରେ ଜଡ଼ିତ ହୋଇ ସ୍ୱାର୍ଥ ପୂର୍ଣ୍ଣ କର୍ମ କରି ଘୋର ଅନ୍ଧକାର ଏବଂ ବନ୍ଧନରେ ପଡ଼େ। ଏହାର ପରିଣାମ ସ୍ୱରୂପ ସେ କଷ୍ଟ ଭୋଗକରେ।

ମାନସିକ ସ୍ତରରେ ଏହା ଜାଣି ମଧ୍ୟ ଏବଂ ବହୁତ ଶାସ୍ତ୍ର ଅଧ୍ୟୟନ କରି ବିଶ୍ୱାସ କରି ସାରିଲା ପରେ ମଧ୍ୟ ଶରୀରରେ ବାସନା ଏବଂ ତୃଷ୍ଣା ବଢ଼ିଚାଲେ ଏହି କାରଣରୁ ଜୀବକୁ କଷ୍ଟ ଭୋଗିବାକୁ ପଡ଼େ। ଏହି ବିଷୟ ଜାଲରୁ ବାହାରି ଆସିବା ପାଇଁ ଏକ ଉଚିତ୍ ଜୀବନ ଏବଂ ବିଚାର ପଦ୍ଧତି ତଥା ସାଧନାର ଆବଶ୍ୟକ ହୁଏ। ଶରୀରଗୁଡ଼ିକର ଶୁଦ୍ଧିକରଣ ଏବଂ ପବିତ୍ରୀକରଣର ଆବଶ୍ୟକତା ରହିଛି। ପୁସ୍ତକୀୟ ଜ୍ଞାନଠାରୁ ନିଜର ବିଚାର

ବା ନୈତିକ ବୁଦ୍ଧିର ଅଧିକ ଆବଶ୍ୟକ ଅଟେ । ଜୀବାତ୍ମା ଶରୀରଗୁଡ଼ିକର ବାସନାରେ ଏବଂ ମାୟାଜାଲରେ ପଡ଼ିଯାଇ ନିଜର ବାସ୍ତବିକ ସ୍ୱରୂପରେ ରହିପାରନ୍ତି ନାହିଁ । ଏହାଙ୍କର ସବୁଗୁଣ, ଜ୍ଞାନ ଏବଂ ଶକ୍ତି ସୁପ୍ତ ଅବସ୍ଥାରେ ରହିଯାଏ । ଏହା ସବୁ ଅଜ୍ଞାନ, ଅନ୍ଧକାର ଏବଂ ଅପୂର୍ଣ୍ଣତାର କାରଣ ହୋଇଥାଏ । ଏହା ଜାଣିବା ବହୁତ ଆବଶ୍ୟକ ଅଟେ । ପ୍ରଜ୍ଞାବାହାରୁ ଆସିପାରେ ନାହିଁ । ଶାସ୍ତ୍ରପଢ଼ି, ପ୍ରବଚନ ଶୁଣି କେବଳ ପ୍ରେରଣା ମିଳିଥାଏ କିନ୍ତୁ ତାଙ୍କର ଚିନ୍ତନ, ମନନ, ନିଧିଧ୍ୟାସ ଏବଂ ଗୁଣକୁ ଆତ୍ମସାତ୍ କରିପାରିଲେ, ଧ୍ୟାନ, ସାଧନା କଲେ, ତଥା ନିଷ୍କାମ ସେବା ଏବଂ ଭକ୍ତି ଆଦିରେ ପ୍ରଜ୍ଞା, ଅନ୍ତରରୁ ଜାଗ୍ରତ ହୁଏ । ଯେଉଁ ସଦ୍‌ଜ୍ଞାନ ଅନୁଭୂତି ମାଧ୍ୟମରେ ମିଳିଥାଏ ତାହା ସମସ୍ତ ଅନ୍ଧକାର, ବନ୍ଧନ, ସୀମା, ଅପୂର୍ଣ୍ଣତା ଏବଂ କଷ୍ଟକୁ ଭସ୍ମ କରିଦିଏ । ସାଧନା ଏବଂ ଆତ୍ମାନୁଭୂତି ବିଷୟରେ ପର ଅଧ୍ୟାୟରେ ବିଶଦ ଭାବରେ ବର୍ଣ୍ଣନା କରାଯାଇଛି ।

❖ ❖ ❖

## ଚତୁର୍ଥ ଅଧ୍ୟାୟ

# ସୌରମଣ୍ଡଳର ଈଶ୍ୱର ଏବଂ ସପ୍ତଲୋକ

ଆମର ସୌରମଣ୍ଡଳ ଯାହା କୋଟି କୋଟି କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଅଛି ତା' ଭିତରେ ବହୁତ ଗ୍ରହ ଉପଗ୍ରହ ରହିଅଛନ୍ତି। ଆଧୁନିକ ବିଜ୍ଞାନ କେବଳ କିଛି ସ୍ଥୁଳ ଗ୍ରହମାନଙ୍କ ବିଷୟରେ ଜାଣିପାରିଅଛି। ପ୍ରଥମେ ନଅଟି ଗ୍ରହ ବିଷୟରେ ଜାଣିପାରିଥିଲେ କିନ୍ତୁ ବର୍ତ୍ତମାନ ଆଉ କେତେକ ଗ୍ରହ, ଉପଗ୍ରହ, ତଥା ଛାୟାର ସଂଖ୍ୟା ବଢ଼ିଚାଲିଛି। ଅନ୍ୟ କେତେକ ଗ୍ରହ ବିଷୟରେ ସେମାନେ ଜାଣିପାରିଛନ୍ତି ଯାହାକି ସ୍ଥୁଳ ପଦାର୍ଥରେ ନ ହୋଇ ସୂକ୍ଷ୍ମ ତତ୍ତ୍ୱରେ ଗଢ଼ା ହୋଇଛନ୍ତି, ସେହି ସୂକ୍ଷ୍ମ ତତ୍ତ୍ୱ କ'ଣ ? ଏହା କେଉଁପରି ପଦାର୍ଥ ବା ଶକ୍ତି ଅଟେ। ଭୌତିକ ବିଜ୍ଞାନ ଏହାକୁ ଜାଣବାକୁ ପ୍ରୟାସ କରିଚାଲିଛି। ତାହାକୁ ସେମାନେ (Black Whole) ବ୍ଲାକ ହୋଲ୍‌ର ନାମ ଦେଇଛନ୍ତି। କିନ୍ତୁ ଅଧ୍ୟାତ୍ମବିଜ୍ଞାନ ଆମକୁ ଏ କଥା କହିଛନ୍ତି ଯେ ସ୍ଥୁଳଗ୍ରହ ଗୁଡ଼ିକ ଛଡ଼ା ଅନ୍ୟ କେତେ ଗ୍ରହ ଅଛନ୍ତି ଯାହାକି ସୂକ୍ଷ୍ମ ଏବଂ ଅତି ସୂକ୍ଷ୍ମ ପଦାର୍ଥରେ ଗଠିତ ଯାହାକୁ ଭୌତିକ ବିଜ୍ଞାନ ଏପର୍ଯ୍ୟନ୍ତ ଜାଣି ପାରୁନାହିଁ। ସୂକ୍ଷ୍ମ ପଦାର୍ଥରେ ଗଠିତ, ଗ୍ରହରେ ସୂକ୍ଷ୍ମଶରୀରରେ ଥିବା ଜୀବ ରହନ୍ତି ଯାହାକୁ ଭୌତିକ ବିଜ୍ଞାନ ମାନିବାକୁ ପ୍ରସ୍ତୁତ ନୁହେଁ। ଏବେ ଗ୍ରହମାଳାରେ ଯେଉଁ ସାତଟି ଗ୍ରହ ରହିଅଛି ସେଥିରୁ କେବଳ ତିନୋଟି ଗ୍ରହ ସ୍ଥୁଳ ପଦାର୍ଥରେ ଗଠିତ ଯଥା ପୃଥିବୀ, ମଙ୍ଗଳ ଏବଂ ବୁଧ ଗ୍ରହ। ଅନ୍ୟ ଚାରୋଟି ଗ୍ରହ ସୂକ୍ଷ୍ମ ପଦାର୍ଥରେ ଗଠିତ ଯାହାକି ଦେଖାଯାଏ ନାହିଁ। ଏହିପରି ସାତଟି ଗ୍ରହମାଳା ରହିଅଛି। ପ୍ରତ୍ୟେକ ଗ୍ରହମାଳାରେ ସାତଟି ଗ୍ରହ ରହିଛନ୍ତି। ସାତଟି ଗ୍ରହମାଳାକୁ ନେଇ ଏକ ବିକାଶ ଯୋଜନା ହୁଏ। ଏହିପରି ସାତଟି ବିକାଶ ଯୋଜନା ଆମରି ସୌରମଣ୍ଡଳରେ ରହିଅଛି। ଏହିପରି ଶହ ଶହ କୋଟି ଗ୍ରହ ଏବଂ ଉପଗ୍ରହ ଅଛନ୍ତି। ଏହି ପୃଥିବୀ ପୃଷ୍ଠରେ ଆଧୁନିକ ଭୌତିକ ବୈଜ୍ଞାନିକ ମାନଙ୍କ ବ୍ୟତିତ ଜୀବନମୁକ୍ତ ମହାତ୍ମା ମଧ୍ୟ ରହିଅଛନ୍ତି ଯେଉଁମାନେ ଅଧ୍ୟାତ୍ମିକ ବିଜ୍ଞାନ ଦ୍ୱାରା ଭୌତିକ ବିଜ୍ଞାନ ବିଷୟରେ ଅଧିକ ଜାଣିପାରିଛନ୍ତି। ଉଦାହରଣ ସ୍ୱରୂପ - ଭୌତିକ ବିଜ୍ଞାନ ବିଂଶ ଶତାବ୍ଦୀରେ ପ୍ରମାଣ କଲା ଯେ ଚନ୍ଦ୍ର ଉପଗ୍ରହରେ ଜୀବନ ନାହିଁ। କିନ୍ତୁ ଏହି କଥା ଉନବିଂଶ ଶତାବ୍ଦୀରେ ଜଣେ ମହାତ୍ମା ଇଂଲଣ୍ଡର ମିଷ୍ଟର ସିନେଟ୍‌ଙ୍କୁ ଚିଠି ଦ୍ୱାରା ଏ କଥା ଲେଖି ଜଣାଇଥିଲେ କି ଚନ୍ଦ୍ର

ଗ୍ରହମାଳାଠାରୁ ଜୀବନ ତରଙ୍ଗ ପୃଥିବୀ ଗ୍ରହମାଳକୁ ଲକ୍ଷ ଲକ୍ଷ ବର୍ଷ ତଳେ ଆସିଥିଲା।   କିନ୍ତୁ ବ□ମାନ ଚନ୍ଦ୍ରମାରେ କୌଣସି ଜୀବନ ନାହିଁ। ଏହି ମହାତ୍ମାମାନଙ୍କର ଚିଠି ଯାହା ଉନବିଂଶ ଶତାବ୍ଦୀରେ ଲେଖାଯାଇଥିଲା ତାହା ଆଜି ମଧ୍ୟ ପ୍ରସିଦ୍ଧ ବ୍ରିଟିଶ୍ ମ୍ୟୁଜିଅମ୍‌ରେ ସୁରକ୍ଷିତ ରଖାଯାଇଛି। ସେହି ମହାତ୍ମାମାନଙ୍କ ପାଖରେ କୌଣସି ରକେଟ ନଥିଲା ଯାହାକି ଅନ୍ତରୀକ୍ଷକୁ ଉଡ଼ିଯାଇ ସବୁ ଦେଖି ଖବର ଦେଉଥିଲା। ଆଧ୍ୟାତ୍ମବିଜ୍ଞାନରେ  ଏପରି ହୁଏ ସ୍ଥୁଳ ଶରୀର ଏହିଠାରେ ରହିଯାଏ ଏବଂ ସୂକ୍ଷ୍ମ ଶରୀର ଦ୍ୱାରା ଜୀବାତ୍ମା ପୁରା ସୌରମଣ୍ଡଳରେ ବିଚରଣ କରି ବା ଏହିଠାରେ ବସି ଆହୁରି ଉଚ୍ଚ ଲୋକ ବିଷୟରେ ଜାଣିପାରେ। ଆମର ସ୍ଥୁଳ ଶରୀରରେ ମଧ୍ୟ ଏପରି ଗ୍ରନ୍ଥି ସବୁ ଅଛି ତଥା ପିନିୟଲ ଗ୍ଲାଣ୍ଡ ଏବଂ ପିଚ୍ୟୁଟାରୀ ଗ୍ଲାଣ୍ଡ ଯାହାର ମାଧ୍ୟମରେ ସୂକ୍ଷ୍ମତରଙ୍ଗ ଦ୍ୱାରା ଅନ୍ୟ ଲୋକର ସୂଚନା ପ୍ରାପ୍ତ କରିହୁଏ ଏବଂ ସୂଚନା ମଧ୍ୟ ପଠାଇ ଦିଆଯାଏ। ଆଧୁନିକ ବିଜ୍ଞାନ ବିଚାର ତରଙ୍ଗ ଏବଂ ବିଚାରଶକ୍ତି ବିଷୟରେ ବ□ମାନ ପୁରାପୁରି ଜାଣିପାରିନାହିଁ। କିଛି ବୈଜ୍ଞାନିକ ଅବଶ୍ୟ 'ଟେଲିପାଥି' ବିଷୟରେ କୁହନ୍ତି। ବ□ମାନ ଭୌତିକ ବିଜ୍ଞାନର ବହୁତ କିଛି ଜାଣିବାକୁ ବାକି ଅଛି। ବହୁତ ନୂଆ ନୂଆ ଆବିଷ୍କାର ହେଉଅଛି ଏବଂ ସୂକ୍ଷ୍ମ ତରଙ୍ଗ ଗୁଡ଼ିକୁ "ଇ[ରନେଟ୍ କମ୍ପ୍ୟୁଟର" ଫୋକସ୍ ତଥା ଇଲୋକ୍‌ଟ୍ରୋନିକ୍ ମେସିନ୍ ମାଧ୍ୟମରେ ଆମ୍ଭମାନଙ୍କୁ ସୂଚନା ମିଳୁଛି।

ଆମର ପୃଥିବୀ ପୃଷ୍ଠକୁ ଜୀବନ ଆସିବା ପୂର୍ବରୁ ମଙ୍ଗଳ ଗ୍ରହରେ ଜୀବନ ଥିଲା । ମଙ୍ଗଳ ଗ୍ରହକୁ ଜୀବନ ଆସିବା ପୂର୍ବରୁ ପୃଥିବୀ ଗ୍ରହମାଳାରେ ସୂକ୍ଷ୍ମ ପଦାର୍ଥରେ ନିର୍ମିତ ଗ୍ରହରେ ସୂକ୍ଷ୍ମ ଶରୀରରେ ପ୍ରାଣୀ ରହୁଥିଲେ। ଆମ ପୃଥିବୀରେ ଥିବା ମାନବ ଜାତିର ପ୍ରଥମ ମୂଳଜାତିର ଯେଉଁ ମଣିଷ ଶରୀର ଥିଲା ତାହା ଆଜିର ମଣିଷ ଶରୀର ପରି ନଥିଲା।

ଆମର ସୌରମଣ୍ଡଳର ଅଧିଷ୍ଠାତାଙ୍କୁ ଈଶ୍ୱର, ଭଗବାନ, ପରମାତ୍ମା, ଖୁଦା, ଗଡ଼ ଏବଂ ସୋଲାର ଲୋଗସ୍ ଆଦି ଭିନ୍ନ ଭିନ୍ନ ନାମରେ ଡାକନ୍ତି। ସୌରମଣ୍ଡଳ ଈଶ୍ୱରଙ୍କ କାର୍ଯ୍ୟ କ୍ଷେତ୍ର ସୌରମଣ୍ଡଳ ପରିଧି ମଧ୍ୟରେ ସୀମିତ। ଆମର ସୌରମଣ୍ଡଳ ବାହାରେ ଅନ୍ୟ ସୌରମଣ୍ଡଳର ଈଶ୍ୱରଙ୍କ କ୍ଷେତ୍ର ଆରମ୍ଭ ହୋଇଯାଏ। ସୌରମଣ୍ଡଳରେ ସାତଟି ଲୋକ ଅଛି। ହିନ୍ଦୁ ଧର୍ମରେ ଏହାକୁ - ଭୂଲୋକ, ଭୂବଲୋକ, ସ୍ୱର୍ଗଲୋକ, ମହଲୋକ, ଜନଲୋକ, ତପଲୋକ ଏବଂ ସତ୍ୟଲୋକ କହନ୍ତି। ଇସ୍‌ଲାମ୍‌ରେ ଏହି ସାତଲୋକୁ

ସାତ ଆକାଶ ନାମ ଦିଆଯାଇଛି। ଥିଓସଫିରେ (ବ୍ରହ୍ମବିଦ୍ୟା) ଏହାକୁ ସ୍ଥୂଳ, ବାସନାମୟ, ମନୋମୟ, ବୌଦ୍ଧିକ, ଆତ୍ମିକ, ଅନୁପାଦକ ତଥା ଆଦି ନାମ ଦିଆଯାଇଅଛି। ମନୋମୟ ଲୋକକୁ ଦୁଇଭାଗରେ ବ□ାଯାଇଅଚି, ଉଚ୍ଚ ମନୋମୟ ତଥା ନିମ୍ନ ମନୋମୟ (ଲୋୟର ମେ□ାଲ୍ ତଥା ହାୟର ମେ□ାଲ୍ପ୍ଲେନ)। ପ୍ରତ୍ୟେକ ଲୋକକୁ ସାତଟି ଉପଲୋକରେ ବିଭକ୍ତ କରାଯାଇଅଛି। ଉଚ୍ଚତର ଲୋକର ପଦାର୍ଥ ସୂକ୍ଷ୍ମ□ମ ଅଟେ ଏବଂ ସ୍ଥୂଳଲୋକର ନିମ୍ନତମ ଜଗତର ପଦାର୍ଥ ସ୍ଥୂଳ□ମ ଅଟେ। ଏହା ଭଲଭାବରେ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ମାନବର ସାତଶରୀର ସ୍ଥୁଳ ଶରୀରରୁ ଆତ୍ମିକ ଶରୀର ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଲୋକର ପଦାର୍ଥରେ ଗଠିତ । ଶରୀର ଯେଉଁ ଲୋକର ପଦାର୍ଥରେ ଗଠିତ ହୁଏ ସେହି ଲୋକରେ ହିଁ ସେ କାର୍ଯ୍ୟକରେ। ଏହାକୁ ଭଲ ଭାବରେ ପର ଅଧ୍ୟାୟ "ମାନବ ଏବଂ ତା'ର ସାତ ଶରୀର"ରେ ବର୍ଣ୍ଣନା କରାଯାଇଛି।

ସୌରମଣ୍ଡଳ ଇଶ୍ୱରଙ୍କର ଚେତନା, ସାରା ସୌରମଣ୍ଡଳର ଲୋକ ଉପଲୋକରେ ବ୍ୟାପି ରହିଅଛି। ସୌରମଣ୍ଡଳର କୌଣସି ଲୋକରେ ବା କୌଣସି ଗ୍ରହରେ ଯାହାକିଛି ଘଟେ ତାହା ସୌରମଣ୍ଡଳର ଇଶ୍ୱରଙ୍କ ଆଜ୍ଞାଅନୁସାରେ ବା ନିୟନ୍ତ୍ରଣରେ ହୁଏ। ପ୍ରତ୍ୟେକ ଗ୍ରହରେ ଯେଉଁଠି ଜୀବନ ସୃଷ୍ଟି ହେବାର କାର୍ଯ୍ୟ ଆରମ୍ଭ ହୁଏ ସେଇଠି ତାଙ୍କର କୌଣସି ନା କୌଣସି ପ୍ରତିନିଧି ରୂପରେ କେହି ନା କେହି ଉଚ୍ଚ କୋଟିର ମହାତ୍ମା ବା ଦେବଗଣ କାର୍ଯ୍ୟର ଦେଖାଶୁଣା କରନ୍ତି।

ବ୍ୟକ୍ତ ଜଗତରେ ଅସଂଖ୍ୟ ସୌରମଣ୍ଡଳ ଏକ ହିଁ ପରଂବ୍ରହ୍ମଙ୍କର ଅଭିବ୍ୟକ୍ତି ଅଟେ। ପ୍ରତ୍ୟେକ ସୌରମଣ୍ଡଳ ଏକ ସ୍ୱତନ୍ତ୍ର ଏକକ ହେଲେ ମଧ୍ୟ ସର୍ବଦା ଅବ୍ୟକ୍ତ ସ□ାରେ ସ୍ଥିତ ରହନ୍ତି।

ପ୍ରତ୍ୟେକ ସୌରମଣ୍ଡଳ ଏକ ପୂର୍ଣ୍ଣ, ସୁବ୍ୟବସ୍ଥିତ ଅଂଶ ଅଟେ, ଯାହାର ସଂଚାଳନ ପ୍ରକୃତିର ଅପରିବ□ନୀୟ ନିୟମ ଅନୁସାରେ ହୋଇଥାଏ, ଦୃଶ୍ୟ ଏବଂ ଅଦୃଶ୍ୟ ଗ୍ରହମାଳା ସହିତ ସଂପୂର୍ଣ୍ଣ ସୌରମଣ୍ଡଳ ଜୀବନ ବିକାଶର ଏକ ବିଶାଳ କ୍ଷେତ୍ର ଅଟେ। ଏଠାରେ ବିଭିନ୍ନ ସ୍ତରରେ ତଥା ଅଗଣିତ ରୂପରେ ଜୀବନ ଅଧିକରୁ ଅଧିକ ପୂର୍ଣ୍ଣତା ଲାଗି ବିକଶିତ ହୋଇଚାଲିଛି।

❖ ❖ ❖

## ପଂଚମ ଅଧ୍ୟାୟ

# ମନୁଷ୍ୟ ଓ ତା'ର ସାତ ଶରୀର

ବାସ୍ତବରେ ମନୁଷ୍ୟ ଶରୀର ନୁହେଁ ବରଂ ଚୈତନ୍ୟ ସ□ା ବା ଆତ୍ମା ଅଟେ ଯାହାକି ଶରୀର ମାଧ୍ୟମରେ ବ୍ୟକ୍ତ ହୁଏ ଆତ୍ମାରୂପୀ କିରଣ, ସୂର୍ଯ୍ୟକିରଣ ଭଳି ପୁରା ସୂର୍ଯ୍ୟମଣ୍ଡଳରେ ବ୍ୟାପ୍ତ ପରମାତ୍ମାରୂପୀ ଅତି ବ୍ୟାପକ ଚେତନାର ଅଙ୍ଗ ଅଟେ। ଏହା ଅଲଗା ହୋଇଯାଇଥିବା କିଛି ଅଂଶ ନୁହେଁ ବା ଜ୍ୟୋତିପୁଞ୍ଜରୁ ଅଲଗା ହୋଇଥିବା ଅଗ୍ନିକଣା ନୁହେଁ ବା ସମୁଦ୍ରରୁ ଅଲଗା ହୋଇଯାଇଥିବା ବିନ୍ଦୁ ଭଳି ନୁହେଁ। ଆତ୍ମାର ବ୍ୟାପକତା ଓ ପରମାତ୍ମାଙ୍କ ସହ ଏକତାକୁ ବୁଝିପାରିବା କଷ୍ଟସାଧ୍ୟ। କେବଳ ପଢ଼ିଲେ ଏ ରହସ୍ୟକୁ ବୁଝିହୁଏନା। ଚିନ୍ତନ, ମନନ, ଧ୍ୟାନ ଓ ସମାଧି ଦ୍ୱାରା ହିଁ ଏହି ରହସ୍ୟ ଉପଲବ୍ଧ କରିହୁଏ । କିଛିମାତ୍ରାରେ ମାନସିକ ସ୍ତରରେ ଏହାକୁ ବୁଝିବା ପାଇଁ ଚେଷ୍ଟା କରାଯାଇପାରେ। ପ୍ରେରଣା ଓ ଜିଜ୍ଞାସା ସୃଷ୍ଟି କରିବା ପାଇଁ ଏହି ପୁସ୍ତକଟି ଲେଖାଯାଇଛି।

ସୂର୍ଯ୍ୟରୂପୀ ପରମାତ୍ମାଙ୍କର ଆତ୍ମାରୂପୀ ଅସଂଖ୍ୟକିରଣ ସୂର୍ଯ୍ୟମଣ୍ଡଳରେ ବ୍ୟାପ୍ତ। ଏହା କେନ୍ଦ୍ରରେ ପରମାତ୍ମାଙ୍କ ସହ ଏକ ମାତ୍ର ପରିଧିରେ ଅଲଗା ହୋଇଥିବା ଭଳି ପ୍ରତୀତ ହୁଏ, ବସ୍ତୁତଃ ଅଲଗା ନୁହେଁ। ହାତର ଅଙ୍ଗୁଳି ହାତଠାରୁ ଅଲଗା ମନେହେଲେ ମଧ୍ୟ ହାତର ଅଙ୍ଗ ଓ ସବୁ ଆଙ୍ଗୁଳିରେ ଗୋଟିଏ ପ୍ରାଣର ଧାରା ବହୁଥାଏ। ଠିକ୍ ସେହି ପ୍ରକାର ମନୁଷ୍ୟମାନଙ୍କର ଶରୀରରେ ଜୀବାତ୍ମା ଭିନ୍ନଭିନ୍ନ ପ୍ରତୀତ ହୋଇ ମଧ୍ୟ ଗୋଟିଏ ଚୈତନ୍ୟ, ପରମାତ୍ମାଙ୍କ ଅଙ୍ଗ ଓ ଏକମାତ୍ର ଅଟେ। ସମସ୍ତଙ୍କର ଭିନ୍ନ-ଭିନ୍ନ ହେବାର ଭ୍ରମ ହିଁ ସବୁଠାରୁ ବଡ଼ ଧୋକା ଅଟେ ଓ ସବୁ ସମସ୍ୟାର ମୂଳ କାରଣ ଅଟେ। ଅଲଗା ହେବାର ଭ୍ରମ ହିଁ ପରସ୍ପର ପ୍ରତି ହିଂସା, ଦ୍ୱେଷ ଓ ସ୍ୱାର୍ଥର କାରଣ, ତେଣୁ ଏ ଭ୍ରମକୁ ହିଁ ଦୂର କରିବା କଥା। ଏହି ଅଜ୍ଞାନରୁ ମୁକ୍ତି ପାଇବା ମନୁଷ୍ୟର ଉଦ୍ଦେଶ୍ୟ। ତେବେ ଯାଇ ସବୁ ସମସ୍ୟାରୁ ମୁକ୍ତି ଓ ପରମ ଆନନ୍ଦର ସ୍ଥିତି ଆସି ପାରିବ। ଏଇ କଥା ପୁସ୍ତକର ପର ଅଧ୍ୟାୟରେ ବୁଝାଯାଇଛି।

ଆତ୍ମା, ମନୁଷ୍ୟର ସାତଟି ଶରୀର ମାଧ୍ୟମରେ ପ୍ରକଟ ହୋଇଥାଏ। ଏହି ଆତ୍ମା ଯେତେବେଳେ ମନୁଷ୍ୟର ଶରୀରରେ କେନ୍ଦ୍ରିତ ହୁଏ ଓ

ଶରୀରକୁ ଜୀବନ ପ୍ରଦାନ କରେ, ସେତେବେଳେ ତାକୁ ଜୀବାତ୍ମା କୁହାଯାଏ।

ମନୁଷ୍ୟର ସାତ ଶରୀର ସମ୍ବନ୍ଧରେ ନିମ୍ନରେ ଜାଣିବା।

## ୧. ଆତ୍ମିକ ଶରୀର (ହିରଣ୍ମୟ କୋଷ) (Spiritual body)

ମନୁଷ୍ୟର ଏହି ଶରୀର ଅଧିକ ଉପଯୋଗୀ ଓ ଉଚ୍ଚକୋଟୀର। ଏହା ଆତ୍ମିକ ଲୋକର ପଦାର୍ଥର ପରମାଣୁ ଦ୍ୱାରା ଗଠିତ। ଆତ୍ମିକ ଲୋକର ପରମାଣୁ ଭୂଲୋକର ପରମାଣୁଠାରୁ ହଜାର ଭାଗ ଛୋଟ। ଭୂଲୋକର ପଦାର୍ଥର ପରମାଣୁ ଏତେ ଛୋଟ ଯେ ଆଖିରେ ଦେଖି ହୁଏନାହିଁ। ସେ ଦୃଷ୍ଟିରୁ ଆତ୍ମିକ ଲୋକର ପଦାର୍ଥର ପରମାଣୁ କେତେ ଛୋଟ ଏହା ଅନୁମାନ କରିବା କଠିନ। ଆତ୍ମିକ ଶରୀର ଏତେ ସୂକ୍ଷ୍ମ ହେବାର ଅର୍ଥ, ଅତି ସୂକ୍ଷ୍ମ କେନ୍ଦ୍ରରୁ ହିଁ ଜୀବାତ୍ମା ବ୍ୟକ୍ତ ହୁଏ। ଏହି ଶରୀରକୁ କିଛି ଆଧ୍ୟାତ୍ମିକ ବୈଜ୍ଞାନିକ ଶରୀର ବୋଲି ମାନନ୍ତି ନାହିଁ। କାମମୟ କୋଷ (ବାସନା ଶରୀର)କୁ ମଧ୍ୟ ମନୋମୟ କୋଷରୁ ଅଲଗା ମାନନ୍ତି ନାହିଁ ସେଥିପାଇଁ ବେଦାନ୍ତରେ କେବଳ ପା*ଟି କୋଷର ବର୍ଣ୍ଣନା ହୋଇଛି।

ମନୁଷ୍ୟର ଆତ୍ମିକ ଶରୀର ଏତେ ପରିଷ୍କାର ଓ ପାରଦର୍ଶୀ ଯେ ଚୈତନ୍ୟ ଜୀବାତ୍ମାରେ ବ୍ୟକ୍ତ ହେବାରେ କିଛି ବାଧା ବା ଅସମର୍ଥ ହୁଏ ନାହିଁ। ଜୀବାତ୍ମାରୂପକ ଚେତନାର କେନ୍ଦ୍ର ଏକ ବ୍ୟକ୍ତିଗତ ଚେତନାର କେନ୍ଦ୍ର ଭାବରେ ମନୁଷ୍ୟର ବ୍ୟକ୍ତିଗତ ଶରୀର ସହିତ ସମ୍ପର୍କ ରଖିଥାଏ ଓ ସୌରମଣ୍ଡଳର ସମୂହ ଚେତନାର ସହିତ ବ୍ୟାପକତାର ଅନୁଭୂତି ମଧ୍ୟ କରିଥାଏ। ଏ ପ୍ରକାର ଅନୁଭୂତି ଗଭୀର ଧ୍ୟାନଦ୍ୱାର ବା ସମାଧି ଦ୍ୱାରା ହିଁ ମିଳିଥାଏ। ଏ ସ୍ତରରେ ଜୀବାତ୍ମା ଓ ବ୍ୟକ୍ତିଗତ ଜୀବନ ପରସ୍ପରଠାରୁ ଯେ ଭିନ୍ନ ଏ ଭ୍ରମ ହୁଏ ନାହିଁ। ଜୀବନର ଏକତାର ଅନୁଭୂତି ଏହି ସ୍ତରରେ ହୋଇଥାଏ। ଏ ଅନୁଭୂତି ହେବା ପରେ ଚେତନା ନିମ୍ନ ଶରୀର ମାନଙ୍କରେ କେନ୍ଦ୍ରିତ ହେଲେ ମଧ୍ୟ ଏକତାର ଆଭାସ ସେହିପରି ରହିଥାଏ। ମହାତ୍ମାମାନେ ଏହି ଏକତାର ଭାବରେ ରହନ୍ତି ତେଣୁ ସମସ୍ତଙ୍କର କଲ୍ୟାଣ କରିଥାନ୍ତି।

## ୨. ବୌଦ୍ଧିକ ଶରୀର (ଆନନ୍ଦମୟ କୋଷ) (Intutional body)

ଏହି ଶରୀର ବୌଦ୍ଧିକ ଲୋକର ପଦାର୍ଥ ଦ୍ୱାରା ତିଆରି ଓ ଏହାର ଆକାର ଆଙ୍ଗୁଠି ଭଳି ହୋଇଥାଏ। ଏହି ଶରୀରର ପଦାର୍ଥ ଚମକ୍‌ଦାର ଓ ଅତି ସୂକ୍ଷ୍ମ ହୋଇଥିବା ହେତୁ ଜୀବାତ୍ମା ଯିଏ ଏହି ସ୍ତରରେ ବୁଦ୍ଧି ରୂପରେ ବ୍ୟକ୍ତ ହୋଇଥାନ୍ତି, ଜୀବନର ଏକତାର ଆଭାସ ବଜାୟ ରଖିଥାନ୍ତି। ଏହି ସ୍ତରରେ ବୁଦ୍ଧି ପ୍ରେମ ଓ ପ୍ରଜ୍ଞା ରୂପରେ ବ୍ୟକ୍ତ ହୋଇଥାଏ, ଧ୍ୟାନରେ ଯେତେବେଳେ ବ୍ୟକ୍ତିଗତ ଚେତନା ବୌଦ୍ଧିକ ଶରୀରରେ କେନ୍ଦ୍ରିତ ହୋଇଥାଏ ସେତେବେଳ ଏକତାର ଆଭାସ ହୁଏ ଓ ପ୍ରତ୍ୟେକ ପ୍ରାଣୀ ପାଇଁ ପ୍ରେମ ଓ କରୁଣାର ସ୍ରୋତ ବୋହିଥାଏ। ଏହାର ତଳ ସ୍ତରରେ ଅର୍ଥାତ୍ ମାନସିକ ସ୍ତରରେ ଜୀବନର ଏକତା କେବଳ ଅନୁମାନ କରିହୁଏ। ଏଥିପାଇଁ ଦୈନନ୍ଦିନ ଜୀବନରେ ପ୍ରେମ ଓ ଭଲଭାବ ସ୍ୱାଭାବିକ ହୋଇନଥାଏ। ଆତ୍ମାର ସ୍ୱଭାବିକ ଗୁଣ ସବୁ ଯଥା ସତ୍ୟ, ପ୍ରେମ, ପ୍ରଜ୍ଞା, କରୁଣା, ସେବା, ସହାୟତା ଆଦି ବୌଦ୍ଧିକ ଶରୀରରେ ପ୍ରକାଶିତ ହୁଏ। ବୁଦ୍ଧି ଓ ବୌଦ୍ଧିକ ବିକାଶ ପାଇଁ ଉଚ୍ଚକୋଟୀର ସଂକଳ୍ପ ଶକ୍ତି, ପ୍ରେମ, ନିଃସ୍ୱାର୍ଥପରତା ଏବଂ ମନ ଓ ଭାବନାରେ ପବିତ୍ରତା ଆବଶ୍ୟକ। ଯଦି ଆମେ ଉଚ୍ଚ ଆତ୍ମିକ କ୍ଷେତ୍ରର କମ୍ପନ ଆମର ନିମ୍ନ କୋଷଗୁଡ଼ିକରେ ଆଣିବାକୁ ଚାହିଁବା ତେବେ ଆମର ସମସ୍ତ ଦୁର୍ବଳ ଭାଗଗୁଡ଼ିକର ପରୀକ୍ଷା ହୋଇଯିବା ଦରକାର ଏବଂ ସେଗୁଡ଼ିକୁ ଯଥା ସଂଭବ ଶକ୍ତିଶାଳୀ କରିନେବା ଦରକାର। ନଚେତ୍ ଜୀବନର କ୍ଷୟ ଓ ଫଳ ସ୍ୱରୂପ ଜୀବାତ୍ମାର ପ୍ରଗତିରେ ବହୁ ସମୟ ଧରି ଗତିରୋଧ ହୋଇଥାଏ। ପ୍ରତ୍ୟେକ ପ୍ରାଣୀ ପାଇଁ ପ୍ରେମ ଓ କରୁଣା ଦ୍ୱାରା ବୁଦ୍ଧି ଓ ବୌଦ୍ଧିକ ଶରୀରର ଶୀଘ୍ର ବିକାଶ ହୋଇଥାଏ। ଗାୟତ୍ରୀ ମନ୍ତ୍ର ଭାବନା ଓ ଅର୍ଥ ସହିତ ଜପ କିରବା ଦ୍ୱାରା ବ୍ରହ୍ମତ୍ୱ ଲାଭ ହୋଇଥାଏ। କାରଣ ପ୍ରଥମତଃ ଏହା ପୂର୍ଣ୍ଣରୂପରେ ଯାନ୍ତ୍ରିକ ଓ ଦ୍ୱିତୀୟତଃ ଏହା ଆମ ଚେତନା ସହ ସମ୍ବନ୍ଧିତ।

ଯେତେବେଳେ ଚେତନା ବୌଦ୍ଧିକ ଶରୀରରେ କେନ୍ଦ୍ରିତ ହୁଏ, ପ୍ରଜ୍ଞା ଜାଗି ଉଠେ। ପ୍ରଜ୍ଞାମୂଳତଃ ସବୁ ତଥ୍ୟମାନଙ୍କୁ ଉଚିତ୍ ପରିପ୍ରେକ୍ଷୀ ଓ ଉଚିତ୍ ମହ□ୱରେ ଦେଖିବାର କ୍ଷମତା ଅଟେ। ତଥ୍ୟଗୁଡ଼ିକ ଯେତେ ଠିକ୍ ହୋଇଥାଉନା କାହିଁକି ସେ ସବୁକୁ ବୁଝିବା ପାଇଁ ବୁଦ୍ଧିର ପ୍ରକାଶ ହେବା ଦରକାର । କାରଣ ବୁଦ୍ଧି ତଥ୍ୟସବୁର ମହ□ୱକୁ ଠିକ୍ ଭାବରେ ବୁଝାଇ

ନଦେଲେ ତଥ୍ୟ ଭରା ମନ ସେସବୁକୁ ବୁଝି ପାରେ ନାହିଁ। ଆଧୁନିକ ବିଜ୍ଞାନର ପ୍ରଗତି, ବିଶେଷ କରି ପରମାଣୁ ବୋମା ଓ ଜୈବିକ ଅସ୍ତ୍ରଗୁଡ଼ିକର ଉଭାବନ, ମନ ସାଙ୍ଗେ ସାଙ୍ଗେ ଓ ବୁଦ୍ଧିର ବିକାଶର ଅଭାବକୁ ସ୍ପଷ୍ଟ କରି ଦେଇଛି। ବୁଦ୍ଧି ହିଁ ଜ୍ଞାନକୁ ପ୍ରଜ୍ଞା ରୂପେ ପ୍ରକାଶିତ କରେ।

ତଥ୍ୟଗୁଡ଼ିକର ମହ□୍ୱ ଏକ ନୂଆ ସମ୍ବନ୍ଧ ଦ୍ୱାରା ପୂର୍ଣ୍ଣ ରୂପରେ ବଦଳି ଯାଇ ନୂଆ ରୂପ ନିଏ। ଉଦାହରଣ ସ୍ୱରୂପ – ଯଦି ପିଲାଦିନୁ ହଜିଯାଇଥିବା ପିଲାଟି ଅନ୍ୟ କାହା ଘରେ ଲାଳନ ପାଳନ ହୋଇଥାଏ ଓ ବଡ଼ହୋଇ ଅଜ୍ଞାତରେ ନିଜ ପିତାଙ୍କ ଗୃହରେ ଚାକର ରୂପରେ ଥାଏ, ପିତା ମଧ୍ୟ ତାକୁ ଚାକର ପରି ବ୍ୟବହାର ଦେଖାଇଥାନ୍ତି। ଯେଉଁଦିନ ଏହି ଚାକରଟି ତାଙ୍କର ହଜିଯାଇଥିବା ପିଲା ବୋଲି ଜାଣି ପାରନ୍ତି, ସେହି ମୁହୂ□ରୁ ତାଙ୍କର (ପିତା) ସ୍ୱଭାବରେ ପରିବ□ନ ହୁଏ। ଏହି ପରି ଭାବରେ ତଥ୍ୟ ରୂପାନ୍ତରୀତ ହୋଇ ତା'ର ମହତ୍ୱ ବଦଳିଥାଏ। ସେଥିପାଇଁ ସିଦ୍ଧାନ୍ତ ଓ ସ୍ୱଭାବକୁ ସୁଧାରିବାରେ ଶିକ୍ଷା ଆବଶ୍ୟକ ହୁଏ ନାହିଁ। ସେହିପରି ବୌଦ୍ଧିକ ସ୍ତରରେ ଆତ୍ମା ଓ ପରମାତ୍ମାର ସମ୍ବନ୍ଧ ତଥା ମନୁଷ୍ୟ ମନୁଷ୍ୟ ମଧ୍ୟରେ ଥିବା ସମ୍ବନ୍ଧ ସ୍ପଷ୍ଟ ହୋଇଗଲେ ଭଲ ସ୍ୱଭାବ, ପ୍ରେମ, କରୁଣା, ନିଃସ୍ୱାର୍ଥପରତା ଭଳି ସଦ୍‌ଗୁଣ ଆପେ ଆପେ ସ୍ୱତଃ ଆସିଥାଏ।

ଜଣେ ବିଦ୍ୱାନ୍ ବ୍ୟକ୍ତିଙ୍କର ଜ୍ଞାନ କେବଳ ମାନସିକ ତଥ୍ୟ ଉପରେ ଆଧାରିତ ହୋଇଥାଏ । ସେଥିପାଇଁ ତାଙ୍କର କଥା ଓ କାର୍ଯ୍ୟ ମଧ୍ୟରେ ପାର୍ଥକ୍ୟ ଥାଏ । କିନ୍ତୁ ଯେଉଁ ବ୍ୟକ୍ତିର ପ୍ରଜ୍ଞାଜାତ ହୋଇଥାଏ ଓ ସେ ବୁଦ୍ଧିଦ୍ୱାରା ସତ୍ୟାନୁଭୂତି କରିଥାଏ ତା'ର ଏଭଳି ସ୍ୱଭାବ ହୋଇନଥାଏ। କାରଣ ସେ ଜାଣିଥାଏ ଯେ ଆନ୍ତରିକ ଜୀବନ ସହିତ ସମ୍ବନ୍ଧିତ ଏହି ସତ୍ୟ ହିଁ ବାସ୍ତବିକତା। ଯେଉଁ ବ୍ୟକ୍ତି ପ୍ରଜ୍ଞାଦ୍ୱାରା ଜାଣିଯାଏ ଯେ ଅଧର୍ମ ହେଉଛି ଦୁଃଖ ଓ ପତନର କାରଣ। ସେ ଅଧର୍ମଠାରୁ ନିଜକୁ ଦୂରେଇ ରଖେ। ଠିକ୍ ଯେପରି ଜଣେ ସାଧାରଣ ଲୋକ ନିଜକୁ ବିଷଠାରୁ ଦୂରେଇ ରଖିଥାଏ। କାରଣ ସେ ଜାଣିଥାଏ ବିଷ ହିଁ ତା'ର ମୃତ୍ୟୁର କାରଣ। ପ୍ରଜ୍ଞା ଦ୍ୱାରା ଅନିବାର୍ଯ୍ୟ କାର୍ଯ୍ୟ ସାଧିତ ହୋଇଥାଏ। ଏହା କରିବା ପାଇଁ କିଛି ପଶ୍ଚାତାପ ବା ପଛଘୁ*। ନଥାଏ। ଯଦିଓ ସେ କାର୍ଯ୍ୟ ଦ୍ୱାରା ସେ ସମୟରେ କ୍ଷତି, ଅସୁବିଧା ବା ଦୁଃଖ ହୋଇଥାଏ। କାରଣ ତା'ର ଦୃଢ଼ବିଶ୍ୱାସ ଯେ ଯାହା ସତ୍ୟ ତାହା ପ୍ରଥମେ ବିଷତୁଲ୍ୟ ହେଲେ ମଧ୍ୟ ପରିଣାମରେ ଅମୃତ ପରି

ହୋଇଥାଏ। ଆଶଙ୍କା, ଅନିଶ୍ଚିତତା କର୍ମ କରିବାରେ ବାଧକ ହୋଇଥାନ୍ତି କିନ୍ତୁ ଏ କ୍ଷେତ୍ରରେ ଏମାନଙ୍କର ଅସ୍ତିତ୍ୱ ହିଁ ନଥାଏ। ବୌଦ୍ଧିକ ଲୋକରେ ସବୁକିଛି ପ୍ରତ୍ୟକ୍ଷ ଭାବରେ ଘଟେ। ଆଶଙ୍କା କେବଳ ମାନସିକ ସ୍ତରରେ ହିଁ କାର୍ଯ୍ୟ କରେ। ଯଦି ଆମେ ଯାହା କରିବାକୁ ଚାହୁଁ ତାହା କରି ନ ପାରୁ ବା କରିବାକୁ ପଛାଉ ତେବେ ଜଣାଯିବ ଯେ ଆମ ମନରେ ଆଶଙ୍କା ନିଶ୍ଚିନ୍ତ ଛପି ରହିଛି ହୁଏତ ସେ ଆଶଙ୍କାକୁ ଚିହ୍ନି ପାରିନୁ। ଏହା ସଂକଳ୍ପ ଶକ୍ତିର ପ୍ରଶ୍ନ ନୁହେଁ। ଉଚିତ ଓ ସ୍ପଷ୍ଟ ପ୍ରତ୍ୟକ୍ଷ ଦର୍ଶନର କଥା। ଯଦି କୌଣସି ଖାଦ୍ୟ ବିଷାକ୍ତ ବୋଲି ଆମେ ଜାଣୁ ତେବେ ଆମେ ତାହା ଖାଉନାହିଁ। ଏହା କରିବା ପାଇଁ ସଂକଳ୍ପ ଶକ୍ତି ପରିଶ୍ରମ ବା ଅଭ୍ୟାସରେ ଆବଶ୍ୟକତା ନଥାଏ। ଯେଉଁ ଗଛର ଶାଖାରେ ଆମେ ବସିଛେ ସେହି ଶାଖାଟିକୁ କାଟିଲାବେଳେ ଯଦି ଆମେ ଜାଣୁ ଯେ ଶାଖାଟି ସହିତ ଆମେ ମଧ୍ୟ ତଳେ ପଡ଼ିଯିବା ସେତେବେଳେ ଆମେ ନିଜର ସ୍ଥିତି ବଦଳାଇଥାଉ। ସେଥିପାଇଁ ସଂକଳ୍ପ ଶକ୍ତି ବା କଠିନ ଅଭ୍ୟାସର ଆବଶ୍ୟକତା ନଥାଏ। ସାଧାରଣ ଲୋକଟିଏ ପ୍ରତ୍ୟକ୍ଷ ଦର୍ଶନ ନମିଳିଲା ପର୍ଯ୍ୟନ୍ତ ଉଚିତ୍ କାର୍ଯ୍ୟଟି କରିନଥାଏ। ଏଣୁ ଆମ ଜୀବନରେ ପ୍ରଜ୍ଞାର ଆବଶ୍ୟକତା ଅଛି ଓ ଏହା ସମ୍ଭବ ହେବ ଯେତେବେଳେ ଧ୍ୟାନ ଓ ସାଧନ ଦ୍ୱାରା ଆମର ଚେତନାର କେନ୍ଦ୍ର ବୌଦ୍ଧିକ ଶରୀରରେ କେନ୍ଦ୍ରୀତ ହେବ।

**କାରଣ ଶରୀର (ଉଚ୍ଚମନୋମୟ କୋଷ ବା ବିଜ୍ଞାନମୟ କୋଷ)**

କାରଣ ଶରୀର ମାନସଲୋକର ତିନୋଟି ଉଚ୍ଚ ଉପଖଣ୍ଡର ପଦାର୍ଥ ଦ୍ୱାରା ଗଠିତ। ଆତ୍ମା-ବୁଦ୍ଧି-ମାନସ ଦ୍ୱାରା କାର୍ଯ୍ୟ କରୁଥିବା ଏହି କୋଷ ଜୀବାତ୍ମାର ବାହ୍ୟତମ କୋଷ ଅଟେ। ମନୁଷ୍ୟ ବର୍ଗରେ ପ୍ରବେଶ କରିବା ପରେ ବ୍ୟକ୍ତିକରଣ ସମୟରେ ପ୍ରଥମେ ଏହାର ନିର୍ମାଣ ହୋଇଥାଏ ଓ ପଶୁର ସମୂହ-ଜୀବାତ୍ମାରେ ପରମାତ୍ମାଙ୍କର ପ୍ରଥମ ସ୍ତରର ଚେତନାର କିରଣ ପ୍ରବେଶ କରିଥାଏ। ଜୀବାତ୍ମା ଗୋଟିକ ପରେ ଗୋଟିଏ ଜନ୍ମ ନିଏ ଓ ଅନେକ ଅନୁଭବ ଲାଭ କରେ। ପ୍ରାରମ୍ଭରେ କାରଣ ଶରୀରର ପ୍ରଭାମଣ୍ଡଳ ଅଣ୍ଡାକୃତିର ଓ ରଂଗହୀନ ଦେଖାଯାଏ। ଧୀରେଧୀରେ ଏହାର ବିକାଶ ଘଟେ ଓ ଜୀବାତ୍ମାର ଶକ୍ତିଗୁଡ଼ିକ ସୁପ୍ତ ଅବସ୍ଥାରୁ କ୍ରିୟାଶୀଳ ହୋଇ କାର୍ଯ୍ୟ କରନ୍ତି। ଏଥିରେ ରଙ୍ଗ ଓ ଆଲୋକର ପ୍ରକାଶ ହୋଇଥାଏ। ସିଦ୍ଧ ପୁରୁଷଙ୍କର କାରଣ ଶରୀର ଆକାରରେ ବହୁତ୍ ବଡ଼ ହୋଇଥାଏ ଓ

କଳ୍ପନାତୀତ ସୌନ୍ଦର୍ଯ୍ୟ ଓ ବିଭିନ୍ନ ରଙ୍ଗ ଦ୍ୱାରା ଏହା ଚମକି ଉଠେ ଯେପରି ପ୍ରେମର ଗୋଲାପି ରଂଗ, ଭକ୍ତିର ହାଲୁକା ନୀଳ ରଂଗ ଓ ପ୍ରଜ୍ଞାର ହଳଦିଆ ରଂଗ।

**କାରଣ ଶରୀର, ଅମୃତ ବିଚାରର କୋଷ ରୂପରେ କାର୍ଯ୍ୟ କରେ।**

କାରଣ ଶରୀରରେ ଜୀବାତ୍ମାର ଗୁଣ, ବୀଜ ଆକାରରେ ଥାଏ ଓ ଧୀରେ ଧୀରେ ବିକାଶ ଘଟି ଏହା ପ୍ରକଟିତ ହୁଏ। ଆମେ ଅନ୍ୟମାନଙ୍କଠାରେ ଯେଉଁ ଖରାପ ଗୁଣ ଦେଖୁ ତାହା ବାସ୍ତବିକ ତାହାର ନୁହେଁ ବରଂ ଏହା ସେମାନଙ୍କର କାରଣ ଶରୀରରେ ଏହି ଖରାପଗୁଣଗୁଡ଼ିକର ବିପରୀତ ଗୁଣର ବିକାଶ ନ ଘଟିବା ହେତୁ ହୋଇଥାଏ। ଏହି ଭାବରେ ଅନ୍ୟମାନଙ୍କୁ ଦେଖିବା ଦ୍ୱାରା ସେମାନଙ୍କର ଚରିତ୍ରର ଦୁର୍ବଳତା ଓ ସଦ୍‌ଗୁଣର ଅଭାବ ପ୍ରତି ଆମର ଉଦାର ମନୋଭାବ ଜାତ ହେବ। ଆମେ ସେମାନଙ୍କୁ ଖରାପ ବା ପାପୀ ବୋଲି ନ ଭାବି ବରଂ ଏହା ମାନି ନେବା ଯେ ସେମାନଙ୍କର ସମ୍ପୂର୍ଣ୍ଣ ବିକାଶ ହୋଇନାହିଁ। ଆମ ସମସ୍ତଙ୍କୁ ସମ୍ପୂର୍ଣ୍ଣ ବିକଶିତ ହେବାକୁ ପଡ଼ିବ। ଏଣୁ ସହାନୁଭୂତି ଓ ସହାୟତା ଦୃଷ୍ଟିକୋଣ ଆପଣେଇବା ଯୁକ୍ତି ସଂଗତ ହେବ। ଜୀବାତ୍ମା ଓ ଏହି ୩ଟି ଉଚ୍ଚ ଶରୀର ମିଶି ଆମ ବ୍ୟକ୍ତିତ୍ୱ ତିଆରି ହୁଏ। ମନୁଷ୍ୟ ଛଡ଼ା ଗଛଲତା ବା ପଶୁମାନଙ୍କର ଏ ୩ଟି ଶରୀର ନଥାଏ। ଏ ୩ଟି ଶରୀର ମୋକ୍ଷପ୍ରାପ୍ତି ହେବା ପର୍ଯ୍ୟନ୍ତ ସ୍ଥାୟୀ ହୋଇଥାନ୍ତି ଓ ନିମ୍ନ ୪ଟି ଶରୀର ପ୍ରତି ଜନ୍ମରେ ଆମକୁ ନୂଆ ମିଳିଥାଏ। ନିମ୍ନଶରୀର ମାନଙ୍କଦ୍ୱାରା ଯାହା ଅନୁଭୂତ ହୁଏ ତା'ର ସାରାଂଶ ଏହି ଉଚ୍ଚ ଶରୀରମାନଙ୍କରେ ବିଶେଷ କରି କାରଣ ଶରୀରରେ ହିଁ ରହିଥାଏ। ଯେପରି ଋତୁ ବଦଳିଲେ ନୂଆ ପତ୍ରଫୁଲ ଫଳ ଗଛରେ ଆସିଥାଏ କିନ୍ତୁ ଗଛର ଗଣ୍ଡି ଓ ଶାଖା ସେହିପରି ସ୍ଥାୟୀ ଥାଏ ଓ ବଢୁଥାଏ।

**"ମନୁଷ୍ୟର ୪ଟି ନିମ୍ନଶରୀର ବିଷୟରେ ଜାଣିବା**

**୧. ସ୍ଥୂଳ ଶରୀର (ଅନ୍ନମୟ କୋଷ)** – ଏହି ଶରୀର ଭୂଲୋକର ପଦାର୍ଥ ଦ୍ୱାରା ଗଠିତ। ଏହା ଆମକୁ ମାତାପିତାଙ୍କଠାରୁ ମିଳିଥାଏ। ଏହି ଶରୀର ଜୀବାତ୍ମାର କାର୍ଯ୍ୟ କରିବା ପାଇଁ ଏବଂ ଭୌତିକ ଜଗତରୁ ଅନୁଭବ ଲାଭ କରିବା ପାଇଁ ମିଳିଥାଏ। ଏହି ଶରୀର ଯେତେ ଶୁଦ୍ଧ ଓ ସମ୍ବେଦନଶୀଳ ହେବ ଜୀବାତ୍ମାର କାର୍ଯ୍ୟ ଲାଗି ସେତେ ଉପଯୋଗୀ ହେବ। ବାସ୍ତବରେ

ସ୍ଥୂଳ ଶରୀର ମନୁଷ୍ୟଠାରୁ ଭିନ୍ନ ଏକ ଯନ୍ତ୍ର ଅଟେ। ଏହା ଆଧୁନିକ ଔଦ୍ୟୋଗିକ ଯନ୍ତ୍ରମାନଙ୍କଠାରୁ ମଧ୍ୟ ଅଧିକ ଜଟିଳ ଓ କଠିନ କାର୍ଯ୍ୟ କରିବା ପାଇଁ ଏକ ସମ୍ବେଦନଶୀଳ ଜୀବିତ ଯନ୍ତ୍ର। ଏହା ମଟରଗାଡ଼ି ଭଳି ନୁହେଁ ବରଂ ଜୀବିତ ଘୋଡ଼ା ରୂପକ ଜୀବାତ୍ମାର ଏକ ବାହାନ। ବିଧାତା କେତେ ଅଦ୍ଭୁତ ଏହି ଜୀବିତ ଯନ୍ତ୍ରଟିକୁ ତିଆରି କରିଛନ୍ତି ଯାହା ଚବିଶ ଘ[। ଅନବରତ ବର୍ଷ ବର୍ଷ ଧରି କାର୍ଯ୍ୟ କରିଆସୁଛି। ହୃଦୟ ଗୋଟେ ଦିନରେ ଲକ୍ଷାଧିକ ଥର ଶରୀରରେ ସ୍ପନ୍ଦିତ ହେଉଥାଏ ଓ ବର୍ଷ ବର୍ଷ ଧରି କାର୍ଯ୍ୟ କରିଥାଏ। ଏଭଳି ଏକ ଯନ୍ତ୍ର ନିର୍ମାଣ କରିବା ଆଧୁନିକ ବୈଜ୍ଞାନିକଙ୍କର କ୍ଷମତାର ବାହାରେ। କିଛି ମନୁଷ୍ୟ ଅନିୟମିତ ଖାଦ୍ୟ ପାନୀୟ, ମାନସିକ ଚାପ ତଥା ଅନିୟମିତ କାର୍ଯ୍ୟକଳାପ ଦ୍ୱାରା ଏଇ ସୁନ୍ଦର ଜୀବିତ ଯନ୍ତ୍ରଟିକୁ ରୁଗ୍‌ଣ କରିଦିଅନ୍ତି। ଏହି ଶରୀରର ପ୍ରତ୍ୟେକ ଅଂଶ ଯଥା ଧମନୀ, ଶୀରା, ଗ୍ରନ୍ଥୀ, ରକ୍ତ, ହାଡ଼, ମାଂସପେଶୀ ଆଦି ଅଂଗଗୁଡ଼ିକୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ। ଶରୀରରେ ଏଭଳି ବହୁତ ଗ୍ରନ୍ଥୀ ଅଛନ୍ତି ଯାହା ମାଧ୍ୟମରେ ଅନ୍ୟଲୋକରୁ ସ୍ପନ୍ଦନ ଗ୍ରହଣ କରାଯାଇପାରେ। ମସ୍ତିସ୍କରେ ଥିବା ଜୀବକୋଷ ଗୁଡ଼ିକର ସଂଖ୍ୟା ଏତେ ଅଧିକ ଯେ ଦୁନିଆର ସବୁ ପୁସ୍ତକ ଓ ସୂଚନାକୁ ଗଛିତ କରାଯାଇପାରେ। ଆମ ମସ୍ତିକର ଖୁବ୍ ଛୋଟ ଅଂଶ କ୍ରିୟାଶୀଳ। ଯଦି ପୁରା ମସ୍ତିସ୍କ କ୍ରିୟାଶୀଳ ହୋଇଯାଏ ତେବେ କେତେ ଚମତ୍କାର କାର୍ଯ୍ୟ କରାଯାଇ ପାରନ୍ତା। ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କମ୍ପ୍ୟୁଟରଠାରୁ ମଧ୍ୟ ଶୀଘ୍ର ହିସାବନିକାସ କରିପାରନ୍ତି। ମନୁଷ୍ୟର ମେରୁଦଣ୍ଡରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି ସୁରକ୍ଷା ଦୃଷ୍ଟିରୁ ରହିଥାନ୍ତି। ଏହିଠାରେ ପ୍ରାଣଶକ୍ତି ପ୍ରବାହିତ ହୁଏ। ସୁଷୁମ୍ନା ନାଡ଼ିରେ ଗୋଟିଏ ରହସ୍ୟମୟୀ ଶକ୍ତି (କୁଣ୍ଡଳିନୀ) ବହୁଥାଏ ଯାହା ଜାଗ୍ରତ ହେଲେ ଶକ୍ତି ଚକ୍ରମାନଙ୍କୁ ଅନୁପ୍ରାଣିତ କରେ ଓ ସାଧକ ଭୂବଲୋକ ସହିତ ସମ୍ପର୍କ ରଖିବାରେ ସମର୍ଥ ହୁଅନ୍ତି। ଶିଷ୍ୟତ୍ୱ ପଥର ଅନ୍ତିମ ସେପାନରେ ଏ ଅଭ୍ୟାସ କରି ଆତ୍ମବୋଧ ପ୍ରାପ୍ତ ହୁଏ। ନୂଆ ସାଧକ ଏହାର ଅଭ୍ୟାସ କରିବାକୁ ଚେଷ୍ଟା ନ କଲେ ଭଲ କାରଣ ଏହା ସ୍ଥୁଳଶରୀର ପାଇଁ ବିପଦ୍‌ଜନକ।

ସ୍ଥୂଳଶରୀର ଉପରେ ମନୁଷ୍ୟର ନିୟନ୍ତ୍ରଣ ରଖିବା ପାଇଁ ଏହାକୁ ଶୁଦ୍ଧ କରିବା ଦରକାର, ତାହାହେଲେ ଉଚ୍ଚ ସ୍ପନ୍ଦନକୁ ଗ୍ରହଣ କରାଯାଇପାରିବ।

ଯାହା କିଛି ଆମେ ଖାଉ ଓ ପିଉ, ସେଥିରେ ଆମର ସ୍ଥୁଳଶରୀର ନିର୍ମାଣ କରାଯାଏ। ଏହା ସ୍ୱାଭାବିକ ଯେ ଆମ ଶରୀରର ଖୁଣ ଆହାରର ଗୁଣ ଉପରେ ନିର୍ଭର କରେ। ସାତ୍ତ୍ୱିକ ଆହାର ଦ୍ୱାରା ଶରୀର, ଭାବନା ଓ ମନ ସାତ୍ତ୍ୱିକ ହୋଇଥାଏ। କିନ୍ତୁ କିଛି ଲୋକଙ୍କର ଆଧ୍ୟାତ୍ମିକତା କେବଳ ଏହି ଖାଦ୍ୟପାନୀୟ ପର୍ଯ୍ୟନ୍ତ ହିଁ ସୀମିତ। କେବଳ ସ୍ଥୁଳ ଶରୀରରୁ ଆଧ୍ୟାତ୍ମିକତା ଆସିନଥାଏ। ଉଦାହରଣ ସ୍ୱରୂପ ବାଦ୍ୟଯନ୍ତ୍ରଟି ଭଲଥିଲେ ଭଲ ସଙ୍ଗୀତ ଉତ୍ପନ୍ନ ହୁଏନାହିଁ ବରଂ ଯନ୍ତ୍ରଟିକୁ ବଜାଉଥିବା ଲୋକକୁ ନିୟମ ପାଳନ କରି ବଜେଇବା ଦରକାର ହୋଇଥାଏ। ପରିଶୁଦ୍ଧି ଶରୀରରେ ପଦାର୍ଥର ସ୍ୱରୂପ ସହିତ ସମ୍ମିଳିତ କିନ୍ତୁ ସମ୍ବେଦନଶୀଳତାର ସମ୍ବନ୍ଧ କମ୍ପନ ଗ୍ରହଣ କରିବାର କ୍ଷମତା ସହିତ ହୋଇଥାଏ। ଉଦାହରଣ ସ୍ୱରୂପ ବୀଣାରେ ଯଦି ଲୁହା ତମ୍ବା ବା ପ୍ଲାଟିନମ୍‌ର ତା'ର ଲଗାଯାଏ ତେବେ ସେଥିରୁ ବିଭିନ୍ନ ପ୍ରକାରର ଧ୍ୱନି ଉତ୍ପନ୍ନ ହେବ। କିନ୍ତୁ ସ୍ୱର ନିର୍ଭର କରିଥାଏ ତାର ବନ୍ଧା ହେବା ଉପରେ। କାରଣ ଜୋର୍‌ଦେଇ ବା ଢିଲା ହୋଇ ବନ୍ଧା ହୋଇଥିବା ତାର ହିଁ ସ୍ୱରକୁ ନିୟନ୍ତ୍ରଣ କରିଥାଏ। ଶରୀରରେ ସ୍ନାୟୁମଣ୍ଡଳର ସମ୍ବେଦନଶୀଳ ଧ୍ୟାନରୁ ପ୍ରାପ୍ତ ହୋଇଥାଏ, ସେଥିପାଇଁ ମନର ତୀବ୍ର ଏକାଗ୍ରତା ଓ ଜୀବାତ୍ମାର ଉତ୍କୃଷ୍ଟ ଆକାଂକ୍ଷା ଆବଶ୍ୟକ।

**୨. ପ୍ରାଣମୟ କୋଷ** – ଏହି ଶରୀର ଭୂଲୋକର ଉପରଖଣ୍ଡର ପଦାର୍ଥ ଦ୍ୱାରା ନିର୍ମିତ ଓ ଏହା ସ୍ଥୁଳଶରୀର ଭିତରେ ୧/୨ଇ*ରୁ ୧/୪ ଇ* ପର୍ଯ୍ୟନ୍ତ ସ୍ଥୁଳଶରୀର ଆକାର ଅନୁସାରେ ବାହାରକୁ ରହିଥାଏ। ଏହା ସୂର୍ଯ୍ୟଙ୍କଠାରୁ ପ୍ରାଣଶକ୍ତି ସଂଗ୍ରହ କରେ ଓ ସ୍ଥୁଳଶରୀରକୁ ଜୀବିତ ରଖିଥାଏ। ମୃତ୍ୟୁ ସମୟରେ ଏହା ସ୍ଥୁଳଶରୀରଠାରୁ ଅଲଗା ହୋଇଥାଏ। ଅପରେସନ୍ କରିବା ସମୟରେ ଔଷଧ ଦେଇ ବା ଇଞ୍ଜେକ୍‌ସନ୍ ଦେଇ ଏହି ଶରୀରର କିଛି ଅଂଶକୁ ସ୍ଥୁଳଶରୀରଠାରୁ ଅଲଗା କରାଯାଇଥାଏ ଯାହାଦ୍ୱାରା ସେହି ଅଂଶକୁ କାଟିଲେ କଷ୍ଟ ହୋଇନଥାଏ। ଏହି ଶରୀରରେ ସାତଟି ଶକ୍ତି ଚକ୍ର ଥାଏ ଯଥାକ୍ରମେ ମୂଳାଧାର ଚକ୍ର, ସ୍ୱାଧିଷ୍ଠାନ ଚକ୍ର, ମଣିପୁରଚକ୍ର, ଅନାହତ ଚକ୍ର, ବିଶୁଦ୍ଧ ଚକ୍ର, ଆଜ୍ଞାଚକ୍ର ତଥା ସହସ୍ରାର ଚକ୍ର। ମେରୁଦଣ୍ଡରେ ଥିବା ସୁଷୁମ୍ନା ନାଡ଼ୀ ସହିତ ଏହି ଚକ୍ରମାନଙ୍କର ସମ୍ବନ୍ଧ ଥାଏ। ଧ୍ୟାନ ସମୟରେ ପ୍ରାଣ ସୁଷୁମ୍ନା ନାଡ଼ୀରେ ପ୍ରବେଶ କରି କୁଣ୍ଡଳନୀ ଶକ୍ତିକୁ ଜାଗ୍ରତ କରାଏ। କୁଣ୍ଡଳନୀ ଶକ୍ତି ସମସ୍ତ ଚକ୍ରକୁ ଜାଗ୍ରତ କରାଇ ତଳୁ ଉପର ପର୍ଯ୍ୟନ୍ତ ଯାଇ

ସହସ୍ରାର ଚକ୍ରରେ ପହଂଥାଏ। ଏସବୁ ଚକ୍ର ଜାଗ୍ରତ ହେବା ଯୋଗୁଁ ବହୁତ୍ ଚମତ୍କାରୀ ଶକ୍ତି ଓ ସିଦ୍ଧିପ୍ରାପ୍ତ ହୁଏ। ଏହି ଶରୀରର ଶୁଦ୍ଧତା ଓ ପବିତ୍ରତା ପାଇଁ ସୂର୍ଯ୍ୟଙ୍କ ପ୍ରକାଶ ଓ ଶୁଦ୍ଧ ବାୟୁ ସେବନ କରିବା, ସିଗାରେଟ୍ ଓ ଅନ୍ୟ ମାଦକ ପଦାର୍ଥର ସେବନ ନ କରିବା ଆବଶ୍ୟକ।

**୩. କାମମୟ କୋଷ (ବାସନା ଶରୀର/ଭାବନାତ୍ମକ ଶରୀର)** – ଏହି ଶରୀର ଭୂବଲୋକର ପଦାର୍ଥ ଦ୍ୱାରା ଗଠିତ। ଏହି ଶରୀର ଓ ମନୋମୟ କୋଷକୁ ମିଳିତ ଭାବରେ କିଛି ଆଧ୍ୟାତ୍ମିକ ବ୍ୟକ୍ତି ସୂକ୍ଷ୍ମ ଶରୀର କହନ୍ତି। ସେମାନେ ମନ ଓ ଭାବନାର ଗୋଟିଏ କେନ୍ଦ୍ର ବୋଲି ମାନିଥା'ନ୍ତି । କିନ୍ତୁ ଥିଓସୋଫିର ମନୀଷିମାନେ ଏହା ସ୍ପଷ୍ଟ ଭାବରେ ଦେଖିଛନ୍ତି ଯେ ମନୋମୟ କୋଷ, ଯେଉଁଥିରୁ ବିଚାର ଭାବ କ୍ରିୟାଶୀଳ ଓ ବାସନା ଶରୀର ଯେଉଁଥିରେ ଭାବନା ଓ ଇଛା କ୍ରିୟାଶୀଳ, ଦୁଇଟି ଅଲଗା ଶରୀର। ବିଚାର ନଥିଲେ ଇଛା ସୃଷ୍ଟି ହୁଏ ନାହିଁ ଓ ବିଚାର ଏବଂ ଇଛା ଦୁହେଁ ମିଶି କାର୍ଯ୍ୟ କରିଥା'ନ୍ତି। ଯେପରି ଆମେ କୌଣସି ବସ୍ତୁକୁ ଦେଖୁ ବା ଚାଖୁ ତେବେ ଇନ୍ଦ୍ରିୟମାନଙ୍କ ମାଧ୍ୟମରେ ଭୌତିକ ଜଗତର କମ୍ପନ ମସ୍ତିସ୍କ ସମ୍ବନ୍ଧିତ କେନ୍ଦ୍ରମାନଙ୍କରେ ପହଂଚେ ଓ ସେ କମ୍ପନ ପ୍ରାଣମୟ କୋଷର ଚକ୍ରମାନଙ୍କ ଦ୍ୱାରା ବାସନା ବା କାମମୟକୋଷ ସମ୍ବନ୍ଧିତ କେନ୍ଦ୍ରମାନଙ୍କରେ ପହଂଚେ। ସେଠାରେ ଏହି କମ୍ପନ ସମ୍ବେଦନର ରୂପ ନିଏ। ସମ୍ବେଦନର ସମସ୍ତ ଅବୟବ ବାସନା ଶରୀରରେ ଥାଏ। ଏଥିପାଇଁ ଭୌତିକ କମ୍ପନକୁ ସମ୍ବେଦନରେ ପରିଣତ କରିବା ଏହି ଶରୀରର ଏକ ପ୍ରାଥମିକ ଓ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ। ଏହାକୁ ବାସନା ଶରୀରର ଜ୍ଞାନେନ୍ଦ୍ରିୟ ବୋଲି ଭାବିବା ଠିକ୍ ନୁହେଁ। ଜ୍ଞାନେନ୍ଦ୍ରିୟର କାର୍ଯ୍ୟ ଓ ଅସାମାନ୍ୟ ଦୃଷ୍ଟି ଓ ଅସାମାନ୍ୟ ଶ୍ରବଣ ଶକ୍ତି ଦ୍ୱାରା ଭୂବଲୋକର କଥା ଜାଣିବା ପାଇଁ ହୋଇଥାଏ। ଭୌତିକ ଜ୍ଞାନେନ୍ଦ୍ରିୟମାନଙ୍କ ସହ ସମ୍ବନ୍ଧ ତଥା ଭୌତିକ କମ୍ପନକୁ ସମ୍ବେଦନରେ ପରିଣତ କରିବାରେ ଏହି କେନ୍ଦ୍ର ଅଲଗା ଓ ସ୍ୱତନ୍ତ୍ର। ବିକାଶ ପ୍ରକ୍ରିୟା ଅନୁସାରେ ସ୍ନାୟୁମଣ୍ଡଳ ସହିତ ଏହା ବହୁତ୍ ପୂର୍ବରୁ ବିକଶିତ ହୋଇଥାଏ।

ବାସନା ଶରୀରର ଏହି ସମ୍ବେଦନ କିଛି କେବଳ ସମ୍ବେଦନ ହୋଇ ରହେ ଓ ମନୋମୟ କୋଷରେ ପ୍ରତିବିମ୍ବିତ ହୋଇ ମନରେ ସାମାନ୍ୟ ଭାବେ ପ୍ରକଟ ହୁଏ। ମାତ୍ର ସମ୍ବେଦନଗୁଡ଼ିକରେ ପ୍ରିୟ ବା ଅପ୍ରିୟ ହେବାର ବିଶେଷ ଗୁଣଥାଏ ଓ ମନରେ ପ୍ରିୟ ବା ଅପ୍ରିୟ ସମ୍ବେଦନ ରୂପରେ ଏହା

ହୋଇଥାଏ। ଏଭଳି ସମ୍ବେଦନକୁ ଭାବନା କୁହାଯାଏ। ସୁଖ ବା ଦୁଃଖ ପ୍ରକଟ ହେବାର ଅବସ୍ଥା ପର୍ଯ୍ୟନ୍ତ ଏହା ସମ୍ବେଦନ ବୋଲି ବୁଝାଯାଏ। ସୁଖର ଅନୁଭବ ପୁଣି ଥରେ କରିବାକୁ ବା ଦୁଃଖରୁ ବଂ୍‌ଚିବାର ଇଚ୍ଛାକୁ ବାସନା କୁହାଯାଏ। ଏହାକୁ ଆମେ କହୁ ଆକର୍ଷଣ ବା ବିକର୍ଷଣ। ଏହା କାମମୟ ଓ ମନୋମୟ ଦୁଇ କୋଷର ସମ୍ବନ୍ଧିତ। ମନୋମୟ କୋଷରେ ସ୍ମୃତି ଏବଂ ପ୍ରତ୍ୟାସା ଯୋଗୁଁ ଇଚ୍ଛାର ଆରମ୍ଭ ହୋଇଥାଏ। କୌଣସି ବସ୍ତୁ ଆମ ଆଖିସାମ୍ନାରେ ଥିଲେ ଯେ କେବଳ ଇଚ୍ଛା ଜାଗ୍ରତ ହୁଏ, ତାହା ନୁହେଁ। ସ୍ମୃତି ମଧ୍ୟ ସମ୍ବେଦନକୁ ଇଚ୍ଛା ଜାଗ୍ରତ କରେଇବାରେ ସକ୍ଷମ କରାଏ। ଭଲ ମିଠେଇଟିଏ ପାଇଥିଲ ତା'ର ସ୍ମୃତି ମନୋମୟ କୋଷରେ ରହିଥାଏ ଓ ମନେ ପଡ଼ିଗଲେ ଖାଇବାକୁ ଇଚ୍ଛା ହୁଏ। ଯଦିଓ ମିଠେଇଟି ସାମ୍‌ନାରେ ନଥାଏ। ବାସ୍ତବରେ କିଛି ସୁନ୍ଦର ଦ୍ରବ୍ୟକୁ ଦେଖିବା ବା ଭଲ ଭାବନା ଆସିବା ଖରାପ ନୁହେଁ କିନ୍ତୁ ସ୍ମୃତି ହେତୁ ପୁଣିଥରେ ତା'ର ସୁଖଦ ଅନୁଭବ ପ୍ରାପ୍ତ କରିବାର ଇଚ୍ଛା ବନ୍ଧନର କାରଣ ହୋଇଥାଏ। ଗୋଟିଏ ଥର ଅନୁଭବ କରି ଯାହା ଶିଖିବାର ଥିଲା ଶିଖିକରି ଆଗକୁ ମାଡ଼ିଚାଲିବା। ଏହିପରି ଚେଷ୍ଟା କରିବା ଉଚିତ। ଯେଉଁ ବ୍ୟକ୍ତି ଏତେ ସମର୍ଥ ଯେ ସୁଖ, ଦୁଃଖ, ପ୍ରିୟ, ଅପ୍ରିୟ, ସୁନ୍ଦର, ଅସୁନ୍ଦର ବିଷୟବସ୍ତୁମାନଙ୍କ ମେଳରେ ରହି ମଧ୍ୟ ପ୍ରଭାବିତ ହୁଏ ନାହିଁ, ସେ ହିଁ ପ୍ରକୃତରେ ବୈରାଗୀ। ବାସନାର ଜାଲରେ ପଡ଼ିବା ଡରରୁ ଦୂରଛଡ଼ା ଦେଉଥିବା ଲୋକ ବୈରାଗୀ ନୁହେଁ। ଯେତେ ପର୍ଯ୍ୟନ୍ତ ବ୍ୟକ୍ତି ସମ୍ପୂର୍ଣ୍ଣ ରୂପେ ବୈରାଗୀ ହୋଇନାହିଁ ସେ ଆକର୍ଷଣ ଦ୍ୱାରା ପ୍ରଭାବିତ ହେଉଥିବା ବାତାବରଣଠାରୁ ଦୂରରେ ରହୁ କିନ୍ତୁ ଆକର୍ଷଣରୁ ଅପ୍ରଭାବିତ ରହିବାର ପାଠ ଶିଖିବା ପାଇଁ ତାକୁ ସେ ବାତାବରଣକୁ ଆସିବାକୁ ପଡ଼ିବ। ଯେପରି ଗାଡିଟିଏ ଚଲେଇ ଶିଖିବାର ପ୍ରଥମାବସ୍ଥାରେ ଜଣକୁ ନିରୋଳା ଜାଗାରେ ଗାଡ଼ି ଚଳେଇବାକୁ ପଡ଼ିଥାଏ କିନ୍ତୁ ପରେ ପରେ ତାକୁ ଭିଡ଼ ଭିତରେ ମଧ୍ୟ ଗାଡ଼ି ଚଳେଇବାକୁ ହୁଏ।

ବାସନା ଓ ଇଚ୍ଛାକୁ ନିୟନ୍ତ୍ରଣ କରିବା ପାଇଁ ଏହିସବୁ ଜ୍ଞାନ ଆବଶ୍ୟକ । ଯେଉଁ ବ୍ୟକ୍ତି ଏଭଳି ଜ୍ଞାନ ବିନା ନିଜର ବାସନାକୁ ଜବରଦସ୍ତ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ ସେ, ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଏ। ଯେପରି ସେନାର ମୁଖ୍ୟ ଭୂଭାଗ, ଶତୃସେନାର ସ୍ଥିତି, ନିଜର ଶକ୍ତି ଓ ଦୁର୍ବଳତାର ଜ୍ଞାନ ବିନା ଶତ୍ରୁର ରାଜ୍ୟ ମଧ୍ୟରେ ପ୍ରବେଶ କରି ଅସୁବିଧାରେ ପଡ଼େ ।

ଆତ୍ମିକ ଲୋକର ସଂକଳ୍ପ ଶକ୍ତି ବସ୍ତୁତଃ ଭୁବଃଲୋକର ବାସନା ବା ଇଚ୍ଛା ରୂପରେ ପ୍ରତିବିମ୍ବିତ ହୁଏ। ଫରକ୍ କେବଳ ଏତିକି ଯେ ସଂକଳ୍ପ ଶକ୍ତି କେବଳ ଜୀବାତ୍ମାର ଶକ୍ତି ଅଟେ ଓ ଏହା ବାହ୍ୟ ବିଷୟ ବସ୍ତୁର ଆକର୍ଷଣ ଓ ବିକର୍ଷଣ ଉପରେ ନିର୍ଭର କରେ ନାହିଁ । ମାତ୍ର ଭୂବଃ ଲୋକର ବିଷୟ ବସ୍ତୁର ଆକର୍ଷଣରେ ପ୍ରଭାବିତ ହୋଇ ଇଚ୍ଛା କରେ ଏବଂ ତାରି ଆଡ଼କୁ ଆକର୍ଷିତ କରେ। ସେହି ବସ୍ତୁରେ ମଧ୍ୟ ଆକର୍ଷଣ ଆରମ୍ଭ ହୋଇଯାଏ। ଜୀବ ଇଚ୍ଛାଶକ୍ତିର ଦୃଢ଼ତା ଅନୁସାରେ କମ୍ ବା ଅଧିକ ସମୟରେ ବସ୍ତୁକୁ ଲାଭ କରିଥାଏ। ଯଦି କେଉଁ ବଡ଼ ଇଚ୍ଛା ଏ ଜନ୍ମରେ ପୁରା ହୋଇନଥାଏ, ପର ଜନ୍ମ ପର୍ଯ୍ୟନ୍ତ ଏହା ଜାରି ରହିଥାଏ।

ପରିଶୁଦ୍ଧ ଓ ନିଜସ୍ୱାର୍ଥ କବଳରୁ ମୁକ୍ତ ହେବା ଦ୍ୱାରା ବାସନା ବା ଇଚ୍ଛା, ଶୁଦ୍ଧ ସଙ୍କଳ୍ପ ଶକ୍ତିରେ ଲୀନ ହୋଇଥାଏ ଓ ଦିବ୍ୟ ଈଶ୍ୱରୀୟ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଲାଗିଯାଏ। ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁଁ ସଙ୍କଳ୍ପ ଶକ୍ତି ବାସନା ବା ସାଂସାରିକ ଇଚ୍ଛାରେ ପରିଣତ ହୁଏ।

କାମନା, କାମନାରେ ମଧ୍ୟ ଭିନ୍ନତା ଥାଏ । ଯେମିତି ସୁଖ ଭୋଗ କରିବାର କାମନା, ପରିବାରର ସୁଖ ପାଇଁ ସହାୟତା କରିବାର କାମନା, ଦେଶସେବା କରିବାର କାମନା, ମାନବଜାତିର ସେବା କରିବାର କାମନା, ନିଜ ଇଚ୍ଛାକୁ ଈଶ୍ୱରଙ୍କ ଇଚ୍ଛା ସହ ମିଳାଇବାର କାମନା ଇତ୍ୟାଦି। ଆମ ଜୀବନରେ ବାସନା ବଳମତୀ ହେବା ଚିନ୍ତାର ବିଷୟ ନୁହେଁ। ବାସନାର ପ୍ରବଳଧାରା ନିଜର ସ୍ୱାର୍ଥମୟ ଆବରଣର ତଳେ ଆତ୍ମିକ ସଙ୍କଳ୍ପଶକ୍ତିର ଶୁଦ୍ଧଜଳକୁ ଲୁଚେଇ ରଖେ। ଏହି ଆବରଣକୁ ନଷ୍ଟ କରି କେହି ବି ବ୍ୟକ୍ତି ଅପାର ଆତ୍ମିକ ସଙ୍କଳ୍ପ ଶକ୍ତି ପ୍ରାପ୍ତ କରିପାରିବ। ବାସନା ପ୍ରବଳ ଥିବା ଲୋକ ଯେକୌଣସି କାର୍ଯ୍ୟକୁ ସାହସ ବା ଉତ୍ସାହର ସହିତ କରିଥାନ୍ତି କିନ୍ତୁ ବାସନା ଓ କାମନା କ୍ଷୀଣ ଥିବା ଲୋକ ଉତ୍ସାହ ଏବଂ ସାହସର ସହିତ କୌଣସି କାର୍ଯ୍ୟ କରିପାରନ୍ତି ନାହିଁ। ସେଥିପାଇଁ କୁହାଯାଇଛି, ଯେତେବଡ଼ ପାପୀ, ସେତେବଡ଼ ସନ୍ଥ। ପ୍ରାରମ୍ଭିକ ଅବସ୍ଥାରେ ବାସନା ବା କାମନା କର୍ମର ପ୍ରେରକ ଶକ୍ତି ଅଟେ। ବିକାଶର ଅନ୍ତିମ ସୋପାନରେ ବିବେକ ଜାଗ୍ରତ ହୋଇଯିବା ହେତୁ ସ୍ୱାର୍ଥ ପାଇଁ ବଳବତୀ ହୋଇଥିବା ବାସନା ଓ କାମନା, ନିଃସ୍ୱାର୍ଥ ପ୍ରେମ ପାଇଁ ବଳବତୀ ସଙ୍କଳ୍ପଶକ୍ତିରେ ରୂପାନ୍ତରିତ ହୁଏ।

ଭାବନା ହେଉଛି ବାସନା ବା କାମନାର ଦ୍ୱିତୀୟ ରୂପ। ନିଜ ଲୋକଙ୍କ ପ୍ରତି ସ୍ନେହ ଓ ମମତାର ଭାବନା, ସୁନ୍ଦର ସୂର୍ଯ୍ୟାସ୍ତକୁ ଦେଖି ମୁଗ୍ଧ ହୋଇ ବାରମ୍ବାର ଦେଖିବାର କାମନା, ଜୀବନମୁକ୍ତ ମହାତ୍ମାଙ୍କ ପ୍ରତି ଆକର୍ଷଣ ଭାବନାରେ ତାଙ୍କୁ ମିଳିବାର କାମନା ଇତ୍ୟାଦି ଭଲ ଭାବନା ବୋଲି ଧରାଯାଏ । କିନ୍ତୁ ଶେଷରେ ଏସବୁର ଉପରୁ ଉଠି ନିଃସ୍ୱାର୍ଥ ପ୍ରେମ ଓ ଭକ୍ତିର ଭାବନାକୁ ସ୍ଥାନଦେବା ଦରକାର।

ବାସନା, କାମନା ଓ ଭାବନାର ସମ୍ବେଦନକୁ ନିୟନ୍ତ୍ରଣ କରିବା ଯେବେ ଆମେ ଅର୍ଥାତ୍ ଜୀବାତ୍ମା ନିଜକୁ ଭାବନାତ୍ମକ ଶରୀର ଓ ସେଥିରୁ ଉଠୁଥିବା କମ୍ପନଠାରୁ ଅଲଗା କରିବ। ଏଥିପାଇଁ ନିରନ୍ତର ଜାଗ୍ରତ, ନିରୀକ୍ଷଣ ଓ ଅବଲୋକନର ଆବଶ୍ୟକତା ଅଛି। ଯେତେବେଳେ ଆମେ କ୍ରୋଧିତ ବା ଉ□ଜିତ ହେଉ ବା ଖରାପ ଭାବନା ଦ୍ୱାରା ପ୍ରଭାବିତ ହେଉ ତେବେ ଏହି ଶରୀରରେ ସୃଷ୍ଟି ହେଉଥିବା ଅତି ହାଲକା ହଲଚଲ ବି ଆମକୁ ଜଣାପଡ଼ିବା ଦରକାର। ଯେଉଁ ବାସନା  ଓ ଭାବନା ଆମର ଆଦର୍ଶର ଅନୁରୂପ ନୁହେଁ, ତା'ର ଅଭିବ୍ୟକ୍ତିକୁ ଆମେ ବାଧାଦେବା ଦରକାର ଓ ଆମ ରାସ୍ତାରେ ସହାୟକ ହେବା ଭାବନାକୁ ବ୍ୟକ୍ତକରିବା ଉଚିତ୍। ବାସନାକୁ ଦମନ କରିବା ବା ତାକୁ ପୁରା କରିବାର ଚେଷ୍ଟା କରିବା ଏ ଦୁଇଟି ଯାକ ଉଚିତ୍ ନୁହେଁ। ଦମନ କରିବା ଦ୍ୱାରା ଜଣେ ପାଗଳ ବା ରୋଗୀ ହୋଇପାରେ ଓ ବାସନାକୁ ଭୋଗ କରିବା ମଧ୍ୟ ଆମକୁ ପଶୁବତ୍ କରିଦେଇପାରେ। ଆମକୁ ପ୍ରଜ୍ଞାର ସହାୟତା ନେଇ ଆଗେଇବା ଦରକାର । ତେବେ ଆମେ ବାସ୍ତବିକ ସ୍ୱରୂପର ଆନନ୍ଦ ଉଠାଇ ପାରିବା। ଏହି ଆନନ୍ଦର ଆଭାରେ ନିମ୍ନଜୀବନର ଖୁସୀ ଓ ସୁଖ କାନ୍ତିହୀନ ହୋଇଯାଏ ଠିକ୍ ଯେମିତି ସୂର୍ଯ୍ୟଉଦୟ ହେଲେ କୃତ୍ରିମ ପ୍ରକାଶ ଓ ଚନ୍ଦ୍ରମାର ପ୍ରକାଶ ଫିକା ପଡ଼ିଯାଏ।

ମନୋବିଜ୍ଞାନର ସିଦ୍ଧାନ୍ତ ଅନୁସାରେ ଭାବନା ଓ କାମନା କାମ-ମାନସର ଶକ୍ତି ଅଟନ୍ତି। ଶକ୍ତି ସ*ୟର ନିୟମ ଅନୁସାରେ ଶକ୍ତି ନଷ୍ଟ ନ ହୋଇ ତା'ର ଉପଯୋଗ କରିବା ପାଇଁ ରୂପାନ୍ତରିତ ହୁଏ। କାମନା ବା ବାସନାର ଦମନ କରିବା ଦ୍ୱାରା ଶକ୍ତିର ସ୍ରୋତ ସେମିତି ରହିଥାଏ ଯେମିତି ପାଣି ପାଇପ୍‌ର ମୁହଁ ବନ୍ଦ କଲେ ବା ପାଣିର ବ୍ୟବହାର ନ କରି ପାଇପ୍‌କୁ ଜମିରେ ଦବେଇ ଦେଲେ କିଛି ସମୟ ପରେ ପାଣି ମାଟି ଓ ମଇଳା ସହିତ ଜମି ଉପରକୁ ଆସିଥାଏ। ଏପରି ଭାବନା ଓ କାମନାକୁ ବ୍ୟକ୍ତ

କରିବା ଉଚିତ୍ ଯାହା ଆଧ୍ୟାତ୍ମିକ ଆଦର୍ଶ ସହ ଖାପ ଖାଇବ ଯେମିତି କରୁଣା, ପ୍ରେମ, ଶ୍ରଦ୍ଧା, ସହାନୁଭୂତି, ଭକ୍ତି ତଥା ମାନବ ଓ ମହାତ୍ମାମାନଙ୍କର ସେବା କରିବାର ଇଚ୍ଛା ଇତ୍ୟାଦି। ଏହି ପ୍ରକାରରେ କାମ ମାନସ ଶକ୍ତିର ସଦ୍‌ଉପଯୋଗ ହେବ ଓ ବାସନା ଶରୀର ଶୁଦ୍ଧ ହେବ। ଉଦାହରଣ ସ୍ୱରୂପ ନିଜର ଇଷ୍ଟ ଦେବ ବା ଗୁରୁଦେବଙ୍କ ପ୍ରତି ପରାଭକ୍ତି ଉତ୍ପନ୍ନ ହେବା ଦ୍ୱାରା ବୁଦ୍ଧିଲୋକରୁ ଆସୁଥିବା ପ୍ରେମଧାରା ନିମ୍ନସ୍ୱଭାବର ସମସ୍ତ ମଇଳା ଓ ବାସନାକୁ ବୁହାଇଦେବ। ପ୍ରଗାଢ଼ ପ୍ରେମର ଏଭଳି ପ୍ରବାହ ଦ୍ୱାରା ମନ ପରିଶୁଦ୍ଧ ହୋଇ ଭୂବଲୋକ ଓ ବୁଦ୍ଧିଲୋକ ମଧ୍ୟସ୍ଥ ମାର୍ଗ ଖୋଲିଯିବ।

୪. ନିମ୍ନ ମନୋମୟକୋଷ (ନିମ୍ନ ମାନସିକ ଶରୀର) – ଏହି ଶରୀର ମାନସିକ ଲୋକର ତଳ ଚାରିଟି ଖଣ୍ଡର ପଦାର୍ଥ ଦ୍ୱାରା ଗଠିତ। ଏହାର ମୁଖ୍ୟ କାର୍ଯ୍ୟ ହେଉଛି ରୂପ ସଂପୃକ୍ତ ବିଚାର ସୃଷ୍ଟି କରିବା ଓ ତାହା ଲାଭ କରିବା। ମନୋବିଜ୍ଞାନରେ ମନ ଶବ୍ଦର ପ୍ରୟୋଗ ଅତ୍ୟନ୍ତ ସାମାନ୍ୟ ରୂପରେ କରାଯାଏ। ଏଥିରେ ଭାବନାଗୁଡ଼ିକ, ରୂପ ସଂବନ୍ଧୀୟ ବିଚାର, ଅରୂପ ବିଚାର ଏବଂ ପ୍ରଜ୍ଞା ଆଦିଙ୍କୁ ମିଳିତ ଭାବରେ ଗ୍ରହଣ କରାଯାଇଛି। କିଛି କାଳ ପୂର୍ବରୁ ମସ୍ତିଷ୍କକୁ ସମସ୍ତ ମାନସିକ କ୍ରିୟାର ଜନ୍ମଦାତା ଓ ସ୍ରୋତ ବୋଲି ବୁଝାଯାଉଥିଲା । ଯଦିଓ ଏହା ସତ୍ୟ ଯେ ଆମର ଭାବନା, ରୂପବିଚାର, ଅରୂପ ବିଚାର ଓ ପ୍ରଜ୍ଞାର ଚାରିଟି ବିଭିନ୍ନ ସ୍ରୋତ (କାମମୟ କୋଷ, ନିମ୍ନ ମନୋମୟ କୋଷ, ଉଚ୍ଚ ମନୋମୟକୋଷ ତଥା ଆନନ୍ଦମୟ କୋଷରୁ) ଉତ୍ପନ୍ନ ହୋଇଥାନ୍ତି।

କାମମୟ କୋଷ ଓ ନିମ୍ନ ମନୋମୟ କୋଷ ଦୁଇଟି ଅଲଗା କୋଷ ହୋଇ ମଧ୍ୟ ମିଳିତ ଭାବରେ କାର୍ଯ୍ୟ କରନ୍ତି ଏଥିପାଇଁ ଭାବନାକୁ ଅନୁଭବ କରିବା ଦ୍ୱାରା ଆମର ଦୁଇଟିଯାକ ଶରୀରରେ କମ୍ପନ ଜାତ ହୁଏ। ଯେଉଁ ବସ୍ତୁଗୁଡ଼ିକୁ ଆମେ ଜ୍ଞାନେନ୍ଦ୍ରିୟ ଦ୍ୱାରା ଦେଖୁ ସେମାନଙ୍କର କେବଳ ଇନ୍ଦ୍ରିୟଜନ୍ୟ ପ୍ରତିବିମ୍ବ, ଯାହା ନାମ ଓ ରୂପରେ ସୀମିତ, ନିମ୍ନ ମନୋମୟ କୋଷରେ ହୋଇଥାଏ। ଏଥିପାଇଁ ଆମେ ଆମର ମନରେ ନିର୍ମିତ ମାନସିକ ପ୍ରତିବିମ୍ବର ଦୁନିଆରେ ରହିଥାଉ ଓ ଏହି ଦୁନିଆକୁ ଆମେ ବାହାରକୁ ନିରୂପିତ କରିଥାଉ ଓ ଏହାକୁ ବିକ୍ଷେପ କୁହାଯାଏ। ନିମ୍ନ ମନୋମୟ କୋଷ ଓ ମନ ଭିନ୍ନ ଅଟେ। କୋଷ ସୂକ୍ଷ୍ମ ପଦାର୍ଥ ଦ୍ୱାରା ନିର୍ମିତ ଏବଂ ମନୋଭାବ ରହିତ ଯନ୍ତ୍ରମାନ ଅଟେ। ମନ ବା ନିମ୍ନ ମାନସ,

ନିମ୍ନଲୋକର ସୀମାରେ କାର୍ଯ୍ୟ କରୁଥିବା ଚେତନାର ଏକ ସ୍ୱରୂପ ଅଟେ। ଏହି ଚେତନା ହିଁ ନିଜର ଅଭିବ୍ୟକ୍ତି ପାଇଁ ଏହି କୋଷର ସହାୟତା ନିଏ।

ନିଜର ନିମ୍ନ ମନୋମୟ କୋଷର ନିୟନ୍ତ୍ରଣ ଓ ପବିତ୍ରତା ପାଇଁ ଏହି କୋଷକୁ ନିଜଠାରୁ ପୃଥକ ଭାବରେ ଦେଖିବା ଓ ଯାହା ବି କାର୍ଯ୍ୟ ଆମେ କରିବା ସଂପୂର୍ଣ୍ଣ ରୂପେ ଏକାଗ୍ରତା ଭାବେ କରିବା ଆବଶ୍ୟକ । ବାହ୍ୟ ଜଗତରୁ ଆସୁଥିବା ବା ସ୍ୱତଃପ୍ରବୃତ ହୋଇଥିବା ପ୍ରତ୍ୟେକ ବିଚାରର ଭଲ ଓ ମନ୍ଦକୁ ପରଖିବା ଦରକାର । ଯେପରି ବିଷୟାଶକ୍ତି ଘୃଣା, ଦ୍ୱେଷ, ଈର୍ଷା ଗର୍ବ ଓ ପ୍ରତିଶୋଧ ଆଦି ଅନୁଚିତ ବିଚାରକୁ ତୁରନ୍ତ ବଦଳାଇ ଭଲ ବିଚାର ଆଡ଼କୁ ନେବା ଦରକାର। ପ୍ରାଥମିକ ଅବସ୍ଥାରେ ବିଚାରକୁ ବଦଳାଇବା ସମ୍ଭବ ହେବ କାରଣ ଥରେ ପ୍ରବଳ ହୋଇଗଲ ବଦଳାଇବା କଠିନ।

ନିୟମିତ ଧ୍ୟାନର ଅଭ୍ୟାସ କରିବା ଦରକାର। ସାଧକ ନିଜ ମନରେ ମୂଲ୍ୟବାନ ବିଚାର ସଂଗ୍ରହ କରି ମାନସିକ କ୍ଷମତାକୁ ଓ ଶକ୍ତିକୁ ବିକାଶ କରିବା ଦରକାର। ଆମ ସୌରମଣ୍ଡଳର ଈଶ୍ୱରଙ୍କ ଚେତନାରେ ସବୁ ଜ୍ଞାନ ପ୍ରଥମରୁ ବିଦ୍ୟମାନ ଅଛି କେବଳ ଆମର କୋଷରେ ଗ୍ରହଣଶୀଳତାର ଅଭାବ ଅଛି। ଗୋଟିଏ ପୂର୍ଣ୍ଣ ବିକଶିତ ମନୋମୟ କୋଷ ଭଲ ରେଡ଼ିଓ ଭଳି ଦିବ୍ୟଚେତନାର କିଛି ବି ବିଚାର ତରଙ୍ଗ ସହିତ ମିଳି ଯେକୌଣସି ବିଷୟ ସମ୍ବନ୍ଧିତ ସମସ୍ତ ଜ୍ଞାନ ପ୍ରାପ୍ତ କରିବାରେ ସହାୟକ ହୋଇଥାଏ।

ଏହି ଚାରୋଟି ଶରୀର, ସ୍ଥୁଳଶରୀର ପ୍ରାଣମୟ କୋଷ, କାମମୟ କୋଷ ତଥା ନିମ୍ନ ମନୋମୟ କୋଷ ମିଳି, ଦେହାତ୍ମା ସହିତ ଆମର Personality ଗଠନ କରନ୍ତି। ଏହା ଆମର ନିମ୍ନ ଶରୀର ଅଟେ। ଏହାକୁ ଶୁଦ୍ଧ ଓ ପରିଷ୍କାର ରଖିବା ଦରକାର ଯଦ୍ଦ୍ୱାରା ଏହା ଆମର ବ୍ୟକ୍ତିତ୍ୱ (Individuality) ପରି କାର୍ଯ୍ୟ କରିବ। ସପ୍ତ ଶରୀର ସ୍ତରରେ ବା individuality ତଥା personality ର ସ୍ତରରେ ଗୋଟିଏ ଚେତନା କାର୍ଯ୍ୟକରେ । କିନ୍ତୁ ଉଚ୍ଚ ଓ ନିମ୍ନ ସ୍ତରରେ ଚେତନାର ପ୍ରକାଶ ଭିନ୍ନ ଭାବରେ ହୋଇଥାଏ। ପରମାତ୍ମାଙ୍କର ତୁଳନା ମନୁଷ୍ୟର ଶରୀର ସହିତ କରାଗଲେ, ଆତ୍ମାର ତୁଳନା ଶରୀରର ହାତ ଓ ଜୀବାତ୍ମାର ତୁଳନା ହାଡ଼ର ପଞ୍ଜରା ଓ ଦେହାତ୍ମାର ତୁଳନା ଆଙ୍ଗୁଳି ସହିତ କରିବା। ଯେମିତି ହାତ ପୁରା ଶରୀର ନୁହେଁ କିନ୍ତୁ ଶରୀରର ଅଙ୍ଗ ବା ଅଂଶ ହୋଇ ମଧ୍ୟ ଶରୀରରୁ ଅଲଗା ନୁହେଁ ଠିକ୍

ସେମିତି ଆତ୍ମା, ପରମାତ୍ମା ରୂପୀ ପ୍ରକାଶର ଏକ କିରଣ, ଏକ ଅଙ୍ଗ, ଏକ ଅଂଶ ହୋଇ ମଧ୍ୟ ପରମାତ୍ମାଙ୍କ ଠାରୁ ଅଲଗା ନୁହେଁ। ହାତର ପଞ୍ଝା ପୁରା ହାତ ନୁହେଁ, କିନ୍ତୁ ହାତର ଅଙ୍ଗ, ଅଂଶ ହୋଇ ମଧ୍ୟ ହାତରୁ ଅଲଗା ନୁହେଁ, ଠିକ୍ ସେମିତି ଜୀବାତ୍ମା ଯେ ଆତ୍ମାର ଅଂଶରୂପରେ ଉଚ୍ଚ ତିନୋଟି ଶରୀରରେ ଆତ୍ମ-ବୁଦ୍ଧି ମାନସ ରୂପେ ଥା'ନ୍ତି, ଆତ୍ମାରୁ ଅଲଗା ନୁହଁନ୍ତି। ଆଙ୍ଗୁଳି ପଞ୍ଝାର ଅଂଶ ଓ ପଞ୍ଝାରୁ ଅଲଗା ନ ହୋଇଥିବା ଭଳି ଜୀବାତ୍ମା ସୋଲ୍ ବା ଇଗୋର ଅଂଶ, ଏକ ଅଙ୍ଗ ନିମ୍ନ ଶରୀରରେ ଦେହାତ୍ମା (ଜୀବ) ରୂପରେ ତଳକୁ ଆସେ ଓ ଏହା ଜୀବାତ୍ମାଠାରୁ ଅଲଗା ନୁହେଁ।

କାର୍ଯ୍ୟ ପୂରା ହେବାପରେ ଦେହାତ୍ମା ଜୀବାତ୍ମାକୁ ଫେରିଯାଏ। ଜୀବାତ୍ମା ଆତ୍ମା ସହ ଓ ଆତ୍ମା ପରମାତ୍ମାଙ୍କ ସହ ମିଶିଯାଏ। ପରମାତ୍ମା ପରଂବ୍ରହ୍ମରେ ଲୀନ ହୋଇଯାଏ। ଏଣୁ ଉଚ୍ଚ ଦୃଷ୍ଟିକୋଣରୁ ଦେଖିଲେ ଦେହାତ୍ମା, ଜୀବାତ୍ମା, ଆତ୍ମା ଓ ପରମାତ୍ମାଙ୍କର ଅସ୍ତିତ୍ୱ ଅସ୍ଥାୟୀ ମାତ୍ର ପରଂବ୍ରହ୍ମଙ୍କର ସ□। ସ୍ଥାୟୀ। ଏଣୁ ବୌଦ୍ଧଶିକ୍ଷାରେ ଆତ୍ମା ଓ ପରମାତ୍ମାଙ୍କ ଅସ୍ତିତ୍ୱ ବିଷୟରେ କୁହାଯାଇନାହିଁ।

❖ ❖ ❖

## ଷଷ୍ଠ ଅଧ୍ୟାୟ

# ସୁଖର ଅନୁସନ୍ଧାନ, ପରମ ଆନନ୍ଦ, ଜୀବନର ଲକ୍ଷ୍ୟ

ସଂସାରର ସବୁ ପ୍ରାଣୀଙ୍କର କ୍ରିୟାକଳାପକୁ ଦେଖିଲେ ଜଣାଯାଏ ଯେ ପ୍ରତ୍ୟେକ ପ୍ରାଣୀ ଦୁଃଖରୁ ନିବୃ□ ଓ ସୁଖ-ଶାନ୍ତିର ପ୍ରାପ୍ତି ଚାହାଁନ୍ତି। ମନୁଷ୍ୟ ଏହି ସୁଖ ଶାନ୍ତି ପାଇଁ ଘର ତିଆରି କରେ, ଭୌତିକ ପଦାର୍ଥ ଠୁଳ କରେ, ତୀର୍ଥ ଯାତ୍ରା କରେ, ଭଗବାନଙ୍କର ପୂଜା ପରେ, ଧନସମ୍ପ□ ଓ ଶକ୍ତି ବଢ଼ାଇବା ଓ ବା[ିବାରେ ଲାଗି ରହିଥାଏ। ସବୁଦିଗରେ, ସବୁ ବସ୍ତୁରେ, ପ୍ରତ୍ୟେକ ବ୍ୟକ୍ତି ସହ ସମ୍ପର୍କରେ, ରାଜନେତା ଓ ମହାତ୍ମାମାନଙ୍କ ସହ ସମ୍ପର୍କ ବିତାଇବାରେ ଜୀବନଯାକ ସୁଖ ଖୋଜୁଥାଏ। ଏଣୁ ଏହା ଶାଶ୍ୱତ ସତ୍ୟଯେ ପ୍ରାଣୀ ଦୁଃଖରୁ ନିବୃତି ଓ ସୁଖର ପ୍ରାପ୍ତି ଚାହେଁ ଓ ଏଥିପାଇଁ ଜୀବନଯାକ ଚେଷ୍ଟା କରୁଥାଏ। ମାତ୍ର ଏହା ମଧ୍ୟ ଶାଶ୍ୱତ ସତ୍ୟ ଯେ ପ୍ରତ୍ୟେକ ସାଂସାରିକ ପ୍ରାଣୀ ଦୁଃଖୀ ଅଟେ ଓ ବୋଧହୁଏ ସେଥିପାଇଁ ସେ ଧନସମ୍ପ□, ଶକ୍ତି, ଭୌତିକପଦାର୍ଥ, ଖ୍ୟାତି, ପଦପ୍ରତିଷ୍ଠା ଭଳି ଅସ୍ଥାୟୀ ବସ୍ତୁରେ ସୁଖକୁ ଖୋଜୁଥାଏ ଏବଂ ସେଥିଯୋଗୁଁ ତାକୁ ଅସ୍ଥାୟୀ ସୁଖ ମିଳିଥାଏ। ସୁଖ, ଶାନ୍ତି ଓ ଆନନ୍ଦ ଖୋଜିବା ଭଲକଥା। ସଂସାରର ସବୁ ପ୍ରାଣୀ ସୁଖ ଚାହାଁନ୍ତି ଏଥିରେ କିଛି ମତଭେଦ ନାହିଁ। କର୍ମନିୟମ ଲାଗୁ ହୁଏ କି ନାହିଁ, ପୁର୍ନଜନ୍ମ ହୁଏ କି ନାହିଁ, ସଂସାରରେ କିଛି ଈଶ୍ୱରୀୟ ଯୋଜନା ଅଛି କି ନାହିଁ, ଜୀବ କର୍ମ କରିବା ପାଇଁ ସ୍ୱତନ୍ତ୍ର କି ନାହିଁ, ଏସବୁରେ ମତଭେଦ ହୋଇପାରେ ମାତ୍ର ପ୍ରତ୍ୟେକ ବ୍ୟକ୍ତି ଦୁଃଖରୁ ନିବୃତି ଓ ସୁଖର ପ୍ରାପ୍ତି ଚାହେଁ, ଏଥିରେ କିଛି ମତଭେଦ ନାହିଁ। ଯଦି ଯେଉଁ ବ୍ୟକ୍ତି ପରମାତ୍ମାଙ୍କଠାରୁ ଦୁଃଖ ମାଗେ ବା ସ୍ୱେଚ୍ଛାରେ କଷ୍ଟପୂର୍ଣ୍ଣ ସାଧନା କରେ, ନିଜେ କଷ୍ଟ ସହି ଅନ୍ୟର ସହାୟତା କରେ ଏହା ପଛରେ ଏହିଭାବ ଥାଏ ଯେ କଷ୍ଟଥିଲେ ପରମାତ୍ମାଙ୍କର ସ୍ମରଣ ଆସିବ ଓ ସ୍ମରଣରେ ସୁଖ ମିଳିବ। କଷ୍ଟପୂର୍ଣ୍ଣ ସାଧନା ଦ୍ୱାରା ବା ଅନ୍ୟର ସହାୟତା କରିବା ଦ୍ୱାରା ଅନ୍ତରାତ୍ମା ଉଦ୍ଦେଶ୍ୟ ପ୍ରାପ୍ତି ହେବ ଓ ଏକତାର ଅନୁଭୂତିରେ ଆନନ୍ଦ ପ୍ରାପ୍ତ ହେବ।

ଆତ୍ମା ବା ପରମାତ୍ମାଙ୍କ ସ୍ୱାଭାବିକ ଗୁଣ ସତ୍-ଚିତ୍-ଆନନ୍ଦ । ଏଣୁ ଶରୀର ଧାରଣ କରିବା ପରେ ମଧ୍ୟ ଜୀବାତ୍ମା ପରମାତ୍ମାଙ୍କ ସହିତ ମିଶିବାର ପ୍ରବୃତି ରଖିଥାଏ। ସେଥିରୁ ଆନନ୍ଦପ୍ରାପ୍ତି ହୁଏ। କିନ୍ତୁ ଶରୀରକୁ ଆସିଲେ ଜୀବାତ୍ମା, ସ୍ଥୁଳ ଓ ବାସନା ଶରୀର ସ୍ତରରେ ଦେହାତ୍ମା ବିପରୀତ ଦିଗରେ

ସୁଖକୁ ଖୋଜିଥାଏ। ଆତ୍ମିକ ସ୍ତରରେ ଯାହା ପରମ ଆନନ୍ଦ, ମାନସିକ ସ୍ତରରେ ତାହା ଶାନ୍ତି ଓ କାମନାଶରୀର ତଥା ସ୍ଥୁଳ ଶରୀର ସ୍ତରରେ ଏହା ସୁଖ ଭାବରେ ପ୍ରତିବିମ୍ବିତ ହୁଏ। ନିମ୍ନ ସ୍ତରରେ ସୁଖ ଓ ଶାନ୍ତି ଅସ୍ଥାୟୀ କାରଣ ଏହା ଅସ୍ଥାୟୀ ବସ୍ତୁ ଉପରେ ନିର୍ଭର କରିଥାଏ । ଏଣୁ ସେଥିରେ ସୁଖ ସହ ଦୁଃଖ ଯୋଡ଼ା ହୋଇଥାଏ। ଯେମିତି ଘରଥିଲେ ସୁଖ ଥାଏ କିନ୍ତୁ ଭୂକମ୍ପ ଦ୍ୱାରା ଭାଙ୍ଗିବାର ଦୁଃଖ ଅବଶ୍ୟ ମିଳିବ। ପୁତ୍ରଠାରୁ ସୁଖମିଳେ କିନ୍ତୁ ପୁତ୍ର ରୋଗରେ ପଡ଼ିଲେ ବା ଦେହତ୍ୟାଗ କଲେ ଦୁଃଖ ମିଳେ। ପଦ ପ୍ରତିଷ୍ଠାରୁ ସୁଖ ମିଳେ କିନ୍ତୁ ହାତରୁ ଚାଲିଗଲେ ଦୁଃଖ ମିଳେ। ପ୍ରତ୍ୟେକ ସୁଖରୂପୀ ସୁନ୍ଦର ଫୁଲପଛରେ ଦୁଃଖର କଳା ନାଗ ଲୁଚି ବସିଥାଏ। ଏହା ଧ୍ୟାନରେ ରହିବା ଦରକାର ନଚେତ୍ ଜୀବନଯାକ ଭୌତିକ ପଦାର୍ଥରେ ସୁଖ ଖୋଜିବା ଓ ଶେଷରେ ଦୁଃଖ ହିଁ ପାଇବ। କିଛିଲୋକ ସବୁ ଆଡୁ ସୁଖୀ, ସ୍ୱର୍ଗଭଳି ଜୀବନ ବିତାନ୍ତି ମାତ୍ର ଦିନେ ନା ଦିନେ ଦୁଃଖ ଆସିବ ଓ ଆସିବା ଦରକାର ମଧ୍ୟ। ତାହେଲେ ଜୀବାତ୍ମାକୁ ପ୍ରିୟ ମାର୍ଗରୁ ଶ୍ରେୟମାର୍ଗକୁ ନେଇହେବ। କାରଣ ବାସ୍ତବରେ ଆନନ୍ଦ ସେହି ମାର୍ଗରେ ମିଳିବ। ସେତେବେଳେ ଜୀବାତ୍ମାକୁ ସ୍ୱାର୍ଥରେ ନୁହେଁ ବରଂ ନିଃସ୍ୱାର୍ଥରେ, ସଂପ□ ନୁହେଁ ବରଂ ସମ୍ମତିରେ, ଶକ୍ତିରେ ନୁହେଁ ବରଂ ଶାନ୍ତିରେ, ଲାଳସାରେ ନୁହେଁ ବରଂ ଦେବାରେ, କାହାକୁ ଦୁଃଖ ଦେବାରେ ନୁହେଁ ବରଂ କାହାର ଦୁଃଖ ଦୂର କରିବାରେ, ମୋହରେ ନୁହେଁ ବରଂ ପ୍ରେମରେ, ଭିନ୍ନତାରେ ନୁହେଁ ବରଂ ଏକତାରେ ସତ୍ ଓ ସ୍ଥାୟୀ ଆନନ୍ଦ ମିଳିବ। ଯେତେ ପର୍ଯ୍ୟନ୍ତ ଜୀବାତ୍ମା ଅନ୍ୟ ଏକ ଜୀବାତ୍ମାକୁ ନିଜଠାରୁ ଭିନ୍ନ ମନେକରୁଥିବ ଓ ପରମାତ୍ମାଙ୍କଠାରୁ  ନିଜକୁ ଭିନ୍ନ ବୋଲି ଅନୁଭବ କରୁଥିବ ସେ ପର୍ଯ୍ୟନ୍ତ ତା'ର ସ୍ୱାଭାବିକ ଗୁଣ, ଆନନ୍ଦକୁ  ପ୍ରାପ୍ତ କରିପାରିବ ନାହିଁ। ଯେତେବେଳେ ଜୀବାତ୍ମା ନିଜ ସ୍ୱରୂପରେ ରହି ପରମାତ୍ମାଙ୍କ ସଙ୍ଗେ ଲୀନ ହୋଇଯାଏ ଓ ଅନ୍ୟ ଜୀବାତ୍ମାଙ୍କୁ ପରମାତ୍ମାଙ୍କର ଅଂଶମାନି ସେମାନଙ୍କ ସହ ଏକତାର ଅନୁଭୂତି କରିଥାଏ ସେତେବେଳେ ପରମ ଆନନ୍ଦ, ପରମ ଶାନ୍ତି, ସତ୍ୟ, ପ୍ରେମ ଓ ପ୍ରଜ୍ଞା ଉଦୟ ହୁଏ। ଏହାହିଁ ମାନବ ଜୀବନର ଲକ୍ଷ୍ୟ। ଜୀବନମୁକ୍ତ ମହାତ୍ମାଙ୍କର ଏହି ସଦିଚ୍ଛା ଓ ସ୍ୱଭାବ ହୁଏ ଯେ ପ୍ରତ୍ୟେକ ମନୁଷ୍ୟ ଏ ସ୍ଥିତିକୁ ଲାଭ କରନ୍ତୁ। ମହାତ୍ମାଙ୍କର କରୁଣା ଓ ପ୍ରେମ ଏତେ ଅଧିକ ହୋଇଥାଏ ଯେ ସେମାନେ ନିଜ ବନ୍ଧୁମାନଙ୍କର ସହାୟତା ପାଇଁ ନିର୍ବାଣକୁ ମଧ୍ୟ ତ୍ୟାଗ କରିଦିଅନ୍ତି ଓ ସମସ୍ତ ଜୀବଙ୍କ ସେବା, ସହାୟତା ଓ କଲ୍ୟାଣ

ପାଇଁ କାର୍ଯ୍ୟ କରନ୍ତି। ଏ ପୃଥିବୀରେ ରହି, କଷ୍ଟ ଉଠେଇ ଜୀବାତ୍ମାଙ୍କର ମାର୍ଗଦର୍ଶନ କରୁଥିବା ଜୀବନମୁକ୍ତ ମହାତ୍ମାମାନେ ଧନ୍ୟ। ଯେ ଆତ୍ମାନୁଭୂତିକୁ ଓ ଜୀବର ସହାୟତା କରିବାର ସୁଯୋଗକୁ ଖୋଜୁଥାଏ ତାହାଙ୍କୁ ଏଭଳି ମହାତ୍ମା ମିଳନ୍ତି। ସାଂସାରିକ ସୁଖ ସୁବିଧା, ଧନସମ୍ପ□, ପଦପ୍ରତିଷ୍ଠା ପ୍ରାପ୍ତି ଆଶାରେ ଯେ ମହାତ୍ମାଙ୍କୁ ଖୋଜେ, ତାଙ୍କୁ ମଧ୍ୟ ମିଳନ୍ତି, କିନ୍ତୁ ନକଲି ସାଧୁ। ସ୍ୱାର୍ଥପୂର୍ଣ୍ଣ ବ୍ୟକ୍ତିଙ୍କୁ ସଚ୍ଚା ମହାତ୍ମା ମିଳନ୍ତି ନାହିଁ।

ବାସ୍ତବରେ ବନ୍ଧନ ହିଁ ଦୁଃଖର କାରଣ। ବନ୍ଧନର କାରଣ ହେଉଛି ତୃଷ୍ଣା ବା ବାସନା, ବାସନାର କାରଣ ଅଜ୍ଞାନତା ଓ ଅପୂର୍ଣ୍ଣତା। ମହତ୍ୱପୂର୍ଣ୍ଣ କଥା ହେଉଛି ଜୀବାତ୍ମା କିପରି ଭ୍ରମ ଓ ଅଜ୍ଞାନରୁ ମୁକ୍ତ ହୋଇ ପ୍ରଜ୍ଞା, ପୂର୍ଣ୍ଣତା ଓ ପରମ ଆନନ୍ଦ ପ୍ରାପ୍ତ ହେବ।

ଅଧ୍ୟାତ୍ମ, ଭୌତିକ ପ୍ରଗତି ଓ ଭୌତିକ ସାଧନା ଓ ସମ୍ପନ୍ନତାର ବିରୋଧ କରେ ନାହିଁ ବରଂ କେହି କେହି ମହାତ୍ମା ଭୌତିକ ପ୍ରଗତି, ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ସହାୟତା ଓ ମାର୍ଗଦର୍ଶନ କରିଥାନ୍ତି। ଯଦି ବ୍ୟକ୍ତି ସାଧନସମ୍ପନ୍ନ ହୋଇଥାଏ ତେବେ ଅଳ୍ପ ସମୟରେ ବେଶୀ କାର୍ଯ୍ୟ କରିପାରେ। ଯେମିତି ଟେଲିଫୋନ୍ ବା ମଟରଗାଡ଼ି ଥିଲେ କମ୍ ସମୟରେ କଥା କରାଯାଇପାରେ ଓ ଦୂରଜାଗାକୁ ଯାଇ ହୁଏ। ଶରୀରକୁ ସୁସ୍ଥ କରିବା ପାଇଁ ବସ୍ତ୍ର, ଗୃହ ଓ ଉପଯୁକ୍ତ ଭୋଜନର ଆବଶ୍ୟକତା ଥାଏ। ପିଲାମାନଙ୍କୁ ଭଲଭାବରେ ଶିକ୍ଷା ଦେବା ପାଇଁ ପର୍ଯ୍ୟାପ୍ତ ଅର୍ଥ ଦରକାର। କିନ୍ତୁ ଯେତେବେଳେ ଏସବୁ ପାଇ ମଧ୍ୟ ମଣିଷ ଅଧିକ ପାଇବା ପାଇଁ ଲୋଭ କରେ ଓ ଭୌତିକ ସମ୍ପନ୍ନତା ହିଁ ଜୀବନର ଉଦ୍ଦେଶ୍ୟ ବୋଲି ମାନିନିଏ, ଆବଶ୍ୟକତା ଓ ଯୋଗ, ଲୋଭ ଓ ଭୋଗରେ ବଦଳିଯାଏ । ସେତେବେଳେ ସବୁ ଭୁଲ୍‌ଭଟ୍‌କା ହୋଇଥାଏ। ବ୍ୟକ୍ତିର ଜୀବନର ଲକ୍ଷ୍ୟ ପ୍ରଜ୍ଞା ଓ ପୂର୍ଣ୍ଣତା ପ୍ରାପ୍ତି। ଜୀବାତ୍ମାର ବାସ୍ତବିକ ଗୁଣ ସ୍ୱଭାବ ଓ ସ୍ୱରୂପରେ ସ୍ଥିତ ହେବା। ଦୁଃଖରୁ ନିବୃତି ଭୌତିକ ପ୍ରଗତିରୁ ନୁହେଁ ଆତ୍ମାର ପ୍ରଗତିରୁ ପ୍ରାପ୍ତ ହୁଏ। ଭୌତିକ ପ୍ରଗତି ଏସବୁରେ ସହାୟକ ହୋଇପାରେ ମାତ୍ର ଜୀବନର ଲକ୍ଷ୍ୟ ଭୌତିକ ସମ୍ପନ୍ନତା ନୁହେଁ। ଯଦି ଭୌତିକ ସମ୍ପନ୍ନତାରୁ ଦୁଃଖର ନିବୃତି ହୋଇଥା'ନ୍ତା ତେବେ ଭୌତିକ ସମ୍ପନ୍ନ ବ୍ୟକ୍ତି ଓ ଦେଶ ଅଧିକ ପ୍ରସନ୍ନ ହୋଇଥା'ନ୍ତେ ମାତ୍ର ଏହା ଦେଖାଯାଏ ଯେ ଅଧିକ ଧନବାନ ଓ ଶକ୍ତିଶାଳୀ ଲୋକମାନେ ମାନସିକ

ଚିନ୍ତାରେ ଥା'ନ୍ତି ଓ ରକ୍ତଚାପ, ମଧୁମେହ, ହୃଦ୍‌ରୋଗ ନିଦ ନ ହେବା ଓ ଏଡ୍‌ସ୍ ଆଦି ଭୟାନକ ବେମାରୀର ଶୀକାର ହୁଅନ୍ତି। ଆତ୍ମହତ୍ୟା ଭିଳ କାର୍ଯ୍ୟ ଧନବାଦ ମାନଙ୍କଠାରେ ବେଶୀ ଦେଖାଯାଏ।

ଆମର ଋଷିମାନେ ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚାରିଟି ପୁରୁଷାର୍ଥ ବିଷୟରେ କହିଛନ୍ତି। ଅର୍ଥ ଓ କାମନାର ପୂରଣ ଧର୍ମ ଓ ମୋକ୍ଷ ଦ୍ୱାରା ସୁରକ୍ଷିତ। ଅଧର୍ମ ରାସ୍ତାରେ ଅର୍ଥ ଉପାର୍ଜନ କଲେ ବା ଧର୍ମ ମାର୍ଗରେ ଅର୍ଥ ଉପଯୋଗ ନକଲେ ଏ ଅର୍ଥ ବେକାର। ସେଭଳି ସବୁ ଇଚ୍ଛା ଓ କାମନା ଭଗବତ୍ ସ□ା ଲାଭ କରିବା ପାଇଁ ହେବା ଉଚିତ୍। ଯଦି କେହି ବ୍ୟକ୍ତି ଦିନରାତି ସଚ୍ଚୋଟ ଉପାୟରେ ଧନଅର୍ଜନ କରେ ଜୀବନଯାକ ସଂସାରିକ କାମନା ପୂରଣରେ ଲାଗିରହେ ତେବେ ସେ କାହାର କ୍ଷତି କରେ ନାହିଁ ସତ କିନ୍ତୁ ନିଜର ହାନି ଅବଶ୍ୟ କରିଥାଏ। ଏସବୁ ଦ୍ୱାରା ତା' ପାଖରେ ବାସ୍ତବିକ ଲକ୍ଷ୍ୟର ପ୍ରଗତି ପାଇଁ ସମୟ ଓ ଶକ୍ତି ନଥାଏ। ତା'ର ଜୀବନ ବେକାର ହୋଇଯାଏ। ଏଥିପାଇଁ ବଂ୍ଚିବାର କଳା ଶିଖିବା ଦରକାର ବସ୍ତୁକୁ ସେତିକି ମହ□ୱ ଦିଅ ଯେତିକି ଉପଯୁକ୍ତ। ପଦ ପ୍ରତିଷ୍ଠାକୁ ମଧ୍ୟ ଏଭଳି ଭାବରେ ନେବା ଉଚିତ୍। ଉଚ୍ଚ ପଦରେ ରହି ଜୀବନର କଲ୍ୟାଣ ଓ ସେବା କଲେ ପଦପ୍ରତିଷ୍ଠା ଜୀବନ ଲକ୍ଷ୍ୟରେ ସହାୟକ ହେବା ମାତ୍ର ପଦ ପ୍ରତିଷ୍ଠା ଯଦି ଆମର ଅହଂକାରକୁ ବଢ଼ାଏ, ତେବେ ଆମେ ଆମର ଜୀବନଲକ୍ଷ୍ୟକୁ ଭୁଲିଯିବା। ଆଜିର ମାନବ ଭୌତିକତା ପଛରେ ଅନ୍ଧଭଳି ଧାଇଁ ଚାଲିଛି। ପରସ୍ପରର ସର୍ବନାଶ ପାଇଁ ଆଧୁନିକ ହତିଆର ତିଆରି କରୁଛି। ମାନବିକ ମୂଲ୍ୟବୋଧ ହ୍ରାସ ପାଉଛି ଓ ଜୀବନରୁ ସୁଖଶାନ୍ତି ଅପସରି ଯାଉଛି। ଘର ଭାଙ୍ଗୁଛି, ରୋଗବ୍ୟାଧି ବଢୁଛି, ଅନାଚାର ଓ ଭ୍ରଷ୍ଟାଚାର ବଢୁଛି। ଏହାକୁ କ'ଣ ପ୍ରଗତି ବା ଜୀବନଲକ୍ଷ୍ୟ କହିବା? ଯେତେବେଳେ ମଣିଷ ଜୀବନ ଲକ୍ଷ୍ୟରେ ପ୍ରଗତି କରିବ ସେତେବେଳେ ପ୍ରେମ କରୁଣା, ସେବା, ନିଃସ୍ୱାର୍ଥ ଲୋକ କଲ୍ୟାଣର ଭାବନା, ନୈତିକତା ଓ ଆଧ୍ୟାତ୍ମିକତା ବଢ଼ିବ ଓ ଦୁଃଖ କମ୍ ହେବ। ସ୍ୱତନ୍ତ୍ରତାର ଦୁରୂପଯୋଗ ବହୁତ୍ ହେଲା ଏବେ ଆମେ ସ୍ୱତନ୍ତ୍ରତାର ଠିକ୍ ଅର୍ଥ ଜାଣିବା ଦରକାର। ନିଜର ଶକ୍ତି ଓ ସାଧନକୁ ମାନବର ଜୀବନ ଲକ୍ଷ୍ୟ ପାଇଁ ଉପଯୋଗ କରିବା ଓ ସେହି ପାଠ ଶିଖିବା ଯାହା ଆମକୁ ବିକାଶ ଓ ସିଦ୍ଧାନ୍ତ ଶିଖେଇବ।

❖ ❖ ❖

# ସପ୍ତମ ଅଧ୍ୟାୟ

# ସମସ୍ତ ଧର୍ମ ଓ ମହାତ୍ମାଙ୍କର ଶିକ୍ଷାର ସାରତ□

ହିନ୍ଦୁଧର୍ମ ସବୁଠାରୁ ପ୍ରାଚୀନ ଅଟେ। ଏହାର ମହ□ପୂର୍ଣ୍ଣ ଗ୍ରନ୍ଥମାନେ ହେଉଛନ୍ତି ବେଦ, ଉପନିଷଦ, ଦର୍ଶନଶାସ୍ତ୍ର, ଗୀତା, ରାମାୟଣ, ଓ ବ୍ରହ୍ମସୂତ୍ର ଇତ୍ୟାଦି। ପ୍ରାଚନୀ କାଳରେ ଋଷି ଅଙ୍ଗିରା, ଆଦିତ୍ୟ, ବାୟୁ ଏବଂ ସୂର୍ଯ୍ୟ ଏହି ଚାରି ଋଷିଙ୍କର ଆତ୍ମାରେ ଜ୍ଞାନ ପ୍ରକାଶ ପାଇଲା ଯାହା ସେମାନେ ଚାରିବେଦ ରୂପରେ ମାନବଜାତିକୁ ପ୍ରଦାନ କଲେ। ଋଷିମାନେ ସାରା ଜୀବନ ଗଭୀର ସାଧନା କରି ବ୍ରହ୍ମ କ'ଣ ?" ଜଗତ କ'ଣ? ମୁଁ କିଏ? ଜୀବର ବ୍ରହ୍ମଙ୍କ ସହ ସମ୍ବନ୍ଧ କ'ଣ? ଜୀବନର ଲକ୍ଷ୍ୟ କ'ଣ? ଜୀବର ଦୁଃଖର କାରଣ କ'ଣ? ପାପ ଓ ପୁଣ୍ୟ କ'ଣ? ଆନନ୍ଦପ୍ରାପ୍ତି କେମିତି ହେବ? ଆଦି ଯାହା ସବୁ ପ୍ରଶ୍ନର ଉ□ର ଆତ୍ମାର ଗଭୀରତାରୁ ଲାଭକରି ଆମ୍ଭମାନଙ୍କୁ ଦେଇଥିଲେ ତାହାର ସାରତ□ ଏହିରୂପରେ ଦିଆଗଲା :

ବ୍ରହ୍ମ ହିଁ ଏକମାତ୍ର ସ□। ଯାହା ସତ୍ୟ, ନିତ୍ୟ ଓ ଅନାଦି ଅଟେ। ଜଗତ୍ ତା'ର ବ୍ୟକ୍ତିକରଣ ଅଟେ। ବ୍ରହ୍ମରୁ ହିଁ ସୃଷ୍ଟି ହୁଏ ଓ ବ୍ରହ୍ମରେ ହିଁ ଲୀନ ହୁଏ ଏଣୁ ଜଗତର ଅସ୍ତିତ୍ୱ ପାଣିଫୋଟକା ଭଳି। ଶଙ୍କରାଚାର୍ଯ୍ୟ କହିଛନ୍ତି, 'ବ୍ରହ୍ମ ସତ୍ୟଂ ଜଗତ୍‌ମିଥ୍ୟା' ଏକୋ ବ୍ରହ୍ମ ଦ୍ୱିତୀୟୋନାସ୍ତି। "ମୁଁ" ବୋଲି ଯାହା କୁହାଯାଉଛି ତାହା କିଏ? ଏହାର ଉ□ର ହେଉଛି ଜୀବାତ୍ମା ବ୍ରହ୍ମଙ୍କର ଅଂଶ, ଅଙ୍ଗ ଓ ସ୍ୱରୂପ ଅଟେ। ବେଦର ମହାବାକ୍ୟ ମଧ୍ୟ ଏହା ଘୋଷଣା କରୁଛି କି 'ମୁଁ', 'ତୁମେ', 'ଆମେସବୁ' ତଥା ସମ୍ପୂର୍ଣ୍ଣ ଜଡ଼-ଚେତନ, ବ୍ୟକ୍ତ-ଅବ୍ୟକ୍ତ ସବୁକିଛି ବ୍ରହ୍ମ ଅଟନ୍ତି। ମାନବ ଜୀବନର ଲକ୍ଷ୍ୟ ବା ଜୀବାତ୍ମାର ଲକ୍ଷ୍ୟ ନିଜର ଆତ୍ମ ସ୍ୱରୂପର ଅନୁଭୂତି କରିବା ଯାହାକୁ ମୋକ୍ଷର ଅବସ୍ଥା ବୋଲି କୁହାଯାଇଛି। ମାନବର ଦୁଃଖର କାରଣ ଅଜ୍ଞାନ। ଯାହା ମନ୍ଦ-ବିକ୍ଷେପ-ଆବରଣରୁ ତିଆରି। ଜୀବାତ୍ମା ଶରୀରରେ ଆସି 'ମୁଁ ଅଲଗା' ଏହି ଭ୍ରମଜାଲରେ ପଡ଼ିଯାଏ ଓ ଶରୀର ସହିତ ଏକୀକରଣ ହୋଇ ତୃଷ୍ଣା, ବାସନା ଓ କାମନାପୂର୍ଣ୍ଣ କର୍ମ କରେ। କର୍ମ ବନ୍ଧନରେ ପଡ଼ି ଦୁଃଖ ଭୋଗ କରିଥାଏ। ସ୍ୱାର୍ଥ ପାଇଁ ଅନ୍ୟକୁ କଷ୍ଟ ଦେବା ପାପ ଓ ପରହିତ, ପ୍ରେମ ଓ ପରୋପକାର ପାଇଁ ଭଲ କର୍ମ କରିବା ପୁଣ୍ୟ ଅଟେ। ଯେତେବେଳେ ଜୀବାତ୍ମା ବିବେକ, ବୈରାଗ୍ୟ,

ଷଟ୍ ସମ୍ପ□ ଓ ମୁମୁକ୍ଷା ଭଳି ଗୁଣଗୁଡ଼ିକୁ ନିଜର କରେ ଓ ଧାରଣା, ଧ୍ୟାନ, ସମାଧି ଦ୍ୱାରା ବାସ୍ତବିକ ସ୍ୱରୂପରେ ସ୍ଥିତ ହୁଏ ତେବେ ମୋକ୍ଷ ପ୍ରାପ୍ତି ହୋଇଥାଏ। ଯିବା-ଆସିବା ଚକ୍ରରୁ ଓ ଦୁଃଖରୁ ମୁକ୍ତ ହୋଇଥାଏ । ଦ୍ରଷ୍ଟା ବା ସାକ୍ଷୀ ଭାବରେ ଯୋଗର ସଫଳତା ମିଳିଥାଏ।

**ପାତଞ୍ଜଳୀ** ଋଷି ଅଷ୍ଟାଙ୍ଗ ମାର୍ଗ (ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି) ରାଜଯୋଗର ମାର୍ଗ ଦର୍ଶାଇଛନ୍ତି। ଯୋଗରେ ଯେତେବେଳେ ମନ ଶାନ୍ତ ହୋଇଯାଏ, ହୃଦୟରେ କିଛି ସଂକଳ୍ପ, ବିକଳ୍ପ ନଥାଏ ତେବେ ଯୋଗ ସିଦ୍ଧ ହୁଏ ଓ ଆତ୍ମା ନିଜ ପିତା ପରମାତ୍ମାଙ୍କ ସହ ଲୀନ ହୋଇ ଏକ ହୋଇଯାଏ। ତାଙ୍କର ଯୋଗଦର୍ଶନ ଗୋଟିଏ ବାକ୍ୟରେ ନିହିତ "ଯୋଗଚି□ବୃ□ନିରୋଧଃ"। ଚି□ବୃ□ର ଶାନ୍ତ ହୋଇଯିବା ହିଁ ଯୋଗ।

**ଯୋଗେଶ୍ୱର ଶ୍ରୀକୃଷ୍ଣ** ଗୀତାରେ କର୍ମ, ଭକ୍ତି, ଜ୍ଞାନ ଏହି ୩ଟି ଯୋଗର ବର୍ଣ୍ଣନା କରିଛନ୍ତି। ସେ କର୍ମର କୌଶଳତାକୁ ଯୋଗ କହିଛନ୍ତି। କାମନା ରହିତ କର୍ମ ଅର୍ଥାତ୍ ନିଷ୍କାମ କର୍ମ, ଯେଉଁଥିରେ "ମୁଁ" ନାମର ଅଲଗା ସ□। ବା ଭାବ ନଥାଏ, ବନ୍ଧନର କାରଣ ନୁହେଁ ବରଂ ମୁକ୍ତିର ସାଧନ ହୋଇଥାଏ। ଭକ୍ତିରେ ମଧ୍ୟ "ମୁଁ"ର ଅଭାବ ରହି କେବଳ ନିଜର ଇଷ୍ଟ ବା ପରମାତ୍ମା ଥାନ୍ତି ଓ ଜ୍ଞାନ ଯୋଗରେ ମଧ୍ୟ କ□। ପଣର ଅଭାବ ରହି ଅର୍ଥାତ୍ "ମୁଁ କରୁଚି ଏଭଳି ଭାବ ନଥାଇ ବରଂ କାର୍ଯ୍ୟ ଶରୀର ଦ୍ୱାରା ହେଉଚି ଓ ଏଥିରେ "ମୁଁ" ବା "ମୋର" ଇଚ୍ଛା ନାହିଁ ବରଂ ଭଗବାନ୍ ବା ବ୍ରହ୍ମଙ୍କ ଦ୍ୱାରା କାର୍ଯ୍ୟ ହୋଇଥାଏ। ୩ଟି ଯୋଗକୁ ଦେଖିବାକୁ ଅଲଗା ଲାଗନ୍ତି। କିନ୍ତୁ ୩ଟିର ସମାବେଶ ହେଲେ ଓ "ମୁଁ"ର ଅଲଗା ହେବାର ଭାବନା ଆଉ ରହେ ନାହିଁ ମାତ୍ର ବ୍ରହ୍ମସ□। ସେହିପରି ଥାନ୍ତି। ସେତେବେଳେ ଯୋଗୀ ସମସ୍ତଙ୍କ ସହ ଏକତ୍ୱର ଅନୁଭୂତି କରିଥାଏ। ପ୍ରେମ ଓ ଶ୍ରଦ୍ଧା, ପରମ ଆନନ୍ଦକୁ ପ୍ରାପ୍ତ ହୋଇଥାଏ। ପାନ ଓ ଅପାନକୁ ଏକାଠୀ କରି, ନାସିକାର ଅଗ୍ରଭାଗରେ ଧ୍ୟାନକୁ କେନ୍ଦ୍ରିତ କରି ଓଁ ଉଚ୍ଚାରଣ କରୁଥିବା ବ୍ୟକ୍ତି ଯୋଗ ଅବସ୍ଥାରେ ସ୍ଥିତ ହୋଇଯାଏ। ଆତ୍ମାନୁଭୂତି ଓ ପରେ ସ୍ଥିତପ୍ରଜ୍ଞ ହୋଇଯାଏ। ଋଷି ସମ ଭାବକୁ ଉଚ୍ଚ ଯୋଗ ବୋଲି କହିଛନ୍ତି (ସମତ୍ୱଂ ଯୋଗ ଉଚ୍ୟତେ)

ହଜାର ବର୍ଷ ପୂର୍ବେ **ଇଜିପଟରେ ଥୋଥ** (ତିହୁତି) ନାମରେ ଜଣେ ମହାତ୍ମା ଥିଲେ ଯେ ପରମ ସ□ା ବିଷୟରେ କହିବାକୁ ଯାଇ ପ୍ରକାଶର (କିରଣ) ସଂକେତ ଦେଇଥିଲେ। ଯାହାକିଛି ବ୍ୟକ୍ତ ବା ଅବ୍ୟକ୍ତ ଅଟେ ସବୁକିଛି ପ୍ରକାଶର ସ୍ୱରୂପ। ଆଧୁନିକ ବିଜ୍ଞାନ ମଧ୍ୟ କହୁଛି ଯେ ସବୁ ପଦାର୍ଥ ଅଣୁ ପରମାଣୁ ତଥା ତାହାଠାରୁ ମଧ୍ୟ ସୂକ୍ଷ୍ମ ଇଲେକ୍‌ଟ୍ରନ୍ ପ୍ରୋଟନ୍, ନିଉଟ୍ରନ୍ ଓ ଫୋଟାନସ୍ ଆଦିର ରୂପ ନେଇପାରେ। ଫୋଟାନସ୍ ପ୍ରକାଶର ସୂକ୍ଷ୍ମ ଅଂଶ ଅଟେ। ଯୋଗୀ ଯେତେବେଳେ ଭ୍ରୂକୁଟୀରେ ଧ୍ୟାନ ଲଗାଏ ପ୍ରକାଶର ଦର୍ଶନ ପାଇଥାଏ। ପ୍ରକାଶ ଗୋଟିଏ ଚମକୁଥିବା ତାରା ରୂପରେ ଭ୍ରୂକୁଟୀରରେ ଦେଖାଦିଏ। ଏହା ଚୈତନ୍ୟ ସ□ାଙ୍କ ପ୍ରତିବିମ୍ବ। ସେଥିରେ ଧ୍ୟାନ ଲଗାଇଲେ ଜୀବାତ୍ମା ପରମାତ୍ମାଙ୍କ ସହ ଲୀନ ହୋଇ ଏକତାର ଅନୁଭୂତି ପାଇଥାଏ।

ସ୍ୱାମୀ ରାମକୃଷ୍ଣ ପରମହଂସ ଯୋଗ ବଳରେ ଯେତେବେଳେ ସ୍ୱାମୀ ବିବେକାନନ୍ଦଙ୍କୁ ପରମାତ୍ମାଙ୍କ ଦର୍ଶନ କରାଇଥିଲେ ତାଙ୍କୁ ମଧ୍ୟ ସଂପୂର୍ଣ୍ଣ ଜଗତ ଓ ପରମାତ୍ମା ପ୍ରକାଶ ସ୍ୱରୂପରେ ଦେଖା ଯାଇଥିଲା। ପରମହଂସ ଶକ୍ତିର ଉପାସନାକୁ ସୁଲଭ ବୋଲି କହିଥିଲେ। ଶିବ ଓ ଶକ୍ତିଙ୍କ ମଧ୍ୟରେ ଶକ୍ତି ହିଁ ସାକାର ରୂପ ଅଟେ। ଶକ୍ତି ମାଧ୍ୟମରେ ଶିବଙ୍କ ସହିତ ଲୀନ ହୋଇଯାଇପାରେ। ଶଙ୍କରାଚାର୍ଯ୍ୟ ଯିଏ ଅଦ୍ୱୈତର ପ୍ରତିପାଦକ ଥିଲେ, ଦୂର୍ଗା ତଥା ଶିବଙ୍କ ସ୍ତୋତରେ ଭକ୍ତିର ମହିମା ଦର୍ଶାଇଛନ୍ତି।

ପାର୍ସୀଧର୍ମ, ହିନ୍ଦୁଧର୍ମ ବା ସନାତନ ଧର୍ମ ଭଳି ଏକ ପ୍ରାଚୀନ ଧର୍ମ ଅଟେ। ହଜାର ବର୍ଷ ପୂର୍ବେ ଜରସ୍ଥୁ (ଜୋରାଷ୍ଟ୍ରା), ନାମେ ଜଣେ ମହାତ୍ମା ଇରାନ୍‌ରେ ଥିଲେ ଯିଏ କହୁଥିଲେ କି ସୂର୍ଯ୍ୟଙ୍କ ପବିତ୍ର ଅଗ୍ନିର ଜ୍ୱାଳା ସବୁଠାରୁ ଅଧିକ ପବିତ୍ର ଓ ଉପାସନା ଯୋଗ୍ୟ। ଏହି ଅଗ୍ନି ହିଁ ପ୍ରକାଶ ଅଟେ ଓ ଏହା ଯୋଗୁ ସମସ୍ତ ପ୍ରାଣୀ ଜୀବିତ୍ ହୋଇଥାନ୍ତି। ଯଦି ଏହି ଅଗ୍ନିତ□୍ୱକୁ ସୂର୍ଯ୍ୟ ଭଗବାନ୍ ୨ ମିନିଟ୍ ପାଇଁ ମଧ୍ୟ ଟାଣି ନିଅନ୍ତି ତେବେ ସାରା ଜଗତ ଓ ପ୍ରାଣୀ ମୃତପ୍ରାୟ ହୋଇଯିବେ। ଏହି ଅଗ୍ନି ବା ପ୍ରକାଶ ତ□୍ୱ ସବୁ ମଣିଷର ହୃଦୟରେ ଥାଏ ଓ ସମାନ ରୂପରେ ପୁରା ଜଗତରେ ବ୍ୟାପ୍ତ ହୋଇଥାଏ। ଏହି ଅଗ୍ନି ହିଁ ସାରା ବ୍ରହ୍ମାଣ୍ଡର ଆଧାର। ଏହି ସ□ାର ନାମ ସେ "ଅହୁରାମଜ୍‌ଦା" ଦେଇଥିଲେ। ଏହି ପରମସ□ା, ଜୀବନତ□୍ୱ ଓ ପଦାର୍ଥ ତ□୍ୱ ୨ଟିରେ ପରିଣତ ହୋଇଥାଏ ଓ ସୃଷ୍ଟିର ରଚନା

ହୋଇଥାଏ । ଏହି ଧର୍ମରେ ପବିତ୍ରତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ପବିତ୍ର ବିଚାର, ପବିତ୍ର ବାଣୀ ଓ ପବିତ୍ର କର୍ମ, ସତ୍ୟତା, ସଚ୍ଚୋଟତା, ଦୟା ତଥା ପ୍ରତ୍ୟେକ ପ୍ରାଣୀ ପ୍ରତି ସେବା, ପ୍ରେମ ଓ ସହାୟତା ଭାବ ରଖିବା, ଆଦି ନିୟମର ପାଳନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସ୍ଥୁଳ ଶରୀର, ସୂକ୍ଷ୍ମ ଶରୀର, କାମ, ମନ, ବୁଦ୍ଧି ଓ ଆତ୍ମାର ବର୍ଣ୍ଣନା ବିସ୍ତୃତ ଭାବରେ ମଧ୍ୟ କରାଯାଇଛି ।

ପ୍ରାୟ ହଜାର ବର୍ଷ ତଳେ **ଓରଫିଅସ୍** ନାମକ ଜଣେ ମହାତ୍ମା ଗ୍ରୀସ ଏବଂ ରୋମ୍‌ରେ ସଂଗୀତ ମାଧ୍ୟମରେ ଶବ୍ଦ ଓ ସମରସତା ଦ୍ୱାରା ଆତ୍ମାର ରହସ୍ୟ ଓ ସୌନ୍ଦର୍ଯ୍ୟକୁ ପ୍ରକଟ କରିଥିଲେ । ସେ କହିଥିଲେ ପ୍ରତ୍ୟେକ ବସ୍ତୁରେ ଶବ୍ଦ ଲୁଚି ରହିଛି । ପରମାଣୁ ଠାରୁ ଆରମ୍ଭ କରି ବଡ଼ ବଡ଼ ତାରକାମାନଙ୍କ ମଧ୍ୟରେ ଶବ୍ଦ ଓ ମଧୁର ସଂଗୀତ ସ୍ପନ୍ଦନ ରୂପେ ଈଶ୍ୱରୀୟ ଚେତନାର ସମରସତାକୁ ବ୍ୟକ୍ତ କରିଥାନ୍ତି । ଧ୍ୟାନରେ ମଧ୍ୟ ଯୋଗୀମାନେ ହୃଦୟରେ ଅନାହତ ନାଦର ଶବ୍ଦ ଶୁଣିଥାନ୍ତି । କେତେକ ଯୋଗ ଶିକ୍ଷାରେ ଆଜି ମଧ୍ୟ ଶବ୍ଦ ଓ ପ୍ରକାଶ ମାଧ୍ୟମରେ ଧ୍ୟାନର ସଫଳତାର ବିଧିକୁ ପ୍ରୟୋଗ କରାଯାଉଛି ।

ବୌଦ୍ଧଧର୍ମ ମହାତ୍ମା **ଗୌତମ ବୁଦ୍ଧ**ଙ୍କ ଶିକ୍ଷା ଉପରେ ଆଧାରିତ । ମହାତ୍ମା ବୁଦ୍ଧ ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ଭାରତରେ ଜନ୍ମ ନେଇ ଅଧ୍ୟାତ୍ମର ଗୂଢ଼ ଶିକ୍ଷା ଦେଇଥିଲେ । ତାଙ୍କ ଶିକ୍ଷାର ସାରତ□୍ୱ ଏହି ଯେ ମାନବ ନିଜ କର୍ମରୁ ହିଁ ଦୁଃଖିହୁଏ । ତେଣୁ କୁମାର୍ଗ ଛାଡ଼ି ସୁମାର୍ଗକୁ ନିଜର କର । ଏଥିରେ ସୁଖର ପରମ ଆନନ୍ଦ ଅଛି । ସେ ଚାରୋଟି ମହାନ୍ ସତ୍ୟ କହିଛନ୍ତି (କ) ସଂସାରରେ ଦୁଃଖ ଅଛି (ଖ) ଦୁଃଖର କାରଣ ତୃଷ୍ଣା (ଯାହା ଅଜ୍ଞାନତା ଯୋଗୁଁ ହୋଇଥାଏ) (ଗ) ଏହି ଦୁଃଖର କାରଣକୁ ପ୍ରଜ୍ଞାଦ୍ୱାର ନଷ୍ଟ କରାଯାଇପାରେ (ଘ) ଅଷ୍ଟାଙ୍ଗ ମାର୍ଗ ଏହାର ସାଧନ ।

ଅଷ୍ଟାଙ୍ଗ ମାର୍ଗରେ ଯିବା ପାଇଁ ପ୍ରାରମ୍ଭିକ ଶିକ୍ଷା ପ*ଶୀଳକୁ ପ୍ରାପ୍ତ କରିବା ଦରକାର । ୧. ସତ୍ୟ ଆଚରଣ, ୨ – ଅହିଂସା ଅର୍ଥାତ୍ ପ୍ରତ୍ୟେକ ଜୀବ ପ୍ରତି ଦୟା ଓ କରୁଣା ରଖିବା, ୩ – ଅନ୍ୟ କାହା ଜିନିଷକୁ ଚୋରୀ ବା ଅନ୍ୟାୟ ଭାବରେ ନନେବା, ୪ – ବ୍ରହ୍ମଚର୍ଯ୍ୟ ଓ ପବିତ୍ର ଆଚରଣ କରିବା, ୫ – ନିଶା ବା ମାଦକ ବସ୍ତୁର ସେବନ ନ କରିବା ।

ତାଙ୍କର ଅଷ୍ଟାଙ୍ଗ ମାର୍ଗରେ ୮ଟି ମହତ୍ୱପୂର୍ଣ୍ଣ କଥା କୁହାଯାଇଛି। ୧. ସତ୍ ବିଶ୍ୱାସ, ୨ - ସତ୍ ବିଚାର, ୩ - ସତ୍ ବାଣୀ, ୪ - ସତ୍ କର୍ମ, ୫ - ସତ୍ ସ୍ମୃତି, ୬ - ସତ୍ ଜୀବିକା, ୭- ସତ୍ ପୁରୁଷାର୍ଥ, ୮ - ସତ୍ଧ୍ୟାନ।

ମହାତ୍ମା ବୁଦ୍ଧ ଦୁଃଖର ଚକ୍ରକୁ ଏଭଳି ଭାବରେ ବର୍ଣ୍ଣନା କରିଛନ୍ତି - ଅବିଦ୍ୟାରୁ ସଂସାର, ସଂସାରରୁ ନାମରୂପ, ନାମ ରୂପରୁ ଜ୍ଞାନେନ୍ଦ୍ରିୟ, ଜ୍ଞାାନନ୍ଦ୍ରିୟରୁ ସଂପର୍କ, ସଂପର୍କରୁ ସମ୍ବେଦନା, ସମ୍ବେଦନାରୁ ତୃଷ୍ଣା, ତୃଷ୍ଣାରୁ ରାଗ, ରାଗରୁ ଜନ୍ମ, ଜନ୍ମରୁ ଜରା, ବ୍ୟାଧି ମୃତ୍ୟୁ ଓ ଦୁଃଖ ହୋଇଥାଏ। ଯେଉଁ ପ୍ରକାରରେ ଅଜ୍ଞାନରୁ ଦୁଃଖ ଓ ତୃଷ୍ଣା ଆସିଥାଏ ସେହିଭଳି ତୃଷ୍ଣାକୁ ଶେଷ କଲେ ପ୍ରଜ୍ଞା ଓ ପରମ ଆନନ୍ଦ (ନିର୍ବାଣ) ମିଳିଥାଏ। ତାଙ୍କର ମୁଳମନ୍ତ୍ର ହେଉଛି “ଆତ୍ମଦୀପୋ ଭବ” ଅର୍ଥାତ୍ ନିଜେ ନିଜର ଆଲୋକ ହୁଅ।

ଇହୁଦି ଧର୍ମ ମଧ୍ୟ ବହୁତ ପ୍ରାଚୀନ। ଏଥିରେ ଈଶ୍ୱରଙ୍କୁ ଜଗତର ସୃଷ୍ଟିକ□ା ଓ ପାଳନ କ□ା ବୋଲି କୁହାଯାଇଛି। ତାଙ୍କର ସଂକଳ୍ପ ଶକ୍ତିରୁ ଜଗତର ରଚନା ହୋଇଛି। ମନୁଷ୍ୟର ଶକ୍ତି ଓ ଶାନ୍ତି ତାଙ୍କରି କୃପା ଓ ପ୍ରେମ ଉପରେ ନିର୍ଭର କରିଥାଏ। ଯେତେବେଳେ ମନୁଷ୍ୟ ଈଶ୍ୱରଙ୍କର କୃପାକୁ ବୁଝେ ଓ ପାଳନ କରେ ସେତେବେଳେ କୃପା ଲାଭ କରେ। ସତ୍ ଆଚରଣ, ପରୋପକାର, ପ୍ରେମ ଓ ସେବା ନିଃସ୍ୱାର୍ଥପରତା ଈଶ୍ୱରଙ୍କ ପ୍ରତି ଭକ୍ତି ଓ ତାଙ୍କରି କାର୍ଯ୍ୟ ପାଇଁ ନିଜକୁ ସମର୍ପଣ କରିବା, ଯାହା ମିଳେ ତାହା ଈଶ୍ୱରଙ୍କର ପ୍ରେମ ଓ ନ୍ୟାୟ ବୁଝିବା ଆଦି ସଦ୍‌ଗୁଣ ଗୁଡ଼ିକ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତି ହୋଇଥାଏ। ଜୀବାତ୍ମା ଅମର ଓ ଏହା ଈଶ୍ୱରଙ୍କର ପ୍ରାଣ ସ*ାରର ମାଧ୍ୟମ ଅଟେ। ଯେତେବେଳେ ସବୁ ଧର୍ମରେ ବାସ୍ତବିକ ଶିକ୍ଷା ମଧ୍ୟରେ ଅନ୍ଧବିଶ୍ୱାସ ମିଶିଯାଇ ତା’ର ମୌଳିକତାକୁ ହରାଇଥାଏ ସେତେବେଳେ ଜଗତ୍‌ଗୁରୁ ପୁଣି ଆସନ୍ତି ଓ ନୈତିକତା ଓ ଆଧ୍ୟାତ୍ମିକ ମୂଲ୍ୟ ପୁନଃସ୍ଥାପନା କରିଥାନ୍ତି - ଇହୁଦିଧର୍ମ ପରେ ଇସାଇ (ଖ୍ରୀଷ୍ଟଧର୍ମ) ଓ ଇସଲାମ୍ ଧର୍ମ ସ୍ଥାପିତ ହୋଇଛି।

ଇସାଇ ଧର୍ମର ପୁନଃସ୍ଥାପନ ପ୍ରାୟ ୨୦୦୦ ପୂର୍ବେ ମହାତ୍ମା, ଯୀଶୁ ରୂପରେ ସଂସାରକୁ ଆସି ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟର ପୁନଃସ୍ଥାପନା କରିଥିଲେ। ତାଙ୍କରି ମାଧ୍ୟମରେ ମହାତ୍ମା ଖ୍ରୀଷ୍ଟ (ମୈତ୍ରେୟ) ଯେ ଜଗତ୍‌ଗୁରୁ ପଦରେ ଅଛନ୍ତି ଶିକ୍ଷା ଦେଲେ ଓ ତାଙ୍କୁ ଯୀଶୁଖ୍ରୀଷ୍ଟ ନାମରେ ଲୋକେ

ଜାଣିଲେ ତାଙ୍କର ଶିକ୍ଷା 'ନିଉଟେଷ୍ଟାମେ[ 'ରେ ଦିଆଯାଇଛି। ଓଲଡ୍ ଟେଷ୍ଟାମେ[ରେ ଇବ୍ରାହିମ୍‌ଙ୍କର ଶିକ୍ଷା ରହିଛି। ଖ୍ରୀଷ୍ଟଙ୍କର ବିଶିଷ୍ଟ ଶିକ୍ଷାଗୁଡ଼ିକ "ସରମନ୍ ଅନ୍ ଦି ମାଉ[" ନାମରେ ପ୍ରସିଦ୍ଧ। ତାଙ୍କର ଶିକ୍ଷାର ସାରସ□ ହେଉଛି ପ୍ରେମ। ସେ କହିଛନ୍ତି ପ୍ରେମ ହିଁ ପ୍ରଭୁଙ୍କ ନିକଟକୁ ଯିବାକୁ ଦ୍ୱାର ଅଟେ।  ନିଜକୁ ଯେପରି ପ୍ରେମ କରୁଛ ସେହିପରି ନିଜର ପଡ଼ୋଶୀ ଓ ଶତ୍ରୁକୁ ମଧ୍ୟ ପ୍ରେମ କର। ନିଜର ଧନ ସମ୍ପ□ ଗରିବଙ୍କ ମଧ୍ୟରେ ବା[ିଦିଅ। ଯଦି ତୁମର ବାଁ ଗାଲରେ କିଏ ଚାପୁଡ଼େ ମାରିଲା ତାକୁ ଆରପଟ ଗାଲଟି ଦେଖାଇଦିଅ। ଅନ୍ୟର ସାହାଯ୍ୟ ତୁମେ ଏଭଳି ଭାବରେ କର ଯେପରି ବାମ ହାତର କଲା କର୍ମ ଡାହାଣ ହାତ ନ ଜାଣୁ। ଏଭଳି ମହାନ୍ ଶିକ୍ଷାର ସାଗର କେଉଁଠି ମିଳେ। କିନ୍ତୁ ମଣିଷ ସେଭଳି ମହାତ୍ମାଙ୍କୁ ଜେରୁଜେଲମ୍‌ରେ କ୍ରୁଷବିଦ୍ଧ କରି ଟାଙ୍ଗି ଦେଇଥିଲେ ଓ ସେ ଶରୀର ଛାଡ଼ିବା ସମୟରେ ପରମାତ୍ମାଙ୍କୁ ପ୍ରାର୍ଥନା କରୁଥିଲେ ଯେ "ହେ ପିତା ଏମାନଙ୍କୁ କ୍ଷମା କର ଏମାନେ କ'ଣ କରୁଛନ୍ତି ଜାଣିପାରୁନାହାନ୍ତି।"

ତାଙ୍କର ଶିକ୍ଷା ୧୦ କମାଣ୍ଡମେ[ ରୂପରେ ଦିଆଯାଇଛି। ସେ ପରମାତ୍ମା ଓ ଆତ୍ମାର ସମ୍ବନ୍ଧ ପିତା ଓ ପୁତ୍ରର ବୋଲି କହିଛନ୍ତି। ସେ କହିଛନ୍ତି ପବିତ୍ର ଆତ୍ମାମାନେ ହିଁ ପବିତ୍ର ପରମାତ୍ମାଙ୍କୁ ଦେଖି ପାରିବେ ବା ତାଙ୍କ ସହିତ ଲୀନ ହୋଇପାରିବେ। ଏହାକୁ ପରମାତ୍ମାଙ୍କ ସହ ମିଳନ ବୋଲି କୁହାଯାଇଛି। ତା'ର ପୂର୍ବ ସ୍ଥିତିକୁ ଜାଗୃତି, ତପ ତଥା ପ୍ରଜ୍ଞା ବୋଲି କହିଛନ୍ତି।

ଜୈନଧର୍ମ ପ୍ରାୟ ୨୫୦୦ ବର୍ଷ ପୁରୁଣା। ସ୍ୱାମୀ ମହାବୀରଙ୍କୁ ଆମେ ସବୁଠୁ ବଡ଼ ତୀର୍ଥଙ୍କର ବୋଲି ମାନୁ। ସେ ଅହିଂସା ଅର୍ଥାତ୍ ପ୍ରେମର ପ୍ରବ□କ । କୌଣସି ଜୀବ ପ୍ରତି ହିଂସା ନ କରିବା ଓ ପ୍ରତ୍ୟେକଙ୍କ ପ୍ରତି ଦୟା ଓ ପ୍ରେମଭାବ ରଖିବା ତାଙ୍କ ଶିକ୍ଷାର ସାରତ□। ସେ ଅହିଂସା, ସତ୍ୟ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ଉପରେ ଜୋର ଦେଇ ଏପରିକି ଶରୀରରୁ ବସ୍ତ୍ର ମଧ୍ୟ ତ୍ୟାଗ କରି ପ୍ରାକୃତିକ ରୂପରେ ନଗ୍ନ ରହି ତପସ୍ୟା କରିବାର ମାର୍ଗଦର୍ଶନ କରିଛନ୍ତି। ସତ୍‌ଜ୍ଞାନ, ଭକ୍ତି ଓ ଶ୍ରଦ୍ଧା ତଥା ସତ୍ ଆଚରଣ ଉପରେ ଗୁରୁତ୍ୱ ଦେଇଛନ୍ତି। କଠୋର ତପ ଓ ତ୍ୟାଗର ଜୀବନ ବିତାଇବାକୁ ତପସ୍ୱୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସମସ୍ତଙ୍କୁ ପ୍ରେମ ଓ ପ୍ରଜ୍ଞା ବା[ିବା, ପ୍ରତ୍ୟେକ  ପ୍ରାଣୀ ପାଇଁ କଲ୍ୟାଣ ଭାବନା ରଖିବା ଶିକ୍ଷା

ଦେଇଛନ୍ତି। ସଂସାରର ଉତ୍ପ□ ଧର୍ମ, ଅଧର୍ମ, ଦେଶକାଳ, ପଦାର୍ଥ ଓ ଜୀବାତ୍ମାର ମିଳିତ ରୂପେ ହୋଇଛି। ସଂସାର ନଶ୍ୱର ଓ ପରମାତ୍ମା କେବଳ ଅନାଦି ଓ ନିତ୍ୟ ଅଟନ୍ତି। ଜୀବାତ୍ମାକୁ ତପ ଦ୍ୱାରା ନିତ୍ୟ ପରମାତ୍ମାଙ୍କ ସହିତ ଲୀନ ହେବା ଉଚିତ୍।

**ଇସଲାମ ଧର୍ମ** ପ୍ରାୟ ୧୪ଶହ ବର୍ଷ ପୁରୁଣା । ହଜରତ୍ ମହମ୍ମଦ ସାହାବ ଯାହାଙ୍କ ଜନ୍ମ ଆରବ ଦେଶର କାବା ସହରରେ ହୋଇଥିଲା, ଜଣେ ଦେବଦୂତଙ୍କ ମାଧ୍ୟମରେ ଈଶ୍ୱରଙ୍କର ଜ୍ଞାନ କୋରାନ୍ ରୂପରେ ତାଙ୍କୁ ମିଳିଥିଲା। ସେହି ଜ୍ଞାନକୁ ସମସ୍ତଙ୍କ ମଧ୍ୟରେ ବା□ ଇସଲାମ୍ ଧର୍ମର ସ୍ଥାପନା ମହମ୍ମଦ ସାହେବ କରିଥିଲେ। ତାଙ୍କ ଶିକ୍ଷାର ସାରସ□ ହେଉଛି ସିଦ୍ଧାନ୍ତ ଓ ଈଶ୍ୱରଙ୍କୁ ମାନିବା। ୫ ଥର ନମାଜ ପଢ଼ିବା। ହଜ୍ଜ କରିବା, ଦାନ ଦେବା, ପ୍ରେମ, ସତ୍ୟ, ସଚ୍ଚୋଟତା, ସାହସିକତା ଗରୀବ ଲୋକଙ୍କୁ ସାହାର୍ଯ୍ୟ କରିବା ସଦ୍‌ଭାବ ରଖିବା, ବିପଦ ସମୟରେ ଧୈର୍ଯ୍ୟ ରଖିବା ଈଶ୍ୱରଙ୍କ ଉପରେ ଭରସା ରଖିବା, ଈଶ୍ୱରଙ୍କ ଇଛା ଆଗରେ ନିଜକୁ ସମର୍ପିତ କରିବା। ଏହି ବିଶ୍ୱାସ ରଖିବା ଯେ ଆଲ୍ଲାଙ୍କ ବ୍ୟତୀତ ୨ୟ ଈଶ୍ୱର କେହି ନାହାନ୍ତି ଓ ମହମଦ୍ ଶାହା ତାଙ୍କର ବା□ାବହ। ମଦ, ଜୁଆ, ହଣାକଟା, ଠକାମୀ, ବଳାତ୍କାର ଓ ଛୋଟ ପିଲାଙ୍କୁ ଜୀବନରୁ ମାରିବା ପାପ। ମହମଦ୍ ଶାହାଙ୍କ ଶିକ୍ଷା ପୂର୍ବରୁ ଗୋଟିଏ ଖରାପ ପ୍ରଥା ଦେଶରେ ଚାଲୁଥିଲା ଯେ ଘରେ ଝିଅ ଜନ୍ମ ହେବା ଖରାପ ଓ ଜନ୍ମମାତ୍ରେ ତାଙ୍କୁ ମାଟିରେ ପୋତି ଦିଆଯାଉଥିଲା। ଏହି ଖରାପ ପ୍ରଥାକୁ ମହମଦ୍ ଶାହା ବିରୋଧ କରିଥିଲେ ଓ ବନ୍ଦ କରିଥିଲେ। ଦେବାଦେବୀଙ୍କ ମୂ□ୀ ସାମନାରେ ଯେଉଁ ବଳିଦିଆଯାଉଥିଲା ସେହି ବଳି ପୂଜାକୁ ସେ ବନ୍ଦ କରିଥିଲେ। ସେ ଅନ୍ଧବିଶ୍ୱାସର ବିରୋଧି ଥିଲେ ଓ କହୁଥିଲେ ନମାଜ୍ ଦ୍ୱାରା ଆଲ୍ଲାଙ୍କ ସହ ଲୀନ ହୋଇଯାଅ।

**ଶିଖଧର୍ମ** ବେଶୀ ପୁରୁଣା ନୁହେଁ। ପ୍ରଥମ ଗୁରୁ ନାନକ ଦେବଙ୍କ ଶିକ୍ଷାକୁ ପ୍ରାଥମିକତା ଦେଇ ୧୦ମ ଗୁରୁ ଗୋବିନ୍ଦସିଂ ଶିଖ ଧର୍ମର ସ୍ଥାପନ କରିଥିଲେ। ସେ ଗ୍ରନ୍ଥସାହେବ ରଚନା କରିଥିଲେ ଯେଉଁଥିରେ କବୀର ଓ ବାବା ଫରୀଦଙ୍କର ଶିକ୍ଷା ମଧ୍ୟ ସମ୍ମିଳୀତ ହୋଇଛି।

ଶିଖ୍ ଧର୍ମରେ ପରମ ସ□ାକୁ ଅକାଳ **ପୁରୁଖ,** ବ୍ରହ୍ମ କୁହାଯାଇଛି। ତାଙ୍କୁ ଓଁକାର ନାମରେ ସମ୍ବୋଧିତ କରାଯାଇଛି। ସେ ରାମ ଓ ରହିମ୍

ମଧ୍ୟ । କେବଳ ସେ ହିଁ ସତ୍ୟ ବାକି ସଂସାର ଅସତ୍ । ତାଙ୍କ ଶିକ୍ଷାର ସାରତ□୍ୱ ହେଉଛି ନିର୍ମଳ ଓ ନିର୍ଲେପ ମନ, କର୍ମଫଳ, ପ୍ରଭୁ ସ୍ମରଣ, ସମସ୍ତଙ୍କ ପ୍ରତି ପ୍ରେମ, ସେବା, ବା□କିରି ଖାଇବା ସତ୍ୟ ଆଚରଣ ତଥା ଧ୍ୟାନ ଦ୍ୱାରା ବ୍ରହ୍ମଜ୍ଞାନ ଲାଭ କରି ବ୍ରହ୍ମରେ ଲୀନ ହୋଇଯିବା ଇତ୍ୟାଦି । ଗୁରୁ ନାନକ ବ୍ରହ୍ମଜ୍ଞାନୀଙ୍କର ବହୁ ମହିମା କହିଛନ୍ତି । ବ୍ରହ୍ମଜ୍ଞାନ ପ୍ରାପ୍ତ କରିବା ପରେ ଆତ୍ମା ବ୍ରହ୍ମ ସ୍ୱରୂପ ହୋଇଯାଏ । ଶିଖ ଧର୍ମରେ ଜାତିପତି ଓ ଉଚ୍ଚନୀଚର ମହତ୍ୱ ଦିଆଯାଇନାହିଁ । ସମସ୍ତଙ୍କ ପ୍ରତି ବନ୍ଧୁତ୍ୱର ଭାବନାକୁ ମହତ୍ୱ ଦିଆଯାଇଛି ।

ଉପରୋକ୍ତ ମହାତ୍ମା, ଅବତାର ଓ ବା□ାବହମାନଙ୍କ ଛଡ଼ା ଅନେକ ମନୁ, ମୌର୍ଯ୍ୟ, ଚୌହାନ୍, ମହାତ୍ମା, ମହାପୁରୁଷ ଓ ଶିଷ୍ୟ ଏହି ପୃଥିବୀ ପୃଷ୍ଠକୁ ଆସିଛନ୍ତି ଓ ମାନବତାର ମାର୍ଗଦର୍ଶନ କରିଯାଇଛନ୍ତି । ଯେପରି ଲାଇସ୍ତେ, କନ୍‌ଫୁସିୟସ, ପିଥାଗୋରସ, ନାଗାର୍ଜୁନ, ପ୍ଲାଟୋ, ସୁକରାତ୍, ରାମାନୁଜାଚାର୍ଯ୍ୟ, ମାଧବାଚାର୍ଯ୍ୟ, କବୀର, ଫରୀଦ୍ ଓ ରୈଦାସ୍ । ମହର୍ଷି ରମଣ, ଅରବିନ୍ଦ, ବିବେକାନନ୍ଦ, ଦୟାନନ୍ଦ, ଶିରିଡ଼ି ଶାଇବାବା, ଦାଦା ଲେଖରାଜ, ମହାଅବତାର ବାବା, ଯୁକ୍ତେଷର ଗିରୀ, ଶ୍ୟାମାଚରଣ ଲାହଡ଼ୀ, ଯୋଗାନନ୍ଦ, ଜେ କୃଷ୍ଣମୂ□ୀ, ମାଡାମ୍ ବ୍ଲାଭାସ୍କି, କର୍ଣ୍ଣେଲ ଅଲକଟ୍, ଆନିବେସାନ୍ତ, ସି ଡବ୍ଲ୍ୟୁ ଲେଡ୍‌ବିଟର, ଟି. ସୁବାରାଓ, ସି ଜିନ୍‌ରାଜ୍ ଦାସ, ଅରୁଣ ଡେଲ୍, ଏନ୍. ଶ୍ରୀରାମ, ବାହଉଲ୍ଲା, ସେ□ପଲ, ସନ୍ଥ ଜ୍ଞାନେଶ୍ୱର, ଏକନାଥ, ଦାମୋଦର ମାବଲଂକାର, ସନ୍ଥ ତୁକାରାମ, ଶିବଦୟାଲଜୀ, ରାମଦାସଜୀ, ରାମଲିଙ୍ଗ ସ୍ୱାମୀ, ମୁିନ୍‌ଦ୍ଦୀନ୍‌ଚିସ୍ତି, ଗଜାନନ୍ଦ, ସାବନସିଂ, ଚୈତନ୍ୟ ମହାପ୍ରଭୁ ଇତ୍ୟାଦି ଇତ୍ୟାଦି । କିଛି ମହାତ୍ମା ଗୁପ୍ତ ରୂପେ କାର୍ଯ୍ୟ କରନ୍ତି କିନ୍ତୁ ତାଙ୍କର ପ୍ରକୃତ ଅସଲି ନାମ ମଧ୍ୟ ବହୁତ ଲୋକ ଜାଣନ୍ତି ନାହିଁ । ସଂସାରରେ କିଛି ମହାତ୍ମାଙ୍କୁ ଅନ୍ୟ ନାମରେ ଲୋକମାନେ ଜାଣିଥାନ୍ତି ।

ରାମ ଏବଂ କୃଷ୍ଣଙ୍କ ବିଷୟରେ ଏହା କୁହାଯାଇଛି ଯେ ସେମାନେ ସୌରମଣ୍ଡଳର ଈଶ୍ୱରଙ୍କ ଅଂଶ ଓ ଅବତାର ରୂପ ନେଇ ଏ ପୃଥିବୀକୁ ଆସି ମାନବତାର ମାର୍ଗ ଦର୍ଶାଇଛନ୍ତି । କିନ୍ତୁ ଲୋକଙ୍କର ମତ ଯେ ଜଗତ୍‌ଗୁରୁ ମୈତ୍ରୟ କୃଷ୍ଣ ରୂପରେ ଜନ୍ମ ନେଇଥିଲେ । କେହି କେହି ବଡ଼ ମହାତ୍ମା ଯେ ଆମର ପୃଥିବୀକୁ ଶୁକ୍ରଗ୍ରହମାଳାରୁ ଆସିଥିଲେ ଏବେବି ଆଧ୍ୟାତ୍ମ

ଜଗତରେ ଗୁପ୍ତ ରୂପରେ ରହି ଏହି ସଂସାରର ମାର୍ଗ ଦଶର୍ନ କରାଉଛନ୍ତି। ସେମାନଙ୍କ ମଧ୍ୟରେ ସନତ୍ କୁମାର, ସନକ୍ କୁମାର, ସନନ୍ଦନ୍ କୁମାର ଓ ସନାତନ କୁମାର ମୁଖ୍ୟ ଅଟନ୍ତି। ଆମ ପୃଥିବୀରେ ଗୋଟିଏ ଶ୍ୱେତ ରଷିସଂଘ ମାନବ ଜାତିର ମାର୍ଗ ଦର୍ଶକ ଭାବେ କାର୍ଯ୍ୟ କରନ୍ତି। ଏହି ସଂଘରୁ ସମୟେ ସମୟେ ଜଣେ ଜଣେ ମହାତ୍ମା ଆସନ୍ତି ଓ ଦେଶ, କାଳ ଓ ଆବଶ୍ୟକତା ଅନୁସାରେ ଶିକ୍ଷା ଦେଇଯା'ନ୍ତି। ସୋମନେ ସମସ୍ତେ ଗୋଟିଏ ସଂଘର ସଦସ୍ୟ କିନ୍ତୁ ଅଜ୍ଞାନୀ ମାନବ ସେମାନଙ୍କୁ ଭିନ୍ନ ଭିନ୍ନ ଭାବି ତାଙ୍କ ନା'ରେ ମଣିଷ ମଣିଷ ଭିତରେ ପ୍ରଭେଦ ଆଣି ପରସ୍ପର ସହ ଯୁଦ୍ଧ କରିଥାନ୍ତି। ଅଧିକାଂଶ ଯୁଦ୍ଧ ଧର୍ମକୁ ନେଇ ହୋଇଛି ଯଦିଓ ସବୁଧର୍ମର ଶିକ୍ଷା ପରସ୍ପର ପ୍ରତି ପ୍ରେମ, ସହାନୁଭୂତି, ସତ୍ୟତା ଓ ଭାତୃଭାବକୁ ମହ□୍ୱ ଦେଇଛି। ଏହା ମନୁଷ୍ୟର ଦୁର୍ଭାଗ୍ୟ ଯେ ସେ ଅଜ୍ଞାନତାର ବଶହୋଇ ଅନ୍ୟପ୍ରତି ଦ୍ୱେଷଭାବ ରଖେ ଓ ମଣିଷ ମଣିଷ ଭିତରେ ଲଢ଼େଇ ହୁଏ। ଉପରୋକ୍ତ ସବୁଧର୍ମ ଓ ମହାତ୍ମାମାନଙ୍କ ଶିକ୍ଷାର ସାର ଏହା ଯେ ଗୋଟିଏ ପରମସ□ା ପୁରା ବ୍ରହ୍ମାଣ୍ଡରେ ବ୍ୟାପ୍ତ। ସୃଷ୍ଟି ଦ୍ୱାରା ଏହି ଗୋଟିଏ ସ□ାହିଁ ସବୁ ପ୍ରାଣୀଙ୍କ ଭିତରେ ବିଚରଣ କରିଥାନ୍ତି ଯେପରି ଆକାଶରେ ବାୟୁ ରହିଛି। ସେହି ପରମ ସତ୍ୟକୁ ଯେ କୌଣସି ନାମରେ ଡାକିଲେବି କିଛି ଫରକ ପଡ଼ିବ ନାହିଁ କାରଣ ସେ ନାମ ଓ ରୂପର ଉର୍ଦ୍ଧ୍ୱରେ। ଯେତେବେଳେ ଜୀବ ସେହି ସ□ାଙ୍କ ସହିତ ଏକତ୍ୱର ଅନୁଭବ କରିଥାଏ ସେ ସବୁ ପ୍ରାଣୀଙ୍କ ସହ ମଧ୍ୟ ଏକତ୍ୱ ଅନୁଭବ କରିଥାଏ । ପ୍ରେମ ଓ କରୁଣାରେ ତା'ର ହୃଦୟ ଭରି ଉଠିଥାଏ। ଯିଏ ସ□ା ଦୃଷ୍ଟିରୁ ସତ୍ୟ ସେ ଜ୍ଞାନ ଦୃଷ୍ଟିରୁ ଚିତ୍ ଓ ଅନୁଭୂତି ଦୃଷ୍ଟିରୁ ପ୍ରେମ ବା ଆନନ୍ଦ। ଏହି ଅନୁଭୂତିର ସାଧନ ହେଉଛି ସମାଧି। ଯଦି ସବୁ ପ୍ରାଣୀଙ୍କ ପ୍ରତି ପ୍ରେମଭାବ ନ ଉପୁଜିଲା ତେବେ ଜ୍ଞାନ ଓ ସାଧନା ଅପୂର୍ଣ୍ଣ ରହିଗଲା।

ବ୍ରହ୍ମବିଦ୍ୟା ସମିତିର ମହାତ୍ମାମାନଙ୍କର ଶିକ୍ଷାର ସାରତ□୍ୱ ମଧ୍ୟ ପ୍ରଜ୍ଞା ଓ ପ୍ରେମ ଅଟେ। ଏଥିରେ ଶୁଦ୍ଧ ଜୀବନ, ପବିତ୍ରତା, ବିବେକ, ବୈରାଗ୍ୟ, ସେବା ତଥା "ମୁଁ"ର ଅଭାବ ନିହିତ ଅଛି। କୃଷ୍ଣମୂ□ୀ ଓ ତାଙ୍କର ଗୁରୁ ମୁମୁକ୍ଷାକୁ ପ୍ରେମର ସ୍ଥାନ ଦେଇଛନ୍ତି। ପ୍ରେମ ଅର୍ଥାତ୍ ସଂପୂର୍ଣ୍ଣ ଜଗତ ସହିତ ଏକ ହେବା । ଯେତେ ପର୍ଯ୍ୟନ୍ତ ଦୈତ୍ୟଭାବ ଅଛି, ଯେପରି 'ମୁଁ' – 'ତୁ' ଓ 'ସେ' ସେ ପର୍ଯ୍ୟନ୍ତ ପରମାତ୍ମାଙ୍କର ସାକ୍ଷାତକାର କିମ୍ବା ପ୍ରେମର

ଅନୁଭୂତି ହେବନାହିଁ। ଜାଗ୍ରତ ରହି ମନର କ୍ରିୟାକଳାପକୁ ନିରପେକ୍ଷଭାବରେ ଅବଲୋକନ କଲେ ମନ ଶାନ୍ତ ହୋଇଯାଏ ଓ 'ମୁଁ' ଭାବ କଟିଯାଇ ପ୍ରେମ ଉଦୟ ହୁଏ। ଯଦି ପ୍ରେମର ସ୍ଥିତି ଆସିଯାଏ ତେବେ ଘୃଣା, ଦ୍ୱେଷ, ଯୁଦ୍ଧ, ମରାକଟା, ବିନାଶକାରୀ ହତିଆରର ନିର୍ମାଣ, ମାରପିଟ, ଭ୍ରଷ୍ଟାଚାର, ପ୍ରତିଶୋଧର ଭାବନା, ଛୋଟବଡ଼ର ଭାବନା, ଅନ୍ୟକୁ ପରବୋଲି ଭାବିବାର ଭାବନାର ସ୍ଥାନ ରହିବ ନାହିଁ। ବିଶ୍ୱରେ ସୁଖ, ଶାନ୍ତି ଓ ପ୍ରେମର ବାତାବରଣ ସୃଷ୍ଟି ହେବ। ଧନ ଓ ସୀମିତ ସାଧନର ଦୁରୂପଯୋଗ, ଯାହା ପୋଲିସ, ନ୍ୟାୟାଳୟ, ମିଲିଟାରୀ, ଗୋଳାବାରୁଦ, ପରମାଣୁ ବୋମା ଆଦି ତିଆରି କରିବାରେ ହୋଇଥାଏ, ବନ୍ଦ ହୋଇଯିବ ଓ ସେହି ଧନ ମାନବ କଲ୍ୟାଣ ପାଇଁ ଉପଯୋଗ ହୋଇପାରିବ। ଏହି ସ୍ୱପ୍ନ ମହାତ୍ମାମାନେ ଦେଖନ୍ତି ଓ ଦିନେ ଏହା ସାକାର ହେବ। ପୃଥିବୀର ମାନବକୁ ଏହି ଅଜ୍ଞାନରୁ ମୁକ୍ତ କରିବା ପାଇଁ ମହାପୁରୁଷମାନେ ବହୁ କଷ୍ଟ ଏବଂ ବଳିଦାନ କରୁଛନ୍ତି। ସେମାନେ ମାନବତା ପାଇଁ ସଦାସର୍ବଦା ପ୍ରେମ ଓ କରୁଣା ରଖିଥା'ନ୍ତି। ଆମର କ'ଣ ଏହା କ□ବ୍ୟ ହେବା ଉଚିତ୍ ନୁହେଁ କି ଆମେ ସେହି ପାଠ ଜଲ୍ଦି ଶିଖିବା, ଯାହା ସେମାନେ ଆମକୁ ଶିଖେଇବାକୁ ଚାହାଁନ୍ତି। ମହାତ୍ମାମାନେ ଆମ୍ଭମାନଙ୍କୁ ଯେଉଁ ଶିକ୍ଷା ଦେବାକୁ ଚାହୁଁଛନ୍ତି ତାହା ଶୀଘ୍ର ଶିକ୍ଷା କରି ନେବା ଆମ ପକ୍ଷେ ଉଚିତ୍ ହେବ ନାହିଁକି ?

❖ ❖ ❖

# ଅଷ୍ଟମ ଅଧ୍ୟାୟ

## ଶାଶ୍ୱତ ପ୍ରାକୃତିକ ସିଦ୍ଧାନ୍ତ

ଆମର ସୌରମଣ୍ଡଳ ପ୍ରକୃତି ପ୍ରଦ□ ନିୟମ ଅନୁସାରେ ସଂଚାଳିତ ହୁଏ। ଏଭଳି କିଛି ନିୟମ ରହିଛି ଯାହାଦ୍ୱାରା ଭୌତିକ ପଦାର୍ଥରେ କ୍ରିୟାପ୍ରତିକ୍ରିୟା ହୋଇଥାଏ।। ଭୌତିକ ବିଜ୍ଞାନ ତଥା ରସାୟନଶାସ୍ତ୍ର ପଦାର୍ଥ ନିୟମର ବର୍ଣ୍ଣନା କରିଥାଏ। ଜୈବ ବିଜ୍ଞାନ ଓ ବନସ୍ପତିବିଜ୍ଞାନ ମଧ୍ୟ ଜୀବର ଶରୀରର ଗଠନ, କାର୍ଯ୍ୟ ପ୍ରଣାଳୀ ତଥା ଶରୀରର ବିକାଶ ପାଇଁ ଥିବା ନିୟମକୁ ଅନୁସନ୍ଧାନ କରୁଥାଏ। କିନ୍ତୁ ଆଧ୍ୟାତ୍ମବିଜ୍ଞାନରେ ଜୀବନର ସଂଚାଳନ ଓ ନିୟନ୍ତ୍ରଣର ନିୟମ ରହିଅଛି। ଏମିତି ସାତଟି ମହତ୍ୱପୂର୍ଣ୍ଣ ନିୟମ ରହିଛି ଓ ଏହି ନିୟମ ଭୌତିକ ନିୟମ ଭଳି ସତ୍ୟ ଓ ସ୍ଥାୟୀ। ଏହି ନିୟମ ଓ ସିଦ୍ଧାନ୍ତକୁ ନିମ୍ନରେ ବର୍ଣ୍ଣନା କରାଗଲା।

୧. ଏକତ୍ୱର ସିଦ୍ଧାନ୍ତ (Law of Unity) – ସାରା ବିଶ୍ୱ, ଜଡ଼ ଓ ଚେତନ, ବ୍ୟକ୍ତ ଓ ଅବ୍ୟକ୍ତ ଏକ୍। ଏକ ହିଁ ଭିନ୍ନ ଭିନ୍ନ ରୂପରେ ଅନେକ ହୋଇ ଦେଖାଯାଉଛନ୍ତି। ତେଣୁ ଯେଉଁ କାର୍ଯ୍ୟ ବା ସ୍ଥିତି ଜଣଙ୍କ ପାଇଁ କଷ୍ଟପୂର୍ଣ୍ଣ ବା ଲାଭଦାୟକ, ତା'ଦ୍ୱାରା ପୁରା ବିଶ୍ୱ ପ୍ରଭାବିତ ହୋଇଥାଏ। ସ୍ୱାର୍ଥ, ଭିନ୍ନତା, ବା 'ମୁଁ', 'ତୁ', 'ସେ'ର ଭେଦ ଭ୍ରମାତ୍ମକ ଅଟେ। ଯେକୌଣସି କାର୍ଯ୍ୟରେ, କ୍ରିୟାରେ ବା କର୍ମରେ ନିଜ ଓ ପର ଭାବନା ରହିଛି, ଯାହା ଭାଙ୍ଗେ, ଗଢ଼େ ନାହିଁ, ପ୍ରକୃତି ବିଜ୍ଞାନର ବିରୁଦ୍ଧ, ସେଥିରୁ କଷ୍ଟ ଅବଶ୍ୟ ମିଳିଥାଏ। କରିବା ଲୋକ କଷ୍ଟପାଏ ଓ ଯାହା ପାଇଁ କରାଯାଏ ସେ ମଧ୍ୟ କଷ୍ଟ ପାଏ। ଏଣୁ ସମସ୍ତଙ୍କ ହିତକୁ ଧ୍ୟାନରେ ରଖି କର୍ମ କରିବା ଦରକାର। ସ୍ୱାର୍ଥପୂର୍ଣ୍ଣ  କାର୍ଯ୍ୟ ବନ୍ଧନ ଓ ଦୁଃଖର କାରଣ ହୋଇଥାଏ।

୨. ପ୍ରକଟୀକରଣ ସିଦ୍ଧାନ୍ତ (Law of manifestation) – ଯେତେବେଳେ ସୃଷ୍ଟି ପ୍ରକଟ ହୁଏ, ସେତେବେଳେ ଅତିକମ୍‌ରେ 'ଦୁଇ' ଭାଗରେ ପ୍ରକଟ ହେବା ଜରୁରୀ ଯେମିତି ଧଳାରଙ୍ଗର କାଗଜରେ ଧଳା ରଙ୍ଗର ପେନ୍‌ସିଲ୍‌ରେ ଚିତ୍ର ଆଙ୍କି ହୁଏନାହିଁ। ଦୁଇଟି ରଙ୍ଗ ଅତିକମ୍‌ରେ ଦରକାର। ଯେହେତୁ ବିଶ୍ୱରେ 'ଦୁଇ' ନାହିଁ, ସବୁଠାରେ କେବଳ ଏକ' ସ□। ତେଣୁ 'ଏକ୍' ହିଁ 'ଦୁଇ'ରେ ପ୍ରକଟ ହୁଏ। ଉଦାହରଣ ସ୍ୱରୂପ, ପାଣି 'ବାମ୍ପ' ଓ 'ବରଫ' ଦୁଇ ଭାବରେ ପ୍ରକଟ ହୁଏ। ଏକ୍‌ରୁ ଦୁଇ, ତିନି ଓ ସାତ ଏଭଳି

ଅନେକ ରୂପ ବାହାରେ । ଯେମିତି ସୂର୍ଯ୍ୟ ଶ୍ୱେତକିରଣ ସାତଟି ରଙ୍ଗରେ ପ୍ରକଟ ହୁଏ। ସାରା ସୃଷ୍ଟି ଗୋଟିଏ ସିଦ୍ଧାନ୍ତର ଫଳସ୍ୱରୂପ ପ୍ରକଟ ହୁଏ ଓ ଭିନ୍ନତାରେ ଏକତ୍ୱ ଦେଖାଦିଏ। ଯେମିତି ସାତରଙ୍ଗ ପୁଣିଥରେ ଗୋଟିଏ ଶ୍ୱେତରଙ୍ଗରେ ପରିବ□ିତ ହୋଇଯା'ନ୍ତି ଠିକ୍ ସେମିତି ସମ୍ପୂର୍ଣ୍ଣ ସୃଷ୍ଟି ସମୟ ଆସିଲେ ଗୋଟିଏ ସ□ାରେ ଲୀନ ହୋଇଯିବ। ପୂର୍ବ ଅଧ୍ୟାୟମାନଙ୍କରେ କୁହାଯାଇଛି ଗୋଟିଏ ବ୍ରହ୍ମ ସ□ା ଜଡ଼ ଓ ଚେତନ ବା ପଦାର୍ଥ ଓ ଆତ୍ମା ରୂପେ ପ୍ରକଟ ହୋଇ ବିଭିନ୍ନ ପ୍ରକାର ଜୀବିତ ରୂପ ଓ ଅନେକ ବ୍ରହ୍ମାଣ୍ଡର ରଚନା କରାଯାଇଛି। ପରମାତ୍ମା ହିଁ ଆତ୍ମା ରୂପରେ ପ୍ରକଟ ହୋଇଥା'ନ୍ତି। ଏଣୁ ପରମାତ୍ମାଙ୍କର ସବୁ ଗୁଣ ଆତ୍ମାରେ ରହିଛି। ଜୀବାତ୍ମା ଚାହିଁଲେ ନିଜର ସେହି ସୁପ୍ତ ଗୁଣ ଗୁଡ଼ିକୁ ଜାଗ୍ରତ କରିପାରିବ ଓ ପରମାତ୍ମା ସ୍ୱରୂପ ହୋଇ ପରମ ଆନନ୍ଦ ପ୍ରାପ୍ତ କରିପାରିବ।

୩. ବିକାଶର ସିଦ୍ଧାନ୍ତ (Law of evolution) – ଯେତେବେଳେ ଚୈତନ୍ୟ ଖଣିଜ ପଦାର୍ଥ ପର୍ଯ୍ୟନ୍ତ ତଳସ୍ତରକୁ ଅବତରଣ କରେ ସେତେବେଳେ ଏହା ସୀମାବଦ୍ଧ ହୋଇଯାଏ, ତା'ର ଦୈବୀଗୁଣ ସୁପ୍ତ ହୋଇଯାଏ। ତା'ର ବିକାଶ କରିବା ପାଇଁ ବା ସୁପ୍ତଗୁଣଗୁଡ଼ିକୁ ଜାଗ୍ରତ କରିବା ପାଇଁ ବିକାଶର ସିଦ୍ଧାନ୍ତ ଲାଗୁହୁଏ। ଖଣିଜ, ବନସ୍ପତି ତଥା ପଶୁଜଗତରେ ଏହି ବିକାଶ ଧିରଗତିରେ ପ୍ରାକୃତିକ ଢଙ୍ଗରେ ହୁଏ । କାରଣ ଏହି ତିନି ଶ୍ରେଣୀରେ ଜୀବର କିଛି ସ୍ୱତନ୍ତ୍ରତା ନଥାଏ। ସମୂହ ଜୀବାତ୍ମା ରୂପେ ଏହାର ବିକାଶ ହୁଏ କିନ୍ତୁ ଯେତେବେଳେ ବିକାଶର କାର୍ଯ୍ୟ ମନୁଷ୍ୟ ଶ୍ରେଣୀରେ ପହଁଯାଏ ତେବେ ଏହାକୁ ତୀବ୍ର କରିବା ପାଇଁ ମାନବର ଏକ ସ୍ୱତନ୍ତ୍ର ଜୀବାତ୍ମା ରୂପରେ ବ୍ୟକ୍ତିକରଣ ହୋଇଯାଏ। ପ୍ରାକୃତିକ ରୂପରେ ମନ୍ଦଗତିରେ ହେଉଥିବା ବିକାଶ, ଜୀବାତ୍ମାର ନିଜ ଚେଷ୍ଟା ଦ୍ୱାରା ତୀବ୍ର ହୋଇପାରେ। ଜୀବାତ୍ମା ମଧ୍ୟରେ ତା'ର ପିତା ପରମାତ୍ମା, ବିଶ୍ୱାତ୍ମାଙ୍କର ସବୁ ଗୁଣ ପୂରିରହିଥାଏ। ମାତ୍ର ଜୀବାତ୍ମା ଭୌତିକଜଗତ, କାମନା ଜଗତ ଓ ମାନସିକ ଜଗତରେ ସୁନ୍ଦର ପଦାର୍ଥ ସଂସ୍ପର୍ଶରେ ଆସି ନିଜର ବାସ୍ତବିକ ଲକ୍ଷ୍ୟକୁ ଭୁଲିଯାଏ ଓ 'ମୁଁ', 'ମୋର' ଚକ୍ରରେ ଘୁରିବୁଲୁଥାଏ। ଶରୀର ସହିତ ଜଡ଼ିତ ହୋଇଯାଇ ସେ ଶରୀରର କାମନା ଓ ବାସନାକୁ ନିଜର ବୋଲି ଭାବିଥାଏ। ସେସବୁ ବାସନା, କାମନାର ପୂ□ିପାଇଁ ଅନୁଚିତ୍ କର୍ମ କରି ଅଜ୍ଞାନତା, ବନ୍ଧନ ଓ ଅପୂର୍ଣ୍ଣତାର ଶିକାର ହୋଇଯାଏ। ବହୁତ ବର୍ଷ ପରେ ଓ କେତେ ଜନ୍ମ ନେଇସାରିଲେ ସେ ପ୍ରବୃତିରୁ ନିବୃତି ମାର୍ଗକୁ ଆସେ ଓ

ବିକାଶର ସିଦ୍ଧାନ୍ତକୁ ବୁଝିପାରେ। ଈଶ୍ୱରୀୟ ବିକାଶ ଯୋଜନାକୁ ଜାଣିପାରେ। ଯେଉଁ ଋଷିମାନେ ଏହି ଯୋଜନାରେ ସହାୟକ ଓ ମାର୍ଗଦର୍ଶନର କାର୍ଯ୍ୟ କରନ୍ତି, ସେମାନଙ୍କ ସମ୍ପର୍କରେ ଆସି ଆତ୍ମବିକାଶ ଓ ଉଚ୍ଚ ଅବସ୍ଥା ଲାଭ କରେ। ନିଜର ଆତ୍ମସ୍ୱରୂପରେ ସ୍ଥିତ ହୋଇ ପରମ ଆନନ୍ଦ ଲାଭ କରେ ଓ ବିକାଶର ଯୋଜନାରେ ସହାୟକ ହୁଏ। ଏହିପରି ଜୀବାତ୍ମା ବିକାଶର ଉଚ୍ଚସ୍ଥିତିକୁ ପ୍ରାପ୍ତ ହୁଏ।

୪. କର୍ମର ସିଦ୍ଧାନ୍ତ (Law of Karma ) – କର୍ମର ନିୟମ ଭୌତିକ ବିଜ୍ଞାନର ନିୟମ ପରି ପୂର୍ଣ୍ଣ ଓ ନିଶ୍ଚିତ। ଏହି ସିଦ୍ଧାନ୍ତ ଆହୁରି ଜଟିଳ ଓ ରହସ୍ୟପୂର୍ଣ୍ଣ  କାରଣ ଭୌତିକ ପଦାର୍ଥରେ କେବଳ ଭୌତିକ କ୍ରିୟା ହୋଇଥାଏ କିନ୍ତୁ ମନୁଷ୍ୟ  ଯାହା କ୍ରିୟାକରେ ସେଥିରେ ଭାବନା, କାମନା ଓ ବିଚାର ମଧ୍ୟ ଯୋଡ଼ା ହୋଇଥାଏ। କୌଣସି କ୍ରିୟା ଭଲ ବା ମନ୍ଦ ଏହା ନିର୍ଭର କରେ, ତାର ବିଚାର ଏବଂ ଭାବନା ଉପରେ, ତା'ର ବିଚାର ଏବଂ ଭାବନା ନିଃସ୍ୱାର୍ଥପର ବା ଲୋକହିତକର ବା ସ୍ୱାର୍ଥପର ଏବଂ ଲୋକ ଦେଖାଣିଆ । ଏସବୁ କଥା ଏକାଠି ମିଶାଇ ବିଚାର କଲେ ଜଣାପଡ଼ିବ କର୍ମଟି ଭଲ ବା ମନ୍ଦ।  ଯଦି କ୍ରିୟା କରୁଥିବା ସମୟରେ ସ୍ୱାର୍ଥ ଥାଏ, ଯେଉଁଥିରେ ଅନ୍ୟ ପ୍ରାଣୀଙ୍କୁ କଷ୍ଟ ମିଳେ, ସେମାନଙ୍କର ବିକାଶରେ ବାଧା ଦିଏ ତେବେ ଏହି କର୍ମ ଭବିଷ୍ୟତରେ କେବେନା କେବେ ସେହି ସମୟରେ ଦୁଃଖଦ ସ୍ଥିତିରେ ପକେଇଥାଏ। ଯଦି କ୍ରିୟା ସମୟରେ ନିଃସ୍ୱାର୍ଥ ଭାବନା, ପ୍ରେମ, ସହାନୁଭୂତିର ଭାବନା, ପରହିତକୁ ଧ୍ୟାନରେ ରଖି କରାଯାଏ ଏହାର ଫଳ ଅବଶ୍ୟ ସୁଖଦାୟକ ହେବ। ଯଦି କ୍ରିୟା ଭଲ ଥାଇ ମଧ୍ୟ ଭାବନା ବା ମାନସିକ ଅବସ୍ଥା ସ୍ୱାର୍ଥପୂର୍ଣ୍ଣ ହୋଇଥିବ ତେବେ ତିନିଲୋକରେ ଅଲଗା ଫଳହେବ। ଭୌତିକ ଜଗତରେ ସ୍ଥିତି ଭଲ ରହିବ ମାତ୍ର ଭାବାନାତ୍ମକ ଓ ମାନସିକ ରୂପରେ କ୍ରିୟା କରୁଥିବା ବ୍ୟକ୍ତି ଦୁଃଖୀ ହେବ। ଏଠାରେ ଭଲ ବା ମନ୍ଦ ବିଚାରର ମହ□୍ୱକୁ ବିଶେଷତ୍ୱ ଦିଆଯାଉଛି। କେବେକେବେ ଦେଖାଯାଏ ଯେ କ୍ରିୟା ଭୌତିକ ରୂପରେ କଷ୍ଟଦାୟକ ମାତ୍ର ବିଚାର ଭଲ ଥିଲେ କର୍ମଫଳଭଲ ହେବ। ଯେମିତି ଛୁରୀରେ କାଟି ଅପେରେସନ୍ କରିବାର କ୍ରିୟା ଅନ୍ୟର ସହାୟତା ପାଇଁ କରାଯାଉଥିବା ହେତୁ ଭଲ କର୍ମ ହୁଏ, ଛୁରୀରେ ମାରି ଅନ୍ୟର ଜୀବନ ନେବାର କ୍ରିୟା ମନ୍ଦ ଉଦ୍ଦେଶ୍ୟରେ ହେଉଥିବା ହେତୁ ପାପକର୍ମ ହୁଏ।

କାର୍ଯ୍ୟର ଫଳ ମଧ୍ୟ ବହୁତ ଡେରିରେ ମିଳିଥାଏ ଏପରିକି ଏ ଜନ୍ମରେ ମିଳେନାହିଁ ଓ ଯେତେବେଳେ ମିଳେ ଜୀବକୁ ମନେନଥାଏ ଯେ କେଉଁ କର୍ମର ଫଳ ସେ ଭୋଗୁଛି। ତେଣୁ ପ୍ରାଣୀ ନିଜକୁ ନିର୍ଦ୍ଦୋଷ ମଣି ତା' ସହିତ ଅନ୍ୟାୟ ହୋଇଛି ବୋଲି କୁହେ। ବାସ୍ତବରେ ପ୍ରକୃତି କେବେ ଅନ୍ୟାୟ କରେ ନାହିଁ। କର୍ମ ସିଦ୍ଧାନ୍ତରେ ଭରସା ରଖି ଦୁଃଖକୁ ପ୍ରସନ୍ନତା ସହ ଗ୍ରହଣ କରିବା ହିଁ ଉଚିତ। ଏହା ନିଶ୍ଚିତ ଯେ, ଯେ ଯେପରି ମଞ୍ଜି ବୁଣିବ ସେପରି ଅମଳ କରିବ। ଡେରିରେ ଫଳ ମିଳିବାର କାରଣ ଏହା ମଧ୍ୟ ହୋଇଥାଏ କି ଯେ ଫଳ ପାଚିବା ପାଇଁ ସମୟ ଲାଗେ। କିଛି ଫଳ ମାସରେ ପାଚିଯାଏ ତ କିଛି ଫଳ ପାଚିବାକୁ ବର୍ଷେ ଲାଗେ । କର୍ମ କରି ଫଳ ପାଇବା ପୂର୍ବରୁ ଜଣେ ଯଦି ଦେହ ତ୍ୟାଗ କରେ ତେବେ ତାକୁ ଆର ଜନ୍ମରେ ଫଳ ଅବଶ୍ୟ ମିଳିବ। କିଛି କର୍ମର ଫଳ ତୁରନ୍ତ ମିଳେ ଯେମିତି ବିଷ ଖାଇଲେ ମୃତ୍ୟୁ। ଏଣୁ କର୍ମର ସିଦ୍ଧାନ୍ତକୁ ଦୋଷ ଦେବା ବା ତ୍ରୁଟିପୂର୍ଣ୍ଣ ବୋଲି ଭାବିବା ଜୀବର ଅଜ୍ଞାନତା ଅଟେ। ଆମର ଜ୍ଞାନ ବା ଅଜ୍ଞାନତା ଦ୍ୱାରା ସିଦ୍ଧାନ୍ତର କୌଣସି ପରିବ□ନ ଆସିବ ନାହିଁ। ଯେପରି ଅଜ୍ଞାନତାବଶତ ହେଉ ବା ଜାଣିଶୁଣି ହେଉ ନିଆଁରେ ହାତ ଦେଲେ ହାତ ନିଶ୍ଚୟ ଜଳିଯିବ  ଯଦି ଅନ୍ୟ କୌଣସି କର୍ମ ଏହା ମଝିରେ ନ ଆସିବ। ଯେପରି ଆମେ ଅଗ୍ନିରୋଧକ (Fire Proof) ପୋଷାକ ପିନ୍ଧିଲେ ବା ଆମର ପ୍ରାରବ୍ଧ ଭଲ ଥିଲେ ଆମକୁ କେହି ନିଆଁକୁ ଠେଲି ଦେଲେ ମଧ୍ୟ କେହି ନା କେହି ଆମକୁ ସହାୟତା କରିବାକୁ ଆଗେଇ ଆସେ ଓ ଆମେ ବଂଚିଯାଉ। କର୍ମର ସିଦ୍ଧାନ୍ତକୁ ବୁଝିଗଲେ ଆମକୁ କଷ୍ଟ ଲାଗେ କିନ୍ତୁ ମାନସିକ ସ୍ତରରେ ଆପ□ ଅଭିଯୋଗ ଉଠେ ନାହିଁ ବରଂ ପ୍ରସନ୍ନତା ସହ ସହିଯାଉ। ଏହାର ଅର୍ଥ ନୁହେଁ ଯେ ଆମେ କଷ୍ଟରୁ ବଂଚିବା ପାଇଁ କିଛି କାର୍ଯ୍ୟ କରିବା ନାହିଁ। ପ୍ରୟାସ ଓ ପୁରୁଷାର୍ଥକୁ ଅବଶ୍ୟ ଜାରି ରଖିବା ଦରକାର। କିନ୍ତୁ ସବୁକିଛି କରିବା ପରେ ମଧ୍ୟ କଷ୍ଟ ମିଳେ। ଏହା ପ୍ରାରବ୍ଧ ବୋଲି ମାନିଲେ କଷ୍ଟ କମ୍ ଲାଗେ କିନ୍ତୁ ଏହାର ବୀପରିତ ଚିନ୍ତା ମନରେ ଆଣିଲେ, ନିଜ ଭାଗ୍ୟକୁ ନିନ୍ଦିଲେ, କର୍ମ ସିଦ୍ଧାନ୍ତକୁ ଦୋଷପୂର୍ଣ୍ଣ ବୋଲି ବୁଝିଲେ, ଘୋର ଅନ୍ୟାୟ ବୋଲି ବିଚାର କଲେ, ମାନସିକ ଦୁଃଚିନ୍ତା ଓ କଷ୍ଟ ବଢ଼ିଚାଲିବ।

କ୍ରିୟମାଣ କର୍ମ ଯାହା ଆମେ ବ□ମାନ କରୁଛୁ। ସଂଚିତ କର୍ମ ଯାହା ଜନ୍ମ ଜନ୍ମାନ୍ତରରୁ ଜମା ହୋଇ ରହିଛି ଓ ପ୍ରାରବ୍ଧ ଯାହା ପୂର୍ବ କର୍ମ ଯୋଗୁଁ ଏବେ ଭୋଗିବାକୁ ମିଳେ । ଏ ସମସ୍ତଙ୍କର ଉପଯୁକ୍ତ ସ୍ଥାନ ଓ ଆବଶ୍ୟକତା

ରହିଛି । କର୍ମର ଦେବତା ମାନେ ଏତେ ଦୟାଳୁ ଯେ ଆମେ ଯେତେ ପରିମାଣରେ ସହି ପାରିବା ଆମକୁ ସେତିକି କର୍ମଫଳ ସହିବାକୁ ଦେଇଥାନ୍ତି। ଜଣେ ଆଧ୍ୟାତ୍ମିକ ବ୍ୟକ୍ତିର ସହନଶୀଳତା ବଢ଼ିଯାଏ ଓ ସେ କର୍ମଫଳକୁ ଶୀଘ୍ର ଶୀଘ୍ର ଭୋଗି ବିକାଶ ପଥରେ ଆଗେଇଯାଏ। ସେହି କାରଣରୁ ଏମିତି ଦେଖାଯାଇଛି ଯେ ଜଣେ ବହୁତ ଭଲ ଲୋକ ଆଧ୍ୟାତ୍ମ ପଥରେ ଆଗେଇଲା ବେଳେ ବହୁତ୍ କଷ୍ଟ ପାଇଥାଏ କାରଣ ତାକୁ କର୍ମଫଳର ବୋଝରୁ ମୁକ୍ତ ହୋଇ ଆଗେଇଯିବା ଦରକାର। ଯେଉଁ ଲୋକମାନେ ଭ୍ରଷ୍ଟ, ଅନୈତିକ, ଅନ୍ୟମାନଙ୍କ କଷ୍ଟର କାରଣ, ସେମାନେ ବହୁତ ସୁଖରେ ଥିବାର ଦେଖାଯାନ୍ତି କିନ୍ତୁ ଦିନେନା ଦିନେ ସେମାନଙ୍କର ପତନ ନିଶ୍ଚିତ। କିଛି ଦିନ ପର୍ଯ୍ୟନ୍ତ ତାଙ୍କୁ ପ୍ରାରବ୍ଧ ବଂଚାଇ ରଖେ। କିନ୍ତୁ ପ୍ରାରବ୍ଧ ସରିଗଲେ କର୍ମର ଫଳ ନିଶ୍ଚିତ ଭୋଗିବାକୁ ପଡ଼ିବ। ସିଏ ରାଜା ହୁଅନ୍ତୁ, ପ୍ରତାପଶାଳୀ ଲୋକ ହୁଅନ୍ତୁ ବା ସାଧାରଣ ଲୋକ ହୁଅନ୍ତୁ କର୍ମର ସିଦ୍ଧାନ୍ତ ଅତୁଟ।

କର୍ମର ସିଦ୍ଧାନ୍ତରେ ଗୋଟିଏ ମହତ୍ୱପୂର୍ଣ୍ଣ କଥା ହେଉଛି ସବୁ କର୍ମ ଭଲ ବା ମନ୍ଦ ବନ୍ଧନର କାରଣ ହୋଇଥାଏ। କ୍ରିୟା ସହିତ କାମନା ଯୋଡ଼ା ହୋଇଗଲେ ତାକୁ କର୍ମ କୁହାଯାଏ । ଏଣୁ କାମନା ବିହୀନ କର୍ମ (ନିଷ୍କାର୍ମ କର୍ମ) କରିବା ଦ୍ୱାରା ଜୀବ କର୍ମ ଫଳରୁ ମୁକ୍ତ ହୋଇଯାଏ।

୫. ପୂର୍ନଜନ୍ମର ସିଦ୍ଧାନ୍ତ (Law of reincarnation )

ଆମେ ଜାଣୁ ଶରୀର ଜନ୍ମନିଏ ଓ ବିନାଶ ହୁଏ କିନ୍ତୁ ଜୀବାତ୍ମାର ଜନ୍ମ ନାହିଁ କି ମୃତ୍ୟୁ ନାହିଁ। ଆତ୍ମାର ଶରୀର ସହିତ ସଂଯୋଗକୁ ଜନ୍ମ କୁହାଯାଏ ଓ ବିଯୋଗକୁ ମୃତ୍ୟୁ କୁହାଯାଏ। ସେହିପରି ଜୀବାତ୍ମା ବାରମ୍ବାର ନୂଆ ଶରୀରକୁ ଆସେ ଓ ଶରୀର ପୁରୁଣା ହୋଇଗଲେ ତାକୁ ଛାଡ଼ିଦିଏ। ଏହା ବାରମ୍ବାର ହୋଇଥାଏ କାରଣ ଗୋଟିଏ ଦୁଇଟି ଜନ୍ମରେ ମଣିଷର ପୂର୍ଣ୍ଣ ବିକାଶ ହୋଇପାରେ ନାହିଁ। ପୂର୍ଣ୍ଣ ବିକାଶ ହୋଇ ସାରିଲା ପରେ ଯାଇ ଏଇ ଯିବା ଆସିବାରୁ ମୁକ୍ତି ମିଳେ।

ପୂର୍ବ ଅଧ୍ୟାୟର କୁହାଯାଇଛି ଜୀବାତ୍ମାର ୭ଟି ଶରୀର ଓ ତଳ ୪ଟି ଶରୀର ଗୋଟିଏ ପରେ ଗୋଟିଏ ବିନାଶ ହୁଏ। ପ୍ରଥମେ ସେତେବେଳେ ଚେତନା କାମମୟ କୋଷରେ ଜାଗ୍ରତ ହୋଇଯାଏ ଓ କର୍ମ ଅନୁସାରେ ଭୂବଃ ଲୋକରେ ଜୀବିତ ରହେ। ସମୟ ଆସିଲେ କାମମୟ କୋଷର

ମୃତ୍ୟୁ ହୁଏ ଓ ଚେତନା ମାନସିକ ଶରୀରରେ ଜାଗ୍ରତ ହୋଇ ରହେ। ମାନସିକ ଜଗତରେ କିଛି ବର୍ଷ ରହିବା ପରେ ମଧ୍ୟ ଏହି ଶରୀରର ମଧ୍ୟ ମୃତ୍ୟୁ ହୁଏ। ସେତେବେଳେ ଜୀବାତ୍ମା ଉଚ୍ଚ ୩ଟି ଶରୀରରେ ରହି କିଛି ସମୟ ପରେ ପୁଣି ତଳ ଶରୀରଗୁଡ଼ିକୁ ଗୋଟିଏ ଗୋଟିଏ କରି ଓହ୍ଲାଏ। ନିମ୍ନ ଶରୀରଗୁଡ଼ିକ ମରିବା ପରେ ଜୀବନର ସବୁ ଅନୁଭବ ଓ ଗୁଣ ସଂସ୍କାରର ରୂପ ନେଇ ଜୀବାତ୍ମା ରୂପରେ ବିଦ୍ୟମାନ ରୁହେ। ଏଇଭଳି ପ୍ରତ୍ୟେକଟି ଜୀବନରେ ଅନୁଭବ ଓ ସତଗୁଣ ଜମା ହୋଇ ରୁହେ। ଜୀବାତ୍ମା ଯେତେବେଳେ ସ୍ଥୁଳ ଶରୀର ପରେ ଉପର ୩ଟି ଉଚ୍ଚ ଶରୀରରେ ରହି ପୁଣି ନିମ୍ନ ଶରୀରକୁ ଆସିବାକୁ ପ୍ରସ୍ତୁତ ହୁଏ ତାକୁ ସବୁ ଦୃଶ୍ୟ ଚଳଚିତ୍ର ଭଳି ଦେଖାଇ ଦିଆଯାଏ ଯେ ତା'ର ଲକ୍ଷ କ'ଣ? ତାକୁ କ'ଣ କରିବା ଦରକାର? ତା'ର କ'ଣ କରିବା ଉଚିତ୍ ଥିଲା ଓ କ'ଣ ବାକି ରହିଲା ଇତ୍ୟାଦି । ନୂଆ ଶରୀରରେ ଆସିବା ପୂର୍ବରୁ ଜୀବାତ୍ମା ଭବିଷ୍ୟତ ପାଇଁ ନିଜର ରାସ୍ତା ନିର୍ଦ୍ଧାରିଣ କରିଥାଏ । କିନ୍ତୁ ଶରୀରକୁ ଆସିଲା ପରେ ଦୁନିଆର ଆକର୍ଷଣରେ ବାନ୍ଧି ହୋଇ କମ୍ କାର୍ଯ୍ୟ କରିଥାଏ। ଏହାଠାରୁ ବଡ଼ ଉଦାହରଣ କ'ଣ ହୋଇପାରେ ଯେ ମହାତ୍ମାବୁଦ୍ଧ ଯେଉଁ କାର୍ଯ୍ୟ କରିବା ପାଇଁ ସ୍ଥୁଳ ଶରୀରକୁ ଆସିଥିଲେ ସେ କାର୍ଯ୍ୟ ବହୁତ ସମୟ ପର୍ଯ୍ୟନ୍ତ କରିପାରିନଥିଲେ। ବିବାହ ଓ ସନ୍ତାନ ପ୍ରାପ୍ତ ପରେ ଯେତେବେଳେ ସେ ଦେଖିଲେ ମଣିଷର ମୃତଶରୀର, ଜଣେ ରୋଗୀ ଓ ଜଣେ ସନ୍ନ୍ୟାସୀକୁ ସେତେବେଳେ ତାଙ୍କର ସ୍ମରଣ ଆସିଲା । ସେ ସବୁ ଛାଡ଼ି ନିଜର ଶ୍ରେଷ୍ଠ କାର୍ଯ୍ୟରେ ଲାଗିପଡ଼ିଲେ। ବୁଦ୍ଧତ୍ୱ ପ୍ରାପ୍ତ ହୋଇ ସଂସାରକୁ ଉଚିତ୍ ମାର୍ଗ ଦର୍ଶନ ଦେଖାଇଥିଲେ। ପୂର୍ବ ଜନ୍ମର ସ୍ମୃତି ସ୍ଥୁଳ ଶରୀରର ମସ୍ତିଷ୍କରେ ନଥାଏ ବରଂ ଜୀବାତ୍ମାର ଉଚ୍ଚ କୋଷ କାରଣ ଶରୀରରେ ଥାଏ, ଯାହା ଧ୍ୟାନ ଦ୍ୱାରା ଜଣାପଡ଼େ। ସାଧାରଣତଃ ଏହା ଦେଖାଯାଏ ଯେ ଜୀବନରେ ପୁରୁଣା ଜନ୍ମର କଥା ମନେ ନଥିଲେ ମଧ୍ୟ ଆନ୍ତରିକ ଆକର୍ଷଣତା ହେତୁ ବ୍ୟକ୍ତି ପୂର୍ବ ଜନ୍ମରେ ଘନିଷ୍ଠ ସମ୍ବନ୍ଧ ଥିବା ଲୋକମାନଙ୍କ ପ୍ରତି ଆକୃଷ୍ଟ ହୁଏ ଓ ଏ ଜନ୍ମରେ ସେମାନେ ତାଙ୍କୁ ମିଳିଥାନ୍ତି। ପୂର୍ବଜନ୍ମ ଭାଇଭଉଣୀ ବାପଝିଅ, ପତିପତ୍ନୀ, ମା'ପୁଅ ଆଦି ଏଇ ଜନ୍ମରେ ଅନ୍ୟ କିଛି ରୂପରେ ଘନିଷ୍ଠ ସମ୍ପର୍କ ହୋଇ ଆସିଥାନ୍ତି। ଯଦି କିଛି ରକ୍ତର ସମ୍ପର୍କ ନଥାଏ ତେବେବି ଦୂର ଦେଶରେ ଅଲଗା ଅଲଗା ଜାଗାରେ ଜନ୍ମ ହୋଇ ବନ୍ଧୁ ରୂପରେ ମିଳିଥାନ୍ତି। ଯଦି ପୁରୁଣା ଜନ୍ମର କଥା ମନେ ବି ନଥାଏ ତେବେ

ପ୍ରଥମ ଥରର ଦେଖା ହେଲା ପରେ କେହି କେହି ନିଜର ଲାଗନ୍ତି । ସେମାନଙ୍କ ପ୍ରତି ଆମର ବିଶେଷ ଆକର୍ଷଣ ଜାତ ହୁଏ। ଜୀବାତ୍ମା ମାନେ ଜଣେ ଜଣକୁ ଚିହ୍ନି ଯା'ନ୍ତି। ଯେପରି ୨ ଜଣ ସାଙ୍ଗ ଭିନ୍ନ ବେଶ ପୋଷାକରେ ଥିଲେ ମଧ୍ୟ ଦେଖା ହେଲେ ପରସ୍ପରକୁ ଚହ୍ନିପାରନ୍ତି। ଦୁଇ ଜଣ ଶତ୍ରୁ ନିଜର ପୁରୁଣା ହିସାବ କିତାବ କରିବା ପାଇଁ ପୁନର୍ଜନ୍ମରେ ଅବଶ୍ୟ ମିଳିଥାନ୍ତି। ଯେତେବେଳେ ଏଭଳି ଦୁଇ ଜଣ ବ୍ୟକ୍ତି ପରସ୍ପରକୁ ଦେଖାହୁଅନ୍ତି ଦୂରେଇ ରହିବାକୁ ଚାହାନ୍ତି କିନ୍ତୁ ପରିସ୍ଥିତି ବଶତଃ ସେମାନଙ୍କୁ ପାଖାପାଖି ରହିବାକୁ ପଡ଼େ ଓ କର୍ମର ହିସାବ କିତାବ ହୋଇଗଲା ପରେ ଜଣେ ଅନ୍ୟ ଜଣକଠାରୁ ଦୂରେଇ ଯାଏ।

କିଛି ବ୍ୟକ୍ତି ପୁନର୍ଜନ୍ମର ବିଶ୍ୱାସ ରଖନ୍ତି ନାହିଁ କିନ୍ତୁ ସତ୍ୟ, ବିଶ୍ୱାସ ବା ଅବିଶ୍ୱାସ ଉପରେ ନିର୍ଭର କରେ ନାହିଁ। ବ୍ୟକ୍ତିଙ୍କର ସତ୍ୟକୁ ମାନିବା ବା ନମାନିବାର ସ୍ୱତନ୍ତ୍ରତା ରହିଛି କିନ୍ତୁ ନିଜର ମତ ଅନ୍ୟ ଉପରେ ଲଦିବାର ଅଧିକାର ନାହିଁ। ବାଇବେଲ ଓ କୋରାନ୍‌ରେ ପୁନଃର୍ଜନ୍ମର ସଂକେତ ଦିଆଯାଇଛି। ପୂର୍ନଜନ୍ମକୁ ମାନୁଥବା ବ୍ୟକ୍ତି, ଏକଥାକୁ ମାନୁନଥିବା ବ୍ୟକ୍ତିଙ୍କଠାରୁ ଯେ ଭୁଲ୍ ଏଭଳି ଭାବିବା ଉଚିତ୍ ନୁହେଁ। ଏମିତି ମଧ୍ୟ ପ୍ରାୟ ହୋଇଥାଏ ଯେ ପୂର୍ନଜନ୍ମରେ ବିଶ୍ୱାସ ରଖୁଥିବା ବ୍ୟକ୍ତି ବହୁତ କଥା ପର ଜନ୍ମ ପାଇଁ ଗଡ଼େଇ ଦିଅନ୍ତି ଓ କହିଥା'ନ୍ତି, ଆଧ୍ୟାତ୍ମିକମାର୍ଗରେ ପର ଜନ୍ମରେ ବି ଯାଇହେବ।" କିଛି ଲୋକ ଆଧ୍ୟାତ୍ମିକ କାର୍ଯ୍ୟକଳାପକୁ ନିଜର ପରିଣତ ବୟସ ପର୍ଯ୍ୟନ୍ତ ଗଡ଼େଇ ଦିଅନ୍ତି ଯଦିଓ ଏହା ସମସ୍ତେ ଜାଣନ୍ତି ଯେ କୌଣସି ଶ୍ରେଷ୍ଠ କାର୍ଯ୍ୟକୁ ଛୋଟ ଛୋଟ ତୁଚ୍ଛ ସୁଖ ପାଇଁ ଗଡ଼େଇ ଦେବା ଠିକ୍ ନୁହେଁ ଓ ଭୌତିକ ବସ୍ତୁରେ ସୁଖ ବା ପରମଆନନ୍ଦ ନାହିଁ। କିଛି ମହାତ୍ମା ପୁର୍ନଜନ୍ମକଥା ଏଇଥିପାଇଁ କହିନାହାନ୍ତି ଯାହା ଯୋଗୁଁ ଜୀବ ଭଲ କାର୍ଯ୍ୟକୁ ପର ଜନ୍ମ ପାଇଁ ସ୍ଥଗିତ ରଖିଦେଇପାରେ। ଏହାର ତାତ୍ପର୍ଯ୍ୟ କଦାପି ନୁହେଁ ଯେ ସେ ମହାତ୍ମାମାନେ ପୁର୍ନଜନ୍ମରେ ବିଶ୍ୱାସ କରନ୍ତି ନାହିଁ। କେହି ବିଶ୍ୱାସ କରୁ ବା ନ କରୁ, ପୁର୍ନଜନ୍ମ ରହିଛି, ଗୋଟିଏ ଜୀବନରେ ଜୀବନର ଲକ୍ଷ୍ୟ ପ୍ରାପ୍ତ ହେବା ସମ୍ଭବ ନୁହେଁ। ଏଣୁ ବାରମ୍ବାର ଜନ୍ମ ନେବା ଆବଶ୍ୟକ। ମହାତ୍ମାମାନେ କହିଛନ୍ତି ଯେ ଏ ପୃଥିବୀ ପୃଷ୍ଠରେ ୭୭୭ ଜୀବନ ସାଧାରଣ ବ୍ୟକ୍ତିକୁ ନେବାକୁ ପଡ଼ିଥାଏ । ଯେଉଁଥିରୁ ୭୦୦ଟି ଜୀବନ ଏମିତି ସାଧାରଣ ଢଙ୍ଗରେ ବିତାଇଦିଏ। ୭୦ଟି ଜନ୍ମ ଜଣେ ଶିଷ୍ଟ ବ୍ୟକ୍ତି ଭଳି ବିତାଏ ଓ ଆଧ୍ୟାତ୍ମିକ ପଥରେ ଦୀକ୍ଷା ନେବାପରେ

୭ଟି ଜନ୍ମରେ ଆଧାତ୍ମିକ ଶିଖରରେ ପହ*ଯାଏ। କିଛି ଜୀବାତ୍ମା ଏତେ ପୁରୁଷାର୍ଥ ଉଚିତ୍ ଦିଗରେ କରିଥା'ନ୍ତି ଯେ ପୁରା ୭୭୭ ଜନ୍ମ ନେବାର ଆବଶ୍ୟକତା ନଥାଏ। କିଛି ମହାତ୍ମା ଚତୁର୍ଥ ଚକ୍ରରେ ଜୀବନମୁକ୍ତ ପଦରେ ପହ*ଯାଇଛନ୍ତି ଯଦିଓ ସାଧାରଣ ଲୋକଙ୍କୁ ଏଥିପାଇଁ ସପ୍ତମଚକ୍ର ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସମୟ ଲାଗେ।

## ୬. ବଳିଦାନର ସିଦ୍ଧାନ୍ତ (Law of sacrifice )

ସୃଷ୍ଟିରେ ଜଣେ ଅନ୍ୟର ବଳିଦାନ ଉପରେ ନିର୍ଭରଶୀଳ। ଆମର ସୃଷ୍ଟିରେ ସୌରମଣ୍ଡଳର ଈଶ୍ୱରଙ୍କ ବଳିଦାନରେ ଏ ସୃଷ୍ଟି ବଂଚି ରହିଛି। ଯେ ନିଜ ଜୀବନକୁ ଅନ୍ୟ ସବୁ ଜୀବଙ୍କୁ ବା[ଛନ୍ତି। ସୂର୍ଯ୍ୟ ସ୍ୱୟଂ ଜଳନ୍ତି ଓ ସମସ୍ତ ପ୍ରାଣୀଙ୍କୁ ଶକ୍ତି ଦିଅନ୍ତି। ଯଦି କ୍ଷଣିକ ପାଇଁ ମଧ୍ୟ ସୂର୍ଯ୍ୟ ଉ□ାପ ଦେବା ବନ୍ଦ କରନ୍ତି ଆମେ ମାନେ ମୃତପ୍ରାୟ ହୋଇଯିବା। ଖଣିଜ ପଦାର୍ଥ ବନସ୍ପତିର ଭୋଜନ, ବନସ୍ପତି ପଶୁମାନଙ୍କର ଭୋଜନ ଓ ପଶୁମାନେ ମନୁଷ୍ୟଙ୍କ କାମରେ ଆସୁଛନ୍ତି। ଯଦି କେଉଁଠି ସ୍ୱାର୍ଥର ଅଂଶ ଦେଖିବାକୁ ମିଳୁଛି ତାହା ମନୁଷ୍ୟଠାରେ। କିଛି ବ୍ୟକ୍ତି କେବଳ ନିଜ ପାଇଁ ବ*ନ୍ତି। ଧିରେ ଧିରେ ନିଜର ପରିବାର ପାଇଁ, ଜାତି ପାଇଁ, ଦେଶ ପାଇଁ ତଥା ସମସ୍ତ ମାନବଜାତି ପାଇଁ ଓ ପ୍ରତ୍ୟେକ ପ୍ରାଣୀ ପାଇଁ ବ*ବା ଶିଖନ୍ତି। କିଛି ଶିଷ୍ଟ ବ୍ୟକ୍ତି କେବଳ ନିଜ ପାଇଁ ଓ ନିଜ ପରିବାର ପାଇଁ ବ*ନ୍ତି। ସେମାନେ କହନ୍ତି ନିଜ ସନ୍ତାନମାନଙ୍କୁ ପାଳନ କରିବା, ଏବଂ କ□ବ୍ୟ ତୁଲାଇବା ହିଁ ସବୁଠାରୁ ବଡ଼ ଧର୍ମ। ନିଜର ପିଲାଙ୍କୁ ପାଳିବାର ତ ନିଜର କ□ବ୍ୟ ଅଟେ। ମାତ୍ର ଯେଉଁ ପିଲାମାନେ ଅନାଥ, ଯୁଦ୍ଧରେ ଯାହାର ମାତାପିତାଙ୍କର ମୃତ୍ୟୁ ହୋଇଛି, କ'ଣ ମୋନଙ୍କ ପ୍ରତି ମଣିଷର କିଛି କ□ବ୍ୟ ନାହିଁ? ଅଜ୍ଞାନତା ହେତୁ କଷ୍ଟ ଓ ସଙ୍କଟରେ ଥିବା ମାନବ ପାଇଁ କ'ଣ ଆମର କିଛି ବି କ□ବ୍ୟ ନାହିଁ? ଈଶ୍ୱରଙ୍କ ବିକାଶ ଯୋଜନା ତଥା ସୃଷ୍ଟିର ସ*ାଳନ ପାଇଁ ଆମର କ'ଣ କିଛି କ□ବ୍ୟ ନାହିଁ? ଦୁଃଖୀ, ପିଡ଼ିତ, ଅଜ୍ଞାନ ଓ ପଥହରା ଲୋକଙ୍କ ମାର୍ଗଦର୍ଶନ କ'ଣ ଆମର କ□ବ୍ୟ ନୁହେଁ? ଏହା କ'ଣ ଆମର କ□ବ୍ୟ ନୁହେଁ ଯେ ଆମେ ମଧ୍ୟ ମହାତ୍ମା ଗାନ୍ଧୀ, ମହାତ୍ମା ବୁଦ୍ଧ, ମଦର ଟେରେସା, ମହାତ୍ମା ଯୀଶୁ, ଖ୍ରୀଷ୍ଟ, ବ୍ରୁନୋଙ୍କ ଭଳି ବୈଜ୍ଞାନିକ, ସମାଜ ସୁଧାରକ ତଥା ଅନେକ ଆଧାତ୍ମିକ ମହାତ୍ମାମାନଙ୍କ ଭଳି କାର୍ଯ୍ୟ କରିବା । ନିଜ ତଥା ନିଜ ପିଲାଙ୍କ ପର୍ଯ୍ୟନ୍ତ କ□ବ୍ୟକୁ ସୀମିତ ରଖିବା ନାହିଁ ନିଜର ବସ୍ତୁ, ପିଲାଙ୍କ ଦେଖାଶୁଣା ପଶୁ ବି କରୁଛି। ତେବେ ମାନବତ୍ୱ

ଓ ପଶୁତ୍ୱ ମଧ୍ୟରେ ତଫାତ୍ କ'ଣ ରହିଲା? ଆମେ ନିଜକୁ ଶ୍ରେଷ୍ଠ ଯୋନି କହିବାର କିଛି ଅଧିକାର ନାହିଁ ଯେତେପର୍ଯ୍ୟନ୍ତ ଆମେ ପଶୁଙ୍କ ଭଳି ନ ବ଼ ନିଃସ୍ୱାର୍ଥ କର୍ମ ନକରୁଛେ। ନିଜର ପିଲାଙ୍କ ଲାଳନପାଳନ ସହିତ ଅତିରିକ୍ତ ଭାର ଉଠାଇ କିଛି ଲୋକକଲ୍ୟାଣ କାର୍ଯ୍ୟ କରିବା ଦରକାର। ଏଥିପାଇଁ ମନୁ ଗୃହସ୍ଥ କାର୍ଯ୍ୟ ପୁରା ହୋଇଗଲା ପରେ ବାନପ୍ରସ୍ଥ ଓ ସନ୍ୟାସର ବ୍ୟବସ୍ଥା କରିଥିଲେ। ଯାହାଦ୍ୱାରା ମାନବ ଅନ୍ୟର ସେବା କରିବାର ସୌଭାଗ୍ୟ ଲାଭ କରିବ। ଏ ସୁଯୋଗର ସଦ୍ ୁପଯୋଗ ନ କରିବା ହିଁ ଆମର ଦୁର୍ଭାଗ୍ୟ। ଏହା ସତ୍ୟ ଯେ ଆମେ ଯେତେବେଳେ କିଛି ଦେଉଁ, ପ୍ରକୃତି ତା' ବଦଳରେ ଅବଶ୍ୟ ଆମକୁ କିଛି ଦେବ। ଏହାକୁ (Law of compensation) କୁହାଯାଏ। ଯେମିତି exhaust fan ଦ୍ୱାରା ଘରୁ ଯେତିକି ପବନ ବାହାରକୁ ଯାଏ ସେତିକି ପବନ ବାହାରୁ ଘର ଭିତରକୁ ଆସିଥାଏ। ଏହା ପ୍ରାକୃତିକ ନିୟମ ଅଟେ। ଯେଉଁ ବ୍ୟକ୍ତି ନିଜର ସବୁକିଛି ବଳିଦାନ ଦେବାପାଇଁ ପ୍ରସ୍ତୁତ ତାକୁ ସୃଷ୍ଟିର ସର୍ବୋ□ମ ନିଧି ପରମାତ୍ମା ସ୍ୱୟଂ ମିଳିଯିବେ। କବୀର କହିଛନ୍ତି, ଯେଉଁ ବ୍ୟକ୍ତି ନିଜର ସବୁକିଛି, ଘର, ଅହଂ, ଏପରିକି ଲୋକକଲ୍ୟାଣ ପାଇଁ ନିଜର ଜୀବନ ଦେବାକୁ ବି ପ୍ରସ୍ତୁତ। ସେ ହିଁ ପରମାତ୍ମାଙ୍କର ପ୍ରକୃତ ପ୍ରେମ ଲାଭ କରେ।"

"ମହାତ୍ମାଙ୍କ ପତ୍ର" ମହାତ୍ମା କୁତ୍‌ହୁମୀ ଲେଖିଛନ୍ତି, "ତମକୁ ନିଜର ପତ୍ନୀ ଓ ସନ୍ତାନଙ୍କର କାର୍ଯ୍ୟ ହିଁ ଅଧିକ ମହ□ପୂର୍ଣ୍ଣ ଦେଖାଯାଉଛି ଓ ତୁମେ ଏହିଭଳି ବହୁତ ସ୍ୱାର୍ଥପୂର୍ଣ୍ଣ କାର୍ଯ୍ୟରେ ବୁଡ଼ି ରହୁଛ ଏଥିପାଇଁ ତୁମେ କେବିବି ଶିଷ୍ୟତ୍ୱ ପ୍ରାପ୍ତ କରିବ ନାହିଁ। ତୁମେ ମାୟାଜାଲରେ ବନ୍ଧା ହୋଇଛ। ଏ ମାୟାର ପରଦା ହଟାଇ ସତ୍ୟଦର୍ଶନ କରିବା ପାଇଁ ବହୁତ୍ ସମୟ ପର୍ଯ୍ୟନ୍ତ ସଂଘର୍ଷ କରିବାକୁ ପଡ଼ିବ।"

ଯେଉଁ ବ୍ୟକ୍ତି ଆଧ୍ୟାତ୍ମିକ ଉନ୍ନତି କରିବାକୁ ଚାହାଁନ୍ତି, ସେ ଅନ୍ୟକୁ ସାହାଯ୍ୟ କରି ଚାଲିନ୍ତୁ କିଛି ପ୍ରତ୍ୟାଶା ନ କରି। ବିକାଶର ପ୍ରାରମ୍ଭିକ ଅବସ୍ଥାରେ ବିକାଶ ପ୍ରାପ୍ତି ଗ୍ରହଣ କରିବା ଦ୍ୱାରା ହୋଇଥାଏ। କିନ୍ତୁ ବିକାଶପ୍ରକ୍ରିୟାରେ ଗୋଟିଏ ସମୟ ଏମିତିବି ଆସେ ଯେତେବେଳେ ବିକାଶ ପ୍ରାପ୍ତ କରିବାରେ ନୁହେଁ ବରଂ ଦେବାରେ ଓ ବା[ିବାରେ ହୋଇଥାଏ, କାରଣ ବଳିଦାନର ସିଦ୍ଧାନ୍ତ ସକ୍ରିୟ ହୋଇଯାଏ।

୭. ପ୍ରେମ ଓ କରୁଣାର ସିଦ୍ଧାନ୍ତ (Law of Love) : ବାସ୍ତବରେ ସମଗ୍ର ସୃଷ୍ଟିରେ ଗୋଟିଏ ବିଧାନ, ଗୋଟିଏ ପ୍ରାକୃତିକ ନିୟମ ଲାଗୁହୁଏ –

"ଏକତା ଓ ପ୍ରେମର ସିଦ୍ଧାନ୍ତ" । ବାକି ସମସ୍ତ ନିୟମ ଏହି ନିୟମର ପ୍ରତିବିମ୍ବ। ଯେହେତୁ ସମସ୍ତ ବ୍ରହ୍ମାଣ୍ଡ ସମସ୍ତ ସୃଷ୍ଟି 'ଏକ' ଅଟେ, ତେଣୁ ଏକତ୍ୱର ସିଦ୍ଧାନ୍ତ କାର୍ଯ୍ୟ କରିଥାଏ ପ୍ରେମ ଓ କରୁଣାର ସିଦ୍ଧାନ୍ତ ରୂପରେ। ସବୁକିଛି ଏକ ଅଟେ ସେଥିପାଇଁ ସମସ୍ତଙ୍କର ସେବା ଓ କଲ୍ୟାଣ କାମନା କରିବା, 'ମୁଁ', 'ତୁ'ରୁ ଉପରକୁ ଉଠି ସମସ୍ତଙ୍କ ପାଇଁ ବଳିଦାନ ଦେବାରେ ବଳିଦାନର ନିୟମ ଲାଗୁ ହୋଇଥାଏ। ସ୍ୱାର୍ଥପାଇଁ କର୍ମ କରୁ କରୁ ମଣିଷ ମନରେ ନିସ୍ୱାର୍ଥ ଓ ନିଷ୍କାମ କର୍ମ କରିବାର ଭାବନା ଜାଗି ଉଠେ। କର୍ମର ସିଦ୍ଧାନ୍ତ ଏଥିପାଇଁ କାର୍ଯ୍ୟ କରିଥାଏ। ସର୍ବତ୍ର ଗୋଟିଏ ଜୀବନ, ଏହା ଜାଣିବା ଓ ଅନୁଭୂବ କରିବାରେ ବିକାଶର ସିଦ୍ଧାନ୍ତ କାର୍ଯ୍ୟ କରିଥାଏ। ବିକାଶ ଗୋଟିଏ ଜନ୍ମରେ ପୂର୍ଣ୍ଣ ହୁଏନାହିଁ ଏଥିପାଇଁ ପୁର୍ନଜନ୍ମର ସିଦ୍ଧାନ୍ତ କାର୍ଯ୍ୟ କରିଥାଏ। ଏହି ପ୍ରକାରେ ଆମେ ଦେଖୁ ଯେ ଗୋଟିଏ ଜୀବନ, ଗୋଟିଏ ନିୟମ ତଥା ଗୋଟିଏ ଅସ୍ତିତ୍ୱ ସର୍ବତ୍ର ଅଛି ଓ ସେହି ମହାନ୍ ନିୟମ ଯାହାକୁ ମହାତ୍ମା କୁତ୍‌ହୁମୀ 'Absolute immutable law' ବୋଲି କହିଛନ୍ତି, ପ୍ରେମ ଓ କରୁଣାରେ ଭରା । କର୍ମ ନିୟମାନୁସାରେ ଯଦି କାହାକୁ କଷ୍ଟ ବା ଦଣ୍ଡ ମିଳେ ତେବେ ଏହା ମଧ୍ୟ ସେହି ପରମ ବିଧାନଙ୍କ ପ୍ରେମ ଓ କରୁଣା ହିଁ ଅଟେ । ଭଲରେ ଭଲରେ ନଶିଖିଲେ ମାଡ଼ ଖାଇ କିଛି ଶିଖିବାକୁ ପଡ଼ିଥାଏ। ଯେମିତି ମାତା-ପିତା ପିଲାଙ୍କୁ ମାରିଲେ, ତାହା ତାଙ୍କର ପ୍ରେମ ଓ କରୁଣା ହିଁ ହେଇଥାଏ। ସଂସାରିକ ମାତାପିତା ଅଜ୍ଞାନତାବଶତଃ ଭୁଲ୍ କରି ପାରନ୍ତି କିନ୍ତୁ ପରମପିତା, ପରମାତ୍ମା ଓ ପରମମାତା ପ୍ରକୃତିଠାରେ କିଛି ଭୁଲ୍ ହୋଇନଥାଏ। ଏଣୁ କଷ୍ଟ ପଡ଼ିଲେ, ପ୍ରସନ୍ନତାର ସହ ସହ୍ୟ କରିବା ଉଚିତ୍। ପ୍ରେମ ରହିତ, 'ମୁଁ' ର ସ୍ୱାର୍ଥତା ହେତୁ କରାଯାଇଥିବା କାର୍ଯ୍ୟ ମଣିଷକୁ କଷ୍ଟ ଦିଏ। ଆମେ ଯାହାକୁ ସତରେ ଯଦି ଭଲ ପାଉଥାଉ, ତା'ର ହାନିକଲାଭଳି କାର୍ଯ୍ୟ ଆମେ କେବେବି କରିପାରିବା ନାହିଁ। ଏଣୁ କର୍ମର ସିଦ୍ଧାନ୍ତ ମଧ୍ୟ ଏକତା ଓ ପ୍ରେମର ସିଦ୍ଧାନ୍ତ ଉପରେ ଆଧାରିତ। ପୁନର୍ଜନ୍ମର ସିଦ୍ଧାନ୍ତ ମଧ୍ୟ ଦେଖିବାକୁ ଗଲେ ପ୍ରେମ ଓ ଏକତା ଉପରେ ଆଧାରିତ। ଆମର ଜନ୍ମ ସେହି ମାତାପିତାଙ୍କଠାରୁ ହୋଇଥାଏ, ଯାହାଙ୍କ ପ୍ରତି ଆମେ ପ୍ରେମ ଭାବ ରଖିଥାଉ। ଏପରି ଆମେ ଦେଖୁଯେ ପ୍ରତ୍ୟେକ ନିୟମ ପ୍ରେମ ଓ କରୁଣାର ସିଦ୍ଧାନ୍ତ ସହିତ ବନ୍ଧା ଯାହା ଆମକୁ ଏକତା, ଓ ପ୍ରେମରେ ବାନ୍ଧିରଖେ।

❖ ❖ ❖

## ନବମ ଅଧ୍ୟାୟ

# ଈଶ୍ୱରୀୟ ବିକାଶ ଯୋଜନା

ଆମ ପୃଥିବୀ ତଥା ଅନ୍ୟ ଗ୍ରହରେ ବିକାଶର ପ୍ରକ୍ରିୟା ଏକ ନିଶ୍ଚିତ ଓ ବିଶାଳ  ଈଶ୍ୱରୀୟ ବିକାଶ ଯୋଜନା ଅନୁସାରେ ହେଉଛି । ଏହି ଯୋଜନା ଈଶ୍ୱରୀୟ ଚେତନାରେ ବିଦ୍ୟମାନ। ବିଭିନ୍ନ ସ୍ତରରେ ଅନେକ ଦେବଗଣ ଏହି ପ୍ରକ୍ରିୟାର ନିୟନ୍ତ୍ରଣ ଓ ନିର୍ଦ୍ଦେଶନା କରୁଛନ୍ତି । ଆମ ପୃଥିବୀରେ ମାନବଜାତିର ବିକାଶ ସିଦ୍ଧସଂଘଙ୍କ ନିର୍ଦ୍ଦେଶରେ ହେଉଛି । ଏହି ସିଦ୍ଧସଂଘରେ ସେହି ପୂର୍ଣ୍ଣ-ପୁରୁଷମାନେ ଅଛନ୍ତି ଯେଉଁମାନେ ଅଲୌକିକ ଶକ୍ତି ଓ କ୍ଷମତାକୁ ବିକଶିତ କରିଛନ୍ତି ଯାହାର କଳ୍ପନା ଆମେ ବ□ମାନ ସ୍ଥିତିରେ କରି ପାରିବା ନାହିଁ। ସେମାନଙ୍କର ପରସ୍ପର ତଥା ସଂସାରର କ୍ରିୟାକଳାପ ସହିତ ନିରନ୍ତର ଘନିଷ୍ଠ ସମ୍ପର୍କ ରହିଛି । ସେମାନେ ଈଶ୍ୱରୀୟ ବିକାଶ ଯୋଜନା ଅନୁସାରେ ପୂର୍ଣ୍ଣ କୁଶଳତା ଓ ବୁଦ୍ଧିମତା ସହିତ ସଂସାରର ନିର୍ଦ୍ଦେଶନା କରୁଛନ୍ତି। ଜୀବନର ବିକାଶ ଧିରେ ଧିରେ କ୍ରମଶଃ ଖଣିଜ, ବନସ୍ପତି, ପଶୁ ଓ ମାନବବର୍ଗରେ ହୋଇଥାଏ। ମାନବବର୍ଗରେ ପୂର୍ଣ୍ଣତାପ୍ରାପ୍ତ କରିବା ପରେ ମଧ୍ୟ ବିକାଶର ଏହି କ୍ରମ ଲାଗିରହିଥାଏ।

ପ୍ରତ୍ୟେକ ମନୁଷ୍ୟ ତ□ତଃ ଈଶ୍ୱର ଅଟେ। ଯେଉଁ ସମସ୍ତ  ଗୁଣ ଓ ଶକ୍ତି ଈଶ୍ୱରଙ୍କ ପାଖରେ ରହିଅଛି ବୋଲି କଳ୍ପନା କରିଥାଉ ସେସବୁ ବୀଜ ରୂପରେ ସୁପ୍ତ ଅବସ୍ଥାରେ ମନୁଷ୍ୟପାଖରେ ମଧ୍ୟ ରହିଅଛି ଓ ତା'ର ବିକାଶ ଧିରେ ଧିରେ ହେଉଛି । ଏହି ବିକାଶ ନିରନ୍ତର ପୂର୍ଣ୍ଣତା ଓ ଚୈତନ୍ୟତା ଆଡ଼କୁ ଅଗ୍ରସର ହେଉଛି, ଯାହାର କିଛି ସୀମା ନାହିଁ। ଏସବୁ ଲୁଚିରହିଥିବା ଗୁଣ ଓ ଶକ୍ତିର ବିକାଶ ପୁର୍ନଜନ୍ମର ପ୍ରକ୍ରିୟା ଓ କାର୍ଯ୍ୟକାରିତାର ସର୍ବବ୍ୟାପୀ ନିୟମ ତଥା ଅନ୍ୟ ପ୍ରାକୃତିକ ନିୟମଗୁଡ଼ିକ ଦ୍ୱାରା ନିୟନ୍ତ୍ରିତ ହୁଏ। ଯେମିତି ଜୀବ-ବିଜ୍ଞାନର ନିୟମଗୁଡ଼ିକର ପ୍ରୟୋଗ ଦ୍ୱାରା ବନସ୍ପତି ଓ ପଶୁବର୍ଗର ବିକାଶକୁ ତ୍ୱରାନ୍ୱିତ କରାଯାଇପାରେ ସେମିତି କ୍ରିୟାଶୀଳ ମାନସିକ ଓ ଆଧ୍ୟାତ୍ମିକ ନିୟମଗୁଡ଼ିକ ପ୍ରୟୋଗ କରିବା ଦ୍ୱାରା ମନୁଷ୍ୟ ମଧ୍ୟ ନିଜର ବିକାଶ ତୀବ୍ରଭାବରେ କରିପାରିବ। ଏଥିପାଇଁ ନିଶ୍ଚିତ ପରିଣାମ ପ୍ରାପ୍ତ କରିବା ପାଇଁ ଏହି ବିଜ୍ଞାନ ସେତିକି ନିଶ୍ଚିତ ଓ ବିଶ୍ୱସନୀୟ ଅଟେ । ଆଧୁନିକ ବିଜ୍ଞାନ କ୍ଷେତ୍ରରେ ଭୌତିକ ଜଗତର ନିୟମ ଯେପରି ନିଶ୍ଚିତ ଓ ବିଶ୍ୱସନୀୟ ଅଟେ ସେହିପରି ନିୟମ ଅଧ୍ୟାତ୍ମ କ୍ଷେତ୍ରରେ ମଧ୍ୟ ରହିଅଛି।

ଆଧୁନିକ ବିଜ୍ଞାନ ଦ୍ୱାରା ପ୍ରତିପାଦିତ ବିକାଶ-ସମ୍ବନ୍ଧୀୟ ବିଚାର (ଯେମିତି ଡାରଓ୍ୱିନ୍‌ଙ୍କ ସିଦ୍ଧାନ୍ତ)ରୁ ଏହା ପ୍ରତୀତ ହୁଏ ଯେ ରୂପରେ ପରିବ□ନ ହେବା ମୂଳତଃ ବାତାବରଣର ଅନୁରୂପ । ନିଜକୁ ଖାପଖୁଆଇବାର ପ୍ରଯତ୍ନ କରିବାର ଚେଷ୍ଟାର ପରିଣାମ ମାତ୍ର । ଅଧ୍ୟାତ୍ମ ବିଜ୍ଞାନ ଏହି ବିଚାରର ଅନ୍ୟଏକ ପକ୍ଷ ମଧ୍ୟ ସ୍ପଷ୍ଟ କରି ବିକାଶ ପ୍ରକ୍ରିୟାର ସମ୍ପୂର୍ଣ୍ଣ ଚିତ୍ର ପ୍ରସ୍ତୁତ କରିଥାଏ । ଜୀବନ, ପଦାର୍ଥ ଓ ଶକ୍ତିର ଉପ-ପରିଣାମ ନାହିଁ । ଜୀବନ ଏକ ସ୍ୱତନ୍ତ୍ର ସ□ା, ଏହା ସ୍ଥୁଳଜଗତରେ ନିଜର ଅଭିବ୍ୟକ୍ତି ପାଇଁ ପଦାର୍ଥ ଓ ଶକ୍ତିର ଉପଯୋଗ କରେ । ଶାରୀରିକ ରୂପ ଏଥିପାଇଁ ହୋଇଥାଏ । ଯାହା ମାଧ୍ୟମରେ ଜୀବନ ବ୍ୟକ୍ତ ହୋଇପାରିବ । ଜୀବନର ପୂର୍ଣ୍ଣ ଅଭିବ୍ୟକ୍ତି ପାଇଁ ରୂପରେ ଆବଶ୍ୟକ ଅନୁସାରେ ରୂପରେ ପରିବ□ନ ହୋଇଥାଏ । ଜୀବନ ଗୋଟିଏ ପରେ ଗୋଟିଏ ଶରୀର ଧାରଣ କରେ ଓ ସେହି ଶରୀରଗୁଡ଼ିକର ମାଧ୍ୟମରେ ବିକଶିତ ଓ ବ୍ୟକ୍ତ ହୋଇଥାଏ । ଶରୀର ବା ରୂପ ସମାପ୍ତ ଓ ଲୁପ୍ତ ହୋଇଯା'ନ୍ତି ମାତ୍ର ସେଥିରେ କାର୍ଯ୍ୟରତ ଜୀବନ ଅଧିକାଧିକ ଉନ୍ନ□ ହୋଇଥାଏ । ଶରୀର ବା ରୂପରେ ବିବିଧତା ତଥା ସେମାନଙ୍କର ଜନ୍ମ ଓ ବିନାଶ ପଛରେ ପ୍ରକୃତିର ଏକ ସୁନିଶ୍ଚିତ ଓ ବୁଦ୍ଧିଗମ୍ୟ ବିକାଶ ଯୋଜନା ବା ଉଦ୍ଦେଶ୍ୟ ଅଛି । ବିଜ୍ଞାନର ଏ ବିଷୟରେ କିଛି ହେଲେ ଧାରଣା ନାହିଁ ।

ସୌରମଣ୍ଡଳରେ ସାତଟି ଲୋକ ଅଛି । ନିମ୍ନ ପା*ଟି ଲୋକରେ ଭୂଲୋକ (ସ୍ଥୁଳଲୋକ) ରୁ ଆତ୍ମିକ ଲୋକ ପର୍ଯ୍ୟନ୍ତ ଜୀବନର ବିକାଶ କାର୍ଯ୍ୟ ହେଉଛି । ଉପର ଦୁଇଟି ଲୋକରେ ଅବ୍ୟକ୍ତ ଓ ବ୍ୟକ୍ତ ଈଶ୍ୱର କ୍ରିୟାଶୀଳ । ଆମର ସୌରମଣ୍ଡଳରେ ସାତଟି ବିକାଶ ଯୋଜନା କ୍ରିୟାଶୀଳ । ପ୍ରତ୍ୟେକ ବିକାଶ ଯୋଜନାରେ ସାତଟି ଗ୍ରହମାଳା, ପ୍ରତ୍ୟେକ ଗ୍ରହମାଳାରେ ସାତଟି ଗ୍ରହ ଅଛନ୍ତି । ସାତଗ୍ରହରେ ଜୀବନ ଥରେ ଗଲେ ଗୋଟିଏ ଚକ୍ର ପୁରାହୁଏ । ସାତଚକ୍ର ପୁରା ହେଲେ ଗୋଟିଏ ଗ୍ରହମାଳାର ସମୟପୁରା ହୁଏ । ଗୋଟିଏ ଚକ୍ର ସାତଗ୍ରହର ଜୀବନର ସମୟ ସହିତ ସମାନ୍ । ଗୋଟିଏ ଗ୍ରହର ଜୀବନ କାଳରେ ସାତଟି ମୂଳଜାତିର ବିକାଶ ହୁଏ । ଗୋଟିଏ ମୂଳଜାତିରେ ସାତଟି ଉପଜାତି ରହିଥାଏ ।

ପ୍ରତ୍ୟେକ ଗ୍ରହମାଳାରେ ଅତିକମ୍‌ରେ ଗୋଟିଏ ସ୍ଥୁଳଗ୍ରହ ଅବଶ୍ୟ ଥାଏ, ଯେଉଁଠି ଜୀବନ ସ୍ଥୁଳ ଶରୀର ଧାରଣ କରେ । ଆମ ପୃଥିବୀରେ

ପୃଥିବୀ, ମଙ୍ଗଳ ଓ ବୁଧ ତିନୋଟି ସ୍ଥୁଳ ଗ୍ରହ ଅଛନ୍ତି ଦୁଇଟି ସୂକ୍ଷ୍ମଗ୍ରହ ଭୂବଲୋକର ପଦାର୍ଥ ଦ୍ୱାରା ତିଆରି ତଥା ଅନ୍ୟ ଦୁଇଟି ସୂକ୍ଷ୍ମ ଗ୍ରହ ମାନସିକ ଲୋକର ପଦାର୍ଥ ଦ୍ୱାରା ତିଆରି। ଆମର ଗ୍ରହମାଳରେ ଜୀବନ ତରଙ୍ଗ ଚନ୍ଦ୍ର ଗ୍ରହମାଳାଠାରୁ ଆସିଥିଲା।

ଆମ ପୃଥିବୀରେ ଚତୁର୍ଥ ଚକ୍ରରେ ଜୀବନ ଚତୁର୍ଥ ଥର ପାଇଁ ଆସିଛି। ଏଥର ଏଠାରେ ସାତ ମୂଳଜାତି ଜନ୍ମ ନେବାପରେ ଜୀବନ ବୁଧଗ୍ରହକୁ ଚାଲିଯିବ। କିନ୍ତୁ ଏଥିପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିବ। ବ□ମାନ ପ*ମ ମୂଳଜାତି (ଆର୍ଯ୍ୟଜାତି) ଚାଲିଛି। ଏଥିରେ ମଧ୍ୟ ସାତଟି ଉପଜାତି ହେବ ବ□ମାନ ପ*ମ ଉପଜାତି ତଥା କେଉଁଠି କେଉଁଠି ଷଷ୍ଠ ଉପଜାତି ମଧ୍ୟ ଜନ୍ମ ନେଇଛନ୍ତି। ଅଷ୍ଟ୍ରେଲିଆ, ନିଉଜିଲ୍ୟାଣ୍ଡ ତଥା ଆମେରିକାର କ୍ୟାଲିଫର୍ଣ୍ଣିୟାରେ ଷଷ୍ଠଉପଜାତି ଜନ୍ମ ନେଉଛନ୍ତି। ସେଥିରୁ ଷଷ୍ଠ ମୂଳଜାତି ଜନ୍ମ ନେବ। ଚତୁର୍ଥ ମୂଳଜାତି ଅଷ୍ଟ୍ରେଲିଆନ୍, ଆଟ୍‌ଲ୍ୟା[ିଆନ୍ ତଥା ତୃତୀୟ ମୂଳଜାତି ଲୈମୁରୀୟନ୍ ପ୍ରାୟ ଶେଷ ହୋଇସାରିଛି। ଚତୁର୍ଥ ମୂଳଜାତିର କିଛି ବ୍ୟକ୍ତି ଏବେବି ଚୀନ୍ ଆଦି ଦେଶରେ ଦେଖିବାକୁ ମିଳନ୍ତି। ଲୈମୁରୀୟନ୍ ଜାତି ଯାହାଙ୍କ ମୁଣ୍ଡ ମୂଷାଭଳି, ପ୍ରାୟ ଶେଷ ହୋଇସାରିଛି। ଚତୁର୍ଥ ମୂଳଜାତିରେ ମନୁଷ୍ୟର ଶରୀର ବହୁତ୍ ବଡ଼ଥିଲା। ଧିରେ ଧିରେ ଯେମିତି ବୁଦ୍ଧିର ବିକାଶ ହେଲା, ଶରୀର ଛୋଟ ହେବାକୁ ଲାଗିଲା। କୁହାଯାଇଛି ଚତୁର୍ଥ ମୂଳଜାତିର କିଛି ବ୍ୟକ୍ତି ୨୭ ଫୁଟ ଲମ୍ବା ମଧ୍ୟ ଥିଲେ। ଗୋଟିଏ ମୂଳଜାତିର ସମୟ ଲକ୍ଷଲକ୍ଷ ବର୍ଷ ହୋଇଥାଏ। ଆମ ଆର୍ଯ୍ୟ ମୂଳଜାତି (ପ*ମ) ୬୦,୦୦୦ ବର୍ଷରୁ ଅଛି ଓ ବିକଶିତ ହେଉଛି। ଯେତେବେଳେ ଷଷ୍ଠ ମୂଳଜାତିର ନିର୍ମାଣ ହେବ, ଯାହାପାଇଁ ମନୁ କ୍ରିୟାଶୀଳ, ପ*ମ ମୂଳଜାତି ଶେଷ ହୋଇଯିବ । ଷଷ୍ଠ ମୂଳଜାତି ପ*ମ ମୂଳଜାତିର ଷଷ୍ଠ ଉପଜାତିରୁ ନିର୍ମାଣ କରାଯିବ। ସେମାନଙ୍କର ଅର୍ନ୍ତଦୃଷ୍ଟି ଆଗରୁ ବିକଶିତ ହୋଇଯିବ। ପ*ମ ମୂଳଜାତିର ମାନସ ପୂର୍ଣ୍ଣ ବିକଶିତ ହେଉଛି, ନୂଆ ମୂଳଜାତିକୁ ସ୍ଥାନ ଦେବା ପାଇଁ ପୁରୁଣା ମୂଳଜାତିକୁ ଶେଷ ହେବା ଦରକାର ଯେମିତି ଆଟ୍‌ଲା[ିଆନ୍ ମୂଳଜାତି ଯେଉଁଠି ଥିଲା ଏବେ ସେଠି ଆଟ୍‌ଲା[ିକ୍ ସାଗର ଅଛି। ପୃଥିବୀର ମାନଚିତ୍ର ସମୟାନୁସାରେ ବଦଳିଥାଏ। ଯେଉଁଠି ଦ୍ୱୀପ ଅଛି, ସେଠି ସାଗର ଓ ଯେଉଁଠି ସାଗର ଅଛି ସେଠି ଦ୍ୱୀପ ସୃଷ୍ଟି ହେଉଛି। ଏଭଳି ଛୋଟ ବଡ଼ ପ୍ରଳୟ ପୃଥିବୀରେ ଘଟି ଚାଲିଛି। ଯେତେବେଳେ ଜୀବନ ତରଙ୍ଗ ଗୋଟିଏ ଗ୍ରହରୁ ଅନ୍ୟ ଗ୍ରହକୁ

ଆସେ ସେତେବେଳେ ପ୍ରଥମ ଗ୍ରହଟିରୁ ଜୀବନ ଲୁପ୍ତ ହେବା ପାଇଁ ପ୍ରଳୟ ହୋଇଥାଏ। ବଢ଼ି, ଭୂକମ୍ପ ବା ଜ୍ୱାଳାମୁଖୀ ଭଳି ଘଟଣା ଘଟିଥାଏ, ଯାହା ଅଜ୍ଞାନୀଙ୍କ ପାଇଁ ଅତ୍ୟନ୍ତ ଦୁଃଖଦାୟକ ହୋଇଥାଏ। ବିଶେଷ କରି ସେହିମାନଙ୍କ ପାଇଁ ଯିଏ ଶରୀରକୁ ନିଜର ସବୁକିଛି ବୋଲି ଭାବିଥାଏ ଓ ଶରୀରର ମୃତ୍ୟୁକୁ ନିଜର ମୃତ୍ୟୁ ବୋଲି ଭାବିଥାଏ। ଏଥିପାଇଁ ମହାତ୍ମାମାନଙ୍କ ପ୍ରୟାସ ହେଉଛି, ପ*ମ, ଷଷ୍ଠ ଓ ସପ୍ତମ ଚକ୍ରରେ ପ୍ରଥମେ ଜୀବାତ୍ମା ତା'ର ବିକାଶ ପ୍ରକ୍ରିୟା ବୁଝି ପ୍ରସନ୍ନତାର ସହ ପ୍ରକୃତି ସହିତ ସହଯୋଗ କରୁ ଓ ବିକଶିତ ହେଉ। ତାହାଦ୍ୱାରା ହିଁ ଦୁଃଖରୁ ନିବୃ□ ମିଳିବ।

ପ୍ରଥମ ତଥା ଦ୍ୱିତୀୟ ମୂଳଜାତିର ଶରୀର ଆମ ଶରୀର ପରି ନଥିଲା। ସେମାନଙ୍କ ମଧ୍ୟରେ ଲିଙ୍ଗଭେଦ ମଧ୍ୟ ନଥିଲା। ସୂକ୍ଷ୍ମ ପବନ ଭଳି ଶରୀର ଥିଲା। (Ethirial body)ଧିରେ ଧିରେ ଏହି ଶରୀରର ବିକାଶ ହୋଇ ଚାଲିଲା ଓ ନୂଆ ନୂଆ ରୂପ ଆକାର ତିଆରି ହେଲା। ଶରୀର ଓ ଜୀବନ ଉଭୟର ବିକାଶ ହେଉଛି।

ଜୀବାତ୍ମାର ବିକାଶ ସପ୍ତମ ଚକ୍ରରେ ସପ୍ତମ ମୂଳଜାତି ପର୍ଯ୍ୟନ୍ତ ହୋଇ ଚାଲିବ ତଥା ପ୍ରତ୍ୟେକ ବ୍ୟକ୍ତି ଜୀବନମୁକ୍ତ ପଦ ପର୍ଯ୍ୟନ୍ତ ପହ*ିବ। କିନ୍ତୁ ଏଥିରେ କୋଟି କୋଟି ବର୍ଷ ସମୟ ଲାଗିବ। ଏଣୁ ବିକାଶ ପ୍ରକ୍ରିୟାକୁ ତୀବ୍ର କରବା ଅତି ଆବଶ୍ୟକ। କିଛି ବ୍ୟକ୍ତି ଆଳସ୍ୟବଶତଃ ଓ ପ୍ରମାଦବଶତଃ କହନ୍ତି ଏବେ ତରବର ହେବା କ'ଣ ଆବଶ୍ୟକ ଅଛି, ଧିରେ ଧିରେ ହେବ। ଯେମିତିକି ଘରେ ନିଆଁ ଲାଗି ଜଳୁଥିବା ବେଳେ କେହି କହିବ ଯେ ଜଲ୍‌ଦି କ'ଣ ଅଛି ଧିରେ ଧିରେ ନିଆଁରୁ ବାହାରିଯିବା। ସାଂସାରିକ ଦୁଃଖ ଓ କଷ୍ଟ ମଧ୍ୟ ସେହିପରି ଏହା ସବୁ ବ୍ୟକ୍ତି ବୁଝିପାରନ୍ତି ନାହିଁ। ସେମାନେ ଏହି ଆଶାରେ ବ*ି ଆସୁଛନ୍ତି ଯେ ସୁଖ ମିଳିବ କିନ୍ତୁ ଦୁଃଖସୁଖର ଚକ୍ର ଏଭଳି ଯେ ଏଥିରୁ ମନୁଷ୍ୟ ବାହାରକୁ ବାହାରିପାରେ ନାହିଁ। ଯେଉଁ ବ୍ୟକ୍ତି ଜାଗ୍ରତ ହୋଇସାରିଛନ୍ତି, ସେମାନେ ଏ ବିକାଶ ଯୋଜନାରେ ପୁରା ସହଯୋଗ କରି ଏହାକୁ ତୀବ୍ର କରିବାର ପୁରା ପ୍ରୟାସ ଆରମ୍ଭ କରିଥାନ୍ତି।

❖ ❖ ❖

## ଦଶମ ଅଧ୍ୟାୟ

# ପୃଥିବୀରେ ଜୀବନମୁକ୍ତ ମହାତ୍ମାମାନଙ୍କ ସଂଘ

ଏହି ପୃଥିବୀରେ ଜୀବନ୍‌ମୁକ୍ତ ମହାତ୍ମାଙ୍କର ଗୋଟିଏ ସଂଘ ଗୁପ୍ତରୂପେ କାର୍ଯ୍ୟ କରୁଛି। ଏହାକୁ ଶ୍ୱେତ ଋଷିସଂଘ କହନ୍ତି। ସବୁ ଜୀବନ୍‌ମୁକ୍ତ ମହାତ୍ମା ତଥା ତାଙ୍କର ଶିଷ୍ୟ ଏ ସଂଘର ସଦସ୍ୟ ଅଟନ୍ତି। ଏହି ମହାତ୍ମାମାନେ ପୃଥିବୀର ଭିନ୍ନ ଭିନ୍ନ କ୍ଷେତ୍ରର ବିକଶ ପାଇଁ ମାନବ ଜାତିର ମାର୍ଗଦର୍ଶନ ଓ ନିୟନ୍ତ୍ରଣ କରନ୍ତି। ଏମାନେ ସଂସାରର ଆଭ୍ୟନ୍ତରିଣ ଶାସକ ଅଟନ୍ତି ଓ ସୌରମଣ୍ଡଳର ଈଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ପୃଥିବୀରେ କାର୍ଯ୍ୟ କରନ୍ତି। ଯେତେ ଧର୍ମର ବା□ାବହ, ଅବତାର ପୁରୁଷ ତଥା ମହାତ୍ମା ଏ ପୃଥିବୀର ମାର୍ଗଦର୍ଶନ ପାଇଁ ଆସିଥିଲେ ସେ ସମସ୍ତେ ଏହି ସଂଘର ସଦସ୍ୟ ଅଟନ୍ତି ଓ ସଂଘର ନିୟନ୍ତ୍ରକଙ୍କ ଆଦେଶରେ ପୃଥିବୀର ଭିନ୍ନ ଭିନ୍ନ ଭାଗରେ, ଦେଶରେ ଓ ସମୟ ଓ ଆବଶ୍ୟକତା ଅନୁସାରେ ଶିକ୍ଷା ଦେଇ ଯାଇଛନ୍ତି। କିଛି ବ୍ୟକ୍ତି ମହାତ୍ମାଙ୍କର ବେଶଧରୀ ନିଜକୁ ମହାତ୍ମା ବୋଲି ପ୍ରଦର୍ଶନ କରନ୍ତି। ଏଭଳି ନକରି ମହାତ୍ମା ମଧ୍ୟ ପୃଥିବୀରେ କିଛି କମ୍ ନାହାନ୍ତି। ସେମାନଙ୍କ କବଳରୁ ମୁକ୍ତ ହେବାର ଏକମାତ୍ର ଉପାୟ ହେଉଛି ଯେ ଆମ ନିଜର ହୃଦୟ ପବିତ୍ର, ନିଃସ୍ୱାର୍ଥ ଓ ଲୋକ କଲ୍ୟାଣ ଭାବନାରେ ଭରି ରହିବା ଉଚିତ। ସଦା ବିବେକ ଓ ବୈରାଗ୍ୟର ପାଳନ କରି ସଚ୍ଚା ମହାତ୍ମାଙ୍କ ସମ୍ପର୍କରେ ଆସିବା। ଯଦି ଆମେ ସ୍ୱାର୍ଥୀ ହେବା, ଧନସମ୍ପ□, ଶକ୍ତି ଓ ସାଂସାରିକ ଯଶ ବୈଭବ ଚାହିଁବା ତେବେ କେବେ ନା କେବେ ନକଲି ମହାତ୍ମାଙ୍କ ସମ୍ପର୍କରେ ଆସିବା କାରଣ ସେମାନେ ଆମକୁ ସଂସାରିକ ବସ୍ତୁ ଲାଭ କରିବା ପାଇଁ ଆଶୀର୍ବାଦ ଦିଅନ୍ତି ଓ ତା' ବଦଳରେ ଆମଠାରୁ ସେବା ଓ ଧନପ୍ରାପ୍ତିର ଇଚ୍ଛା ରଖନ୍ତି। ସଚ୍ଚା ମହତ୍ମା ଏସବୁଠାରୁ ବହୁତ ଊର୍ଦ୍ଧ୍ୱରେ। ସେମାନେ ଆମର ଆଧ୍ୟାତ୍ମିକ ବିକାଶ ପାଇଁ ମାର୍ଗଦର୍ଶନ କରାନ୍ତି। କେହି କେହି ମହାତ୍ମା ବୈଜ୍ଞାନିକ, କଳା, ସଂଗୀତ ତଥା ଶାରୀରିକ ବିକାଶ ପାଇଁ ସହାୟକ ହୁଅନ୍ତି କାରଣ ଜୀବାତ୍ମାକୁ ଲକ୍ଷ୍ୟପ୍ରାପ୍ତି କରିବାରେ ଏସବୁ ସାଧନ ସୁବିଧା ପ୍ରଦାନ କରନ୍ତି। ଜୀବାତ୍ମାର ବିକାଶ ହିଁ ବାସ୍ତବିକ ଲକ୍ଷ୍ୟ।

ପୃଥିବୀରେ ଏହି ଶ୍ୱେତ ଋଷିସଂଘର ସର୍ବୋଚ୍ଚ ପଦରେ **ସନତକୁମାର** ଅଛନ୍ତି। ତାକୁ ଏହି ପୃଥିବୀର ଶାସକ କୁହାଯାଏ। ତାଙ୍କ ପରେ ତିନିଜଣ

ଋଷି ସନକ, ସନନ୍ଦନ ଓ ସନାତନ ଅଛନ୍ତି। ଏହି ଚାରିଜଣ ଋଷି ଶୁକ୍ର ଗ୍ରହମାଳାରୁ ଆସିଥିଲେ। ଶୁକ୍ରଗ୍ରହମାଳାଠାରୁ ଆମ ପୃଥିବୀର ଗ୍ରହମାଳା ବିକାଶ ଦୃଷ୍ଟିରୁ ପଛରେ ଥିବା ଯୋଗୁଁ ସେମାନେ ଆମର ମାର୍ଗଦର୍ଶନ ପାଇଁ ଆସିଥିଲେ। ଏହି ଚାରି ଋଷି ସର୍ବଦା ଯୁବକପରି ଓ ତାଙ୍କର ଶରୀର ଅଲୌକିକ ଅଟେ। ଆୟୁର ପ୍ରଭାବ ସେମାନଙ୍କ ଶରୀର ଉପରେ ପଡ଼ିନାହିଁ। ସେମାନେ ସମ୍ବାଲା, ମଧ୍ୟ ଏସିଆର ଗୋଭୀ ମରୁଭୂମିରେ ରହନ୍ତି। ସେଠାରୁ ସେମାନେ ପୃଥିବୀର ମାର୍ଗଦର୍ଶନ କରନ୍ତି। ସେମାନଙ୍କର ଚେତନା ସାରା ପୃଥିବୀକୁ ଆଚ୍ଛାଦିତ କରିରଖିଛି ଓ ସେମାନେ ଗୁପ୍ତ ରୂପରେ ନିଜର କାର୍ଯ୍ୟ ସ*ାଳନ କରନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଋଷି ଶଙ୍କରାଚାର୍ଯ୍ୟ ରୂପରେ ଆସିଲେ ଓ ଅଦ୍ୱୈତବାଦର ଶିକ୍ଷା ଦେଲେ।

**ମହାତ୍ମା ଗୌତମ ବୁଦ୍ଧ** ଆମରି ପୃଥିବୀର ମାନବ, ଯେ ବୁଦ୍ଧତ୍ୱ ପ୍ରାପ୍ତ କଲେ। ସେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଜଗତଗୁରୁ ପଦରେ ରହି ମାନବ ଜାତିକୁ ମାର୍ଗଦର୍ଶନ କରାଇଲେ ଓ ନିଜର ଅନ୍ତିମ ଜନ୍ମରେ ପୃଥିବୀରେ ନିଜର କାର୍ଯ୍ୟ ପୂର୍ଣ୍ଣ କରି ବୁଧ ଗ୍ରହକୁ ବିକାଶ କାର୍ଯ୍ୟ ପାଇଁ ଗଲେ। ପୃଥିବୀରେ ସାତଟି ଚକ୍ର ସମ୍ପୂର୍ଣ୍ଣ ହେବାପରେ ଜୀବନତରଙ୍ଗ ବୁଧଗ୍ରହକୁ ଯିବ କିନ୍ତୁ ସେଠାରେ ଅନୁକୂଳ ପରିସ୍ଥିତି ତିଆରି ହେବାର କାର୍ଯ୍ୟ ଆରମ୍ଭ ହୋଇଛି। ମହାତ୍ମାବୁଦ୍ଧ  ଶିକ୍ଷା ବିଭାଗର ମୁଖ୍ୟ। ସେ ହିଁ ପୂର୍ବଜନ୍ମମାନଙ୍କରେ କୃଷ୍ଣଦ୍ୱିପାୟନ, ବ୍ୟାସ, ତିହୁତି (ଥୋଥ), ଜୋରାଷ୍ଟ୍ରା ତଥା ଓରଫୀୟସ ରୂପରେ ଜନ୍ମ ନେଇ ମାନବାଜତିକୁ ଆଧ୍ୟାତ୍ମିକ ମାର୍ଗଦର୍ଶନ କରାଇଥିଲେ। ଏଠାରୁ ବୁଧଗ୍ରହକୁ ଯିବାପରେ ମଧ୍ୟ ମହାତ୍ମା ବୁଦ୍ଧ ପୃଥିବୀର ମାନବକୁ ଆଶୀର୍ବାଦ ଦେବା ପାଇଁ ବୈଶାଖ ବୁଦ୍ଧ ପୂର୍ଣ୍ଣିମା ଦିନ ପୃଥିବୀକୁ ସୂକ୍ଷ୍ମଶରୀରରେ  ଆସନ୍ତି।

ମହାତ୍ମା ବୁଦ୍ଧଙ୍କ ଯିବାପରେ **ମହାତ୍ମା ମୈତ୍ରେୟ** ଜଗତଗୁରୁଙ୍କ ଦାୟିତ୍ୱ ସମ୍ଭାଳିଲେ। କୁହାଯାଏ ଯେ ସେ ମହାତ୍ମା ଯୀଶୁଙ୍କ ଶରୀରକୁ ପ୍ରୟୋଗ କରି ଯୀଶୁଖ୍ରୀଷ୍ଟ ଭାବରେ ଶିକ୍ଷା ପ୍ରଦାନ କଲେ। ସେ ତିବ୍ବତରେ ଟୀସୋଂ-ଗା-ପା ତଥା ଭାରତରେ ଜେ. କୃଷ୍ଣମୂ[illegible]ଙ୍କ ଶରୀର ମାଧ୍ୟମରେ ମାନବ ଜାତିର ମାର୍ଗଦର୍ଶନ କରିଥିଲେ। ଏହା କୁହାଯାଏ ଯେ ସେ କୃଷ୍ଣରୂପରେ ଜନ୍ମ ନେଇଥିଲେ। କିଛି ଆଧ୍ୟାତ୍ମିକ ବୈଜ୍ଞାନିକ ଓ ମୋ ମତରେ ଶ୍ରୀକୃଷ୍ଣ, ସୌରମଣ୍ଡଳର ଈଶ୍ୱରଙ୍କ ଅଂଶ ରୂପେ ଅବତାର ଧାରଣ କରି ଆସିଥିଲେ

କାରଣ ସେ ସମୟରେ ଋଷି ମୈତ୍ରୟ ଉଦ୍ଧବଙ୍କୁ ଜ୍ଞାନ ଦେଇଥିଲେ ତଥା ମହାତ୍ମା ମୈତ୍ରେୟଙ୍କୁ ଜଗତ୍‌ଗୁରୁ ପଦରେ ସୁଶୋଭିତ କରାଇଥିଲେ। ଏଭଳି କଥା ଶ୍ରୀମଦ୍ ଭାଗବତରେ ମଧ୍ୟ କୁହାଯାଇଛି। ଆନି ବେସାନ୍ତଙ୍କର 'ଅବତାର' ପୁସ୍ତକରେ କୁହାଯାଇଛି ଯେ ଶ୍ରୀକୃଷ୍ଣ ସୌରମଣ୍ଡଳର ଈଶ୍ୱରଙ୍କ ସ୍ତରରୁ ଅବତାର ଧାରଣ କରି ପୃଥିବୀକୁ ଆସିଥିଲେ। ଯାହାବି ହେଉ ଏସବୁ ଏତେ ରହସ୍ୟାତ୍ମକ ଯେ ସାଧାରଣ ମନୁଷ୍ୟ ପାଇଁ ବୁଝିବା କଷ୍ଟ। ମହାତ୍ମା ମୈତ୍ରୟ ହିମାଳୟର ଦକ୍ଷିଣ ପାର୍ଶ୍ୱରେ ରହନ୍ତି।

**ମହାତ୍ମା ମହାଚୌହାନ,** ବିଜ୍ଞାନ, କଳା ଆଦିର ବିକାଶ ପାଇଁ ହେଉଥିବା କାର୍ଯ୍ୟକୁ ତଦାରଖ କରନ୍ତି। ସେ ଭାରତୀୟ ଶରୀର ଓ ବେଶଭୂଷାରେ ରହନ୍ତି ଓ ଧଳା ପଗଡ଼ି ପିନ୍ଧିଥାନ୍ତି। **ଚାକ୍ଷୁସ ମନୁ** ଚତୁର୍ଥ ମୂଳଜାତି (ଆଟ୍‌ଲା[ଆନ୍ ରେସ୍)ର ବିକାଶର କାର୍ଯ୍ୟ ଦେଖନ୍ତି। ଏହି ଜାତି ଚୀନ୍, ଜାପାନ୍, ବର୍ମା ଆଦି ସ୍ଥାନରେ ରହନ୍ତି। ଆଟ୍‌ଲା[କି ସାଗରର ଗୋଟିଏ ଦ୍ୱୀପରେ ମଧ୍ୟ ଏ ଜାତିର ଲୋକ ରହୁଥିଲେ, ଏବେ ଏହା ସମୁଦ୍ରରେ ପରିଣତ। ଚତୁର୍ଥ ମୂଳଜାତିର ଅଳ୍ପ କିଛି ଲୋକ ଏବେବି ଅଛନ୍ତି। ସେମାନେ ଚୀନ୍‌ରେ ଜନ୍ମ ନେଇଥିଲେ। **ମହାତ୍ମା ବୈବସ୍ୱତ ମନୁ** ମଧ୍ୟ ହିମାଳୟରେ ରହୁଛନ୍ତି। ସେ ପ*ମ ମୂଳଜାତି (ଆର୍ଯ୍ୟ)ର ବିକାଶ କାର୍ଯ୍ୟ ଦେଖନ୍ତି ଓ ଏବେ ଷଷ୍ଠ ଉପଜାତିକୁ ଗଢ଼ିବାରେ ଲାଗିଛନ୍ତି। ଏହା ଷଷ୍ଠ ମୂଳଜାତିକୁ ଜନ୍ମ ଦେବ। ମ**ହାତ୍ମା ନୀଲଗିରୀ,** ଯାହାକୁ ଅଗସ୍ତ୍ୟ ଋଷି ବୋଲି ଆମେ କହୁ, ଭାରତୀୟ ଶରୀର ଧାରଣ କରିଛନ୍ତି ଓ ଭାବତବର୍ଷର ବିକାଶ ତଥା ଉତ୍‌ଥାନ ପାଇଁ କାର୍ଯ୍ୟରତ ଅଛନ୍ତି। ବହୁତ ଦିନ ଧରି ସେ ତିରୁବଲ୍ଲମ୍ (ମାଡ୍ରାସ୍‌ଠାରୁ ୧୦୦ କି.ମି. ଦୂର)ରେ ରହିଥିଲେ। ତାଙ୍କୁ ଲେଡ୍‌ବିଟର ତଥା ସ୍ୱାମୀ ଟି. ସୁବାରାଓ ମଧ୍ୟ ମିଳିଥିଲେ। **ମହାତ୍ମା ମୌର୍ଯ୍ୟ** ଭାରତୀୟ ଶରୀରରେ ଅଛନ୍ତି। ପୂର୍ବ ଜନ୍ମମାନଙ୍କରେ ସେ ପ୍ରାୟ ରାଜା ରୂପରେ ଜନ୍ମ ନେଉଥିଲେ। ସିଏ ହିଁ ଷଷ୍ଠ ମୂଳଜାତିର ମନୁର ରୂପ ନେବେ। ସେ ନିଜର ସାଥୀ, ମହାତ୍ମା କୁତ୍‌ହୁମୀଙ୍କ ସହ ମିଶି ନିଜର ଶିଷ୍ୟ, ମ୍ୟାଡାମ୍ ବ୍ଲାଭାସ୍କି ତଥା କର୍ନଲ ଅଲକଟ୍‌ଙ୍କ ମାଧ୍ୟମରେ ବ୍ରହ୍ମବିଦ୍ୟା ସମିତିର ସ୍ଥାପନା କରିଥିଲେ। ସେ ଧଳା ପୋଷାକ ପିନ୍ଧନ୍ତି ତଥା ପଗଡ଼ି ବାନ୍ଧନ୍ତି। ତାଙ୍କର ଉଚ୍ଚତା ୬'୮"। ରାଜପୂତ ରାଜା ରୂପରେ ଦେଖାଦିଅନ୍ତି। ସେ ତିବ୍ବତରେ ଶିଗାସ୍ତେ ପାଖରେ ରୁହନ୍ତି। ସେ ଶାସକୀୟ ସ୍ୱଭାବର ଅଟନ୍ତି। **ମହାତ୍ମା କୁତ୍‌ହୁମୀ** ଗୋଟିଏ କାଶ୍ମୀର ବ୍ରାହ୍ମଣର ଶରୀରରେ ଅଛନ୍ତି।

ସେ ଶିକ୍ଷକ ସ୍ୱଭାବର ଓ ପୂର୍ବ କେତେ ଜନ୍ମରେ ଆଧ୍ୟାତ୍ମିକ ଶିକ୍ଷକ ଓ ଦାର୍ଶନିକ ହୋଇଥିଲେ। ସେ ପ୍ରେମ ଓ ପ୍ରଜ୍ଞାର ସାଗର ଅଟନ୍ତି। ସେ ଇଜିପ୍ଟରେ ସରଥୋନ୍, ଗ୍ରୀସ୍‌ରେ ପିଥାଗୋରସ୍, ରୋମ୍‌ରେ ଜୁପୀଟର୍ ମନ୍ଦିରର ମାର୍ଗଦର୍ଶକ, ବୁଦ୍ଧ ସମ୍ପ୍ରଦାୟରେ ନାଗାର୍ଜୁନ ରୂପେ ଜନ୍ମ ନେଇ ମାନବତାର ଆଧ୍ୟାତ୍ମିକ ବିକାଶ ପାଇଁ ମାର୍ଗଦର୍ଶନ କରିଛନ୍ତି। ଷଷ୍ଠ ମୂଳଜାତିରେ ସେ ଜଗତ୍‌ଗୁରୁ ପଦରେ କାର୍ଯ୍ୟ କରିବେ। ଏହି ଜନ୍ମରେ ସେ ଭାରତରେ ଜନ୍ମ ନେଇ ମହାବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଥିଲେ। ତାଙ୍କର ଇଂରାଜୀ ଓ ଫରାସୀ ଭାଷାରେ ଗଭୀର ଜ୍ଞାନ ଥିଲା। ସେ ସିନେଟ୍‌କୁ ବହୁତ୍ ଚିଠି ଲେଖିଥିଲେ କାରଣ ପୂର୍ବ ଜନ୍ମ ମାନଙ୍କରେ ତାଙ୍କର ତାଙ୍କ ସହିତ ସମ୍ପର୍କ ରହିଥିଲା। ବ୍ରହ୍ମବିଦ୍ୟା ସମିତି ସ୍ଥାପନା ପାଇଁ ସେ ମହାତ୍ମା ମୌର୍ଯ୍ୟଙ୍କ ସହମିଳି ବିଶେଷ କାର୍ଯ୍ୟ କରିଥିଲେ। ସେ ହିଁ ଜେ. କୃଷ୍ଣମୂ□ଙ୍କର ମାର୍ଗଦର୍ଶକ ଥିଲେ ଓ ଶ୍ରୀଗୁରୁ ଚରଣେ ବହିଟିର ପଂକ୍ତିଗୁଡ଼ିକୁ ଶିକ୍ଷା ଦେଲେ ଯାହା ପ୍ରାଥମିକ ଦୀକ୍ଷା ପାଇଁ ଆବଶ୍ୟକ।

**ମହାତ୍ମା ଭେନେଶିୟନ୍‌ଙ୍କ** ଜନ୍ମ ଭେନିସ୍‌ରେ ହୋଇଥିଲା ଓ ସେ ଆଧ୍ୟାତ୍ମିକ ଜଗତରେ ମାନବତାର ମାର୍ଗଦର୍ଶନ କରାଇଥିଲେ। **ମହାତ୍ମା ସେରାପୀ** ସମରସତା ଓ ସୁନ୍ଦରତାରେ ବିଶେଷ ରୁଚି ରଖୁଥିଲେ। ମହାତ୍ମା ମୌର୍ଯ୍ୟ ତାଙ୍କର ଗୁରୁଥିଲେ। ସେ ଗ୍ରୀସ୍‌ରେ ଜନ୍ମ ନେଇଥିଲେ ଓ ଇଜିପ୍ଟରେ ମାର୍ଗଦର୍ଶନ କଲେ। ବ୍ରହ୍ମବିଦ୍ୟାସମିତିର ଆରମ୍ଭ ସମୟରେ ସେ କର୍ନଲ ଅଲକଟ୍‌ଙ୍କର ସହାୟତା କରିଥିଲେ। ମହାତ୍ମା **ହିଲାରିଅନ୍** ଇଜିପ୍ଟରେ ଥିଲେ। ତାଙ୍କର ଇଂରାଜୀ ଗଦ୍ୟ ଓ ପଦ୍ୟର ଗଭୀର ଜ୍ଞାନ ଥିଲା। ବିଜ୍ଞାନ କ୍ଷେତ୍ରରେ ତାଙ୍କର ବିଶେଷ ଯୋଗାଦାନ ଥିଲା। ସେ କୈବିଲ୍ କୋଲିନ୍‌ଙ୍କ ମାଧ୍ୟମରେ 'ମାର୍ଗ ପ୍ରକାଶନୀ' ତଥା ମ୍ୟାଡାମ୍ ବ୍ଲାଭାସ୍କୀଙ୍କ ମାଧ୍ୟମରେ 'ନୀରବନାଦ' ପୁସ୍ତକ ରୂପରେ ଜଗତକୁ ଆଧ୍ୟାତ୍ମିକ ଜ୍ଞାନ ଦେଇଛନ୍ତି। ଏ ଦୁଇଟି ପୁସ୍ତକ ଆଧ୍ୟାତ୍ମିକ ଜଗତରେ ସାଧନା ଦୃଷ୍ଟିରୁ ବହୁତ ଉପଯୋଗୀ ଓ ମହ□ପୂର୍ଣ୍ଣ।

**ମହାତ୍ମା ଯୀଶୁ** ୨୦୦୦ ବର୍ଷ ପୂର୍ବେ ଜଣେ ଶିଷ୍ୟ ରୂପରେ ୟୁରୋପ୍‌ରେ ଜନ୍ମ ନେଇଥିଲେ ଓ ନିଜର ଶରୀର ମହାତ୍ମା ଖ୍ରୀଷ୍ଟ (ମହାତ୍ମା ମୈତ୍ରୟ)ଙ୍କୁ ସମର୍ପଣ କରିଥିଲେ ଓ ତାଙ୍କରି ଶରୀର ମାଧ୍ୟମରେ ସଂସାରକୁ ବିଶେଷ ଆଧ୍ୟାତ୍ମିକ ଶିକ୍ଷା ଦିଆଗଲା। ପରେ ତାଙ୍କର ଶରୀରକୁ ସଂସାରର

ଅଜ୍ଞାନୀ ଲୋକମାନେ, ଯେଉଁମାନେ ତାଙ୍କ ଶିକ୍ଷାକୁ ଠିକ୍ ଭାବରେ ବୁଝିପାରିନଥିଲେ, ଶୁଳୀରେ ଟାଙ୍ଗି ଦେଇଥିଲେ। ସେ ମାନବତାକୁ ନୂଆ ମୋଡ଼ ଦେବାପାଇଁ, ସେମାନଙ୍କ ହୃଦୟ ପରିବ□ନ କରିବା ପାଇଁ **ସହର୍ଷ** ନିଜର ଶରୀରକୁ ତ୍ୟାଗ କରିଥିଲେ। ସେ ପୁଣି ଟାୟନାରେ ଅପୋଲିୟସ୍ ରୂପରେ ଜନ୍ମ ନେଇଥିଲେ ଓ ଜୀବନ୍ମୁକ୍ତ ମହାତ୍ମା ପଦରେ ପହଞ୍ଚିଲେ। ସେ ଦକ୍ଷିଣ ଭାରତରେ ରାମାନୁଜାଚାର୍ଯ୍ୟ ରୂପେ ଜନ୍ମ ନେଇଥିଲେ ଓ ଭାରତୀୟଙ୍କ ମଧ୍ୟରେ ଭକ୍ତିଭାବର ପୁନରୁତ୍ଥାନ କରିଥିଲେ। ସେ ଥିଲେ ପ୍ରେମ ଓ ଭକ୍ତିର ସାଗର। ଏବେବି ସେ ଈସାଈ ଧର୍ମର ମାର୍ଗଦର୍ଶନ କରୁଛନ୍ତି। **ମହାତ୍ମା ରାକୋଜୀ** ଫ୍ରାନ୍ସରେ ଜନ୍ମ ନେଇଥିଲେ। ସେ ପୂର୍ବଜନ୍ମମାନଙ୍କରେ ବେକନ୍, ରୋବର୍ଟସ୍, ହୁନୀୟାଡୀ ଯାନ ତଥା ରୋଜନକ୍ରୁଜ ରୂପରେ ଜନ୍ମ ନେଇ ମାନବଜାତିର ମାର୍ଗଦର୍ଶନ କରିଥିଲ। ତାଙ୍କୁ ମିସନରୀ ତଥା ଅନ୍ୟ ପ୍ରକାରର ସେରିମନିର ପ୍ରବ□କ ବୋଲି ଆମେ ମାନୁ। ମହାତ୍ମା ଜ୍ୱାଲା କୁଲ ଗ୍ରୀସ୍‌ରେ ପିଥାଗୋରସ୍ (ମହାତ୍ମା କୁତ୍‌ହୁମୀଙ୍କ ଶିଷ୍ୟ)ଙ୍କ ଶିଷ୍ୟ ଥିଲେ। ବୁଦ୍ଧ ସମ୍ପ୍ରଦାୟରେ ଆର୍ଯ୍ୟ ସଂଗ ନାମକ ଶିକ୍ଷକ ଭାବରେ ବିଖ୍ୟାତ ଥିଲେ। ସେ ଗୁରୁ ମହାତ୍ମା କୁତହୁମୀଙ୍କ ଘର ପାଖରେ ନିଜେ ତିଆରି କରିଥିବା କୁଟୀରରେ ରହୁଅଛନ୍ତି।

ଆହୁରି ଅନେକ, ଯେମିତି ସାର୍ ଥୋମସ୍ ମୋର୍ ଓ ଥୋମସ୍ ଦୈଅନ ଆଦି ମହାପୁରୁଷ ମଧ୍ୟ ମହାତ୍ମା ପଦରେ ପହଞ୍ଚିଛନ୍ତି। ଏଭଳି ପ୍ରାୟ ୬୦ ଜଣ ମହାତ୍ମା ସ୍ଥୂଳଶରୀରରେ ରହିଛନ୍ତି। କିଛି ମହାତ୍ମା ସୂକ୍ଷ୍ମ ଶରୀରରେ ରହି ମାନବଜାତିର ନିର୍ଦ୍ଦେଶନା ଓ ମାର୍ଗଦର୍ଶନ କରୁଛନ୍ତି। କିଛି ମହାତ୍ମା ଶିଷ୍ୟ ଗ୍ରହଣ କରନ୍ତି ଓ ବାକି ଅନ୍ୟମାନେ ଆବଶ୍ୟକ ବିକାଶର କଲ୍ୟାଣକାରୀ କାର୍ଯ୍ୟ ପାଇଁ ଲାଗିଥା'ନ୍ତି। କେହି ବ୍ୟକ୍ତି ଏହି ମହାତ୍ମାମାନଙ୍କ ସମ୍ପର୍କରେ ଆସିବା ସୌଭାଗ୍ୟର କଥା। କିନ୍ତୁ ସେମାନଙ୍କ ସହ ସମ୍ପର୍କ ରଖିବା ପାଇଁ କେବଳ ତୀବ୍ର ଇଚ୍ଛା ପ୍ରକାଶ କଲେ ହେବ ନାହିଁ, ଏବଂ ଆମ ଭିତରେ ସଦ୍‌ଗୁଣ ଗୁଡ଼ିକୁ ବଢ଼ାଇ ଓ ମାନବ ସେବାରେ ନିଜକୁ ନିୟୋଗ କଲେ ତାଙ୍କର ଦର୍ଶନ ମିଳିଥାଏ। ସେମାନଙ୍କ ଶିଷ୍ୟତ୍ୱ କିପରି ପ୍ରାପ୍ତ ହେବ ସେ ବିଷୟରେ ପରବ□ୀ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

❖ ❖ ❖

## ଏକାଦଶ ଅଧ୍ୟାୟ

# ଗୁରୁଦେବ ଏବଂ ଶିଷ୍ୟତ୍ୱର ମାର୍ଗ

ପୂର୍ବ ଅଧ୍ୟାୟ ମାନଙ୍କରେ ଆମେ ଦେଖିଛୁ ଯେ ଈଶ୍ୱରୀୟ ବିକାଶ ଯୋଜନା ପ୍ରାକୃତିକ ରୂପରେ ଧୀରେ ଧୀରେ ହୁଏ। ଖଣିଜ, ବନସ୍ପତି, ପଶୁବର୍ଗରେ ବିକାଶ ପ୍ରାକୃତିକ ରୂପେ ହିଁ ହୋଇଥାଏ। ସେମାନଙ୍କର ବିକାଶକୁ ଧୀର ବା ତୀବ୍ର କରିବାର ସ୍ୱତନ୍ତ୍ରତା ନାହିଁ କିନ୍ତୁ ମଣିଷ ଚାହିଁଲେ ବିକାଶକୁ ତୀବ୍ର କରିପାରେ। ତା'ର ବ୍ୟକ୍ତିକରଣ ହେବା ସମୟରୁ ହିଁ ଉଚିତ୍ ମାର୍ଗରେ ପୁରୁଷାର୍ଥ କରିବାର ସ୍ୱତନ୍ତ୍ରତା ତାକୁ ମିଳିଯାଇଥିଲା। ଜୀବାତ୍ମା ସ୍ୱତନ୍ତ୍ର ରୂପରେ ଉଚିତ୍ ଦିଗରେ କ୍ରିୟା କରି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରେ।

ଆତ୍ମବିକାଶର ଦୁଇଟି ମାର୍ଗ ଅଛି। ପ୍ରଥମଟିରେ ନିଜକୁ ନିଜେ ବୁଝି ସେଥିରେ ଲାଗିରହିବା, ଯେଉଁଥିରେ କୋଟିଏ ବର୍ଷ ଲାଗିପାରେ, ତାକୁ ପିପିଲିକା ମାର୍ଗ କୁହାଯାଏ। ଏହି ମାର୍ଗରେ ଗଲେ ବ୍ୟକ୍ତି ଅନ୍ତିମ ଚକ୍ରର ସପ୍ତମ ମୂଳଜାତିରେ ପୂର୍ଣ୍ଣତା ଲାଭ କରିପାରିବ। କିନ୍ତୁ ଦ୍ୱିତୀୟ ମାର୍ଗ ଯାହାକୁ ବିହଙ୍ଗମ ମାର୍ଗ କୁହାଯାଏ, ବହୁତ ତୀବ୍ର ଗତିରେ ପହଂଚିବାର ମାର୍ଗ ଅଟେ। ଏହି ମାର୍ଗରେ ଜୀବନମୁକ୍ତ ମହାତ୍ମାମାନଙ୍କ ନିର୍ଦ୍ଦେଶନା ଓ ମାର୍ଗଦର୍ଶନ ମିଳିଥାଏ। ଏହି ମହାତ୍ମାମାନଙ୍କ ପାଖରେ ଅସୀମ ଜ୍ଞାନ ଓ ଅଲୌକିକ ଶକ୍ତି ରହିଛି। ଯାହା ସେମାନେ ନିଜେ ଅର୍ଜନ କରିଛନ୍ତି ଓ ସେମାନେ ବିକାଶରେ ଆମଠାରୁ ବହୁତ୍ ଆଗୁଆ। ସେମାନେ ଆମକୁ ନିଜର ଛୋଟ ଭାଇ ଭଳି ମଣି ଆମର ସହାୟତା ପାଇଁ ବ୍ୟଗ୍ର, କିନ୍ତୁ ସେମାନେ ଆଧ୍ୟାତ୍ମିକ ସିଦ୍ଧାନ୍ତକୁ ଭାଙ୍ଗିପାରିବେ ନାହିଁ। ଆମ୍ଭମାନଙ୍କ ମଧ୍ୟରେ ଯିଏବି ସେମାନଙ୍କ ସମ୍ପର୍କରେ ଆସି ତାଙ୍କର ପ୍ରଜ୍ଞାର ଲାଭ ଉଠେଇବାକୁ ଚାହାନ୍ତି ତାଙ୍କର କିଛି ଆବଶ୍ୟକ ଯୋଗ୍ୟତା ରହିବା ଦରକାର। ଜୀବନମୁକ୍ତ ମହାତ୍ମାମାନଙ୍କ ବିଷୟରେ ପଢ଼ି ତାଙ୍କ ସହିତ ମିଳିତ ହେବାକୁ ମନ ହେବ । ତାଙ୍କ ଜ୍ଞାନର ଲାଭ ଉଠେଇବାକୁ ଇଚ୍ଛା ହେବ କିନ୍ତୁ ତାଙ୍କୁ ମିଳିବା ପାଇଁ ଯେଉଁ ଆବଶ୍ୟକ ପ୍ରସ୍ତୁତି ବିଷୟରେ କୁହାଯାଏ, ବହୁତ କମ୍ ଲୋକ ସେଥିପାଇଁ ପ୍ରସ୍ତୁତ ହୁଅନ୍ତି। ଅସଲି ଓ ନକଲି ମହାତ୍ମାଙ୍କ ମଧ୍ୟରେ ବହୁତ୍ ତଫାତ୍ ଥାଏ। ନକଲି ମହାତ୍ମାଙ୍କ କହିବାନୁସାରେ ତନ-

ମନ-ଧନ ଅର୍ପଣ କଲେ ସେ ଯୋଗବଳରେ ପରମାତ୍ମାଙ୍କ ସହ ସାକ୍ଷାତ୍ କରାଇଦେବେ ଓ କୁଣ୍ଡଳିନୀ ଜାଗ୍ରତ କରିଦେବେ। କିନ୍ତୁ ଅସଲି ମହାତ୍ମା କହିବେ, ପ୍ରଥମେ ନିଜର ଶରୀର ଓ ମନକୁ ପବିତ୍ର କର, ବିବେକ ଓ ବୁଦ୍ଧିକୁ ଜାଗ୍ରତ କର, ସଂସାରର ଭୌତିକ ବସ୍ତୁରୁ ମନ ହଟାଅ, ପ୍ରତ୍ୟେକ ପ୍ରାଣୀର ସେବା କରିବା ପାଇଁ ପଣ କର ଇତ୍ୟାଦି। ଏସବୁ କରିବା ପାଇଁ ସାଧାରଣ ବ୍ୟକ୍ତି ପକ୍ଷରେ କଷ୍ଟକର। ମହାତ୍ମା କୁତ୍‌ହୁମୀ ଲେଡ୍‌ବିଟର ସାହେବଙ୍କୁ ଗୋଟିଏ ଚିଠିରେ ଲେଖିଥିଲେ, "କାହାରିକୁ ଶିଷ୍ୟ ଭାବରେ ସ୍ୱୀକାର କରିବା ମୋ ନିଜର ସଂକଳ୍ପ ଶକ୍ତି ଉପରେ ନିର୍ଭର କରେ ନାହିଁ। ଏହା ସେ ଲୋକର ଯୋଗ୍ୟତା ଓ ପୁରୁଷାର୍ଥ ଉପରେ ନିର୍ଭର କରେ। ମାନବତାର ପ୍ରେମରେ ଲୋକକଲ୍ୟାଣକର କାର୍ଯ୍ୟ କଲେ ତୁମେ ଯେ କୌଣସି ମହାତ୍ମାଙ୍କର ଶିଷ୍ୟ ହୋଇପାରିବ। ସେଥିପାଇଁ ତୁମେ ପବିତ୍ର, ନିଃସ୍ୱାର୍ଥ, ସଚ୍ଚୋଟ ଓ ସତ୍ୟପଥରେ ଦୃଢ଼ନିଶ୍ଚୟୀ ହୋଇଯାଅ। ଅନ୍ୟର ସେବା ଓ କଲ୍ୟାଣକୁ ଧ୍ୟାନରେ ରଖି ନିଜକୁ ଭୁଲିଯାଅ ତେବେ ତୁମେ ଅବଶ୍ୟ ଏହି ସିଦ୍ଧପୁରୁଷଙ୍କୁ ତୁମକୁ ଶିଷ୍ୟରୂପେ ସ୍ୱୀକାର କରିବାକୁ ବାଧ୍ୟ କରିପାରିବ।

ଉପରୋକ୍ତ ପଂକ୍ତିଗୁଡ଼ିକରେ ଏକଥା ସ୍ପଷ୍ଟ କରି ଦିଆଯାଇଛି ଯେକୌଣସି ବ୍ୟକ୍ତି ଜୀବନମୁକ୍ତ ମହାତ୍ମାଙ୍କର ଶିଷତ୍ୱ ଲାଭ କରିପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ଆବଶ୍ୟକ ଯୋଗ୍ୟତା ଲାଭ ନ କରିଛନ୍ତି। ନକଲି ଭଣ୍ଡ ବାବା ଓ ମହାତ୍ମା ଅବଶ୍ୟ ଦୀକ୍ଷା ଦେବେ କାରଣ ଏପରି ଲୋକଙ୍କର ଲକ୍ଷ ଲକ୍ଷ ଶିଷ୍ୟ ଅଛନ୍ତି ଓ ଦିନକୁ ହଜାର ଶିଷ୍ୟ ମିଳିଯା'ନ୍ତି। ସଚ୍ଚା ଶିଷ୍ୟ ବହୁତ୍ କଷ୍ଟରେ ଗୋଟିଏ ମିଳିବ କାରଣ ସେଥିପାଇଁ ଆବଶ୍ୟକ ଯୋଗ୍ୟତା ଏତେ କଠିନ ଯେ ତାହା ଅର୍ଜନ କରିବାକୁ ବହୁତ୍ ଜୀବନ ଲାଗିଯିବ। ପବିତ୍ରତା, ସତ୍ୟ, ନିସ୍ୱାର୍ଥତା, ସଚ୍ଚୋଟତା, ଦୃଢ଼ନିଶ୍ଚୟ, ମାନବତା ପ୍ରତି ପ୍ରେମ, ଲୋକକଲ୍ୟାଣ ପାଇଁ ଜୀବନ ଅର୍ପଣ, 'ମୁଁ' ଓ 'ମୋର' ଭାବକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯିବା, ସବୁବେଳେ ଅନ୍ୟର ଭଲ ପ୍ରତି ଧ୍ୟାନ ଦେବା ଆଦି ସଦ୍‌ଗୁଣ ଗୁଡ଼ିକୁ ଅର୍ଜନ କରିବା କଠିନ କାର୍ଯ୍ୟ ଅଟେ। ଏଣୁ ଶିଷ୍ୟତ୍ୱର ମାର୍ଗ ଏତେ ସହଜ ନୁହେଁ।

ଶିଷ୍ୟତ୍ୱର ପ୍ରସ୍ତୁତି ପାଇଁ ସ୍ୱାଧ୍ୟାୟ, ସତ୍‌ସଙ୍ଗ, ଚିନ୍ତନ ମନନ ତଥା ସବୁ ଭଲଗୁଣକୁ ଆଚରଣରେ ପ୍ରୟୋଗ କରିବା ଦରକାର। କର୍ମଯୋଗକୁ

ବୁଝି ନିସ୍ୱାର୍ଥ ଓ ନିଷ୍କାମ କର୍ମ କରିବା, ଶ୍ରେଷ୍ଠ ପୁରୁଷ ମହାତ୍ମା ଓ ସୌରମଣ୍ଡଳର ଈଶ୍ୱରଙ୍କ ପ୍ରତି ଭକ୍ତି ଅର୍ଥାତ୍ ସେମାନଙ୍କ ଭଳି ଶ୍ରେଷ୍ଠ କାର୍ଯ୍ୟରେ ଲାଗିରହିବା, 'ମୁଁ' କୁ ଭୁଲି ପ୍ରତ୍ୟେକ ପ୍ରାଣୀର ସେବା କରିବା, ସ୍ୱାଧ୍ୟାୟ ଦ୍ୱାରା ଯେଉଁ ଜ୍ଞାନ ମିଳିବ ତାକୁ ବ୍ୟବହାର କରି ପ୍ରଜ୍ଞାକୁ ଜାଗ୍ରତ କରିବା, କାର୍ଯ୍ୟକୁ ଛୋଟ ବା ବଡ଼ ନ ବିଚାର କରି ଚାଲିବା ଇତ୍ୟାଦି ଆବଶ୍ୟକ। ଏହା ମହ□ୱପୂର୍ଣ୍ଣ ନୁହେଁ ଯେ ସେବାର କେଉଁ କାର୍ଯ୍ୟଟି ଆମେ କରୁଛୁ, ବରଂ ଏହା ଆମେ କେମିତି ଭାବରେ କରୁଛୁ ତାହା ଅଧିକ ମହ□ୱପୂର୍ଣ୍ଣ। ପ୍ରେମ କ□ବ୍ୟଠାରୁ ବଡ଼। କ□ବ୍ୟରେ ଆଦାନ ପ୍ରଦାନ ହୋଇଥାଏ। କେହି ମୋ ପାଇଁ କିଛି କରିଛି ତ ମୋର କ□ବ୍ୟ ହେଉଛି ଯେ ମୁଁ ମଧ୍ୟ ତା' ପାଇଁ କିଛି କରେ। ପ୍ରେମରେ କିନ୍ତୁ ଆକାଂକ୍ଷା ନଥାଏ। ମୋହ ବା ମମତା ପ୍ରେମଠାରୁ ବହୁତ୍ ଛୋଟ, ପ୍ରେମରେ ସହର୍ଷ ଦେବା ଓ ସେବା ଥାଏ। ବିବେକ ଦ୍ୱାରା ଅସ୍ଥାୟୀ ସାସାଂରିକ ବସ୍ତୁରୁ ମନ ଛଡ଼ାଇ ନେବା ଅର୍ଥାତ୍ ବୈରାଗଭାବ ରଖିବା, ବିଚାର, କର୍ମ ଓ ଭାବନାକୁ ନିୟନ୍ତ୍ରଣରେ ରଖିବା, ବିଶ୍ୱାସ, ସହନଶୀଳତା ଓ ଏକାଗ୍ରଚି□ତା ଆଦି ପ୍ରସ୍ତୁତିର ଅଙ୍ଗ। ଏସବୁ ସଦ୍‌ଗୁଣଗୁଡ଼ିକୁ ଜବରଦସ୍ତ ନିଜ ଉପରେ ଲଦିବା ନୁହେଁ ବରଂ ଜ୍ଞାନ ପ୍ରଜ୍ଞାନ ଦ୍ୱାରା ବୁଝି ସହଜଭାବରେ ନିଜ ଚରିତ୍ର ଓ ଜୀବନର ଅଙ୍ଗ କରିନେବା ହିଁ ଠିକ୍। ସଦ୍‌ଗୁଣ, ବିବେକ, ବୈରାଗ୍ୟ ଓ ପ୍ରେମ ବଢ଼ିଲେ ଦୁର୍ଗୁଣ, କ୍ରୋଧ, ଘୃଣା, ଈର୍ଷା, ରାଗଦ୍ୱେଷ, କାମନା, ବାସନା, ଅହଂକାର ଆଦି କମିଯିବ। ଯେତେବେଳେ ଆମର ହୃଦୟ ପ୍ରେମ ଓ ଲୋକକଲ୍ୟାଣର ଭାବନାରେ ଭରିଯିବ, ଗୁରୁଦେବ ଯେଉଁଠିବି ଥିବେ, ଆମ ହୃଦୟକୁ ପଢ଼ିନେବେ। ଏହି ସ୍ୱାର୍ଥଭରା ସଂସାରରେ କେହି ବ୍ୟକ୍ତି ସାମାନ୍ୟ ନିସ୍ୱାର୍ଥପ୍ରେମ ଓ ସେବାରେ ଭରିଯାଏ ତେବେ ଘୋର ଅନ୍ଧକାରରେ ଛୋଟ ଜୁଳୁଜୁଳିଆ ପୋକ ଭଳି ଗୁରୁଦେବଙ୍କୁ ଦେଖାଯିବ ଓ ଗୁରୁଦେବ ନିଜର ପ୍ରଜ୍ଞା ଓ ପ୍ରେମର ସାହାଯ୍ୟ ଦେବାକୁ ଆଗେଇ ଆସିବେ।

ପ୍ରଥମେ ଗୁରୁଦେବ ପରୀକ୍ଷମାଣ ଶିଷ୍ୟ ରୂପେ ଏହି ବ୍ୟକ୍ତି ଉପରେ ପୁରା ଧ୍ୟାନ ଦେବା ଆରମ୍ଭ କରନ୍ତି। ସେ ଦେଖନ୍ତି ବ୍ୟକ୍ତି ସ୍ୱାର୍ଥବଶ ହୋଇ ବା କାମନାବଶ ହୋଇ ବା କେଉଁ ଆକର୍ଷଣବଶ ହୋଇ ଆଧ୍ୟାତ୍ମିକ ମାର୍ଗରେ ଟଳମଳ ହେଉ ନାହିଁତ।? ବାସ୍ତବରେ ସେ ମାନବ କଲ୍ୟାଣକୁ ସ୍ୱୟଂ

କଲ୍ୟାଣଠାରୁ ଉଚ୍ଚ ମନେ କରୁଛନ୍ତି ତ ? ସେ କ'ଣ ଶିଷ୍ୟତ୍ୱ ପାଇଁ ଆବଶ୍ୟକ ସବୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଯଦି କରିଥାନ୍ତି ତେବେ ଗୁରୁଦେବ ତାକୁ ଶିଷ୍ୟରୂପେ ଗ୍ରହଣ କରିନିଅନ୍ତି। ଗୁରୁଦେବ ଏହା ଦେଖନ୍ତି, ଯେତିକି ସମୟ ଓ ଶକ୍ତି ବ୍ୟକ୍ତି ପାଇଁ ଦିଆଯାଏ ସେହି ଅନୁପାତରେ ବ୍ୟକ୍ତି ଲୋକକଲ୍ୟାଣ ପଥରେ ଯାଇ ମାନବତାର ସେବା କରିପାରିବ କି ନାହିଁ। ଯଦି କେହି ବ୍ୟକ୍ତି ନିଜର ସ୍ୱାର୍ଥପାଇଁ, ନିଜର ନିର୍ବାଣ ବା ମୋକ୍ଷ ପାଇଁ ହେଉନା କାହିଁକି, ଗୁରୁଦେବଙ୍କୁ ପାଇବାକୁ ଚାହୁଁଥାଏ ତେବେ ତାକୁ କେବେବି ସେ ମିଳନ୍ତି ନାହିଁ। ମାନବ ସେବା ଉଦ୍ଦେଶ୍ୟରେ ଜ୍ଞାନ, ପ୍ରଜ୍ଞା ବା ଶକ୍ତିର ବିକାଶ ତାକୁ କରିବା ଦରକାର। ପୂର୍ଣ୍ଣତାର ପ୍ରାପ୍ତି ନିଜର ଆନନ୍ଦ ପାଇଁ କରିବା ଓ ମାନବତାର ପୂର୍ଣ୍ଣ ସେବାରେ ସମର୍ଥ ହେବା ପାଇଁ କରିବାରେ ଫରକ୍ ଅଛି। ଗୁରୁଦେବ ଅବଶ୍ୟ ଏହା ଚାହିଁବେ ଯେ ବ୍ୟକ୍ତି ପୂର୍ଣ୍ଣତା ପ୍ରାପ୍ତ ହେଉ କିନ୍ତୁ ନିସ୍ୱାର୍ଥ ସେବା ଉଦ୍ଦେଶ୍ୟରେ ହେଉ। ତାଙ୍କୁ ନିଜର ଖ୍ୟାତି ବା ଲାଭ ଦରକାର ନାହିଁ। ତାଙ୍କର ମହାନ୍ କାର୍ଯ୍ୟ, ଦୁଃଖୀ ମାନବତାକୁ ସଂକଟରୁ ବାହାରକୁ ଆଣିବାରେ ସହାୟତା ପ୍ରଦାନ କରିବା ପାଇଁ ହୋଇଥାଏ।

ମାନବ ଜାତିର ସେବା ବିଷୟରେ ସାଧାରଣ ସମାଜ ସୁଧାରକ ତଥା ସ୍ଥୁଳ ସ୍ତରରେ ସେବା କରୁଥିବା ସଂସ୍ଥାମାନଙ୍କଠାରୁ ଗୁରୁଦେବଙ୍କ ଦୃଷ୍ଟିକୋଣ ଭିନ୍ନ। ତାଙ୍କ କହିବାନୁସାରେ ଭୋକିଲା ଶରୀରକୁ ଭୋଜନ ଦେବା, ଗରୀବ ଲୋକଙ୍କୁ ପୋଷାକ, ଘର, ଔଷଧ ଦେବା ଉ□ମ କାର୍ଯ୍ୟ କିନ୍ତୁ ତା'ଠାରୁ ମହତ୍ୱକାର୍ଯ୍ୟ ହେଉଛି ଜୀବାତ୍ମାକୁ ଏଭଳି ଜ୍ଞାନ, ପ୍ରେରଣା ଓ ମାର୍ଗଦର୍ଶନ ଦେବା । ଯାହା କଷ୍ଟର ମୂଳକାରଣ ଅଜ୍ଞାନ ଓ ଅହଂକୁ ମୂଳୋତ୍ପାଟନ କରିବାରେ ସହାୟକ । ମାନବୀୟ କଷ୍ଟ କେବଳ ସ୍ଥୁଳଶରୀର ସ୍ତରରେ ନାହିଁ ବରଂ ମାନସିକ ଓ ଭାବନାତ୍ମକ ସ୍ତରରେ ଅଧିକ। ମାନସିକ ଦୁଶ୍ଚିନ୍ତା, ଜୀବନରେ ଘୋର ନିରାଶ ଓ ଅନିଶ୍ଚିତତା ଯୋଗୁଁ ମାନବକୁ ଯେଉଁ କଷ୍ଟ ମିଳିଥାଏ ସେଥିରୁ ମୁକ୍ତ ହେବା ପାଇଁ ସହାୟ ହେବା ଦରକାର। ବୃହତ ଗୁଡ଼ିଏ ମନୋବୈଜ୍ଞାନିକ ରୋଗ ଓ ଶାରୀରିକ କଷ୍ଟ ମାନସିକ ଦୁଶ୍ଚିନ୍ତାରୁ ହୋଇଥାଏ। ଯେମିତି କାହାର ଏକମାତ୍ର ପୁଅର ମୃତ୍ୟୁ ହେଲେ ଯେତେ ଯାହା ଭୌତିକ ସହାୟତା ମିଳିଲେ ମଧ୍ୟ ତା'ର ଦୁଃଖ କମ୍ ହୋଇନଥାଏ କିନ୍ତୁ ଯଦି ତାକୁ ଆତ୍ମାର ଅମରତାର ସଦ୍‌ଜ୍ଞାନ ହୋଇଯାଏ,

ତେବେ ଦୁଃଖ କମ୍ ହେବ। ଏସବୁ ଜ୍ଞାନ ଦେବାରେ ସିଏ ହିଁ ସହାୟତା କରିପାରିବ ଯିଏ ସ୍ୱୟଂ ପୁସ୍ତକୀୟ ଜ୍ଞାନରୁ ଊର୍ଦ୍ଧ୍ୱରେ ରହି ପ୍ରଜ୍ଞା ଓ ଆତ୍ମଜ୍ଞାନ ପାଇଛି। ଏହା ବହୁତ୍ ଅସାଧାରଣ କଥା ଓ ବହୁତ୍ କମ୍ ବ୍ୟକ୍ତି ଏହି ସ୍ଥିତିରେ ଅଛନ୍ତି। ଭୋକିଲା ଲୋକଙ୍କୁ ତ କେହି ବି ଧନୀଲୋକ ଖାଇବାକୁ ଦେଇପାରିବ। ଧନୀ ଲୋକଙ୍କ ସଂଖ୍ୟା ଆଧ୍ୟାତ୍ମିକ ଲୋକଙ୍କ ତୁଳନାରେ ବହୁତ ଅଧିକ । କିନ୍ତୁ ସଚ୍ଚା ଅଧ୍ୟାତ୍ମିକ ସେବକ ହେବା ବହୁତ୍ ଦୁର୍ଲଭ କଥା। ପୁସ୍ତକୀୟ ଜ୍ଞାନ ଥିବା ପଣ୍ଡିତ ଓ ବିଦ୍ୱାନ ମଧ୍ୟ ବହୁତ୍ ମିଳିବେ କିନ୍ତୁ ଯାହାର ସଦ୍‌ଗୁଣ ଥିବାର ଗୁରୁଦେବ ଦେଖିବେ ସେ ହିଁ ଶିଷ୍ୟ ହେବା ପାଇଁ ଯୋଗ୍ୟ। ଏଭଳି ସଚ୍ଚା ଆଧ୍ୟାତ୍ମିକ ଲୋକଙ୍କୁ ଗୁରୁଦେବ ସବୁବେଳେ ଖୋଜୁଥା'ନ୍ତି। ଗୁରୁଦେବଙ୍କ କାର୍ଯ୍ୟ ଅଧିକାଂଶ ଉଚ୍ଚଲୋକରେ ହୁଏ। ଏହାର ଅର୍ଥ କଦାପି ନୁହେଁ ଯେ ସ୍ଥୁଳ ଲୋକରେ ସେବା କରିବା ନାହିଁ। ପ୍ରତ୍ୟେକ ବ୍ୟକ୍ତି ନିଜର ସାମର୍ଥ୍ୟ ଓ ଯୋଗ୍ୟତା ଅନୁସାରେ ଯେତିକି ମାନବ ସେବା କରିପାରିବ ଅବଶ୍ୟ କରୁ କିନ୍ତୁ ସର୍ବଦା ଏହା ଧ୍ୟାନରେ ରହୁ ଯେ ମାନବର ଦୁଃଖର ମୂଳକାରଣ ଅଜ୍ଞାନ। ନୈତିକ ଓ ଆଧ୍ୟାତ୍ମିକ ପତନ କାରଣରୁ ମଣିଷ ବହୁତ୍ କଷ୍ଟ ପାଉଛି। ଦୁଃଖର ଭୌତିକ କାରଣ ମଧ୍ୟ ଅଜ୍ଞାନତାପୂର୍ଣ୍ଣ ପାପକର୍ମର କୁପରିଣାମ, ଯଦି ବୁଝିବିଚାରି ଶୁଭ କର୍ମ କରାଯିବ ତେବେ ଅବଶ୍ୟ କଷ୍ଟ କମ୍ ହେବ। ଯଦି ଆମେ ଏହା ମାନୁ ଯେ ମାନବର ଅନେକ ଗୁଡ଼ିଏ ଦୁଃଖ ଧନବାନ ଓ ଶକ୍ତିଶାଳୀ ବ୍ୟକ୍ତିଙ୍କ ଦ୍ୱାରା ପୀଡ଼ିତ ହେବା ଯୋଗୁଁ ହେଉଛି ତେବେ ମଧ୍ୟ ସେହି ଧନବାନ ଓ ଶକ୍ତିଶାଳୀ ଭାଇମାନଙ୍କୁ, ଯିଏ ଅଜ୍ଞାନତା ବଶ ହୋଇ ଦୁର୍ବଳ ଲୋକଙ୍କ ସନ୍ତାପର କାରଣ ହେଉଛନ୍ତି, ଉଚିତ୍ ଉପଦେଶ ଓ ସଦ୍‌ଜ୍ଞାନ ବା[ିବା ଦରକାର। ତାହାହେଲେ ଭବିଷ୍ୟରେ ସେମାନେ ସ୍ୱୟଂ କର୍ମବନ୍ଧନ ଓ ନିୟମର କଠୋର ଦଣ୍ଡରୁ ବ*ପାରିବେ। ଗୁରୁଦେବଙ୍କ କାର୍ଯ୍ୟ ହେଉଛି ସେ ମନୁଷ୍ୟକୁ ପ୍ରାକୃତିକ ଶାଶ୍ୱତ ସିଦ୍ଧାନ୍ତର ଜ୍ଞାନ ଦେଇ ଉଚିତ୍ ମାର୍ଗଦର୍ଶନ କରିବା ଓ ସେ ଶିଷ୍ୟଠାରୁ ଏହା ଆଶା କରନ୍ତି ଯେ ସେ ମଧ୍ୟ ଏହି କାର୍ଯ୍ୟରେ ତାଙ୍କୁ ସହଯୋଗ କରୁ।

ରେଡ୍‌କ୍ରସ୍ ସଂସ୍ଥାରେ ସେବା ଓ ସଦ୍‌ଭାବନାରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ପାଖରେ ଆଧ୍ୟତ୍ମିକ ଭାବ ଦେଖି ଗୁରୁଦେବ ତାକୁ ପତ୍ର ଲେଖିଲେ, "ତୁମେ ସଂସ୍ଥା ମାଧ୍ୟମରେ ବହୁତ୍ ଭଲ କାମ କରୁଛ କିନ୍ତୁ ସଂସାରରେ

ହେଉଥିବା ଭୌତିକ ଓ ଆଧ୍ୟାତ୍ମିକ ପତନକୁ ଦଖିପାରୁଛ କି ? ତୁମେ କ'ଣ ଜୀବାତ୍ମାର କଷ୍ଟ ଓ ଜଖମକୁ ଦେଖିପାରୁଛ ଯାହା କୌଣସି ଡାକ୍ତରୀବିଦ୍ୟା ଠିକ୍ କରିପାରିବ ନାହିଁ। ତୁମେ ଆମର ମହାନ କାର୍ଯ୍ୟରେ ସହଯୋଗ କରିବ କି ?" ଗୁରୁଦେବଙ୍କ ଉପରୋକ୍ତ କଥନରୁ ତାଙ୍କର ମହାନ୍ କାର୍ଯ୍ୟ ବିଷୟରେ ଜଣାଯାଉଛି।

ଆଉ ଏକ ପତ୍ରରେ ଗୁରୁଦେବ ଲେଖିଛନ୍ତି, "ଜଣେ ସଚ୍ଚା ବ୍ରହ୍ମଜିଜ୍ଞାସୁ ନିଃସ୍ୱାର୍ଥ ସେବକ ଅଟେ, ଯିଏ ସଂସାରରେ ନିଜ ପାଇଁ ନୁହେଁ ଅନ୍ୟପାଇଁ (ଯାହା ଗହରା ଅର୍ଥରେ ନିଜର ହିଁ ସ୍ୱରୂପ) ବ*ନ୍ତି। ସଚ୍ଚା ନିସ୍ୱାର୍ଥ ସେବକ ସେହି ଅଟନ୍ତି ଯେ ନିଜର ସହବନ୍ଧୁଙ୍କ ଅଧ୍ୟାତ୍ମିକ ଉନ୍ନତିରେ ସାହାଯ୍ୟ କରନ୍ତି।

ଏହି କଥାରେ ମଧ୍ୟ ଗୁରୁଦେବଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହେଉଛି ଯେ ତାଙ୍କର କାର୍ଯ୍ୟକ୍ଷେତ୍ର ଆଧ୍ୟାତ୍ମିକ ବିକାଶରେ ସହାୟତା କରିବା। କିଛି ସିଦ୍ଧପୁରୁଷ, ଯିଏ ଆଧୁନିକ ବିଜ୍ଞାନ, କଳା, ସଙ୍ଗୀତ ତଥା ମାନବର ମୂଳଜାତିର ଶରୀରର ବିକାଶ କାର୍ଯ୍ୟରେ ସହାୟତା କରନ୍ତି, ତାଙ୍କର ତାତ୍ପର୍ଯ୍ୟ ମଧ୍ୟ ଏହା ଯେ ଏଭଳି ସ୍ଥିତି ତିଆରି କରିବା, ଏଭଳି ମାନବୀୟ ଶରୀରର ରଚନା କରିବା, ଯାହା ଚେତନାର ବିକାଶ ପାଇଁ ଉପଯୁକ୍ତ ହେବ। ସବୁ ଜୀବନ୍ମୁକ୍ତ ମହାତ୍ମାମାନଙ୍କ କାର୍ଯ୍ୟ ହେଉଛି ଈଶ୍ୱରୀୟ ବିକାଶ ଯୋଜନାରେ ସହାୟକ ହେବା ଓ ଯେଉଁ ବ୍ୟକ୍ତି ତାଙ୍କର ଶିଷ୍ୟତ୍ୱ ଲାଭ କରିବାକୁ ଚାହେଁ, ତାଙ୍କର ପ୍ରଜ୍ଞା ଓ ଅଲୌକିକ ଶକ୍ତିରେ ଭାଗୀଦାର ହେବାକୁ ଚାହେଁ, ତାକୁ ମଧ୍ୟ ବିକାଶ ଯୋଜନାରେ ସଚ୍ଚା ସେବକ ରୂପେ ନିଜକୁ ପ୍ରସ୍ତୁତ କରିବା ଦରକାର।

ପରୀକ୍ଷମାଣ ଶିଷ୍ୟଙ୍କୁ ଶିଷ୍ୟ ଭାବରେ ଗ୍ରହଣ କରିବା ପରେ ଗୁରୁଦେବ ଶିଷ୍ୟଙ୍କୁ ଆବଶ୍ୟକ ଜ୍ଞାନ ଦିଅନ୍ତି ତଥା ତାଙ୍କର ମାର୍ଗଦର୍ଶନ କରନ୍ତି, ତାଙ୍କୁ ସମୟ ସମୟରେ ସେବା କାର୍ଯ୍ୟର ପ୍ରେରଣା ଦିଅନ୍ତି । ନିଜର ପ୍ରଜ୍ଞା ଓ ପ୍ରେମଦ୍ୱାରା ତାଙ୍କୁ ପୁଷ୍ପିତ ଓ ନିଜର ଏତେ ଘନିଷ୍ଠ ସମ୍ପର୍କରେ ଆଣନ୍ତି ଯେମିତିକି ପିତା-ପୁତ୍ରର ସମ୍ବନ୍ଧ ଅଟେ। ପିତାଙ୍କ ପାଖରେ ଯାହା ଥାଏ ତାକୁ ପୁତ୍ରକୁ ଦେବାକୁ ପ୍ରସ୍ତୁତ ହେବା ଭଳି ଗୁରୁଦେବ ଶିଷ୍ୟକୁ ପୁତ୍ରଭଳି ମାନି ଆଧ୍ୟାତ୍ମିକ ଦୀକ୍ଷା ଦେବାକୁ ପ୍ରସ୍ତୁତ କରନ୍ତି।

ଯେତେବେଳେ ଶିଷ୍ୟ ପୁରାପୁରି ପ୍ରସ୍ତୁତ ହୋଇଯାଏ, ତାକୁ ଶ୍ୱେତ ଋଷି ସଂଘ ସାମନାରେ ପ୍ରସ୍ତୁତ କରାନ୍ତି ଓ ଦୀକ୍ଷାର ପ୍ରସ୍ତାବ ରଖନ୍ତି, ଅନ୍ୟ ଜଣେ ମହାତ୍ମା ଏହାକୁ ଅନୁମୋଦନ କରନ୍ତି ଓ ଜଗତଗୁରୁ ମୈତ୍ରେୟ, ପୃଥିବୀର ଶାସକ ସନତକୁମାରଙ୍କ ନିର୍ଦ୍ଦେଶରେ ପ୍ରଥମ ଦୀକ୍ଷା ଦିଅନ୍ତି। ପୂର୍ବ ଅଧ୍ୟାୟରେ କୁହାଯାଇଛି ଯେ ଶ୍ୱେତଋଷିସଂଘ ତରଫରୁ ଜଣେ ହିଁ ମହାତ୍ମା ଜଗତ୍‌ଗୁରୁ ପଦରେ, ଗୋଟିଏ ସମୟରେ ରହନ୍ତି। ମହାତ୍ମା ବୁଦ୍ଧଙ୍କ ପରେ ଋଷି ମୈତ୍ରେୟ ଜଗଦ୍‌ଗୁରୁ ଅଛନ୍ତି। ସଂସାରରେ ଅନେକ ବ୍ୟକ୍ତିଙ୍କ ଦ୍ୱାରା ଦୀକ୍ଷା ଦିଆଯିବାର ପ୍ରଚଳନ ଏହାର ନକଲ ଅଟେ। କାରଣ ଏଭଳି ବ୍ୟକ୍ତିମାନଙ୍କୁ ଗୁରୁ ବୋଲି ମାନୁଥିବା ତଥାକଥିତ ଶିଷ୍ୟ ଏହା କହନ୍ତି ଯେ ତାଙ୍କର ଗୁରୁ ପୃଥିବୀର ସର୍ବଶ୍ରେଷ୍ଠ ଗୁରୁ ଓ ସାକ୍ଷାତ୍ ଭଗବାନ ଅଟନ୍ତି। କେତେ ବ୍ୟକ୍ତିଙ୍କ ନାମ ସହିତ ଭଗବାନ ଶବ୍ଦ ଯୋଡ଼ା ଯାଇଥାଏ ଓ ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ହଜାର ପର୍ଯ୍ୟନ୍ତ ପହଞ୍ଚିଗଲାଣି। ସଚ୍ଚା ଶିଷ୍ୟ ହେବାର ଯୋଗ୍ୟବ୍ୟକ୍ତି ପୁରା ସଂସାରରେ ଖୁବ୍ କମ୍ ଓ ଜଗତ୍‌ଗୁରୁ କେବଳ ଜଣେ ଯାହାଙ୍କ ନାଁ ବାରମ୍ବାର ନେବା ମନା ଓ ଯାହାଙ୍କର ବାସ୍ତବିକ ଚିତ୍ର ମଧ୍ୟ ସାଧାରଣ ଜନତା ସାମ୍‌ନାରେ ପ୍ରକାଶ କରାଯାଏ ନାହିଁ। ତାଙ୍କର ସାଧାରଣ ଜନତାଙ୍କ ସାମ୍‌ନାକୁ ଆସିବା, ଗଳାରେ ମାଳା ପିନ୍ଧିବା ତଥା ଚରଣ ସ୍ପର୍ଶ କରାଇବାର ପ୍ରଶ୍ନ ହିଁ ଉଠୁନାହିଁ। ପୂର୍ବ ଶତାବ୍ଦୀରେ ଯେତେବେଳେ ଜେ. କୃଷ୍ଣମୂର୍ତ୍ତିଙ୍କ ଶରୀର ମାଧ୍ୟମରେ ଗୁରୁ ଶିକ୍ଷା ଦେଉଥିଲେ ସାଧାରଣ ଜନତା ଜାଣୁଥିଲା ଯେ ଜେ. କୃଷ୍ଣମୂର୍ତ୍ତି କହୁଛନ୍ତି । ଆମେ ସମସ୍ତେ ଦେଖିଲେ ଯେ ସେ ତାଙ୍କର ଶିଷ୍ୟଙ୍କୁ ଚରଣସ୍ପର୍ଶ କରିବାକୁ ଦେଉନଥିଲେ। ବାସ୍ତବରେ ଜୀବନ୍ମୁକ୍ତ ମହାତ୍ମାଙ୍କୁ କିଛି ପ୍ରସିଦ୍ଧି, ପ୍ରତିଷ୍ଠା ବା ସମ୍ମାନ ଦରକାର ହୁଏ ନାହିଁ। ଗୁପ୍ତରୂପରେ ସେ ଆଧ୍ୟାତ୍ମିକ ଜଗତରେ ବିକାଶ କାର୍ଯ୍ୟ କରୁଥାନ୍ତି। ତାଙ୍କର ଅଧିକାଂଶ କାର୍ଯ୍ୟ ସୂକ୍ଷ୍ମ ଶରୀର ଦ୍ୱାରା ସୂକ୍ଷ୍ମ ସ୍ତରରେ ହୋଇଥାଏ। ପ୍ରଥମ ଦୀକ୍ଷା ମଧ୍ୟ କାମମୟ କୋଷରେ ଦିଆଯାଏ। ଏଭଳି ଜୀବନ୍ମୁକ୍ତ ମହାତ୍ମା ଜଗତ୍‌ଗୁରୁ ଦୁର୍ଲଭ ଓ ଶିଷ୍ୟତ୍ୱ ପାଇଁ ଯୋଗ୍ୟ ବ୍ୟକ୍ତି ମଧ୍ୟ ଦୁର୍ଲଭ। ଆଧ୍ୟାତ୍ମିକ ଜଗତର ସ୍ୱର୍ଣ୍ଣନିୟମରେ, ଶିଷ୍ୟଙ୍କ ଯୋଗ୍ୟତା ବିଷୟରେ ତଥା ଗୁରୁଦେବଙ୍କୁ ଦେଖିବା ଓ ତାଙ୍କ ସହ ମିଶିବା ବିଷୟରେ ଯାହା ଲେଖାଅଛି ତାହା ନିମ୍ନରେ ଦିଆଯାଉଛି।

୧. ଆଖି ଦେଖିବା ପୂର୍ବରୁ, ତା'ର ଲୁହ ବୋହିବାର କ୍ଷମତା ହରାଉ (ଅର୍ଥାତ୍ ଶାନ୍ତ ଏବଂ ଧୈର୍ଯ୍ୟର ସହିତ ଦୁଃଖସୁଖ ପରିସ୍ଥିତିରେ ବ୍ୟକ୍ତି

ବିଚଳିତ ନହେଉ, ତେବେ ଯାଇ ଅର୍ନ୍ତଦୃଷ୍ଟି ଦ୍ୱାରା ସେ ଦେଖିପାରିବ।)

୨. କାନ ଶୁଣିବା ପୂର୍ବରୁ, ସେ ସଂସାରିକ ଶୋକ ପ୍ରତି ନିଜର ସମ୍ବେଦନଶୀଳତା ହରାଉ (ଅର୍ଥାତ୍ ଯେତେବେଳେ ବାହାର ଦୁନିଆର ସ୍ୱର ଆମକୁ ଶୁଣା ନଯିବ ସେତେବେଳେ ସଦ୍‌ଗୁରୁଙ୍କ ସ୍ୱର ନିଜର ଅନ୍ତଃକରଣ ଓ ଆତ୍ମାର ସ୍ୱର ଶୁଣାଯାଇପାରିବ)

୩. ବାଣୀ କିଛି କହିବା ପୂର୍ବରୁ, ସେ ଅନ୍ୟକୁ ଦୁଃଖ ଦେବାର ଶକ୍ତି ହରାଉ (ଅର୍ଥାତ୍ ଆମର ବାଣୀ ସର୍ବଦା ସତ୍ୟ, ମଧୁର ଓ କଲ୍ୟାଣକାରୀ ହେଉ ଓ ତା'ର ପ୍ରୟୋଗ ସଚ୍ଚା ଜ୍ଞାନ, ପ୍ରଜ୍ଞାନର ପ୍ରସାର ପାଇଁ ହେଉ।

୪. ଜୀବାତ୍ମା ନିଜ ଗୁରୁଦେବଙ୍କ ସାମନାରେ ଛିଡ଼ା ହେବା ପୂର୍ବରୁ ତା'ର ପାଦ ହୃଦୟ ରକ୍ତରେ ଧୁଆ ହେଉ (ଅର୍ଥାତ୍ ଗୁରୁଦେବଙ୍କ କାର୍ଯ୍ୟ କରିବା ପାଇଁ, ଲୋକ କଲ୍ୟାଣ କାର୍ଯ୍ୟ ପାଇଁ ସେ ନିଜର ଜୀବନକୁ ମଧ୍ୟ ବଳିଦାନ ଦେବାକୁ ପ୍ରସ୍ତୁତ ରହୁ)।

କେତେ କଠିନ ସତରେ ଏସବୁ। କିନ୍ତୁ ଯେଉଁ ବ୍ୟକ୍ତି ମାନବତାର ସେବା ଓ ଲୋକକଲ୍ୟାଣ ସମର୍ପିତ, ତା' ପାଇଁ ଏହା ବହୁତ ସହଜ କାର୍ଯ୍ୟ। ମହାତ୍ମା ଯୀଶୁ ଶୁଳୀରେ ଚଢ଼ିଗଲେ, ବ୍ରୁନୋ ନିଆଁରେ ଜଳିଗଲେ, ମନ୍‌ଶୁଭ ସତ୍ୟ ପାଇଁ ହାତ ଗୋଡ଼ କଟାଇବା ସ୍ୱୀକାର କଲେ, ଗୁରୁ ଅର୍ଜୁନ ଦେବ କଡ଼ାଇର ଗରମ ବାଲିରେ ଜଳିଗଲେ, ଗୁରୁ ଗୋବିନ୍ଦ ସିଂହ ନିଜ ପିଲାଙ୍କୁ କାନ୍ଥରେ ଜୀବନ୍ତ ପୋତିଦେବା ସ୍ୱୀକାର କଲେ।

ଏମିତି ଅନେକ ଉଦାହରଣ ଅଛି ଯିଏ ସତ୍ୟପାଇଁ ନିଜର ଜୀବନକୁ ବଳିଦାନ ଦେଲେ। ଏଭଳି ବିଳଦାନ ଦେବା ବ୍ୟକ୍ତି ଦୁର୍ଲଭ। ଗୁରୁ ଗୋବିନ୍ଦସିଂହ ଯେତେବେଳେ ଏଭଳି ବ୍ୟକ୍ତିଙ୍କୁ ଖୋଜିଲେ, ସେତେବେଳେ କେବଳ ପା*ଜଣ ଆଗେଇ ଆସିଲେ ଓ ସେଇ ପା*ଜଣ ହିଁ ଶିଷ୍ୟ ହେଲେ। ଏବେତ କୋଟି କୋଟି ଲୋକ ଶିଷ୍ୟ ହେବାର ଦାବୀ କରୁଛନ୍ତି କିନ୍ତୁ ବାସ୍ତବିକ ଶିଷ୍ୟର ଯୋଗ୍ୟତା ଖୁବ୍ କମ୍ ଲୋକଙ୍କର ଅଛି।

ପ୍ରଥମ ଦୀକ୍ଷା ପାଇଁ ଯେତେବେଳେ ସୂକ୍ଷ୍ମ ଶରୀରରେ ଶିଷ୍ୟ, ଶ୍ୱେତ ଋଷିସଂଘ ସମ୍ମୁଖରେ ପ୍ରସ୍ତୁତ ହୁଏ, ଅନ୍ତିମ ଥର ପାଇଁ ତା'ର ପରୀକ୍ଷା ନିଆଯାଏ, ତା' ସମ୍ମୁଖରେ ଏପରି ସ୍ଥିତି ଉପସ୍ଥାପନା କରାଯାଏ ଯାହାଦ୍ୱାରା

ତା'ର ଲୋକ କଲ୍ୟାଣର ଭାବନା ଓ ସେବାର ପରୀକ୍ଷା କରାଯାଇପାରିବ। ଯେତେବେଳେ ତା ସମ୍ମୁଖରେ ଦୃଶ୍ୟ ଉପସ୍ଥାପନା ହୁଏ ଯେ ଏମିତି ଜଣେ ବ୍ୟକ୍ତି ତା'ର ସହାୟତା ମାଗୁଛି ଯିଏକି ତା'ର ସବୁଠୁ ବଡ଼ ଶତ୍ରୁ ଥିଲା ଓ ଯିଏ ତା'ର ସବୁଠୁ ଅଧିକ ଅହିତ କରିଛି, ଏସବୁ ଦୃଶ୍ୟ ଦେଖି ମଧ୍ୟ ଶିଷ୍ୟ ତା'କୁ ସାହାଯ୍ୟ କରେ, ତେବେ ତାକୁ  ଯୋଗ୍ୟ ବୋଲି ଗ୍ରହଣ କରାଯାଏ ଏବଂ ପ୍ରଥମ ଦୀକ୍ଷା ଦିଆଯାଏ।  ପ୍ରଥମ ଦୀକ୍ଷା ଦ୍ୱାରା ତାକୁ ଅଧିକ ଜ୍ଞାନ ଓ ଶକ୍ତି ମିଳିଥାଏ। ତାହାକୁ ସେ ଲୋକକଲ୍ୟାଣ ପାଇଁ ବିନିଯୋଗ କରେ। ପ୍ରଥମ ଦୀକ୍ଷା ତିନି ଘ[ାରୁ ତିନିଦିନ ପର୍ଯ୍ୟନ୍ତ ଚାଲିପାରେ ଓ ଏସବୁ ସୂକ୍ଷ୍ମଜଗତରେ ସୂକ୍ଷ୍ମ ଶରୀରରେ ହୋଇଥାଏ, ଯେମିତି କେହି ସ୍ୱପ୍ନ ଦେଖିଥାଏ। ମାତ୍ର ଏସବୁ ସ୍ୱପ୍ନଠାରୁ ଭିନ୍ନ। ସେଠାକାର ବାତାବରଣ ଏତେ ଆକର୍ଷକ ଓ ଆଧ୍ୟାତ୍ମିକ ହୋଇଥାଏ ଯେ ଶିଷ୍ୟର ଚେତନା ଉଚ୍ଚ ଲୋକ ମାନଙ୍କରେ ଜାଗ୍ରତ ହୋଇଯାଏ ଓ ସେ ଆଧ୍ୟାତ୍ମିକ ସ୍ରୋତରେ ପ୍ରବେଶ କରିଯାଏ। ଅନ୍ୟ ପ୍ରକାରେ ଦେଖିଲେ ତା'ର ଆଉ ଏକ ଜନ୍ମ ହୋଇଯାଏ। ତାକୁ ନୂଆ ବିଜ୍ଞାନମୟ କୋଷ ମିଳିଥାଏ। ସେଥିପାଇଁ  ତାକୁ ଦ୍ୱିଜ, ସ୍ରୋତପଡ଼ି ବା ପରିବ୍ରାଜକ କୁହାଯାଏ। ସେଦିନରୁ ସେ ଶ୍ୱେତ ଋଷି ସଂଘର ସଦସ୍ୟ ହୋଇଯାଏ ଓ ତା'ର ନୂଆ ଅଧ୍ୟାତ୍ମିକ ଜୀବନ ଆରମ୍ଭ ହୋଇଥାଏ। ପ୍ରଥମ ଦୀକ୍ଷାରେ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣଭାବରେ ଜୀବାତ୍ମାକୁ ସମର୍ପିତ ହୋଇଯାଏ। ସେ ଗୋଟିଏ ସ୍ଥାନରେ ନ ରହି ବହୁତ ସ୍ଥାନ ବୁଲିବୁଲି ସେବା କାର୍ଯ୍ୟ କରିଥା'ନ୍ତି।

ଦ୍ୱିତୀୟ ଦୀକ୍ଷା ପୂର୍ବରୁ ଶିଷ୍ୟକୁ ନିଜର ତିନୋଟି ଦୁର୍ବଳତାକୁ ନିଜର ସ୍ୱଭାବଠାରୁ ପୂର୍ଣ୍ଣ ଭାବରେ ଦୂର କରିବାକୁ ହୁଏ। ପ୍ରଥମ ଦୀକ୍ଷା ପୂର୍ବରୁ ଆଂଶିକ ରୂପେ ବିବେକ, ବୈରାଗ୍ୟ, ସଦାଚାର ଓ ପ୍ରେମ ଭଳି ସଦ୍‌ଗୁଣକୁ ଧାରଣ କରିବାକୁ ହୁଏ କିନ୍ତୁ ପ୍ରଥମ ଦୀକ୍ଷାପରେ ପୂର୍ଣ୍ଣ ରୂପେ ପବିତ୍ରିକରଣ କ୍ରିୟା ଆରମ୍ଭ ହୋଇଯାଏ। ତାକୁ 'ମୁଁ'ର ଭାବନାକୁ ପୁରା ଭାବରେ ଛାଡ଼ିବାକୁ ହେବ କାରଣ 'ମୁଁ' ମାନବତାଠାରୁ ଅଲଗା। ଏ ଧାରଣା ଭ୍ରମ ଅଟେ। ଦ୍ୱିତୀୟତଃ ତାକୁ କୌଣସି ପ୍ରକାରର ଶଙ୍କା ଓ ଅନିଶ୍ଚିତତା ଠାରୁ ପୂର୍ଣ୍ଣତଃ ଉପରକୁ ଉଠିବାକୁ ହେବ। ପ୍ରାକୃତିକ ସିଦ୍ଧାନ୍ତ ପାଇଁ, ଶ୍ୱେତ ଋଷିସଂଘର ଅସ୍ତିତ୍ୱ ପ୍ରତି ତଥା ଈଶ୍ୱରୀୟ ବିକାଶ ଯୋଜନା ଆଦି ପ୍ରତି କିଛି ବି ସନ୍ଦେହ ମନରେ ରହିବା ଉଚିତ ନୁହେଁ। ତୃତୀୟତଃ ଅନ୍ଧବିଶ୍ୱାସୀ ହେବା ଠିକ୍ ନୁହେଁ। ସେବା ଓ ସଦ୍‌ଗୁଣ ବଢ଼ିଲେ ଦ୍ୱିତୀୟ ଦୀକ୍ଷା, ଯାହା

ମାନସିକ ଲୋକରେ ମନୋମୟ କୋଷରେ ଜଗତ୍‌ଗୁରୁ ଦେଇଥାନ୍ତି ତାହା ଶିଷ୍ୟକୁ ଦିଆଯାଏ। ଶିଷ୍ୟର ଚେତନାର ବିସ୍ତାର ବଢ଼ିଯାଏ ଓ ଜୀବାତ୍ମାର ଆତ୍ମା ସହିତ ପୁରାଭାବରେ ସମ୍ବନ୍ଧ ସ୍ଥାପିତ ହୋଇଯାଏ। ଦୀକ୍ଷିତ ହେବା ପରେ ଶିଷ୍ୟ ନିଜର ବୌଦ୍ଧିକ ଶରୀର ଆନନ୍ଦମୟ କୋଷରେ କାର୍ଯ୍ୟ କରିବା ଶିଖିଯାଏ ଓ ତା'ର ଚେତନା ଆତ୍ମିକ ସ୍ତର ପର୍ଯ୍ୟନ୍ତ ବିସ୍ତୃତ ହୋଇଯାଏ। ସେତେବେଳେ ସେ ସବୁ ପ୍ରାଣୀଙ୍କ ସହିତ ଏକତା ଅନୁଭବ କରିଥାଏ। କେବଳ ବିଶ୍ୱାସକୁ ଆଧାର କରିନୁହେଁ ବରଂ ନିଜର ବୌଦ୍ଧିକ ଅନୁଭବ ଆଧାରରେ ଜାଣିଯାଏ ଯେ ସବୁ ପ୍ରାଣୀଙ୍କ ମଧ୍ୟରେ ଜୀବନ ଏକ। ସେମାନଙ୍କର ଦୁଃଖ, ପ୍ରସନ୍ନତା, ହାର୍‌ଜିତ୍ ତା' ନିଜର ଲାଗେ ଏଣୁ ସେ ପ୍ରେମ ଓ କରୁଣାରେ ଭରିଯାଏ। ଦ୍ୱିତୀୟ ଦୀକ୍ଷା ପରେ ଶିଷ୍ୟକୁ କୁଟିଚକ୍ର (ହିନ୍ଦୁ) ସକ୍ରିଦାଗାମୀ (ବୌଦ୍ଧ) ବା ବ୍ୟାପ୍ଟିଜିମ୍ (ଇସାଇ) ବୋଲି କୁହାଯାଏ।

ତୃତୀୟ ଦୀକ୍ଷା ପୂର୍ବରୁ ଉଚ୍ଚ ମାନସରେ ବୁଦ୍ଧିର ପ୍ରକାଶ ପୁରା ଭାବେ ପ୍ରତିବିମ୍ବିତ ହେବା ଦରକାର ଓ ଏହା ଏକ ଯନ୍ତ୍ରଭଳି ବୁଦ୍ଧିର ପୁରା କାର୍ଯ୍ୟ କରିଲେ, ସେବା କାର୍ଯ୍ୟ ତୀବ୍ରତାର ସହ ହେଲେ ଶିଷ୍ୟକୁ ତୃତୀୟ ଦୀକ୍ଷା ପାଇଁ ପ୍ରସ୍ତୁତ କରାଯାଏ, ଉଚ୍ଚ ମାନସିକ ଲୋକରେ ପୃଥିବୀର ଆଭ୍ୟନ୍ତରିଣ ଶାସକ ସନତକୁମାରଙ୍କ ଦ୍ୱାରା ଏହି ଦୀକ୍ଷା ଦିଆଯାଏ। ଶିଷ୍ୟର ଏହି ସ୍ଥିତିକୁ ହଂସ (ହିନ୍ଦୁ), ଅନାଗାମୀ (ବୌଦ୍ଧ) ବା ଟ୍ରାନସ୍‌ଫିଗରେସନ୍ (ଇସାଇ) କୁହାଯାଏ। ଏହି ସ୍ତରରେ ଆତ୍ମା ନିଜକୁ ପରମାତ୍ମାଙ୍କ ସହିତ ରହିଥିବାର ଅନୁଭୂତି କରିଥାଏ। ତୃତୀୟ ଦୀକ୍ଷାପରେ ଶିଷ୍ୟକୁ କାମରୋଗ ଅର୍ଥାତ୍ କିଛିବି ପ୍ରକାରର ସାଂସାରିକ କାମନା ତଥା କ୍ରୋଧ ବା ଘୃଣା ଭଳି ଦୁର୍ଗୁଣକୁ ସର୍ବଥା ତ୍ୟାଗ କରିବାକୁ ହୁଏ। ଯେତେବେଳେ ସବୁ ପ୍ରାଣୀଙ୍କ ମଧ୍ୟରେ ଗୋଟିଏ ଜୀବନ ରହିଥିବାର ଅନୁଭୂତି ହୋଇଥାଏ ତେବେ କାହା ପ୍ରତି ମଧ୍ୟ କ୍ରୋଧ ବା ଘୃଣା ଆପେ ଆପେ ବନ୍ଦ ହୋଇଯାଏ, ସେ ସମସ୍ତଙ୍କ ମଧ୍ୟରେ ଥିବା ଅନୁଭବ କରେ।

ଚତୁର୍ଥ ଦୀକ୍ଷା ବୌଦ୍ଧିକ ସ୍ତରରେ ସନତକୁମାରଙ୍କ ଦ୍ୱାରା ଦିଆଯାଏ ଓ ଶିଷ୍ୟ ଏହା ଅନୁଭବ କରେ ଯେ ସେ ସମସ୍ତଙ୍କଠାରେ ଓ ସମସ୍ତେ ତା'ଠାରେ ଅଛନ୍ତି, ତା'ର ବ୍ୟକ୍ତିଗତ ଚେତନା ଓ ସମୂହ ଚେତନା ଅର୍ଥାତ୍ ଆତ୍ମା ଓ ପରମାତ୍ମା ଏକ ହିଁ ଅଟନ୍ତି। ଏହି ସ୍ଥିତିକୁ ପରମହଂସ (ହିନ୍ଦୁ),

ଅରହତ (ବୌଦ୍ଧ) ତଥା କୃସୀଫିକେଶନ୍ (ଈସାଇ) କୁହନ୍ତି। ଆତ୍ମା, ପରମାତ୍ମାଙ୍କଠାରୁ ଅଲଗା, ପିତା ପୁତ୍ରଠାରୁ ଅଲଗା, ଏ ଭାବ ସବୁଦିନ ପାଇଁ ଦୂର ହୋଇଯାଏ। ତୃତୀୟ ଓ ଚତୁର୍ଥ ଦୀକ୍ଷାର ମଧ୍ୟବ□ୀ ସମୟ ବହୁତ୍ କଷ୍ଟଦାୟକ। ଶିଷ୍ୟ ଦିନେ ଏକା ହୋଇଯାଏ। ସଂସାର ବା ସଂସାରିକ ଲୋକଙ୍କୁ ସେ ସ୍ୱୟଂ ଛାଡ଼ିଦେଇ ଦୂରକୁ ଚାଲିଯାଇଥାନ୍ତି। ଯେଉଁ ପିତା ବା ଗୁରୁଦେବଙ୍କ ପାଇଁ ସବୁକିଛି ଛାଡ଼ନ୍ତି ସେ ମଧ୍ୟ ଦେଖା ଦିଅନ୍ତି ନାହିଁ । କେବଳ ଏହି ଅନୁଭୂତି ଦେବା ପାଇଁ ଯେ ପିତା ବା ଗୁରୁଦେବ ତା'ଠାରୁ ଅଲଗା ବା ଭିନ୍ନ ସ□ା ନୁହେଁ ବରଂ ତା'ର ଆତ୍ମା ହିଁ ଅନ୍ତର୍ଯ୍ୟାମୀ ଗୁରୁ। ତା'ର ଆତ୍ମା, ଗୁରୁଦେବଙ୍କ ଆତ୍ମା ତଥା ପରମାତ୍ମା (ସର୍ବବ୍ୟାପକ ଚେତନା) ସମସ୍ତେ ଏକ ଓ ଏଥିରେ କିଛି ଭେଦ ନାହିଁ। ପ*ମ ଦୀକ୍ଷା ପୂର୍ବରୁ ଶିଷ୍ୟକୁ ରୂପରାଗ, ଅରୂପରାଗ, ଅଭିମାନ, ଚିଡ଼ିଚିଡ଼ା ସ୍ୱଭାବ ଓ ଅବିଦ୍ୟା ଛାଡ଼ିବାକୁ ହୁଏ।

ପ*ମ ଦୀକ୍ଷା ଆତ୍ମା ନିଜେ ନିଏ କାରଣ ଏବେ କିଛି ଅଲଗା ଅସ୍ତିତ୍ୱ ଶିଷ୍ୟ, ଗୁରୁ ବା ପରମାତ୍ମାଙ୍କର ରହିନଥାଏ। ସମସ୍ତେ ଏକ ଏ ଅନୁଭୂତି ଆତ୍ମିକ ସ୍ତରରେ ବହୁତ୍ ଗଭୀର ହୋଇଯାଏ। ଏବେ ସେ ପରମାତ୍ମାଙ୍କ ସହିତ ଏକ ହେବାର ଅନୁଭବ ନୁହେଁ ବରଂ ସେ ନିଜେ ପରମାତ୍ମା ଏଭଳି ଅନୁଭୂତି ଆସିଯାଏ। ଏହି ଚେତନାର ସ୍ଥିତିରେ 'ଅହଂବ୍ରହ୍ମାସ୍ମି' ସ୍ୱତଃ ଆସିଯାଏ। ଏହା କେବଳ ଅନୁଭୂତିର ବିଷୟ, ଏହାକୁ ଭାଷାରେ ପ୍ରକାଶ କରିହୁଏ ନାହିଁ।

ପ*ମ ଦୀକ୍ଷା ନେଇ ସାରିଥିବା ଶିଷ୍ୟକୁ ଜୀବନ୍ମୁକ୍ତ, ଅଶେଖ ବା ମାଷ୍ଟର କୁହାଯାଏ। ଏହି ଅବସ୍ଥାରେ ପହ*ିବା ପରେ ସ୍ୱତନ୍ତ୍ରତା ଆସେ। ସେ ପରମାତ୍ମାଙ୍କ ସହିତ ଏକାକାର ହୋଇ ରହିବେ ଯାହାକୁ ନିର୍ବାଣ ବା ମୋକ୍ଷ କୁହାଯାଏ ବା ଏହାକୁ ତ୍ୟାଗ କରି ମନୁଷ୍ୟ ଜାତି ପାଇଁ ଦୁଃଖକଷ୍ଟ ସହି ତା'ର ସହାୟତା ପାଇଁ ସଂସାର ସହିତ ସମ୍ପର୍କ ସ୍ଥାପନା କରି ଏକ ଜୀବନ୍ମୁକ୍ତ ପୁରୁଷ ଭଳି କାର୍ଯ୍ୟ କରିବେ। ଶିଷ୍ୟତ୍ୱର ମାର୍ଗ ଏଥିପାଇଁ ବଛାଯାଇଥାଏ । ସେ ତା'ର ଗୁରୁଦେବଙ୍କ ଭଳି ପୂର୍ଣ୍ଣତା ପ୍ରାପ୍ତ କରି ମଧ୍ୟ ମାନବଜାତିର ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରେ।

❖ ❖ ❖

### ଦ୍ୱାଦଶ ଅଧ୍ୟାୟ

# ଅପରା ଓ ପରା ବିଦ୍ୟା

ପୂର୍ବ ଅଧ୍ୟାୟମାନଙ୍କରେ ଯାହା କିଛି ଲେଖାଯାଇଛି ତାକୁ ଖାଲି ପଢ଼ିଲେ ବା ଅନେକ ପୁସ୍ତକ ଓ ଶାସ୍ତ୍ରର ଅଧ୍ୟୟନ କଲେ କିଛି ଅଧିକ ଲାଭ ହେବ ନାହିଁ ଯଦି ଏସବୁକୁ ଆମେ ଚିନ୍ତନ ମନନ କରି ଆମର ଜୀବନରେ ପ୍ରତିଫଳିତ ନ କରିବା। ସ୍ୱାଧ୍ୟାୟର ନିଜର ମହ□ୱ ଅଛି। ଏସବୁ ପୁସ୍ତକୀୟ ଜ୍ଞାନ ଅପରା ବିଦ୍ୟା ଅଟେ। ଅନ୍ତରାତ୍ମାରୁ ଯେଉଁ ପ୍ରଜ୍ଞା ଆସେ ତାକୁ ପରାବିଦ୍ୟା କୁହାଯାଏ। ପରା ବିଦ୍ୟା ବା ପ୍ରଜ୍ଞା ବାହାରୁ ମିଳିନଥାଏ। ବାହାରୁ ଯେଉଁ ଜ୍ଞାନ ମିଳେ (ଅପରାବିଦ୍ୟା), ସେଥିରୁ ପ୍ରେରଣା ମିଳିପାରେ, ମାର୍ଗବିଷୟରେ ବିଚାର ମଧ୍ୟ ମିଳିପାରେ କିନ୍ତୁ ଯେତେବେଳେ ସତ୍‌ମାର୍ଗରେ ଚାଲିବା ଓ ନିଜ ଜୀବନରେ ପ୍ରତିଫଳିତ କରିବା ସେତେବେଳେ ଅନ୍ତରାତ୍ମାଙ୍କ ଦର୍ଶନ ମିଳିବ ଓ ପ୍ରଜ୍ଞା ଜାଗିଉଠିବ। ଯାହା ସାଧନା ଓ ଆତ୍ମାନୁଭୂତି ସହ ସମ୍ବନ୍ଧ ରଖେ।

ମହାତ୍ମାମାନେ କହିଛନ୍ତି, ଜୀବାତ୍ମା ବା ଜୀବ ପ୍ରଥମେ ଅଜ୍ଞାନ ଅନ୍ଧକାରରେ ପଡ଼ିଥାଏ। ଅଧ୍ୟାତ୍ମ ପୁସ୍ତକ ଅଧ୍ୟୟନ କରି ବା ଶୁଣି ତାକୁ ସତ୍ୟ ବିଷୟରେ, ମାର୍ଗ ବିଷୟରେ କିଛି ସୂଚନା ଓ ଜ୍ଞାନପ୍ରାପ୍ତ ହୁଏ। ସେହି ସୂଚନାକୁ ଆଧାର କରି ବ୍ୟକ୍ତି  ସତ୍ ମାର୍ଗରେ ଚାଲିବା ଆରମ୍ଭ କରେ। ପରିଶ୍ରମ ଓ ପୁରୁଷାର୍ଥ କରି ଆଗକୁ ବଢ଼େ। ସାଧନା ଓ ଯୋଗ କରି ଏଭଳି ସ୍ଥିତିରେ ପହଂଯାଏ ଯେ ତା' ଭିତରୁ ପ୍ରଜ୍ଞା ଝଲସି ଉଠିଥାଏ। ରଚନାତ୍ମକ କାର୍ଯ୍ୟ ନ କରି ଯଦି କୌଣସି ବ୍ୟକ୍ତି କେବଳ ବହିପଢ଼ି ସୂଚନା ଏକତ୍ରିତ କରେ ତେବେ ତା'ର ପ୍ରଜ୍ଞା ଜାଗ୍ରତ ହେବା ଅସମ୍ଭବ। ଯେମିତି ଲୁଣର ସ୍ୱାଦ ଲୁଣିଆ ଓ ଚିନିର ସ୍ୱାଦ ମିଠା ବୋଲି କାହାଠୁ ଶୁଣି, ନିଜେ ନ ଚାଖିଲେ ଆମେ ମିଠା ଓ ଲୁଣିଆ ସ୍ୱାଦ କେମିତି ଜାଣି ପାରୁନା। ସେହିପରି ଆତ୍ମଜ୍ଞାନରୁ ପରମଆନନ୍ଦ ପ୍ରାପ୍ତ ହୁଏ ବୋଲି କହିଦେଲେ, ପ୍ରକୃତ ଆନନ୍ଦ ମିଳିନଥାଏ ଯେତେ ପର୍ଯ୍ୟନ୍ତ ନିଜେ ଆତ୍ମଜ୍ଞାନ ଲାଭ ନ କରିଛନ୍ତି।

ଆଧ୍ୟାତ୍ମିକ ଜଗତରେ ସବୁଠାରୁ ବଡ଼ ବିଡ଼ମ୍ବନା ଏହା ଯେ ଲୋକେ ବହୁତ କିଛି ପଢ଼ନ୍ତି ଓ ତାକୁ ଆଧାର କରି ପୁସ୍ତକ ବି ଲେଖନ୍ତି, ଭାଷଣ

ମଧ୍ୟ ଭଲ ଦେଇପାରନ୍ତି । ଏପରିକି କବୀର, ବୁଦ୍ଧ, ରାମକୃଷ୍ଣ ପରମହଂସଙ୍କଠାରୁ ମଧ୍ୟ ଭଲ କହିପାରନ୍ତି, ତର୍କ ବିତର୍କ କରିପାରନ୍ତି, କିନ୍ତୁ ତାଙ୍କର ଚେତନାର ସେତେ ବିକାଶ ହୋଇନଥାଏ । କବୀର, ବୁଦ୍ଧ ଓ ଶଙ୍କରଙ୍କ ବାଣୀରୁ ଯେଉଁ ସୂଚନା ମିଳିଥିଲା ତାକୁ ଜଣେ ଆଉଥରେ ବ୍ୟକ୍ତ କରିପାରେ, ବିଶ୍ଳେଷଣ କରି ପି.ଏଚ.ଡି ଡିଗ୍ରୀ ପ୍ରାପ୍ତ କରିପାରେ କିନ୍ତୁ ସେମାନଙ୍କ ଭଳି ହେବା ବା ଚେତନାର ସେଭଳି ବିସ୍ତାର ହେବା ବହୁତ୍ କଠିନ । ବଡ଼ ବଡ଼ ବିଦ୍ୱାନ ବ୍ୟକ୍ତି 'ଅହମ୍ ବ୍ରହ୍ମସ୍ମି' 'ସୋହମ୍' ଭଳି ମହାବାକ୍ୟକୁ ବାରମ୍ବାର କହିଚାଲନ୍ତି କିନ୍ତୁ ତାଙ୍କର ଚେତନା ସାଧାରଣ ସ୍ତରରେ ରହିଥାଏ । ସେ କ୍ରୋଧ, ଅଭିମାନ, ସ୍ୱାର୍ଥ ଓ ରାଗଦ୍ୱେଷରେ ସେମିତି ବୁଡ଼ିରହିଥା'ନ୍ତି । ଭୁଲ୍ କରୁଥିବା ଲୋକଙ୍କଠାରୁ ଦୂରେଇ ତାଙ୍କୁ ଘୃଣା କରୁଥା'ନ୍ତି । ଠିକ୍ ଯେମିତି ସାଧାରଣ ବ୍ୟକ୍ତି କରିଥାଏ । ତାଙ୍କ ପାଖରେ ଅପରାବିଦ୍ୟା ବହୁତ୍ ଥାଏ ମାତ୍ର ସାମାନ୍ୟ□ମ ପ୍ରଜ୍ଞା ବା ପରାବିଦ୍ୟା ନଥାଏ । ସେ ଅନ୍ୟକାହାରି ବିଷୟରେ ଯାହା ଶୁଣନ୍ତି ତାହା ଠିକ୍ ଭାବି କରି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି । କିନ୍ତୁ ପ୍ରଜ୍ଞାଥିବା ବ୍ୟକ୍ତି ସ୍ୱୟଂର ଅନୁଭୂତିକୁ ଆଧାର କରି ନିର୍ଣ୍ଣୟ ନେଇଥାଆନ୍ତି । ଯଦି ଏହା ସତ୍ୟ ଯେ 'ମୁଁ', 'ତୁ', 'ସେ', ସମସ୍ତ ଜଣେ, ତେବେ ଉଚ୍ଚନୀଚର ଭେଦ କାହିଁକି ? ତେବେ ଅନ୍ୟଜଣଙ୍କ ବିଷୟରେ ନିନ୍ଦା କାହିଁକି କରିବା ? ଏଥିପାଇଁ ପ୍ରଜ୍ଞା ପରାବିଦ୍ୟାର ଆବଶ୍ୟକତା ଅଛି ଯାହା ସାଧନାରୁ ହିଁ ମିଳିବ, ପଢ଼ିଲେ ମିଳିବ ନାହିଁ । କିଛି ବ୍ୟକ୍ତିଙ୍କର ପୂର୍ବଜନ୍ମରୁ ବହୁତ ସାଧନା ହୋଇଥାଏ ଓ ଏହି ଜନ୍ମରେ କେବଳ ଦେଖିଲେ, ଶୁଣିଲେ ବା ମନେ ପକାଇଲେ ପ୍ରଜ୍ଞା ଜାଗିଉଠେ । ମହାତ୍ମାବୁଦ୍ଧଙ୍କର ପ୍ରଜ୍ଞା ରୋଗୀ, ମୃତଶରୀର ଓ ସାଧୁଙ୍କୁ ଦେଖି ଜାଗିଉଠିଲା । ସାଧାରଣ ବ୍ୟକ୍ତି ପ୍ରତ୍ୟେକ ଦିନ ରୋଗୀ ଦେଖୁଛି ଓ ମୃତ ଶରୀରକୁ ଜଳାଉଛି ତଥାପି ପ୍ରଜ୍ଞା ଜାଗୁନାହିଁ, ଏଥିପାଇଁ ସାଧନା ଆବଶ୍ୟକ ।

ଗୋଟିଏ ଉଦାହରଣ ଦେଲେ ଅଧିକ ସ୍ପଷ୍ଟ ଭାବରେ ବୁଝାପଡ଼ିବ । ଯଦି ଜଣେ ରାଜା ପାଗଳ ହୋଇଯା'ନ୍ତି ଓ ଭୋକଶୋଷରେ କେଉଁଠି କଷ୍ଟକରି ପଡ଼ିଥା'ନ୍ତି ସେଭଳି ଅବସ୍ଥାରେ ତାଙ୍କୁ କେହି କହେ ଯେ ତୁ ରାଜା', ସେ ସେହି ବାକ୍ୟକୁ ବାରମ୍ବାର ମୁଁ ରାଜା, ମୁଁ ରାଜା ବୋଲି କହିଚାଲନ୍ତି । କଥାଟି ସତ୍ୟ ଯେ ସେ ରାଜା ମାତ୍ର ବାସ୍ତବରେ ତାଙ୍କର ପାଗଳାମୀ ଠିକ୍ ନହେଲା ପର୍ଯ୍ୟନ୍ତ ସେ ପ୍ରକୃତରେ ଜାଣିପାରିବେ ନାହିଁ ଯେ ସେ ରାଜା ଓ ରାଜଗାଦିରେ ବସି ସୁଖ କରିବେ । ସେ ସେପର୍ଯ୍ୟନ୍ତ

ଭିକାରୀ ଭଳି ଏଠି ସେଠି ବୁଲୁଥିବେ, ଠିକ୍ ସେମିତି ଆମେ (ବ୍ରହ୍ମ) ରାଜା ଓ ସୁପ୍ତ ଅବସ୍ଥାରେ ଅଛୁ ବୋଲି ବାସ୍ତବିକ ସ୍ୱରୂପକୁ ଜାଣିପାରୁନାହୁଁ। ମାୟାଜାଲରେ ପଡ଼ି ସଂସାରରେ ଘା[ ହେଉଛୁ। ଆମେ ଅନ୍ୟଠାରୁ ଶୁଣି ଯେତେଥର ବି 'ମୁଁ ବ୍ରହ୍ମ' ବୋଲି କହିବୁଲିଲେ ଦୁଃଖକଷ୍ଟରୁ ମୁକ୍ତି ମିଳେନାହିଁ। ପାଗଳାମୀରୁ ମୁକ୍ତି ମିଳିଲେ ହିଁ ଆମର ବୁଝିବା ଶକ୍ତି ଜାଗ୍ରତ ହେବ। ପାଗଳାମୀର ଉପଚାରକୁ ଖାଲି କହିବୁଲିଲେ ହେବ ନାହିଁ ବରଂ ସାଧନା କରିବାକୁ ହେବ।

ଅନ୍ୟ ଏକ ଉଦାହରଣ ଦେଖିବା। ଯଦି ଆମେ ରୋଗରେ ପଡୁ ଜଣେ ମହାତ୍ମା ସ୍ୱରୂପ ବୈଦ୍ୟ ଔଷଧ ଲେଖିଦିଅନ୍ତି, ଆମେ ସେଇ ଔଷଧର ନାମକୁ ବାରମ୍ବାର ଘୋଷିବା ଓ ଔଷଧଲେଖା କାଗଜଟିକୁ ବା ଲେଖିଥିବା ବ୍ୟକ୍ତିର ଫଟୋକୁ କାଚଫ୍ରେମ୍‌ରେ ବନ୍ଧେଇ କରି ପ୍ରତ୍ୟେକ ଦିନ ତାକୁ ପୂଜା କରିବା ତେବେ ଆମର ରୋଗ ଠିକ୍ ହେବ ନାହିଁ। ଔଷଧକୁ ବ୍ୟବହାର କଲେ ଅବଶ୍ୟ ରୋଗ ଭଲ ହୋଇପାରେ। ଅଧିକାଂଶ ବିଦ୍ୱାନ ବ୍ୟକ୍ତିଙ୍କର ଜ୍ଞାନ ବହୁତ ଥାଏ ମାତ୍ର ସେମାନେ ସେହି ଜ୍ଞାନକୁ କାର୍ଯ୍ୟରେ ପରିଣତ କରନ୍ତି ନାହିଁ।

ଈଶ୍ୱରଙ୍କ ନାମର ମହିମାକୁ ବିରୋଧ କରାଯାଉନାହିଁ କିନ୍ତୁ କୁହାଯାଉଛି ଯେ ତାଙ୍କର ନାମ, ଶ୍ରଦ୍ଧା ଓ ଅନ୍ତରର ସହିତ ନିଅ ଯାହା ଦ୍ୱାରାକି ତାଙ୍କ ଭଳି ହେବା ପାଇଁ ପ୍ରେରଣା ମିଳିବ। ଶୁଆ ଭଳି ରାମରାମ ଘୋଷିଲେ କିଛି ଲାଭ ନାହିଁ। ବରଂ ରାମ ନାମକୁ ଚିନ୍ତନ ମନନ କରିବା ଦରକାର। ରାମ କିଏ ? ଶାରିରୀକ ଦୃଷ୍ଟିରେ ଯେ ରାଜା ଦଶରଥଙ୍କ ପୁତ୍ର ନା ଯେ ସର୍ବ ବିଦ୍ୟମାନ। ସେଇ ଦିବ୍ୟ ଚେତନା ଯାହା ସମସ୍ତଙ୍କ ଭିତରେ ବିଦ୍ୟମାନ, ତା' ସଙ୍ଗେ ଏକାକାର ହୋଇଗଲେ ପ୍ରଜ୍ଞା ଜାତ ହେବ। କିଛି ଲୋକଙ୍କ ଧାରଣା ଯେ ଈଶ୍ୱରଙ୍କୁ ପ୍ରଶଂସା କଲେ ବା ତାଙ୍କର ମହିମା ଗାଇଲେ ଆମେ ଈଶ୍ୱରଙ୍କୁ ପ୍ରସନ୍ନ କରିପାରିବା ଯେଉଁଥି ପାଇଁ ସେ ଆମକୁ କଷ୍ଟ ଦେବେ ନାହିଁ। ଯେପରି ନିଆଁକୁ ଯେତେ ପୂଜା କଲେ ମଧ ହାତ ଦେଖାଇଲେ କ'ଣ ସେ ଆମର ହାତକୁ ନ ପୋଡ଼ି ଛାଡ଼ି ଦେବେ। କିନ୍ତୁ ଏହା ଅସମ୍ଭବ। ଏହା ନିୟମବିରୁଦ୍ଧ। ଯଦି ଆମେ ନିଆଁର ପ୍ରକୃତିକୁ ବୁଝିପାରିବା, ନିଆଁ ନ ଲାଗିବା ଭଳି ବସ୍ତ୍ର ପିନ୍ଧିଲେ ନିଆଁ ଲାଗି ନ ପାରେ। ଗୀତା ପାଠ କରି ତା'ର କେବଳ ଗୁଣଗାନ କଲେ ହେବ ନାହିଁ

ବରଂ ନିଷ୍କାମକର୍ମ କଲେ, କ□ାଭାବକୁ ଛାଡ଼ିଲେ ତଥା ଭକ୍ତିଭାବନାର ସହ 'ମୁଁ'କୁ ଦୂରେଇ ପୂର୍ଣ୍ଣ ସମର୍ପଣ ଭାବ ରଖିଲେ ଚେତନାର ବିସ୍ତାର ହେବ ଓ ପ୍ରଜ୍ଞା ଜାଗି ଉଠିବ।

ଆମ କାର୍ଯ୍ୟରେ ସାହାଯ୍ୟ କରିଥିବା ବ୍ୟକ୍ତି ଯଦି ତା'ର କାମ ଠିକ୍ ଭାବେ ନ କରେ ଓ ଖାଲି ଦିନରାତି ଆମର ପ୍ରଶଂସା କରେ, ପାଦଛୁଇଁ ମୁଣ୍ଡିଆମାରେ ତା' ଉପରେ ଆମେ କ'ଣ ପ୍ରସନ୍ନ ହେବା କି? ତେବେ ଆମେ ଏ ଆଶା କାହିଁକି କରିବା, ସେବା ଓ ଲୋକ କଲ୍ୟାଣ ବିନା ଆମେ ଭଗବାନଙ୍କୁ ପ୍ରସନ୍ନ କରିପାରିବା। କୁହାଯାଏ ଯେ ଯେମିତି ପିତାମାତା ପିଲାଙ୍କ ଭୁଲକୁ କ୍ଷମା କରିଥା'ନ୍ତି ପରମାତ୍ମା ମଧ୍ୟ ଆମକୁ ସେପରି କ୍ଷମା କରିପାରନ୍ତି, ଯଦି ଆମେ ପିଲାଙ୍କ ଭଳି ନିଷ୍କପଟ ଓ ସରଳ ହୋଇଥିବା। କିନ୍ତୁ ଆମେ ଚାଲାକି କରି, ଅନ୍ୟକୁ ଠକୁଛେ, ତେବେ ଈଶ୍ୱର ଆମକୁ କ୍ଷମା କିପରି କରିବେ? ସେ କରୁଣାମୟ ତେଣୁ ସେ କେବେ ଏହା ଚାହିଁବେ ନାହିଁ ଯେ ତାଙ୍କ ପିଲା ଭୁଲ୍‌ବାଟରେ ଯାଆନ୍ତୁ। ଆମେ ଶକ୍ତି ଓ ଧନସମ୍ପ□ିର ଦୁର୍ବ୍ୟବହାର କଲେ ସେସବୁ ଛଡ଼େଇନେବେ। ଆମକୁ ଭଲ ବାଟ ଦେଖାଇବା ପାଇଁ ଆମକୁ ଦଣ୍ଡ ଦେଇ ଶିକ୍ଷା ଦେବେ। ତାଙ୍କ ପ୍ରେମ ଓ କରୁଣାର ଅନୁଚିତ୍ ଅର୍ଥ ବୁଝିବା ଠିକ୍ ନୁହେଁ। ବାସ୍ତବରେ ପରମାତ୍ମା କାହା ପକ୍ଷ ବା ବିପକ୍ଷରେ ନଥା'ନ୍ତି ବରଂ ପ୍ରାକୃତିକ ସିଦ୍ଧାନ୍ତ ଅନୁସାରେ ନ୍ୟାୟ ହୋଇଥାଏ। ଏଥିପାଇଁ ମହାତ୍ମା କୁତ୍‌ହୁମୀ କହିଛନ୍ତି "ପରମାତ୍ମା ଏକ ଶାଶ୍ୱତ ଅପରିବ□ନଶୀଳ ନିୟମ"। ଏହି ନିୟମ କରୁଣାମୟ, କାରଣ ଏହି ନିୟମ ପଛରେ ବିକାଶର ଯୋଜନା ଅଛି।

ଶଙ୍କରାଚାର୍ଯ୍ୟ ଯେତେବେଳେ ସେହି ମହାନ୍ ସତ୍ୟ, ପରମସ□ାଙ୍କ ପାଖରେ ଥିଲେ ସେତେବେଳେ ତାଙ୍କ ମୁଖରୁ ବାହାରିଲା, "ହେ ପ୍ରଭୂ ମୋର ତିନୋଟି ପାପକୁ କ୍ଷମା କର। ୧. ମୁଁ ମନ୍ଦିର ଓ ଧାର୍ମିକ ଜାଗାରେ ତୁମକୁ ଖୋଜୁଥିଲି ଓ ଭୁଲିଗଲି ଯେ ତୁମେ ସର୍ବବ୍ୟାପକ। ୨. ମୁଁ ତୁମକୁ ଧନ୍ୟବାଦ୍ ଦେଲି କାରଣ ମୁଁ ଭାବୁଥିଲି ତୁମେ ମୋ ପକ୍ଷରେ ଥିଲ ଓ ଭୁଲିଗଲି ଯେ ତୁମେ କାହା ପକ୍ଷ ବା ବିପକ୍ଷରେ ନଥାଅ, ତୁମେ ତ ପ୍ରାକୃତିକ ସିଦ୍ଧାନ୍ତ ଅନୁସାରେ ନ୍ୟାୟ କର। ୩. ମୁଁ ତୁମର ପୂଜା, ଅର୍ଚ୍ଚନା ଓ ପ୍ରାର୍ଥନା କରୁଥିଲି ଓ ଏହା ଭୁଲିଗଲି ଯେ ମୁଁ ଓ ତୁମେ ଦୁଇଜଣ ନୁହେଁ, ଅଲଗା ନୁହଁ ବରଂ ଏକ୍।

ଉପରୋକ୍ତ ତିନୋଟି କଥା ପ୍ରଜ୍ଞାର ପରିଣାମ ଓ ପରାବିଦ୍ୟାର ଫଳ ଅଟେ। ଯେତେ ପର୍ଯ୍ୟନ୍ତ କାହାର ଅପରାବିଦ୍ୟା ଅଛି, ଦ୍ୱୈତ ଭାବ ଅଛି ତାଙ୍କ ପାଇଁ ଶଙ୍କରାଚାର୍ଯ୍ୟ କହିଛନ୍ତି "ଭଜ ଗୋବିନ୍ଦମ୍, ଭଜ ଗୋବିନ୍ଦମ୍, ଗୋବିନ୍ଦମ୍ ଭଜ ମୂଢ଼ମତେ", ଏଭଳି ଭଜନ କର ଯେ ତାଙ୍କ ଭଳି ପବିତ୍ର, ନିଃସ୍ୱାର୍ଥପର ଓ କଲ୍ୟାଣକାରୀ ହୋଇଯାଅ। ଜଣେ ଶିଷ୍ୟ ଗୁରୁଙ୍କୁ କହିଲେ, "ହେ ଗୁରୁଦେବ ମୋର ପ୍ରଜ୍ଞା କିଭଳି ଆସିବ?, ହେ ଜୀବନ୍ମୁକ୍ତ ମହାତ୍ମା, ମତେ ପୂର୍ଣ୍ଣତା କେମିତି ପ୍ରାପ୍ତ ହେବ? (ଧ୍ୟାନରେ ଏ ପ୍ରଶ୍ନ ଆମ ସମସ୍ତଙ୍କର ରହୁ) ସେତେବେଳେ ଗୁରୁଦେବ କରୁଣାଭରା ଶବ୍ଦରେ ଉ□ର ଦେଲେ, "ତୁମେ ସଚ୍ଚା ଆଧ୍ୟାତ୍ମିକ ପଥ ଖୋଜ, କିନ୍ତୁ ହେ ଶିଷ୍ୟ ନିଜର ଯାତ୍ରା ଆରମ୍ଭ କରିବା ପୂର୍ବରୁ ପବିତ୍ର ହୃଦୟ ହୋଇଯାଅ, ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରଭେଦ ଜାଣ, ସଂସାରିକ ଉପଲବ୍ଧି ଯାହା ଅସ୍ଥାୟୀ ଓ ସଚ୍ଚା ଆଧ୍ୟାତ୍ମିକ ଉପଲବ୍ଧି ଯାହା ସ୍ଥାୟୀ ସେଥିରେ ଭେଦ ଜାଣ। ସବୁଠାରୁ ବିଶେଷ ଓ ମହ□ପୂର୍ଣ୍ଣ ପ୍ରଭେଦ ଅପରା ଓ ପରା ବିଦ୍ୟାକୁ ଜାଣିବା ଦରକାର। ଏଭଳି ଜ୍ଞାନ ଯାହା ଇନ୍ଦ୍ରିୟ ଓ ମନରୁ ପ୍ରାପ୍ତ ଓ ବ୍ରହ୍ମଜ୍ଞାନ ଯାହା ଅନ୍ତରାତ୍ମାଙ୍କଠାରୁ ପ୍ରାପ୍ତ, ତା'ର ପ୍ରଭେଦ ଜାଣିବା ଦରକାର।

ଉପରୋକ୍ତ କଥନ ଆଜି ମଧ୍ୟ ସବୁ ସାଧକ ଶିଷ୍ୟଙ୍କ ପାଇଁ ଲାଗୁ ହେଉଛି। ଅପାରା ଓ ପରାବିଦ୍ୟାରେ ପ୍ରଭେଦ ନଜାଣିଲେ, ସାଧକ ଭ୍ରମରେ ପଡ଼ିପାରେ। ବହୁତ୍ ପଣ୍ଡିତ, ବିଦ୍ୱାନ ତଥା ସଜ୍ଜନ ପୁରୁଷ ପୁସ୍ତକଗତ ଜ୍ଞାନ ପାଇଥାନ୍ତି। ସମସ୍ତ ଶ୍ଳୋକ, ଦୋହା ଆଦିକୁ ପଢ଼ି ସ୍ମୃତିରେ ରଖିଥାନ୍ତି ଓ କହି ଚାଲନ୍ତି ଏବଂ ମନେ ମନେ ଭାବନ୍ତି ଯେ ତାଙ୍କୁ ବ୍ରହ୍ମଜ୍ଞାନ ମିଳିଗଲା। ଯାହା ଅଜ୍ଞାନଠାରୁ ମଧ୍ୟ ଅଧିକ ବିପଦଜନକ। ସାଧକକୁ ବହୁତ୍ ସତର୍କ ରହିବା ଦରକାର। କୁହାଯାଇଛି ଯେ ଏଭଳି ବ୍ୟକ୍ତିଠାରୁ ଅଧିକ ମୂର୍ଖ କେହି ନାହିଁ ଯେ ଜାଣିନାହିଁ ଯେ ସେ ଅଜ୍ଞାନୀ। ଏଭଳି ବ୍ୟକ୍ତିଠାରୁ ଦୂରେଇ ରହିବା ପାଇଁ ଶିଷ୍ୟକୁ ଉପଦେଶ ଦିଆଯାଇଛି। ଯେଉଁ ବ୍ୟକ୍ତି ସରଳ ଓ ନିଜର ଅଜ୍ଞାନତାକୁ ପ୍ରକାଶ କରେ ତା'ର ସହାୟତା କରିବା ଦରକାର। ଏଭଳି ସରଳ, ନିଃଷ୍କପଟ ବ୍ୟକ୍ତି ଅଛନ୍ତି ଯିଏ ଜାଣେ ନାହିଁ ତା'ର ପ୍ରଜ୍ଞା ଅଛି ବୋଲି। ନିଜର ଜ୍ଞାନ ବିତରଣ କରି ସେହିମାନଙ୍କୁ ସାହାଯ୍ୟ କରିବା ଉଚିତ୍। ଫଳରେ ସେହି ଶାନ୍ତ ନିରୀହ ବ୍ୟକ୍ତି ନିଜର ପ୍ରଜ୍ଞାକୁ ଜାଣି ଅନ୍ୟକୁ ମଧ୍ୟ ଶିଖାଇବାରେ ସାହାଯ୍ୟ କରିବ। ଜୀବନମୁକ୍ତ ମହାତ୍ମାଙ୍କ ପାଖରେ ରହି ନିଜକୁ ଜାଣ ଓ ଅନ୍ୟକୁ ଜାଣିବାରେ ସାହାଯ୍ୟ କର।

ବହୁତ୍ ଅଧିକ ପୁସ୍ତକୀୟ ଜ୍ଞାନ (ଅପରାବିଦ୍ୟା)ର ତୁଳନାରେ ଅଳ୍ପ ସଦ୍‌ଜ୍ଞାନ (ପ୍ରଜ୍ଞା), ପରାବିଦ୍ୟା, ଅଧିକ ମହ□ପୂର୍ଣ୍ଣ। କର୍ମର ସିଦ୍ଧାନ୍ତ ଅତୁଟ ଅଟେ ଯଦି କୌଣସି ବ୍ୟକ୍ତିର ଏତିକି ବି ଜ୍ଞାନ ହୋଇଯାଏ ଜୀବନର ଅନୁଭବକୁ ଆଧାର କରି କର୍ମ ନିୟମକୁ ସତ୍ୟ ମଣି ସେ ବ୍ୟକ୍ତି ଶୁଭକର୍ମ ବା ନିଷ୍କାମ କର୍ମ କରିଥାଏ। ଖାଲି ଜ୍ଞାନରେ ପାଣ୍ଡିତ୍ୟ ଲାଭ କରିଥିବା ବ୍ୟକ୍ତିଠାରୁ ସେ ଶ୍ରେଷ୍ଠ ଅଟେ। କବୀର ଓ ନାନକଙ୍କ ଭଳି ଅପାଠୁଆ ବ୍ୟକ୍ତି ମଧ୍ୟ ବିଦ୍ୱାନ୍ ବ୍ୟକ୍ତିଙ୍କଠାରୁ ଜ୍ଞାନରେ ବହୁତ ଆଗରେ ଥିଲେ ଯଦି କେହି ପାଠୁଆ ଲୋକ ପାଖରେ ଲେଖିବା, କହିବାର କଳା ଅଛି ଓ ପ୍ରଜ୍ଞା ଅଛି ତେବେ ତାହା ସବୁଠାରୁ ଭଲ। ଏଭଳି ମହାତ୍ମା ହେଉଛନ୍ତି କୁତ୍‌ହୁମୀ, ଯାହାଙ୍କର ଜ୍ଞାନ ଓ ପ୍ରଜ୍ଞାର ସୀମା ନାହିଁ। ଯେଉଁ ବ୍ୟକ୍ତିର ପ୍ରଜ୍ଞା ଅଛି ଓ ବାହାର ଜ୍ଞାନ ତଥା ଆଧୁନିକ ବିଜ୍ଞାନ ଭାଷାରେ ମଧ୍ୟ କହିପାରନ୍ତି, ସେ ଶ୍ରେଷ୍ଠ ଅଟନ୍ତି।

❖ ❖ ❖

## ତ୍ରୟୋଦଶ ଅଧ୍ୟାୟ

# କର୍ମ, ଭକ୍ତି, ଜ୍ଞାନ ଓ ଈଶ୍ୱର କୃପା

କାହିଁ କେତେ ଯୁଗରୁ ମାନବଜାତିରେ ଏହି ବିବାଦ ଚାଲିଆସୁଛି ଯେ କର୍ମ, ଭକ୍ତି ଓ ଜ୍ଞାନ ମଧ୍ୟରେ ଶ୍ରେଷ୍ଠ କିଏ। ଅଧିକାଂଶ ବ୍ୟକ୍ତି ନିଜ ନିଜର ସ୍ୱଭାବକୁ ଆଧାର କରି ମାର୍ଗ ବାଛିଥା'ନ୍ତି। କିଛି ଲୋକ ଏହା କହନ୍ତି ଯେ ସବୁ ମାର୍ଗ ବ୍ୟର୍ଥ ଓ କେବଳ ଈଶ୍ୱରଙ୍କ ଶରଣ ନିଅ, ତାଙ୍କରି କୃପା ହିଁ ସବୁଠାରୁ ଶ୍ରେଷ୍ଠ। ଅନ୍ୟ କେତେକ ବ୍ୟକ୍ତି ଶାସ୍ତ୍ରକୁ ଆଧାର କରି କର୍ମକୁ ଶ୍ରେଷ୍ଠ ବୋଲି କହନ୍ତି। ରାମାୟଣ ଓ ଗୀତାର ଦୃଷ୍ଟାନ୍ତ ଦେଇ କହନ୍ତି, "କର୍ମହିଁ ସବୁଠାରୁ ଶ୍ରେଷ୍ଠ, ଯେ ଯେଭଳି କର୍ମ କରିବ ସେଭଳି ଫଳ ପାଇବ। ଗୀତା କର୍ମଯୋଗର ଶାସ୍ତ୍ର ଅଟେ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ କର୍ମକୁ ପ୍ରଧାନ ବୋଲି କହିଛନ୍ତି। ଯେ ଭକ୍ତିଯୋଗକୁ ଶ୍ରେଷ୍ଠ ମାନନ୍ତି ସେ କହନ୍ତି ଭଗବାନ କୃଷ୍ଣ କହିଛନ୍ତି "ତୁମେ ସବୁ କ□ବ୍ୟକୁ ଛାଡ଼ି ମୋର ଶରଣ ନିଅ, ମୁଁ ତମକୁ ସବୁ ପାପରୁ ମୁକ୍ତ କରିଦେବି"।

ସର୍ବ ଧମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ।
ଅହଂ ତ୍ୱା ସର୍ବ ପାପେଭ୍ୟୋ ମୋକ୍ଷୟି ଷ୍ୟାମି ମା ଶୁଚଃ।

ରାମାୟଣକୁ ଆଧାର କରି କୁହାଯାଏ "ବିନା ସତ୍‌ସଂଗରେ ବିବେକ ଆସେ ନାହିଁ, ରାମକୃପା ବିନା କିଛି ସମ୍ଭବ ନୁହେଁ। ଯେଉଁମାନେ ଶିଖ ଧର୍ମକୁ ମାନନ୍ତି ସେ ଗୁରୁଗ୍ରନ୍ଥ ସାହିବକୁ ଆଧାର କରି କହନ୍ତି, "ପରମାତ୍ମା ହିଁ କ□ା, ମନୁଷ୍ୟ ହାତରେ କିଛି ନାହିଁ, ତା'ର କର୍ମ କରିବାର ସ୍ୱତନ୍ତ୍ରତା ନାହିଁ। ପତ୍ରଟିଏ ବି ଈଶ୍ୱରଙ୍କ କୃପା ବିନା ହଲିପାରେ ନାହିଁ, ମଣିଷ କାଠ କଣ୍ଢେଇ ଭଳି।"

ଯେଉଁ ବ୍ୟକ୍ତି ଜ୍ଞାନମାର୍ଗକୁ ଶ୍ରେଷ୍ଠ ମାନନ୍ତି ସେ କହନ୍ତି ଯେ କର୍ମ ବନ୍ଧନର ଶିକୁଳି କେବଳ ଜ୍ଞାନଶାସ୍ତ୍ର ଦ୍ୱାରା ଏହା କଟିପାରେ। ପ୍ରକୃତିର ସିଦ୍ଧାନ୍ତ ଅତୁଟ। ଅଜ୍ଞାନ ହଟିଲେ ହିଁ ଭ୍ରମ ହଟିବ। ଏଭଳି ବ୍ୟକ୍ତି ଶଙ୍କରାଚାର୍ଯ୍ୟଙ୍କର ସାହାରା ନିଅନ୍ତି। ସେମାନେ କହନ୍ତି କେବଳ ଜ୍ଞାନଦ୍ୱାରା ହିଁ ମୋକ୍ଷ ସମ୍ଭବ।

ଏହି ତିନି ପ୍ରକୃତିର ବ୍ୟକ୍ତି ନିଜ ନିଜର ମାର୍ଗରେ ଦୃଢ଼। କିଏ କାହାର ମାର୍ଗକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି।

ଉପରୋକ୍ତ କଥା ଉପରେ ମନନ କରାଯାଉ। ଯଦି କେବଳ ଗୋଟିଏ ମାର୍ଗ ହିଁ ଶ୍ରେଷ୍ଠ ତେବେ ଅନ୍ୟମାର୍ଗ ବିଷୟରେ କହିବାର ଆବଶ୍ୟକତା କ'ଣ ଥିଲା। କୃଷ୍ଣଙ୍କ ଭଳି ଅବତାରୀ ପୁରୁଷ ସବୁ ମାର୍ଗ ବିଷୟରେ କାହିଁକି ବର୍ଣ୍ଣନା କଲେ। ଏହାହିଁ ସତ୍ୟ ଯେ ଏସବୁ ମାର୍ଗ ଗୋଟିଏ ସତ୍ୟକୁ ସଙ୍କେତ ଦିଅନ୍ତି ଓ ଗୋଟିଏ ଲକ୍ଷ୍ୟରେ ପହ*ନ୍ତି। ତିନୋଟି ଯାକ ମାର୍ଗର ଗୋଟିକରେ ସମାବେଶ ହୋଇଥାଏ। କର୍ମ, ଜ୍ଞାନ ଓ ଭକ୍ତି ତିନୋଟିର ସମ୍ମିଶ୍ରଣରେ ମୁକ୍ତି ମିଳେ। ସମସ୍ତଙ୍କର ଯୋଗ୍ୟ ସ୍ଥାନ ଅଛି ଓ ସମସ୍ତେ ପରସ୍ପରର ପୂରକ। ଅଜ୍ଞାନୀ ପୁରୁଷ କେବଳ ପୁସ୍ତକୀୟ ଜ୍ଞାନକୁ ଆଧାର କରି ସିଦ୍ଧାନ୍ତ ନେଇଥାଏ। ଯେଉଁ ବ୍ୟକ୍ତି ବାସ୍ତବରେ ଏ ଗୁଣସବୁକୁ ନିଜ ଜୀବନରେ ବ୍ୟବହାର କରି ବା କେବଳ ମାତ୍ର ଗୋଟିଏ ଗୁଣକୁ ବି ବ୍ୟବହାର କରେ ସେ ଅନ୍ୟ ଗୁଣର ମହ□୍ୱ ବୁଝିପାରେ। ଯେଉଁ ବ୍ୟକ୍ତି କର୍ମରେ ଆସ୍ଥା ରଖିଥାଏ ସେ ଜାଣିଥାଏ ଯେ ସଦ୍‌ଜ୍ଞାନ ଦରକାର ଯାହାଦ୍ୱାରା ଜାଣିହେବ ଶୁଭ-ଅଶୁଭ କର୍ମ କ'ଣ ? ନିଷ୍କାମ କର୍ମ କ'ଣ? କାମନା ପୂର୍ଣ୍ଣ କର୍ମ କ'ଣ? କାମନା କ'ଣ? କାମନା ଉଦୟ କେଉଁଠୁ ଓ କିପରି ହୁଏ? ସତ୍ୟ ଅସତ୍ୟ କ'ଣ? ସତ୍ କାର୍ଯ୍ୟ କ'ଣ? ସତ୍ ଜ୍ଞାନ ବିନା ସତ୍‌କର୍ମ କରି ହୁଏନା। ଯେଉଁ ବ୍ୟକ୍ତି କେବଳ ଜ୍ଞାନର ବଡ଼ ବଡ଼ କଥା କୁହେ କିନ୍ତୁ ସତ୍ୟ କର୍ମ, ସେବାର କର୍ମ କରେ ନାହିଁ ସେ ବ୍ୟକ୍ତି ଅପଙ୍ଗ ଭଳି। ଯେଉଁ ବ୍ୟକ୍ତି କେବଳ ଭକ୍ତିର କଥାକୁହେ, କର୍ମ ବା ଜ୍ଞାନରେ ରୁଚି ରଖେ ନାହିଁ। ସେ ଜାଣିପାରେ ନାହିଁ ଯେ ସେ କିଏ ଓ କାହାର ଭକ୍ତି କରୁଚି। ତା'ର ବାସ୍ତବିକ ସ୍ୱରୂପ କ'ଣ ଓ ଦୁଇଜଣ ଯାକ ଏକ ନା ଅଲଗା। ଏଭଳି ବ୍ୟକ୍ତି ଭକ୍ତ ନୁହେଁ, ଅନ୍ଧବିଶ୍ୱାସୀ, ସେ କେବେବି ମୁକ୍ତି ପାଇପାରିବ ନାହିଁ। ଯେତେବେଳେ କର୍ମ, ଭକ୍ତି ଓ ଜ୍ଞାନ ପରସ୍ପର ସହ ସମାହିତ ହୋଇଯିବେ, ତେବେ ଯାଇ ଯୋଗ ସଫଳ ହେବ। ଏହା ସତ୍ୟଯେ ତିନୋଟି ଯାକ ଯୋଗ ଗୋଟିଏ ସତ୍ୟ ଉପରେ ଆଧାରିତ। କର୍ମଯୋଗୀ 'ମୁଁ' କୁ ଦୂରେଇ ନିଷ୍କାମକର୍ମ କରିଥାଏ ଯେତେ ପର୍ଯ୍ୟନ୍ତ 'ମୁଁ' ଏକ ଅଲଗା ସ□ା ହୋଇ ରହିଥିବ, ସେ ପର୍ଯ୍ୟନ୍ତ ନିଷ୍କାମକର୍ମ ହୋଇପାରିବ ନାହିଁ। ଭକ୍ତଯୋଗୀ ମଧ୍ୟ 'ମୁଁ' କୁ ନିଜର ଇଷ୍ଟଙ୍କୁ ସମର୍ପଣ କରିଦିଏ। 'ମୁଁ' ହଟିଯାଏ ମାତ୍ର ଇଶ୍ୱର ବା ସେହି ସ□ା ରହିଥାଏ। ବିନା ସମର୍ପଣ ଭାବରେ ଭକ୍ତି ଅସମ୍ଭବ। ଜ୍ଞାନଯୋଗୀ ଏହା ଜାଣିଥାଏ ଯେ ପରମସ□ାଙ୍କଠାରୁ 'ମୁଁ' ଅଲଗା ନୁହେଁ ଏଣୁ ଯାହାବି ହେଉଛି ତା'

ମାଧ୍ୟମରେ ପରମସତ୍ୟର ଅଭିବ୍ୟକ୍ତି ହେଉଛି ଏଣୁ କ□ାଭାବ ରୁହେ ନାହିଁ। ସେଥିପାଇଁ ତିନୋଟି ଯୋଗ ଅଲଗା ପ୍ରତୀତ ହେଲେ ମଧ୍ୟ ତିନୋଟି ମଧ୍ୟରେ 'ମୁଁ ର ଅଭାବ ଅଛି। ନିଜ ମାର୍ଗକୁ ଶ୍ରେଷ୍ଠ ବୋଲି କହୁଥିବା ବ୍ୟକ୍ତି  ଅଜ୍ଞାନୀ ଅଟେ। ଯେତେ ପର୍ଯ୍ୟନ୍ତ 'ମୁଁ' ଓ 'ମୋର' ଅଛି ସେତେପର୍ଯ୍ୟନ୍ତ ମାୟା ରହିଛି, ଭ୍ରମ ଅଛି, ବନ୍ଧନ ରହିଛି ଓ ଅନିଷ୍ଟ ଅଛି।

ଏବେ ପ୍ରଶ୍ନ ହେଉଛି ଯେ ବ୍ୟକ୍ତି କେଉଁ ମାର୍ଗରୁ ପ୍ରଥମେ ଆରମ୍ଭ କରିବ।  ଯେମିତି ଚାଲିବା ପୂର୍ବରୁ ବାମ ପାଦ ଆଗ ବଢ଼ିବ ନା ଡାହାଣ ପାଦ। କେଉଁ ପାଦ ଆମେ ଆଗ ପକାଇବା ତାହା ଉପରେ ଏତେ ଗୁରୁତ୍ୱ ନ ଦେଇ ନିଜର ରୁଚି ଅନୁସାରେ ଚାଲିବା ଆରମ୍ଭ କରିଦେବା ଉଚିତ । ଯଦି ବାମ ପାଦ ପ୍ରଥମେ ଆଗକୁ ଗଲା ତା'ପରେ ଡାହାଣ ପାଦ ବଢ଼ିବ, ଏହାର କିଛି ବିକଳ୍ପ ନାହିଁ। ଭକ୍ତିରୁ ଯଦି ଆରମ୍ଭ କରାଯାଏ ତେବେ ଇଷ୍ଟଙ୍କ ନାମରେ ସେବା କର୍ମ ନିଶ୍ଚିତ ରୂପେ କରିବା । କର୍ମ ଯଦି କରିବା ଶୁଭ-ଅଶୁଭର ଜ୍ଞାନ ନିଶ୍ଚିତଭାବରେ ପ୍ରାପ୍ତ ହେବା ଦରକାର। ତିନୋଟିରୁ ଗୋଟିଏ ଆମକୁ ଲକ୍ଷ୍ୟସ୍ଥଳରେ ପହ*ାଇ ପାରିବ ନାହିଁ। ଯେଉଁ ବ୍ୟକ୍ତି ଚାଲିବା ଆରମ୍ଭ କରିବ ନାହିଁ ସେ କେବଳ ତର୍କ ବିତର୍କ କରିବ ଯେ ବାମ ପାଦରେ ଚାଲିବା ଶ୍ରେଷ୍ଠ ନା ଡାହାଣ ପାଦରେ ଚାଲିବା ଶ୍ରେଷ୍ଠ। ସଚ୍ଚା ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ ହେଲେ ତର୍କବିତର୍କର ସ୍ଥାନ ରହେ ନାହିଁ।

ଜୀବକୁ କିଛି କରିବାର ସ୍ୱତନ୍ତ୍ରତା ଅଛି କି ନାହିଁ? ଈଶ୍ୱରଙ୍କ କୃପାରୁ ସବୁକିଛି ହେଉଛି ନା ନାହିଁ? ସବୁକିଛି ଯଦି ଈଶ୍ୱରଙ୍କ କୃପାରୁ ହେଉଛି ତେବେ ଆମେ ବ୍ୟସ୍ତ ହେଉଛେ କାହିଁକି ?

ଏହା ହିଁ ସତ୍ୟ ଯେ, ଏତେ ବଡ଼ ବ୍ରହ୍ମାଣ୍ଡ, ପୃଥିବୀ ଯାହା ଆମର ଆଧାର, ସୂର୍ଯ୍ୟ ଯିଏ ଆମକୁ ଶକ୍ତି ଓ ଆଲୋକ ଦେଉଛନ୍ତି, ପବନ, ପାଣି ତଥା ବୃକ୍ଷ ଆଦି ଅସଂଖ୍ୟ ମହ□୍ୱପୂର୍ଣ୍ଣ ଓ ଲାଭକାରୀ ବସ୍ତୁ କେହି ଜଣେ ଜୀବ ତିଆରି କରିନାହିଁ। ଜୀବ ମଧ୍ୟ ଏହି ବ୍ରହ୍ମାଣ୍ଡଙ୍କର ଅଙ୍ଗ। ଜୀବ ଯେତେବେଳେ ଏ ଜଗତରେ ଆଖିଖୋଲେ ତା' ପାଇଁ ଏସବୁ ଉପଲବ୍ଧ ହୁଏ। ଏହାଠାରୁ ଈଶ୍ୱରଙ୍କ ମହାନ୍ କୃପା ଆଉ କ'ଣ ହୋଇପାରେ? ସେ ଆମକୁ ଏସବୁ ଦେଲେ ଓ ଆମକୁ ଏ ଅମୂଲ୍ୟ ଶରୀର, ମନ, ବୁଦ୍ଧି ଓ ଆତ୍ମା ସବୁ କିଛି ଦେଇ ପୃଥିବୀକୁ ଆଣିଲେ। ଏବେ ସ୍ୱୟଂ କିଛି ନ କରି ଯଦି ଭାବିବା ଯେ ଆମକୁ ଖାଇବାକୁ ମଧ୍ୟ ତାଙ୍କରି କୃପାରୁ ମିଳିବ। ଯଦି

ଆମେ କିଛି ପୁରୁଷାର୍ଥ ନକରିବା, ତା'ଠାରୁ ବଡ଼ ମୂର୍ଖାମୀ କିଛି ନାହିଁ। ଆମେ ଈଶ୍ୱରଙ୍କ ଗୁଣଗାନ କରି ନିଜର ସବୁ କାର୍ଯ୍ୟ ତାଙ୍କ ଉପରେ ଛାଡ଼ିଦେଲେ ଆମଠାରୁ ନିକୃଷ୍ଟ ସନ୍ତାନ କେହି ହେବ ନାହିଁ। ପିଲାଟିଏ ଛୋଟ ଥିବାବେଳେ, ବାପା କାନ୍ଧରେ ବସେଇ ବୁଲେଇବା ଠିକ୍ ମାତ୍ର ବଡ଼ ହୋଇ ମଧ୍ୟ ପିଲାଟି ଯଦି ଏହା ଚାହିଁବ ତା କ'ଣ ଠିକ୍ ହେବ। ସେହିପରି ଈଶ୍ୱରଙ୍କ କାର୍ଯ୍ୟରେ ସହଯୋଗ କରିବା କ'ଣ ଆମର କ□ବ୍ୟ ନୁହେଁ। ସଂସାରରେ ଦୁଃଖୀ ପୀଡ଼ିତ ଲୋକଙ୍କ ସେବା କରି, ଅଜ୍ଞାନୀଙ୍କୁ ଜ୍ଞାନ ଦେଇ, ଜଗତର ମଙ୍ଗଳକରେ ପରମ ପିତା ସନ୍ତୁଷ୍ଟ ହୁଅନ୍ତି। ତେଣୁ ଆମକୁ ପୁରୁଷାର୍ଥ କରି ଲୋକକଲ୍ୟାଣ କାର୍ଯ୍ୟରେ ଲାଗିଯିବା ଉଚିତ୍।

ପୁରୁଷାର୍ଥ ଓ କୃପା ଦୁହିଁଙ୍କର ନିଜ ନିଜର ସ୍ଥାନ ରହିଅଛି। ଯଦି ଆମକୁ ଆଲୋକ ଦରକାର ଆମେ ଘରର ଝରକା ସବୁ ଖୋଲିବା। ଆଲୋକ ଓ ପବନ ଆମେ ନିଜେ ତିଆରି କରିପାରିବା ନାହିଁ। ଆମେ ପୁରୁଷାର୍ଥ କରିବା କିନ୍ତୁ ଅହଂବା ଅଭିମାନ କରିବା ନାହିଁ ଯେ ଆମେ ସବୁକିଛି କରିପାରୁ। ଆମେ ଯାହା କରିପାରୁ ସେସବୁ ପରମାତ୍ମାଙ୍କ ତୁଳନାରେ ନଗଣ୍ୟ ଓ ଆମକୁ ସବୁ ତାଙ୍କରି କୃପାରୁ ମିଳିଛି। ତାଙ୍କ କୃପାକୁ ସମ୍ମାନ ଦେବା ଠିକ୍। ମାତ୍ର ତାଙ୍କ ଉପରେ ସବୁ ଛାଡ଼ିଦେଇ ତାଙ୍କ ଉପରେ ଆମେ ବୋଝ ହେବା ଠିକ୍ ନୁହେଁ। ସ୍ୱୟଂ ନିଜର ବୋଝ ଉଠେଇ ଛୋଟ ଓ ଦୁର୍ବଳ ଜୀବଙ୍କ ସହାୟତା କରିବା ଉଚିତ୍। କର୍ମ, ପୁରୁଷାର୍ଥ ଓ କୃପାର ମହ□ କୁ ବୁଝି ତର୍କବିତର୍କ ନ କରି ସୁକର୍ମ କରିଯିବା ଦରକାର। ଯେତେ ପର୍ଯ୍ୟନ୍ତ 'ମୁଁ' ନ ହଟିଛି ଓ ଆମେ ସମୂହ ଚେତନା ସହ ନିଜର ଚେତନାର ଏକ ହେବାର ଅନୁଭୂତି ନ କରିଛେ ସେ ପର୍ଯ୍ୟନ୍ତ ଶୁଭକର୍ମ, ନିଷ୍କାମ କର୍ମ କରିବା ଆବଶ୍ୟକ। ଯେତେପର୍ଯ୍ୟନ୍ତ 'ମୁଁ' ଅଛି ଓ 'ମୁଁ ହିଁ କର୍ମ କରୁଛି'ଭାବ ଅଛି ସେ ପର୍ଯ୍ୟନ୍ତ ନିଷ୍କାମ କର୍ମ ଓ ପୁରୁଷାର୍ଥ କରିଚାଲିବା। ଆମ ମଧ୍ୟରେ ସ୍ୱତଃ କ୍ରିୟା ହୋଇଚାଲିବ ଓ 'ମୁଁ କରୁଛି' ଭାବ ଧିରେ ଧିରେ ନଷ୍ଟ ହୋଇଯିବ। କିନ୍ତୁ ସମୟ ପୂର୍ବରୁ ସତ୍‌କର୍ମ ଓ ପୁରୁଷାର୍ଥ ଛାଡ଼ିଦେଲେ ଯୋଗ ପୂର୍ଣ୍ଣ ହେବନାହିଁ। ଯେମିତି ପହଁରିବା ଶିଖିବା ପାଇଁ କ୍ରିୟାଶୀଳ ହେବା ଦରକାର, ଥରେ ପହଁରା ଭଲ କରି ଶିଖିଗଲେ ବିନା ହାତଗୋଡ଼ ହଲେଇ ପାଣି ସୁଅ ସହିତ ପହଁରି ପାରିବା। ଯେଉଁ ବ୍ୟକ୍ତି ପୁରା ପହଁରା ଶିଖିବା ପୂର୍ବରୁ ପହଁରାଳୀକୁ ନକଲ କରି

ପାଣିରେ ହାତଗୋଡ଼ ନ ହଲେଇ ସ୍ଥିର ରହିବ ସେ ପାଣିରେ ବୁଡ଼ିଯିବ। ଠିକ୍ ସେମିତି ଯେଉଁ ବ୍ୟକ୍ତି ମାର୍ଗ ଏବଂ ପୁରୁଷାର୍ଥକୁ ଛାଡ଼ି, ମୁକ୍ତସ୍ଥିତିର କଥା ଶୁଣି ମୁକ୍ତପୁରୁଷଙ୍କ ନକଲ କରିବାରେ ଲାଗେ ସେ ରାସ୍ତା ଭୁଲିଯାଏ। ଏଣୁ ଆଧ୍ୟାତ୍ମିକ ମାର୍ଗରେ ପରିଶ୍ରମ କରି ଆଗକୁ ବଢ଼ିବା ଦରକାର। ସତ୍ୟ ମାର୍ଗଠାରୁ ଉପରେ । ତେଣୁ ମାର୍ଗକୁ କେବଳ ଯାବୁଡ଼ି ଧରିବା ନାହିଁ ବରଂ ସତ୍ୟଦର୍ଶନ ପାଇଁ ମାର୍ଗକୁ ମାଧ୍ୟମ କରିବା। ସବୁ ମାର୍ଗ, ପ୍ରଯତ୍ନ ଓ ପୁରୁଷାର୍ଥ ମାନସିକ ସ୍ତର ପର୍ଯ୍ୟନ୍ତ ନେଇଥାଏ ମାତ୍ର ବୌଦ୍ଧିକ ଓ ଆତ୍ମିକ ସ୍ତରରେ ସତ୍ୟର ଅନୁଭୂତି ହୋଇଥାଏ।

ଯେତେବେଳେ ଚେତନା ଗୋଟିଏ ବିନ୍ଦୁରେ ନୁହେଁ ବରଂ ସୀମାହିନ ଭାବେ ବିସ୍ତାରିତ ହୋଇଯାଏ ତେବେ ସତ୍ୟ ସ୍ପଷ୍ଟ ହୋଇଯାଏ। ସତ୍ୟଦର୍ଶନ ବା ଆତ୍ମାନୁଭୂତି ପରେ ମଧ୍ୟ ଶରୀର ଦ୍ୱାରା କ୍ରିୟା କଳାପ ହୋଇଥାଏ ମାତ୍ର 'ମୁଁ'ର ଭ୍ରମ ନଥାଏ। 'ମୁଁ କରୁଛି' ବୋଲି ଭାବନା ନଥାଏ। କ[ାକୁ କ[ାରେ କଢ଼ାଯାଏ ଓ ପରେ କ[ାକୁ ଫୋପାଡ଼ି ଦିଆଯାଏ। ଠିକ୍ ସେମିତି 'ମୁଁ' ଭାବ କ[ା ଅଟେ। ଏହା କଟିଗଲେ ସେବା ସ୍ୱତଃ ହୋଇଥାଏ। ନିସ୍ୱାର୍ଥ, ନିଷ୍କାମ, ଲୋକକଲ୍ୟାଣର ଭାବନା ଓ ପ୍ରେମ କରୁଣା ସ୍ୱରୂପ କର୍ମ କରିବା ଦ୍ୱାରା 'ମୁଁ' ଓ 'ମୋର'ର ଭାବ ରହେ ନାହିଁ ବରଂ ସମସ୍ତ ପ୍ରାଣୀଙ୍କ ପାଇଁ କଲ୍ୟାଣର ଭାବନା ଆସେ।

❖ ❖ ❖

## ଚତୁର୍ଦ୍ଦଶ ଅଧ୍ୟାୟ

# ସାଧନା ଓ ଆତ୍ମାନୁଭୂତି

ପୂର୍ବ ସମସ୍ତ ଅଧ୍ୟାୟକୁ ପଢ଼ି ଓ ତା' ଉପରେ ଚିନ୍ତନ-ମନନ କରି ଦୈନିକ ଜୀବନରେ ପରିବ□ନ ଆଣିଲେ, ସାଧନା ଓ ଧ୍ୟାନର ପୃଷ୍ଠଭୂମି ତିଆରି ହୁଏ। ଏବେ ଧ୍ୟାନ ବିଷୟରେ ବିଚାର କରିବା ଉଚିତ୍ ହେବ। ଯେଉଁ ଲୋକମାନେ ମାନସିକ ପ୍ରସ୍ତୁତି କରିନାହାନ୍ତି ଓ ଜୀବନରେ ଗୋଟିଏ ସ୍ତରର ପବିତ୍ରତା ଆଣି ନାହାନ୍ତି ତାଙ୍କ ପାଇଁ ସାଧନାର କିଛି ଅର୍ଥ ନାହିଁ ଓ ଆତ୍ମାନୁଭୂତି ସେମାନଙ୍କ ପାଇଁ ଅସମ୍ଭବ। ସାଧନା ପାଇଁ ଯାହା ଆବଶ୍ୟକ ସେଗୁଡ଼ିକ ହେଲା

୧. ନିମ୍ନ ତିନୋଟି ଶରୀର (ସ୍ଥୁଳ, ଭାବନାତ୍ମକ ଓ ମାନସିକ)ର ସ୍ୱାସ୍ଥ୍ୟ ଓ ପୂର୍ଣ୍ଣ ଶୁଦ୍ଧତା।
୨. ସାଧନାର ଉଦ୍ଦେଶ୍ୟ ନିସ୍ୱାର୍ଥ, ପ୍ରେମ, କରୁଣା, ଲୋକକଲ୍ୟାଣ ଭାବନା ଓ ପ୍ରତ୍ୟେକ ପ୍ରାଣୀର ସେବା।
୩. ପ୍ରକୃତିର ସମସ୍ତ ସିଦ୍ଧାନ୍ତ ପ୍ରତି ବିଶ୍ୱାସ ଓ ଶ୍ରଦ୍ଧା
୪. ଈଶ୍ୱରୀୟ ବିକାଶ ଯୋଜନା, ଯାହା ଜୀବନ୍ମୁକ୍ତ ମହାତ୍ମାମାନଙ୍କ ନିର୍ଦ୍ଦେଶରେ ଓ ମାର୍ଗଦର୍ଶନ ଦ୍ୱାରା ସଂଚାଳିତ, ପ୍ରତି ବିଶ୍ୱାସ
୫. ଦୁଃଖ ସୁଖ ସବୁ ପରିସ୍ଥିତିରେ ସାହସ, ଶକ୍ତି ଓ ଶାନ୍ତ ରହିବା।
୬. ମନୁଷ୍ୟର ସୃଷ୍ଟି ତଥା ତା'ର ସାତଶରୀର ବିଷୟରେ ସମ୍ପୂର୍ଣ୍ଣ ଜ୍ଞାନ।
୭. ଆତ୍ମା ଓ ପରମାତ୍ମାଙ୍କ ବିଷୟରେ ଧାରଣା, ଯାହା ଅନ୍ଧବିଶ୍ୱାସ ଉପରେ ନୁହେଁ ବରଂ ସଠିକ୍ ବୁଝିବା ଓ ଚିନ୍ତନ ମନନ, ବୈଜ୍ଞାନିକ ଦୃଷ୍ଟିକୋଣରୁ ସ୍ୱାଧ୍ୟାୟ ଉପରେ ଆଧାରିତ।
୮. ସବୁ ଧର୍ମ, ଦର୍ଶନ ଓ ବୈଜ୍ଞାନିକ ପଦ୍ଧତି ପ୍ରତି ସହିଷ୍ଣୁତାର ଭାବ
୯. ପୁସ୍ତକୀୟ ଜ୍ଞାନ (ଅପରାବିଦ୍ୟା) ଓ ପ୍ରଜ୍ଞା (ପରାବିଦ୍ୟା) ମଧ୍ୟରେ ଥିବା ପ୍ରଭେଦର ଠିକ୍ ଧାରଣା।
୧୦. ସଚ୍ଚା ଭକ୍ତିଭାବ ଯାହା ବାହର ଆଡ଼ମ୍ବର, ଅନ୍ଧବିଶ୍ୱାସ ଓ କର୍ମକାଣ୍ଡ ପର୍ଯ୍ୟନ୍ତ ସୀମିତ ନୁହେଁ।
୧୧. ନିଜକୁ ଶରୀର ନୁହେଁ ବରଂ ଆତ୍ମା ବୋଲି ଜାଣିବା ଯାହା ବିଶ୍ୱାତ୍ମା (ପରମାତ୍ମା)ଙ୍କ ଅଂଶ ଅଟେ। ସମସ୍ତ ଶରୀର ଦ୍ୱାରା ହେଉଥିବା କ୍ରିୟା ତଥା ମନରେ ଉଠୁଥିବା ସବୁ ବିଚାର ଓ ଭାବନାକୁ ଆତ୍ମନିରୀକ୍ଷଣ କରିବା।

୧୨. ସଂସାରିକ ବୈଭବ ଓ ପ୍ରତିଷ୍ଠା ପ୍ରତି ଶାନ୍ତିପୂର୍ଣ୍ଣ ଉଦାସୀନତା ତଥା ବିବେକ ବୁଦ୍ଧିଦ୍ୱାରା ରାଗ-ଦ୍ୱେଷରୁ ମୁକ୍ତି।

ଉପରୋକ୍ତ କଥାଗୁଡ଼ିକୁ ଯଦି ସାଧକ ନିଜ ଜୀବନରେ ଆପଣାଇଥାଏ, ତେବେ ସାଧନା ବା ଧ୍ୟାନ କଠିନ ହେବ ନାହିଁ। ଏସବୁକୁ ସାଧନାର ଅଙ୍ଗ ବୋଲି ମାନିବା ଉଚିତ୍। ପ୍ରାୟ ସାଧକ କହିଥାଏ ଯେ ସେ ଧ୍ୟାନରେ ବସୁଛି କିନ୍ତୁ ମନ ଚାରିଆଡ଼େ ବୁଲୁଛି। ମନ ଏଥିପାଇଁ ଚାରିଆଡ଼େ ବୁଲେ ବା କୌଣସି ବିଷୟବସ୍ତୁର ଧାରଣା ଆସେ କାହିଁକି ନା ସେଥିପ୍ରତି ରାଗ ବା ଦ୍ୱେଷ ଥାଏ ବା ସେ ବିଷୟରେ ଅଜ୍ଞାନତା ଥାଏ। ଏହାସବୁ (ରାଗ, ଦ୍ୱେଷ ଅବିଦ୍ୟା) ଅବରୋଧର ମୂଳ ଅଟେ। ମୁଁ ସମ୍ବନ୍ଧୀୟ ଭାବନା ଯାହାକୁ 'ଅସ୍ମିତା' କୁହାଯାଏ ତାକୁ କୌଣସି ମତେ ବ୍ୟକ୍ତି ଛାଡ଼ିପାରନ୍ତି ନାହିଁ। ଏଥିପାଇଁ ପ*ମ ଅବରୋଧର ସୃଷ୍ଟି ହୁଏ ଯାହାକୁ ଅଭିନିବେଶ ବୋଲି କହିଥା'ନ୍ତି। ଏହାକୁ ମଧ୍ୟ 'ଅରୂପ ରାଗ' କୁହାଯାଏ। ଯେପର୍ଯ୍ୟନ୍ତ ଏହି ପା* ବିକାର (ରାଗ, ଦ୍ୱେଷ, ଅବିଦ୍ୟା, ଅସ୍ମିତା ଓ ଅଭିନିବେଶ) ଦୂର ନ ହୋଇଛି ସେପର୍ଯ୍ୟନ୍ତ ଧ୍ୟାନରେ ମନ ଲାଗିବ ନାହିଁ। ଘୃଣା ଦ୍ୱେଷର ଅଙ୍ଗ ଅଟେ। କାମନା ପୁରା ନ ହେଲେ କ୍ରୋଧ ଜାତ ହୁଏ। କାମ ବା କାମନା ରାଗରୁ ସୃଷ୍ଟି ହୁଏ। ଅବିଦ୍ୟାରୁ ସନ୍ଦେହ ଓ ଅନ୍ଧବିଶ୍ୱାସ ଓ ଅଭିମାନର ସୃଷ୍ଟି ହୁଏ। ଚିଡ଼ିଚିଡ଼ା ସ୍ୱଭାବ ମଧ୍ୟ କାମ, କ୍ରୋଧରୁ ସୃଷ୍ଟି ହୁଏ। ଏ ସମସ୍ତ ବିକାର ବା ଅବରୋଧ (ଯାହାକୁ ଶିଷ୍ୟତ୍ୱର ଦିକ୍ଷା ସମୟରେ ସମୂଳେ ଲୋପ କରିବାକୁ ଉପଦେଶ ଦିଆଯାଇଛି) ଜ୍ଞାନ ଉପରେ ଏକ ଆବରଣ ରୂପେ କାର୍ଯ୍ୟ କରିଥାଏ। ଏହି ଆବରଣ ଦୂର ହେଲେ ଜ୍ଞାନର ଆଲୋକ ପ୍ରକାଶିତ ହେବାକୁ ଲାଗେ। ବାସ୍ତବରେ ପ୍ରଜ୍ଞା ବାହାରୁ ଆସେ ନାହିଁ ଏହାତ ଆତ୍ମାଙ୍କର ସ୍ୱଭାବିକ ଗୁଣ। ଯେପରି ଲ୍ୟାମ୍ପର ଚିମିନିରେ ଧୂଆଁ ଲାଗି କଳା ଜମିଗଲା ପରେ ଆଲୋକ ବାହାରକୁ ଆସିପାରେ ନାହିଁ ସେହିପରି ଏହି ବିକାର ରୂପୀ ଆବରଣ ଥିବା ପର୍ଯ୍ୟନ୍ତ ପ୍ରଜ୍ଞା ବାହାରକୁ ପ୍ରକାଶିତ ହୋଇପାରେ ନାହିଁ। ଏସବୁ ବିକାର ନିମ୍ନ ଶରୀରରେ ଥାଏ ଆତ୍ମାରେ ନ ଥାଏ। ତେଣୁ ନିମ୍ନ ତିନୋଟି ଶରୀରକୁ ଶୁଦ୍ଧ ରଖିବା ଆବଶ୍ୟକ। ଶରୀରଗୁଡ଼ିକର ଶୁଦ୍ଧିକରଣ ହେଲେ ଧ୍ୟାନ ହେବା ସହଜ।

ରାଗ-ଦ୍ୱେଷରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଉଛି ବୁଦ୍ଧିବିବେକ। ଯେତେବେଳେ ବିବେକଦ୍ୱାରା ସତ୍ୟ ଓ ଅସତ୍ୟବୋଧ

ହୋଇଥାଏ ଓ ସାଂସାରିକ ବସ୍ତୁର ସୀମିତତା ତଥା ଅନୁପଯୋଗିତା ବୁଝାପଡ଼େ ସେତେବେଳେ ସଂସାର ଓ ସଂସାରିକ ବସ୍ତୁପ୍ରତି ଆକର୍ଷଣ କମ୍ ହୋଇଥାଏ ଏବଂ ବୈରାଗ୍ୟ ଜାତ ହୁଏ। ବୈରାଗ୍ୟ ବଢ଼ିଲେ ଦୁଇ ବିରୋଧୀ ତ୍ୱ ପର-ଆପଣା, ହାର୍-ଜିତ୍, ହାନି-ଲାଭ, ଶତ୍ରୁ-ମିତ୍ର, ଭଲ-ମନ୍ଦ ତଥା ରାଗ-ଦ୍ୱେଷ କମ୍ ହେବାରେ ଲାଗେ। ସମଭାବ ଆସିବା ମାତ୍ରେ ହିଁ ଧ୍ୟାନର ପୃଷ୍ଠଭୂମି ତିଆରି ହୋଇଯାଏ। ବିନା ବୈରାଗ୍ୟରେ ଅଭ୍ୟାସ ଅର୍ଥହୀନ। ବୈରାଗ୍ୟ ବିନା ବିବେକ ନଥାଏ। ବିବେକକୁ ଜଗାଇବାରେ ସ୍ୱାଧ୍ୟାୟ ଓ ସଦାଚାର ସହାୟକ ହୁଅନ୍ତି। ଶରୀରର କ୍ରିୟାପ୍ରତି ନିରୀକ୍ଷଣ ଭାବରୁ ପବିତ୍ରତା ଓ ସମ୍ବେଦନଶୀଳତା ବଢ଼େ। ପବିତ୍ର, ନିଃସ୍ୱାର୍ଥ ଓ ସେବାପୂର୍ଣ୍ଣ ଜୀବନ ଅର୍ନ୍ତଦୃଷ୍ଟିକୁ ଜନ୍ମଦିଏ। ଅନ୍ତର୍ଦୃଷ୍ଟିରୁ ବିବେକ ଓ ସଚ୍ଚା ଭକ୍ତି ଜାତ ହୁଏ। ମହାନ୍ ଆତ୍ମାଙ୍କ ପ୍ରତି ଯାହା ଭକ୍ତି ଛୋଟମାନଙ୍କ ପ୍ରତି ତାହା ପ୍ରେମ। ଜୀବନରେ ପବିତ୍ରତା ଓ ପ୍ରେମ ଆସିଲେ ସମ୍ବେଦନଶୀଳତା ବଢ଼େ ଓ ଆମେ ନିଜର ସୂକ୍ଷ୍ମ ଦୋଷକୁ ମଧ୍ୟ ସାକ୍ଷୀ ଭାବରେ ଦେଖିପାରୁ ଏବଂ ତାହା ସମୂଳେ ଦୂର ହେବାକୁ ଆରମ୍ଭ କରେ।

ଏ ସମସ୍ତଙ୍କର ସମାବେଶରୁ ସମଚିତ୍ତତା ପ୍ରାପ୍ତ ହୋଇ ଧ୍ୟାନରେ ସଫଳତା ମିଳେ ଓ ଗଭୀର ଧ୍ୟାନ ଦ୍ୱାରା, ଯାହା ସମାଧିର ରୂପ ନିଏ, ଗୋଟିଏ ଜୀବନ ହୋଇ ସର୍ବବ୍ୟାପକତାର ଅନୁଭୂତି ହେବାକୁ ଲାଗେ। ଦ୍ୱୈତ ଭାବ କଟିଯାଏ। ସମସ୍ତଙ୍କ ପ୍ରତି ପ୍ରେମ ଓ କରୁଣା ଜାଗିଉଠେ ଓ ଏହାଦ୍ୱାରା ମାନବ ଉପଯୁକ୍ତ ସେବା କରିଥାଏ। ଏଭଳି ସେବାରେ 'ମୁଁ କରୁଛି' ଭାବ ନଥାଏ ବରଂ ଏକତ୍ୱର ଭାବନାରେ ତଥା ନିଜର ଦୃଷ୍ଟିରେ ପ୍ରାଣୀର ସେବା କରାଯାଏ।

ଧ୍ୟାନ ସାଧନା ପାଇଁ ମାନସିକ ସ୍ତରରେ ଦୁଇପ୍ରକାର ପ୍ରୟାସ ବା ଅଭ୍ୟାସ କରାଯାଏ। ପ୍ରଥମତଃ ମନକୁ ଗୋଟିଏ ବିଷୟବସ୍ତୁ ଉପରେ କେନ୍ଦ୍ରୀତ କରିବାର ଅଭ୍ୟାସ କରି ବା ଦରକାର। ମନ ଅଲଗା ଦିଗକୁ ଧାଏଁ। ସେ ସମୟରେ ଭାବନାତ୍ମକ ବା ମାନସିକ ଶରୀରକୁ କାବୁ କରିବା ପାଇଁ ଭାବିବା ଦରକାର ଯେ ମୁଁ ଚୈତନ୍ୟରୂପୀ ଆତ୍ମା ଅଟେ। ମନ ବା ମାନସିକ ଶରୀର ନୁହେଁ। ଏ ମୋର ଶରୀର ଓ ଏଥିରେ ମୁଁ ଚାହୁଁଥିବା ଓ ଆବଶ୍ୟକ ବୋଲି ଭାବୁଥିବା ସ୍ପନ୍ଦନରୂପୀ ବିଚାର ଆସିବ। ଏ କାର୍ଯ୍ୟ ଆହୁରି ସହଜ ହେବ ଯଦି ଏସବୁ ଶରୀରର ଶୁଦ୍ଧୀକରଣ, ବିବେକ ଓ

ବୈରାଗ୍ୟ ଦ୍ୱାରା ସାଧନଯୋଗ୍ୟ କରାଯାଏ। ଯଦି ଏଭଳି କରାନଯାଏ ତେବେ ମନ ଓ ଭାବନା ଅଥବା ଭାବନାତ୍ମକ ଓ ମାନସିକ ଶରୀର ଆମର ଆଦେଶାନୁସାରେ କାର୍ଯ୍ୟକରିବେ ନାହିଁ ଓ ଆଧାତ୍ମିକପଥରେ ବାଧାର କାରଣ ହେବେ। ମନ ଓ ଭାବନା ଆମ କାର୍ଯ୍ୟରେ ସହାୟକ ହେବେ ଓ ଆମରି ଆଦେଶ ଶୁଣିବା ମାତ୍ରେ ଶାନ୍ତ ହୋଇଯିବେ। ମନକୁ ଚିନ୍ତନ-ମନନ ପାଇଁ ଏଭଳି ଗଭୀର ବିଚାର ଦେବା ଯାହା ତା'ର ସାମର୍ଥ୍ୟ ବାହାରେ। ତେଣୁ ସେ ଏ ବିଷୟରେ କିଛି ଜାଣି ନ ପାରି ଆପେ ଆପେ ଶାନ୍ତ ହୋଇଯିବ ଓ ଚେତନା ଉଚ୍ଚସ୍ତରରେ ସକ୍ରିୟ ହୋଇଯିବ। ଚେତନା ବୌଦ୍ଧିକ ଓ ଆତ୍ମିକ ଶରୀରରେ କେନ୍ଦ୍ରିତ ହୋଇ ଏକତ୍ୱର ସାକ୍ଷାତ୍ ଅନୁଭୂତି କରେ।

ଦ୍ୱିତୀୟ ପ୍ରକାର ପ୍ରକ୍ରିୟାରେ ମନକୁ ଗୋଟିଏ ବିଷୟବସ୍ତୁ ବା ବିଚାର ଉପରେ କେନ୍ଦ୍ରିତ କରିବା ନାହିଁ ବରଂ ବିଚାର ଓ ଭାବନାରୁ ଜାଗ୍ରତ ହୋଇ, ନିଷ୍ପକ୍ଷ, ନିରପେକ୍ଷ ସାକ୍ଷୀ ଭାବରେ ଅବଲୋକନ କରିବା। ଏହି ପ୍ରକ୍ରିୟାରେ ଦେଖୁଥିବା ଚୈତନ୍ୟ ନିଜଠାରୁ ଶରୀରକୁ ଭିନ୍ନ ଦେଖିପାରେ। ମାନସିକ ଏବଂ ଭାବାନାତ୍ମକ ଶରୀର କିଛି ସମୟ ପରେ ଶାନ୍ତ ହୋଇଯାଏ। ବିଚାର ଓ ଭାବନାକୁ ଏଭଳି ଅବଲୋକନ କରିବା ଦ୍ୱାରା ମନଶାନ୍ତ ହୋଇ ଶାଶ୍ୱତ ସଙ୍ଗେ ଲୀନ ହୋଇଯାଏ, ଚେତନା ଉଚ୍ଚସ୍ତରରେ ସକ୍ରିୟ ହୋଇଯାଏ ଓ ଏକତ୍ୱର ସାକ୍ଷାତ୍ ଅନୁଭୂତି ହେବାକୁ ଲାଗେ। ଏସବୁ ଅବସ୍ଥା ଓ ଧ୍ୟାନର ଅଭ୍ୟାସ ବିଷୟରେ ଲେଖକଙ୍କର 'ମେଡିଟେଶନ୍' ପୁସ୍ତକରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି।

ଧ୍ୟାନର ଗଭୀର ସ୍ଥିତିହିଁ ସମାଧିରେ ପରିବ[illegible]ତ ହୋଇଯାଏ, ଗୋଟିଏ ବିଚାର ଉପରେ କେନ୍ଦ୍ରିତ ଚେତନାର ଅବସ୍ଥାକୁ ସବିଚାର ସମାଧି ଏବଂ ବିଚାର ଶୂନ୍ୟତା ଓ ଚେତନାର ଜାଗୃତ ଅବସ୍ଥାକୁ ନିର୍ବିକାର ସମାଧି କୁହାଯାଏ। ଏହି ଶୂନ୍ୟତାରେ ଯଦି ବୀଜରୂପରେ କେହି ପ୍ରତୟ ରହିଥାଏ ତାକୁ ସବୀଜ ସମାଧି ଓ ବୀଜରୂପ ପ୍ରତୟର ସମାପ୍ତ ହେବା ସ୍ଥିତିକୁ ନିର୍ବୀଜ ସମାଧି କୁହାଯାଏ। ଯେତେବେଳେ ବ୍ୟକ୍ତିଗତ ଚେତନା ବା କେନ୍ଦ୍ରିତ ଚେତନା, ସମୂହ ଚେତନାରେ ଲୀନ ହୋଇଯାଏ ତାକୁ ଯୋଗ ଭାଷାରେ ତାକୁ କୈବଲ୍ୟ କୁହାଯାଏ। ଏହା ଚେତନାର ପରମଶୁଦ୍ଧ ଓ ଉଚ୍ଚ ଅବସ୍ଥା ଅଟେ। ଏଥିରେ ଦ୍ୱୈତଭାବ ଦୂର ହୋଇଯାଏ ତଥା ସର୍ବତ୍ର ଗୋଟିଏ ଚେତନାର ପରମ ଆନନ୍ଦିତ ଅବସ୍ଥାର ଅନୁଭୂତି ହୋଇଥାଏ।

ଏଭଳି ବ୍ୟକ୍ତି ପରମ ଶ୍ରଦ୍ଧେୟ ଯୋଗୀମାନଙ୍କର ସଚ୍ଚା ସେବକ ଓ ସାଂସାରିକ ବନ୍ଧନରୁ ମୁକ୍ତ ହୋଇଯାଆନ୍ତି । କ□ା, ଭୋକ୍ତା ତଥା ଜ୍ଞାନ, ଜ୍ଞେୟର ଭେଦ ରହେ ନାହିଁ, ଦୁଃଖର ବିନାଶ ହୁଏ ।

ଧ୍ୟାନ ନୂଆକରି ଅଭ୍ୟାସ କରୁଥିବା ଲୋକ ଠିକ୍ ସମୟରେ ପ୍ରତିଦିନ ସୂର୍ଯ୍ୟୋଦୟ ପୂର୍ବରୁ ଆସନରେ ବସିବା ଦରକାର। ସ୍ନାନ କରି କିଛି ନଖାଇ ବସିବା ଲାଭକାରୀ। ଏହାଦ୍ୱାରା ନିଦ୍ରା ଓ ତନ୍ଦ୍ରାରୁ ମୁକ୍ତିମିଳେ, ସଂବେଦନଶୀଳତା ବଢ଼େ। ଯଦି ସ୍ୱାସ୍ଥ୍ୟ ଠିକ୍ ନାହିଁ ହାତଗୋଡ଼ ଧୋଇ, ଶରୀରକୁ ଭଲଭାବରେ ରଗଡ଼ି ପୋଛିଲେ ବି ସ୍ଫୁ□ୀ ଲାଗିବ ଓ ଧ୍ୟାନରେ ମନ ଲାଗିବ। ଯଦି ଶ୍ୱାସପ୍ରକ୍ରିୟାରେ କିଛି ବାଧା ଅଛି ପା* ସାତ ଥର ପ୍ରାଣାୟମ କଲେ ଭଲ। ଧ୍ୟାନ ଆରମ୍ଭ କରିବା ପୂର୍ବରୁ ତିନିଥର ମୁହଁଖୋଲି ଓ ତିନିଥର ମୁହଁ ବନ୍ଦକରି ସୌରମଣ୍ଡଳର ଈଶ୍ୱରଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିର ସହ 'ଓଁ' ଉଚ୍ଚାରଣ କରନ୍ତୁ। 'ଅ', 'ଉ', 'ମ' କୁ ସମାନ୍ ସମୟ ଦେଇ ଉଚ୍ଚାରଣ କରନ୍ତୁ। ଚେତନାକୁ ହୃଦୟଚକ୍ର (ଅନାହତ ଚକ୍ର)ରେ କେନ୍ଦ୍ରିତ କରନ୍ତୁ ଓ ନିଜର ଇଷ୍ଟ ବା ସୂର୍ଯ୍ୟନାରାୟଣଙ୍କ ମାନସିକ ଚିତ୍ର ହୃଦୟରେ ଆଙ୍କନ୍ତୁ। ତାଙ୍କୁ ହିଁ ଭକ୍ତିଭାବରେ ଧ୍ୟାନ କରନ୍ତୁ ଓ ସଦ୍‌ଗୁଣର ବିଚାର କରିବା ଆରମ୍ଭ କରନ୍ତୁ । ସେ କିପରି ନିଃସ୍ୱାର୍ଥ, ପରୋପକାରୀ ଓ ପ୍ରେମ, କରୁଣା, ସତ୍ୟନିଷ୍ଠ ପ୍ରଜ୍ଞାର ସାଗର ଅଟନ୍ତି ଇତ୍ୟାଦି। ଏସବୁ ଗୁଣ ଉପରେ ଚିନ୍ତନ ମନନ କରି ଏହି ଭାବନା ମନରେ ଆଣନ୍ତୁ ଯେ ଆମେ ମଧ୍ୟ ସେଭଳି ହେବା। ଏହାପରେ ବିଚାର କରନ୍ତୁ ଯେଉଁ ମାନସିକ ଚିତ୍ର ହୃଦୟ ଚକ୍ରରେ ଆଙ୍କିଛନ୍ତି ସେ ଆପଣଙ୍କର ଇଷ୍ଟ ନା କେବଳ ତାଙ୍କର ଶରୀର ମାତ୍ର। ସେ କେବଳ ଚେତନା ପୁଞ୍ଜ ଅଟନ୍ତି ଓ ମୋର ଚେତନା ତାଙ୍କରି ଚେତନାରେ କେନ୍ଦ୍ରିତ ହୋଇଛି, ତାଙ୍କରି ଚେତନା ଆକାର ରହିତ, ସର୍ବବ୍ୟାପକ। ସେହି ସର୍ବବ୍ୟାପୀ ଚେତନାକୁ ଆତ୍ମସାତ୍ କରିବାକୁ ପ୍ରଯତ୍ନ କରନ୍ତୁ। ନିଜର ବ୍ୟକ୍ତିଗତ ଚେତନା ଓ ସମୂହ ଚେତନାର ଥିବା ସମ୍ବନ୍ଧକୁ ବିଚାର କରନ୍ତୁ। ଏହି ସତ୍ୟ ଏତେ ରହସ୍ୟମୟ ଯେ ମନ ନିଜର ମାନସିକ ଶରୀର ସ୍ତରରେ ଏହି ସର୍ବବ୍ୟାପକ ଚେତନାକୁ ଜାଣିପାରେ ନାହିଁ । ସେ ନିଜର ସୀମିତତା ଜାଣିବା ପରେ ଶାନ୍ତ ହେବାକୁ ଲାଗେ। ମନ ଶାନ୍ତ ହୋଇଗଲେ ଚେତନା ବୌଦ୍ଧିକସ୍ତରରେ କେନ୍ଦ୍ରିତ ହୋଇଯାଏ ଓ ସ୍ୱତଃ ଆତ୍ମିକ ଶରୀରରେ କେନ୍ଦ୍ରିତ ହୁଏ। ସେଠାରେ ଚେତନା ବିସ୍ତୃତ ଓ 'ମୁଁ'ର ଅଲଗା ଅସ୍ତିତ୍ୱ ନାହିଁ। ଏହି 'ମୁଁ'ର ଭ୍ରମ ମାତ୍ର ମାନସିକ ସ୍ତର

ପର୍ଯ୍ୟନ୍ତ ରହଅଛି। ଏଭଳି ପତ୍ରିଦିନ ଅଭ୍ୟାସ କଲେ ଭାବନାତ୍ମକ ଓ ମାନସିକ ଶରୀର ଶୁଦ୍ଧ ହୋଇଯିବେ।, ସଦ୍‌ଗୁଣର ବିକାଶ ହେବ ଓ କିଛିଦିନ ମଧ୍ୟରେ ଚି□ ଶାନ୍ତ ଓ ଜାଗ୍ରତ ଅବସ୍ଥାରେ ରହିବ।

ଯେଉଁ ଭାଇ ଭକ୍ତି ପ୍ରଧାନ, ତାଙ୍କୁ ହୃଦୟ ଚକ୍ରରେ ଧ୍ୟାନ କରିବା ସହଜ ଲାଗିବ। କିନ୍ତୁ ଜ୍ଞାନ ପ୍ରଧାନ ପ୍ରକୃତି ଥିବା ଲୋକ ଆଜ୍ଞାଚକ୍ରରେ ଧ୍ୟାନ ଲଗାଇଲେ ତାଙ୍କୁ ସୁବିଧା ହୁଏ। ଆଜ୍ଞାଚକ୍ରରେ ଧ୍ୟାନକେନ୍ଦ୍ରିତ କରିବା ବେଳେ କିଛି ଚିତ୍ର ଆଙ୍କିବା ଦରକାର ହୁଏ ନାହିଁ ମାତ୍ର କିଛି ଗଭୀର ସତ୍ୟକୁ ଚିନ୍ତନ-ମନନ କରିବା ଦରକାର ଯେପରି "ମୁଁ ବ୍ରହ୍ମଙ୍କ ସ୍ୱରୂପ, ତେବେ ମୋର ଅଜ୍ଞାନତା ଓ ସୀମିତତାର କାରଣ କ'ଣ ? ଯଦି ସୃଷ୍ଟିରେ ଗୋଟିଏ ପରମସ□ାଙ୍କ ଅଭିବ୍ୟକ୍ତି ରହିଛି, ତେବେ ଭିନ୍ନତାର ଅନୁଭୂତି କାହିଁକି ହେଉଛି ?" ବୋଧହୁଏ ଚେତନା ମାନସିକ ସ୍ତରରେ ଅଟକି ଯାଇଛି ଯେଉଁଠି ଭିନ୍ନତାର ଅନୁଭୂତି ଅଛି। ମନକୁ ଶାନ୍ତ ରହିବାର ଆଦେଶ ଦିଅନ୍ତୁ ଓ ମନଶାନ୍ତ ହେବା ମାତ୍ରେ ଚେତନାର ସ୍ତର ବୌଦ୍ଧିକ ଓ ଆତ୍ମିକ ସ୍ତରକୁ ଚାଲିଯିବ ଯେଉଁଠାରେ ଏକତାର ଅନୁଭୂତି ହେବ। ଆତ୍ମାର ନିଜ ସ୍ୱରୂପ ବୁଝାଯିବ।

ସାକ୍ଷୀ ଭାବ ବା ଦ୍ରଷ୍ଟାଭାବରେ ରହି ମଧ୍ୟ ଶରୀରର କ୍ରିୟା, ଭାବନା, ବେଦନା ଓ ବିଚାରକୁ ଅବଲୋକନ କରିବାର ଅଭ୍ୟାସକଲେ ବିଚାର ଶୂନ୍ୟତା ଓ ଜାଗ୍ରତାବସ୍ଥା ଆସିବ। ଦୁଇ ଆଖିର ମଧ୍ୟଭାଗ ଅର୍ଥାତ୍ ଆଜ୍ଞାଚକ୍ରକୁ ଶାନ୍ତ ଭାବରେ ଅବଲୋକନ କଲେ ପ୍ରକାଶ ଓ ଶବ୍ଦ ଶୁଣିବାର ଅନୁଭୂତି ହେବ। ସେଥିରେ ମନକୁ ଲଗେଇଲେ ଲୟ ହୋଇଥାଏ ଓ ଚେତନା ଉଚ୍ଚସ୍ତରରେ ସ୍ୱତଃ କେନ୍ଦ୍ରିତ ହୋଇଯାଏ। ଏହାପରେ ଯାହାହୁଏ ତାହା କେବଳ ଅନୁଭୂତି ହିଁ ଜାଣେ। ଅଭ୍ୟାସ କରନ୍ତୁ ଓ ଅନୁଭବର ଆନନ୍ଦ ପାଆନ୍ତୁ।

କୁଣ୍ଡଳିନୀ ଶକ୍ତି ବିଷୟରେ ଜାଣିବା ପାଇଁ ବହୁତ ଜଣଙ୍କ ମନରେ ଉତ୍ସୁକତା ଥାଏ। ସଂସାରରେ ଏଭଳି ବ୍ୟକ୍ତି ଅଛନ୍ତି ଯେ କୁହନ୍ତି ଯେ ସେ କୁଣ୍ଡଳିନୀ ଜାଗ୍ରତ କରାଇପାରିବେ। କିଛି ସରଳଲୋକ ତାଙ୍କ କଥାରେ ବିଶ୍ୱାସ କରି ପ୍ରାଣାୟମର କଠିନ କ୍ରିୟା ଓ ଧ୍ୟାନର ବିଶେଷ ଅଭ୍ୟାସ ଦ୍ୱାରା ମୂଳାଧାର ଚକ୍ରରେ ଶକ୍ତିକୁ ଜାଗ୍ରତ କରାନ୍ତି। ଯଦି ନୈତିକତା ମଜବୁତ୍ ନଥିବ,ଶରୀର, ଭାବନା ଓ ବିଚାର ଶୁଦ୍ଧ ହୋଇନଥିବେ, ଶରୀର ତଥା ସ୍ନାୟୁମଣ୍ଡଳ ମଜବୁତ୍ ହୋଇନଥିବ ତେବେ ଶାରୀରିକ ଦୃଷ୍ଟିରୁ ହୃଦୟ ଓ ମସ୍ତିଷ୍କକୁ ବିପଦ ଆସିପାରେ। ଏଣୁ ସାବଧାନ ରହି ଏଭଳି ପ୍ରୟୋଗକୁ ଆରମ୍ଭ କରିବା ଦରକାର। କୁଣ୍ଡଳିନୀର ଜାଗରଣ ଆଧ୍ୟାତ୍ମିକ ବିକାଶର

ପ୍ରାରମ୍ଭିକ ସ୍ଥିତିରେ କରିବା ଉଚିତ୍ ନୁହେଁ। ଗୋଟିଏ ସମୟ ଆସିବ ଯେବେ ସମର୍ଥ ଗୁରୁଙ୍କ ମାର୍ଗଦର୍ଶନ ଦ୍ୱାରା ଶକ୍ତିର ଜାଗରଣ ତୀବ୍ରତାର ସହ କରାଯାଇପାରିବ। ଧ୍ୟାନାବସ୍ଥାରେ ବିଚାରକୁ ଶାନ୍ତ କରିନେଲେ ପ୍ରାଣ ମଧ୍ୟ ସ୍ୱତଃ ଶାନ୍ତ ହୋଇଯାଏ ଓ ଶକ୍ତି ସହଜରେ ଜାଗ୍ରତ ହୁଏ।

ବୈଜ୍ଞାନିକ ଆଧାରରେ ଯଦି କୁଣ୍ଡଳିନୀ ବିଷୟରେ କିଛି କୁହାଯାଏ ତେବେ ଏହା ସତ୍ୟଯେ ଆମର ଶରୀରରେ ଦୁଇଟି ତ□ୱ କ୍ରିୟାଶୀଳ। ଗୋଟିଏ ଚୈତନ୍ୟ, ଯାହାକୁ ପୁରୁଷ ବା ଶିବ ଚେତନାର ଅଂଶ କହିପାରନ୍ତି ତଥା ଅନ୍ୟଟି ଶକ୍ତି ଯାହାକୁ ପ୍ରକୃତି ବା ପଦାର୍ଥ ଶକ୍ତି କହିପାରନ୍ତି। ଶକ୍ତି ତିନୋଟି ରୂପରେ କାର୍ଯ୍ୟକରେ। ଶକ୍ତିର ସ*ାର ବା ତା'ର ଗତି ସ୍ପନ୍ଦନ ଭଳି ହୋଇଥାଏ ତେଣୁ ତା'ର ନାମ କୁଣ୍ଡଳିନୀ ରଖାଯାଇଛି। ଯେତେବେଳେ ଶକ୍ତି ସୁପ୍ତାବସ୍ଥାରେ ଥାଏ ସେତେବେଳେ ସର୍ପ ଭଳି କୁଣ୍ଡଳୀନି ମାଡ଼ି ବସିଥାଏ ଓ ଜାଗ୍ରତ ହେଲେ ସିଧା ସର୍ପଭଳି ଗତି କରେ। ବିଜ୍ଞାନରେ ଶକ୍ତିର ତରଙ୍ଗକୁ ଦେଖିଲେ ସାପ ଭଳି ଚାଲୁଥିବାର ଦେଖାଯାଏ, ସିଧା ରେଖା ଭଳି ନଥାଏ। ସବୁ ପଦାର୍ଥରେ ଶକ୍ତି ସୁପ୍ତ ଅବସ୍ଥାରେ ଅଛି ଓ ଯେତେବେଳେ ଏହା ପରମାଣୁ ମଧ୍ୟରେ କ୍ରିୟାଶୀଳ ହୋଇଯାଏ ସେତେବେଳେ ଭୟଙ୍କର ଶକ୍ତି ବାହାରିଥାଏ ଯାହାର ଅନୁମାନ ଲଗେଇବା କଠିନ। ପରମାଣୁ ବୋମା ଏହାର ଏକ ଉଦାହରଣ। ଆମର ଶରୀର ମଧ୍ୟ ପଦାର୍ଥ ଦ୍ୱାରା ତିଆରି ଓ ସେଥିରେ ଶକ୍ତି ରହିଛି। ଯେତେବେଳେ ସେହି ଶକ୍ତି କ୍ରିୟାଶୀଳ ହୋଇଯାଏ ସେତେବେଳେ ଆଶ୍ଚର୍ଯ୍ୟଜନକ ପରିଣାମ ହୋଇଥାଏ। କେବେକେବେ ତାକୁ ନିୟନ୍ତ୍ରଣ କରିବା କଠିନ ହୋଇଯାଏ। ଯେଉଁ ସ୍ରୋତ ଦେଇ ଶକ୍ତି ନିର୍ଗତ ହେଉଛି ଯଦି ତାହା ମଜବୁତ୍ ନୁହେଁ ତେବେ ଶକ୍ତି ସେ ସ୍ରୋତ ନଷ୍ଟ କରିଦିଏ। ଯେମିତି ହାଲକା ତାରରେ ଅଧିକ ଶକ୍ତିଥିବା ବିଦ୍ୟୁତ୍ ପ୍ରବାହିତ ହେଲେ ତାର ପୋଡ଼ିଜଳିଯାଏ। ଏଣୁ ଶକ୍ତିକୁ ଜଗାଇବା ପୂର୍ବରୁ ତାକୁ ନିୟନ୍ତ୍ରଣ କରିବା ଓ ସେ ଶକ୍ତିକୁ ଲୋକକଲ୍ୟାଣ କାର୍ଯ୍ୟରେ ଲଗାଇବା ଶିଖିବା ଠିକ୍ ହେବ। ସାଧାରଣତଃ ଯେତିକି ଶକ୍ତି ଆମର ଅଛି ତାର ଆମେ ଦୂରୁପଯୋଗ କରୁନାହେଁ କି? କ'ଣ ମଣିଷ ନିଜ ସ୍ୱାର୍ଥ ଓ ବିଷୟ ଭୋଗର ଚକ୍ରରେ ଛନ୍ଦି ହୋଇ ନିମ୍ନ ତିନୋଟି ଚକ୍ରରେ ଘୁରିବୁଲୁନାହି? ପ୍ରଥମେ ବ୍ୟକ୍ତି ସ୍ୱାର୍ଥରୁ ଉପରକୁ ଉଠି ପ୍ରତ୍ୟେକ ପ୍ରାଣୀର ସେବା ଓ ଲୋକକଲ୍ୟାଣ ପାଇଁ ଲାଗିଗଲେ ଶକ୍ତି ଜାଗ୍ରତ ହେବ। ତା'ର ସଦୁପଯୋଗ ହେବ।

ଯେତେବେଳେ ମହାତ୍ମାମାନେ ଦେଖିବେ ଯେ ଜଣେ ସଚ୍ଚା ସେବକ ଆଗେଇ ଆସୁଛି ତାକୁ ଉଚିତ୍ ମାର୍ଗଦର୍ଶନ କରାଇ ଆବଶ୍ୟକତା ଅନୁସାରେ ଶକ୍ତିଜାଗ୍ରତ କରିବାର ଉପାୟ ମଧ୍ୟ ବତେଇଦେବେ ।

ଏସବୁ କଥାକୁ ଧ୍ୟାନରେ ରଖି ହୃଦୟଚକ୍ରରେ ଧ୍ୟାନକୁ କେନ୍ଦ୍ରିତ କରିବାର ଉପଦେଶ ଦିଆଯାଇଛି । କାରଣ ସେ ଚକ୍ରରେ ଧ୍ୟାନ କଲେ ପ୍ରେମ ଓ ଭକ୍ତି ବଢ଼ିବ ଓ ସଂସାରର କଲ୍ୟାଣ ହେବ। ଆଜ୍ଞାଚକ୍ର ପ୍ରଜ୍ଞାର କେନ୍ଦ୍ର ଓ ସେଠାରେ ଶକ୍ତି ଜାଗ୍ରତ ହେଲେ ପ୍ରଜ୍ଞାବଢ଼ିବ ତଥା ଲୋକକଲ୍ୟାଣ କାର୍ଯ୍ୟରେ ସହାୟକ ହେବ। ନିମ୍ନ ତିନୋଟି ଚକ୍ର ମୂଳାଧାର, ସ୍ୱାଧିଷ୍ଠାନ ତଥା ମଣିପୁର ଚକ୍ର ବିଷୟ ବାସନା ପାଇଁ ଏଣୁ ସେଠାରେଶକ୍ତି ଜାଗ୍ରତ ହେଲେ ବିଷୟବାସନା ବଢ଼ିବାର ବିପଦ ରହିଛି।

ଆମେ ଶ୍ରେଷ୍ଠ ଶିଷ୍ୟତ୍ୱ ମାର୍ଗରେ ପାଦ ରଖିଛୁ ଓ ଆମକୁ ଯେତିକି ସହାୟତା ଓ ମାର୍ଗଦର୍ଶନ ମିଳୁଛି ତା'ର ଗୋଟିଏ ମାତ୍ର ତାତ୍ପର୍ଯ୍ୟ ହେଉଛି ବିକାଶ ପଥରେ ତୀବ୍ର ଗତିରେ ଅଗ୍ରସର ହେବା। ଏ ଭ୍ରମରୁ ବାହାରକୁ ବାହାରିବା ଯେ ଆମେ ଅଭିନ୍ନ। ସାଧନା ଓ ଆତ୍ମାନୁଭୂତିରେ ଉଚ୍ଚ ଶିଖରରେ ପହଁଚି ଓ ଆତ୍ମସ୍ୱରୂପରେ ସ୍ଥିତ ହୋଇ ଚେତନାର ଏଭଳି ବିସ୍ତାର ଅନୁଭୂତି କରିବା ଯେ ଆମେ ସମୂହ ଚେତନା ସହିତ ଏକ୍। ବାସ୍ତବରେ ଆମକୁ ଆଉ କିଛି ସ□। ବାନ୍ଧି ରଖିନାହିଁ, ଆମେ ଭ୍ରମର ବନ୍ଧନରେ ହିଁ ପଡ଼ିଛୁ। ଯେମିତି ମାଙ୍କଡ଼କୁ ଧରିବା ପାଇଁ ଜନ୍ତା ଭିତରେ ଖାଦ୍ୟ ରଖାଯାଇଥାଏ, ମାଙ୍କଡ଼ ହାତ ପୁରାଇ ଖାଦ୍ୟକୁ ମୁଠାଇ ଧରେ ଓ ବାହାରକୁ ହାତ ବାହାର କରିବା ପାଇଁ ଚାହେଁ, ଆଉ ବାହାର କରିପାରେ ନାହିଁ । ଭାବେ ଯେ ତାକୁ କେହି ବାନ୍ଧି ରଖିଛି। ହାତମୁଠା ଖୋଲିଦେଲେ ଯେ ହାତ ବାହାର କରିପାରିବ, ଏ ଧାରଣା ତା'ର ଆସେ ନାହିଁ। ଠିକ୍ ସେମିତି ଆମେ ସଂସାରକୁ ଜାବୁଡ଼ି ଧରିରଖିଛୁ। ଆମେ ଅଜ୍ଞାନ ଓ ମୋହରେ ବନ୍ଧା ହୋଇଛୁ। ଆତ୍ମା ସ୍ୱୟଂ ଜ୍ଞାନସ୍ୱରୂପ, ମୁକ୍ତ ଆନନ୍ଦମୟ। ଚେତନା ବା ଜୀବନ ଏକ। ଏଣୁ ପ୍ରେମ, କରୁଣା ଓ ସେବା ତା'ର ସ୍ୱଭାବ ଏଥିପାଇଁ ଆତ୍ମାନୁଭୂତି କରିବା ପରେ ମାନବ, ମାନବତାର ସଚ୍ଚା ସେବକ ଓ ସହାୟକ ହୋଇଯାଏ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

# आभार

आभार विसे और वैसे ाव हो
धन्यवाद विसे और वैसे ज्ञापन हो
जब 'तू' तूही नहीं 'मैं' 'मैं' ही नहीं
बस है एव होनापन
सृ ि सर्वत्र ब ा ही ब ा है ।।

ये पृथ्वी, ये सूरज, ये ाँद, सितारे
वितने प्यारे लगते हैं न्यारे-न्यारे
सागर में जैसे बर्पीले ुवडे सारे
बस है सब अस्थाई तन
सागर सर्वत्र जल ही जल है ।।

असंख्य पदार्थ, हैं एव ही शविक्त
अनन्त जीव, वही ैतन्यशविक्त
पदार्थ, शविक्त, ैतन्य, तीन नहीं
पदार्थ, शविक्त वा ैतन्य में है खोनापन
सृ ि सर्वत्र ब ा ही ब ा है ।

जीव, आत्मा, महात्मा, परमात्मा
दिखते हैं ारों अलग-अलग
विन्तु जब सब एव ही हैं
तो ोडो यह अपना रोनापन
सृ ि सर्वत्र ब ा ही ब ा है ।।

यदि आप मुझे मिलते ही नहीं
ाज्ञा वे पूल खिलते ही नहीं
आपवी ही वृपा वा पल है
इस पुस्तव वा होनापन
बिना आपवे सर्वत्र तम ही तम है ।।
जाना वि सबवु अ ैत है
विन्तु सृ ि में अ ैत ही ैत है
धन्यवाद मेरा स्वीवार वर
क्षमा वरो मेरा यह ो ापन
मुझे दीखता सर्वत्र तू ही तू है ।।

# ବ୍ରହ୍ମବିଦ୍ୟା ସମ୍ପର୍କୀୟ ଅନ୍ୟାନ୍ୟ ପ୍ରକାଶନ

| | | |
|---|---|---|
| ୧ | ଆତ୍ମାର ଘଟ ପରିବର୍ତ୍ତନ | ନାରାୟଣୀ ମହାପାତ୍ର |
| ୨ | ବ୍ରହ୍ମବିଦ୍ୟା ବ୍ୟାଖ୍ୟାନ (ପ୍ରଶ୍ନୋତ୍ତରୀ) | ଡାକ୍ତର ରାମଚନ୍ଦ୍ର ରଥ ଓ<br>ନାରାୟଣୀ ମହାପାତ୍ର |
| ୩ | ସତ୍ୟ ଭୌତିକ ଗଳ୍ପ | ନାରାୟଣୀ ମହାପାତ୍ର |
| ୪ | ବ୍ରହ୍ମବିଦ୍ୟା ସାଧକଙ୍କର ଜୀବନ | ନାରାୟଣୀ ମହାପାତ୍ର |
| ୫ | ଯାତ୍ରାପଥେ | ନାରାୟଣୀ ମହାପାତ୍ର |
| ୬ | ସାଧନା ପଥେ | ନାରାୟଣୀ ମହାପାତ୍ର |
| ୭ | ଆମେ ଦୁଃଖ ପାଉ କାହିଁକି ? | ଶୈଳବାଳା ମହାପାତ୍ର |
| ୮ | ଶ୍ରୀଗୁରୁ ଚରଣେ | ଗୌରୀ ଦାସ |
| ୯ | ପ୍ରୟୋଗାତ୍ମକ ଆଧ୍ୟାତ୍ମିକତା | ନାରାୟଣୀ ମହାପାତ୍ର |
| ୧୦ | ଆଧ୍ୟାତ୍ମିକ ପୁନର୍ଜାଗରଣ | ଶୈଳବାଳା ମହାପାତ୍ର ଓ<br>ସୁଷମାମୟୀ ସାହୁ |
| ୧୧ | ବ୍ରହ୍ମବିଦ୍ୟା ପରିଚୟ | ପ୍ରଫେସର ଚିନ୍ତାମଣି ମହାପାତ୍ର |
| ୧୨ | ମଣିଷ ଓ ତା' ଶରୀର | ରାମଚନ୍ଦ୍ର ପଟ୍ଟନାୟକ |
| ୧୩ | ପରିପୂରକ ବ୍ରହ୍ମବିଦ୍ୟା | ଲୋକନାଥ ମହାପାତ୍ର |
| ୧୪ | କାମଲୋକ | ଲୋକନାଥ ମହାପାତ୍ର |
| ୧୫ | କର୍ଣ୍ଣେଲ ଅଲ୍‌କଟ | ଶୈଳବାଳା ମହାପାତ୍ର |
| ୧୬ | ଋଷି ଦେବାପି ଓ ସନ୍ତୁ | ପ୍ରଫେସର ଚିନ୍ତାମଣି ମହାପାତ୍ର |
| ୧୭ | ଲଜ ମିଟିଂର ଅଦୃଶ୍ୟ ଦିଗ | ମିତାଲିନୀ ମହାପାତ୍ର |
| ୧୮ | ଧ୍ୟାନ | ମିତାଲିନୀ ମହାପାତ୍ର |
| ୧୯ | ବ୍ରହ୍ମବିଦ୍ୟା ପ୍ରବନ୍ଧମାଳା | ବି. ବି. ପଲାଇ |
| ୨୦ | ବ୍ରହ୍ମବିଦ୍ୟା ପ୍ରବନ୍ଧମାଳା | ଅଶୋକ କୁମାର ମହାପାତ୍ର |

| | | |
|---|---|---|
| ୨୧ | ମୋର ପ୍ରତିଜ୍ଞା | ପୌର୍ଣ୍ଣମାସୀ ପଟ୍ଟନାୟକ |
| ୨୨ | ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ | ଅଶୋକ କୁମାର ମହାପାତ୍ର |
| ୨୩ | ବ୍ରହ୍ମବିଦ୍ୟା ସାହିତ୍ୟରେ ତିନୋଟି ମୁକ୍ତା | ଗୌରୀ ଦାସ, ବାଳକୃଷ୍ଣ ମହାପାତ୍ର<br>ଓ ଲୋକନାଥ ମହାପାତ୍ର |
| ୨୪ | ଅମୃତ ପଥିକ<br>(ଚିନ୍ତାମଣି ମହାପାତ୍ରଙ୍କ ଜୀବନୀ) | ସ୍ନେହଲତା ମହାପାତ୍ର |
| ୨୫ | ବ୍ରହ୍ମବିଦ୍ୟା ଆଧାରିତ ବିଦ୍ୟାଳୟ ପ୍ରତିଷ୍ଠା | ଫକୀର ମୋହନ ସାହୁ |
| ୨୬ | ଉପନିଷଦୀୟ ଦିବ୍ୟଜ୍ଞାନ | ଶ୍ରୀ ସୁଧାଂଶୁ ଶେଖର ପତି |
| ୨୭ | ବ୍ରହ୍ମବିଦ୍ୟା | ଶୈଳବାଳା ମହାପାତ୍ର |
| ୨୮ | ମାନବ ପୁନରୁତ୍ଥାନ | ବନମାଳୀ ମହାପାତ୍ର |
| ୨୯ | ପ୍ରତ୍ୟଭିଜ୍ଞା ହୃଦୟ | ଡ. ରାମଚନ୍ଦ୍ର ରଥ |
| ୩୦ | ମନୁଷ୍ୟ ଶରୀରର ସପ୍ତତତ୍ତ୍ୱ | ଚିନ୍ତାମଣି ମହାପାତ୍ର |
| ୩୧ | ବିବେକ ଚୂଡାମଣି | ✓ ନାରାୟଣ ମହାପାତ୍ର |
| ୩୨ | ଆଧ୍ୟାତ୍ମିକ ଜୀବନ<br>ପ୍ରବଚନ ମାଳା (ପ୍ରଥମଖଣ୍ଡ)<br>(ଶ୍ରୀଗୁରୁ ଚରଣେ) | ଚିନ୍ତାମଣି ମହାପାତ୍ର |
| ୩୩ | ଆଧ୍ୟାତ୍ମିକ ଜୀବନ<br>(ମାର୍ଗ ଦୀପିକା) | ରାମଚନ୍ଦ୍ର ପଟ୍ଟନାୟକ |
| ୩୪ | ଗୁପ୍ତଜ୍ଞାନ | ଚିନ୍ତାମଣି ମହାପାତ୍ର |
| ୩୫ | ଥିଓସୋଫିକାଲ ସୋସାଇଟିର-<br>ତିନି ପ୍ରଖ୍ୟାତ ମାର୍ଗଦର୍ଶକ | ଡା. ଶରତ ଚନ୍ଦ୍ର ମିଶ୍ର ଓ<br>ଶୈଳବାଳା ମହାପାତ୍ର<br>ଡା. ଶରତ ଚନ୍ଦ୍ର ମହାପାତ୍ର |
| ୩୬ | ସତ୍ୟ ଭୌତିକ ତତ୍ତ୍ୱ | ନାରାୟଣ ମହାପାତ୍ର |
| ୩୭ | ଅଧ୍ୟାତ୍ମବିଜ୍ଞାନ, ସାଧନା ଏବଂ<br>ଆତ୍ମାନୁଭୂତି | ମିତାଳିନୀ ମହାପାତ୍ର<br>ଶୁଭ୍ରଲୀନା ମହାନ୍ତି |